ହଉବେ, ସେଥିର ତାଲିକା ନିମ୍ନେ ପ୍ରଦତ୍ତ ହେଲା ।

| | | | |
|---|---|---|---|
| ରେଭେନ୍ସା କଲେଜିୟେଟ ସ୍କୁଲ | | ଜ ୩୬ ଣ | ଛାତ୍ର |
| ବାଲେଶ୍ୱର ଜିଲ୍ଲା | „ | ଜ ୧୧ ଣ | „ |
| ପୁରୀ | „ „ | ଜ ୧୬ ଣ | „ |
| କଟକ ପ୍ୟାରୀମୋହନ ଏକାଡେମୀ | | ଜ ୯ ଣ | „ |
| „ ଟାଉନ ଭିକ୍ଟୋରିଆ ସ୍କୁଲ | | ଜ ୧୭ ଣ | „ |
| „ ମିଶନ ସ୍କୁଲ | | ଜ ୧୫ ଣ | „ |
| ଯାଜପୁର ଉଚ୍ଚ ଇଂରାଜୀ ସ୍କୁଲ | | ଜ ୪ ଣ | „ |
| କେନ୍ଦ୍ରାପଡ଼ା | „ | ଜ ୧୭ ଣ | „ |
| ବାଲେଶ୍ୱର ଖ୍ରୀଷ୍ଟିୟାନ ସ୍କୁଲ | | ଜ ୫ ଣ | „ |
| ଭଦ୍ରକ ଉଚ୍ଚ ଇଂରାଜୀ ସ୍କୁଲ | | ଜ ୪ ଣ | „ |
| ଖୋର୍ଦ୍ଧା | „ „ | ଜ ୫ ଣ | „ |
| ମୟୂରଭଞ୍ଜ | „ „ | ଜ ୪ ଣ | „ |
| ଢେଙ୍କାନାଳ | „ „ | ଜ ୨ ଣ | „ |
| | | ଜ ୧୪୧ ଣ | |

ଏତଦ୍ବ୍ୟତୀତ ଶିକ୍ଷକ ଜ ୩ ଣ
ବାହାରଛାତ୍ର ଜ ୧୮ ଣ ମୋଟ ଜ ୨୧ ଣ

ସର୍ବମୋଟ ଜ ୧୬୨ ଣ

ବଙ୍ଗ ପ୍ରଦେଶର ସନ ୧୯୦୦।୧୯୦୧ ସାଲର ଅବକାରୀ ମହକୁମାର ବାର୍ଷିକ ରିପୋର୍ଟରୁ ପ୍ରକାଶ ଯେ ଉକ୍ତ ବର୍ଷରେ ଆୟ ତହିଁ ପୂର୍ବ ବର୍ଷଠାରୁ ୭ ଲକ୍ଷ ଟଙ୍କା ବଢ଼ିଥିଲା । ସର୍ବାପେକ୍ଷା ଅଧିକ ବୃଦ୍ଧି ଦେଶୀ ମଦ ଏବଂ ତହୁଁ ତଳେ ଗଞ୍ଜେଇ ଓ ଅଫିମରେ ଘଟିଅଛି । ଅନ୍ୟାନ୍ୟ ମାଦକଦ୍ରବ୍ୟ ମଧ୍ୟରେ ତାଡ଼ିର ଆୟ ବିଶେଷ ଊଣା ପଡ଼ିଥିଲା । ଗବର୍ଣ୍ଣମେଣ୍ଟ କହୁଅଛନ୍ତି ଉକ୍ତବର୍ଷ ଲୋକଙ୍କର ଅବସ୍ଥା ଉତ୍ତମ ଥିବାରୁ ମାଦକଦ୍ରବ୍ୟ ବ୍ୟବହାରରେ ବ୍ୟାଘାତ ହୋଇ ନାହିଁ ଏବଂ ସେହିହେତୁ ଆୟ ବଢ଼ିଅଛି । କେବଳ ଛୋଟନାଗପୁର ବିଭାଗରେ ଅନ୍ନକଷ୍ଟ ଥିବାରୁ ସେଠାରେ ଆୟ ଊଣା ହୋଇଅଛି । ନିତାନ୍ତ ପେଟକୁ ଦାନା ନ ମିଳିଲେ ଲୋକେ ଅଗତ୍ୟା ମାଦକଦ୍ରବ୍ୟର ମାତ୍ରା ଊଣା କରିବେ ଏହା ସତ୍ୟ ମାତ୍ର ଅନ୍ୟ ଦିଗରେ ଏ କଥା ମଧ୍ୟ ସତ୍ୟ ଯେ ମାଦକଦ୍ରବ୍ୟର ନିତ୍ୟ ସେବାକାରୀମାନେ ପିଲା କୁଟୁମ୍ବଙ୍କୁ ଉପାସ ମାରିବା ଏବଂ ଘରର ଦ୍ରବ୍ୟାଦି ବନ୍ଧକ ରଖି ଖାଇବା ପର୍ଯ୍ୟନ୍ତ ମାଦକ ଦ୍ରବ୍ୟର ଖରଚ ଊଣା କରିବେ ନାହିଁ । ଏହି କାରଣରୁ ସୁକାଳ ହେଉ ବା ଅକାଳ ହେଉ ଅବକାରୀ ଆୟ ବଢ଼ିବାରେ ଅଛି ଏବଂ ଗବର୍ଣ୍ଣମେଣ୍ଟଙ୍କର ଲକ୍ଷ୍ୟ ଏମନ୍ତ ଯେ ଲୋକଙ୍କୁ ନିରସ୍ତ କରିବା ଅଭିପ୍ରାୟରେ କ୍ରମାଗତ ମାସୁଲ ବଢ଼ାଇ ଆସିବାରୁ ତଦ୍ଦ୍ୱାରା ସେ ଉଦ୍ଦେଶ୍ୟ ସାଧନ ହୋଇ କେବଳ ଆୟ ବଢ଼ୁଅଛି ଏବଂ ତହିଁସଙ୍ଗେ ଦରିଦ୍ରତା ଓ ଦୁଶ୍ଚରିତ୍ରତା ବୃଦ୍ଧି ହେଉଅଛି । ସେତେବେଳେ ଦେଖାଯାଉଅଛି ଯେ କେତେ ଉପାୟ କଲେ ମଧ୍ୟ ମାଦକ ଦ୍ରବ୍ୟ ଉଠିଯିବ ନାହିଁ ବା ତହିଁର ବ୍ୟବହାର ବହୁତ ଊଣା ହେବ ନାହିଁ ସେତେବେଳେ ଆମ୍ଭମାନଙ୍କ କ୍ଷୁଦ୍ର ବିବେଚନାରେ ଗବର୍ଣ୍ଣମେଣ୍ଟ କ୍ରମାଗତ ମାସୁଲ ବଢ଼ାଇବାରୁ କ୍ଷାନ୍ତ ହୋଇ ବରଂ ତାଡ଼ି, ପଚ ପ୍ରଭୃତି ନରମ ମାଦକ ଦ୍ରବ୍ୟର ମାସୁଲ ଊଣା କରନ୍ତୁ ଯେ ଲୋକେ ସୁବିଧା ପାଇ ଅଳ୍ପ ନିଶାରେ ତୃପ୍ତ ହେବେ । ମାତ୍ର ତାହା କରିବା ଦୂରେ ଥାଉ ବୈଦ୍ୟମାନଙ୍କର ମୋଦକ ଉପରେ ମାସୁଲ ନେବାର ଚେଷ୍ଟା ହେଉଅଛି ଏବଂ ଗଡ଼ଜାତ ଗଞ୍ଜେଇ ଚାଷ ଉଠାଇ ଦେଇ ଅନେକ ଲୋକର ଉପାୟରେ ହସ୍ତକ୍ଷେପ ହୋଇଅଛି ।

---

ଗତ ତା ୧୬ ରଖର 'ଓଡ଼ିଆ ଓ ନବସମ୍ବାଦ' ରେ ଭଦ୍ରକର ଖାସମହାଲ ତହସିଲଦାର ବାବୁ ହରିନାଥ ଦାସଙ୍କର ଗୋଟିଏ ପତ୍ର ପ୍ରକାଶିତ ହୋଇଅଛି । ଲେଖକ ଛନ୍ଦମାଳା ପୁସ୍ତକର ଏକ ୨ ଛନ୍ଦର ଶିରୋଭାଗରେ କାମୋଦୀ ବୃତ୍ତ ବଙ୍ଗଳାଶ୍ରୀ ବୃତ୍ତ ଇତ୍ୟାଦି ବୃତ୍ତ ଓ ତହିଁର ଟୀକା ପୁସ୍ତକରେ ସେ ସବୁ ବୃତ୍ତର ପଦବିଭାଗ, ଅକ୍ଷର ସଂଖ୍ୟା ପ୍ରଭୃତି ଯତିପାତର ନିୟମ ଲେଖିଥିବାର ଦେଖି କହୁ ଅଛନ୍ତି କି "ଛନ୍ଦ, ଗୀତଛନ୍ଦ, ଗାଥା ଓ ଗୀତଛନ୍ଦ ଭିନ୍ନ ୨ ପଦାର୍ଥ । କାମୋଦୀ, ଖଣ୍ଡକଇଶିକ ପ୍ରଭୃତି ବୃତ୍ତ ବା ବାଣୀ ନୁହେ । ସେମାନେ ରାଗ ବା ରାଗିଣୀ ଅଟନ୍ତି । ଅକ୍ଷର ବା ଯତିପାତ ସହିତ ତାହାର କିଛି ସମ୍ପର୍କ ନାହିଁ । ଶ୍ରୁତି, ସ୍ୱର ମୂର୍ଚ୍ଛନା ପ୍ରଭୃତି ଯୋଗେ ରାଗର ଭେଦ ହୋଇଥାଏ । କାମୋଦୀ ୫ ପାଦ ନ ହୋଇ ୭ ପାଦ ହୋଇ ପାରେ । ଅଳ୍ପାଧିକ ଅକ୍ଷର ରହିପାରେ, ଭିନ୍ନ ୨ ଯତି ସଂଯୋଗ କରି ଗାଇପାରେ । ଏପରି ନିୟମ ବନ୍ଧନ ଭୁଲ ଅଟେ, ଛନ୍ଦମାଳାର ସମସ୍ତ ଛନ୍ଦକୁ କାମୋଦୀରେ ଗାୟନ କରି ପାରିଯାଏ । ଏପରି ଭୁଲ ପୁସ୍ତକରେ ରହିବା ଉଚିତ ନୁହେ" । ପରିଶେଷରେ ଲେଖିଅଛନ୍ତି କି ପ୍ରଧାନ ଶିକ୍ଷକ ମହାଶୟ ସେହି ଛନ୍ଦମାଳା ପୁସ୍ତକର ଏକଖଣ୍ଡ ଓ, ଇ,ଙ୍କଠାରୁ ଏବଂ ଏକଖଣ୍ଡ 'ଓଡ଼ିଆ ଓ ନବସମ୍ବାଦ' ନିକଟକୁ ପଠାଇ ଦେବେ କାରଣ ସବିଶେଷ ଆଲୋଚନା ହେବା ଆବଶ୍ୟକ । ଆମ୍ଭେମାନେ ଏକାନ୍ତ ଆଶା କରୁଁ ପ୍ରଧାନ ଶିକ୍ଷକ ମହାଶୟ ପତ୍ରପ୍ରେରକଙ୍କର ଅନୁରୋଧ ରକ୍ଷା କରିବାକୁ ମନୋଯୋଗୀ ହେବେ ଏବଂ ପତ୍ରପ୍ରେରକ ଏବଂ ଓଡ଼ିଆର ନାନା ସାହିତ୍ୟ ସଭା ପତ୍ରିକା ଏବଂ ସାହିତ୍ୟ ଚର୍ଚ୍ଚା କରିବା ବ୍ୟକ୍ତିମାନେ ଏ ବିଷୟ ଉତ୍ତମରୂପେ ଆଲୋଚନା କରି ତହିଁର ଫଳ ପ୍ରକାଶ କରିବେ । ଉତ୍କଳରେ ଛନ୍ଦକାରର ସୀମା ନାହିଁ । ମାତ୍ର ସେ ଛନ୍ଦମାନ ଛନ୍ଦଶାସ୍ତ୍ରର ନିୟମାନୁସାରେ ଗଠିତ ହୋଇଅଛି କି ନା ଏବଂ ଯେବେ ହୋଇଥାଏ ତେବେ ଯେ ଯେଉଁ ଛନ୍ଦରେ ଗଠିତ ହୋଇଅଛି ତାହାର ସେହି ନାମ ଦିଆ ନ ଯାଇ ରାଗ ରାଗିଣୀର ନାମ ଦିଆ ଯିବାର ହେତୁ କି ତାହା ଏ ପର୍ଯ୍ୟନ୍ତ ପ୍ରକାଶ ହେବାର ଦେଖି ନାହୁଁ । ଏହି ପ୍ରଶ୍ନମାନଙ୍କର ଗୋଟିଏ ମୀମାଂସା ହେବା ବାଞ୍ଛନୀୟ ଏବଂ ବିଦ୍ୱାନମଣ୍ଡଳୀ ମନୋଯୋଗୀ ହେଲେ ଅବଶ୍ୟ ହୋଇପାରିବ ।

---

## ମୁସଲମାନ ସମିତି ।

ଆମ୍ଭେମାନେ ଓଡ଼ିଶା ଇସଲାମସଭାର ବାଲେଶ୍ୱର ଶାଖା ସଭାର ସଭାପତି ମୌଲବି ଭୂୟାଁ ଅବଦୁସ ସୋବାନଖାଁଙ୍କ ନିକଟରୁ ଓଡ଼ିଶା ମୁସଲମାନ ଶିକ୍ଷା ସମିତିର ଏକ ପ୍ରସ୍ତ କାର୍ଯ୍ୟାବଳି ପ୍ରାପ୍ତ ହେବାର ସ୍ୱୀକାର କରୁଅଛୁଁ । ଆମ୍ଭେମାନେ ଇତିପୂର୍ବେ ପ୍ରୋକ୍ତ କାର୍ଯ୍ୟାବଳି ସମ୍ବନ୍ଧରେ ଆମ୍ଭମାନଙ୍କର ବକ୍ତବ୍ୟ ପ୍ରକାଶ କରିଥିଲୁଁ । ଅତଏବ ଉକ୍ତ ବିଷୟରେ ବିଶେଷ କିଛି କହିବାର ଆବଶ୍ୟକ ନାହିଁ ମାତ୍ର ଅତ୍ୟନ୍ତ ସୁଖର ବିଷୟ ଯେ ସେଠା ମଦ୍ରସା ଗୃହ ନିର୍ମାଣାର୍ଥେ ଟ ୨,୩୭୫ । ଚାନ୍ଦା ଉଶୁଲ ହୋଇଅଛି ତନ୍ମଧ୍ୟରୁ ହାଜିସେଖ ନସିରୁଦ୍ଦିନ ଟ ୫୦୦ ମୌଲବି ଅବଦୁସ ସୋବ୍ହାନଖାଁ ଟ ୩୫୦ ସାହା ବୈକୁଣ୍ଠନାଥଦେ ବାହାଦୁର ଟ ୨୫୦ ମୁନସି ଲତଫରରହମାନ ଅବ୍ଦୁସ୍ମଦ ଟ ୧୦୦ ମୁନସି ମହବୁବରରହମାନ ଅହମ୍ମଦ ଟ ୧୦୦ ଓ ମହମ୍ମଦ ଅବଦୁଲ ମନ୍ନାନ ଟ ୧୦୦ ଦେଇଅଛନ୍ତି ଅବଶିଷ୍ଟ ଚାନ୍ଦା ଦାତାମାନେ ଟ ୧୦୦ ରୁ ନ୍ୟୂନ ଦେଇଅଛନ୍ତି । ଶିକ୍ଷା କାର୍ଯ୍ୟରେ ଚାନ୍ଦା ପ୍ରଦାନ ହେତୁ ଆମ୍ଭେମାନେ ଚାନ୍ଦା ଦାତାମାନଙ୍କୁ ଅନ୍ତର ସହିତ ଧନ୍ୟବାଦ ପ୍ରଦାନ କରୁଅଛୁଁ । ଅଧିକ ସୁଖର କଥା ଯେ ମୁସଲମାନ ଶିକ୍ଷା କାର୍ଯ୍ୟରେ ହିନ୍ଦୁମାନେ ମୁକ୍ତ ହସ୍ତ ହୋଇ ଚାନ୍ଦା ଦେଇଅଛନ୍ତି । ଏହା ଭିନ୍ନ ୨ ସମ୍ପ୍ରଦାୟ ମଧ୍ୟରେ ସାଧାରଣ କାର୍ଯ୍ୟରେ ସମାନ ଭାବ ଥିବାର ଘୋଷଣା କରୁଅଛି ।

ଜାଜପୁର ମୁସଲମାନ ସମାଜର କଟକ ଶାଖା ସଭାର କେତେଗୁଡ଼ିଏ ସଭ୍ୟ କଟକର ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ମିଃ ଫିସରଙ୍କ ଶୁଭାଗମନ ସମ୍ବର୍ଦ୍ଧନା ନିମନ୍ତେ ଗତ ଜାନୁୟାରୀ ମାସ ତା ୩୦ ରିଖରେ ତାଙ୍କର ଅନୁମତି ନେଇ ସାହେବ ମହୋଦୟଙ୍କ ସହିତ ସାକ୍ଷାତ କରିଥିଲେ । ସାହେବ ମହୋଦୟ ସଭ୍ୟମାନଙ୍କର ଯଥାବିଧି ପରିଚୟ ନେଇ ସଭାର ଉଦ୍ଦେଶ୍ୟ ବୁଝିଥିଲେ । ଓଡ଼ିଶା ଇସଲାମ ସଭା ଉଠିଯାଇଥିବା ଓ ତାଙ୍କ-ନାଜର ମହମ୍ମଦ କବିରଙ୍କ ପ୍ରାପ୍ତିର ଅନ୍ୟ ଏକ-ସଭା ଯାହାର ମୁସଲମାନମାନଙ୍କର କ୍ଷତି ହେଉଅଛି ଇ ତାହା ବିଷୟ ସାହେବ ମହୋଦୟଙ୍କୁ ଜଣା-

Split by PDF Splitter
Digitized by srujanika@gmail.com

ଉବାରେ ସାହେବ ମହୋଦୟ ସଭା ପ୍ରତି ସହାନୁଭୂତି ପ୍ରକାଶ କରି ଉପସ୍ଥିତ ସଭ୍ୟବୃନ୍ଦଙ୍କୁ ଧନ୍ୟବାଦ ପ୍ରଦାନ କରି ଓ ଅନ୍ୟସଭା ଏହି ସଭା ସହିତ ଯୋଗ ଦେବା ବିଷୟ ଇଚ୍ଛା ପ୍ରକାଶ କରି ସମସ୍ତଙ୍କୁ ମେଲାଣି ଦେଇଥିଲେ । ଉପରୋକ୍ତ ମର୍ମରେ ଏକ ପ୍ରସ୍ତ କାର୍ଯ୍ୟାବଳି କାଗଜ ମୁସଲମାନ ସମାଜର କଟକ ଶାଖା ସଭା ସମ୍ପାଦକଙ୍କ ନିକଟରୁ ପ୍ରାପ୍ତ ହୋଇଥିବାର ସ୍ୱୀକାର କରୁଅଛୁଁ ।

---

## ବୁଅରଯୁଦ୍ଧ ।

ଯୁଦ୍ଧ ଅନେକଦିନ ପର୍ଯ୍ୟନ୍ତ ଲାଗି ରହିଅଛି ବାରୁ, ତାହା ଶେଷ ହେବା କଥା ଆଉ କେହି ମନରେ ସେନୁ ନାହାନ୍ତି । ବୁଅର ସେନା ହତ ଅହତ ଓ ବନ୍ଦୀ ହେବାର ପ୍ରତ୍ୟହ ଶୁଣା ଯାଉଅଛି କିନ୍ତୁ ବୁଅରଙ୍କ ମଧ୍ୟରେ ସେନାପତି ଯେଉଁ ବୋଥା ଥିଲେ, ସେହି ବୋଥା; ସେନାପତି ଯେଉଁ ଡିବେଟ ଥିଲେ, ସେହି ଡିବେଟ ରହିଅଛନ୍ତି; ସେମାନେ ଆଉ ଧୃତ ହେଉ ନାହାନ୍ତି । ଗତ ସପ୍ତାହରେ ଡିବେଟଙ୍କୁ ଅଭିମନ୍ୟୁ ପରି ବଧ କରିବା ନିମନ୍ତେ ସପ୍ତରଥୀ ଇଂରାଜ ସୈନ୍ୟ ଚାରିଆଡ଼ୁ ଘେରିଥିଲେ । ମାତ୍ର ଡିବେଟର କୌଶଳ ଅଭିମନ୍ୟୁଙ୍କୁ ବଳିଗଲା । ଅଭିମନ୍ୟୁ ଜୀବନ ହରାଇଲେ କିନ୍ତୁ ଡିବେଟ କୌଶଳକ୍ରମେ ବ୍ୟୂହ ଭେଦ କରି ଚାଲିଗଲେ । ଅବଶ୍ୟ ସାକ୍ଷାତ୍ ଯୁଦ୍ଧରେ ଜିତି ପାରିଲେ ନାହିଁ ସତ୍ୟ ମାତ୍ର ବର୍ତ୍ତମାନ କାଳର ଯୁଦ୍ଧ କଥା ଚିନ୍ତା କଲେ ଡିବେଟ ଏହି ବ୍ୟାପାରରେ ବିଶେଷ ଖ୍ୟାତି ଲାଭ କଲେ । ଯୁଦ୍ଧ ସ୍ଥଳରେ ଡିବେଟ ସସୈନ୍ୟରେ ଚତୁର୍ଦ୍ଦିଗରେ ଇଂରେଜ ସୈନ୍ୟଦ୍ୱାରା ଅବରୁଦ୍ଧ ଓ ତାରଦ୍ୱାରା ବଦ୍ଧ; ସୁତରାଂ ଡିବେଟ ନିରୁପାୟ, ମାତ୍ର ସେ କିଂକର୍ତ୍ତବ୍ୟମୂଢ଼ ହେବାର ପାତ୍ର ନୁହନ୍ତି, ସେନାମାନଙ୍କୁ ଯୁଦ୍ଧ କରିବା ନିମନ୍ତେ ସାହସ ପ୍ରଦାନ କଲେ ଓ ଆଦେଶ କଲେ ଯେ ଯେଉଁ ଆଡ଼େ ଆକ୍ରମଣ କରିବାକୁ ଇଚ୍ଛା କରିବେ, ସେ ସେହି ଦିଗକୁ ଯାଇ ପାରନ୍ତି, କିନ୍ତୁ କେହି ତାଙ୍କ ପ୍ରତି ଲକ୍ଷ ରଖିବେ ନାହିଁ । ସେନାପତିଙ୍କର ବାକ୍ୟ ଅଟଳ, ଅଗତ୍ୟା ସୈନ୍ୟମାନେ ଭିନ୍ନ ଭିନ୍ନ ଦିଗକୁ ଧାବମାନ ହେଲେ । ବୁଅରମାନଙ୍କ ସହିତରେ ଯେଉଁ ପଶୁ ଥିଲେ ସେମାନେ ହକ୍ ବକ୍ ହୋଇ ଯିବାରୁ ଲାଗିଲେ, ପ୍ରାଣ ଭୟରେ ଚାରି ଆଡ଼େ ପଳାଇବାକୁ ଆରମ୍ଭ କଲେ ମାତ୍ର ଇଂରେଜ ସୈନ୍ୟ ଏମାନଙ୍କ ପ୍ରତି ଦୃଷ୍ଟି ନିକ୍ଷେପ ନ କରି ଭିନ୍ନ ଭିନ୍ନ ଦିଗକୁ ଧାବିତ ବୁଅର ସୈନ୍ୟଙ୍କୁ ଆକ୍ରମଣ କରିବାରେ ନିଯୁକ୍ତ ରହିଲେ, ଏହି ଅବସରରେ ଡିବେଟ ପଶ୍ଚାଦପଦ ଏକ ଦିଗରେ ପଳାୟନ କଲେ । ଡିବେଟ ଏହିପରି ବ୍ୟୂହ ଭେଦ କରି ଛିନ୍ନତାରର ଅପର ପାର୍ଶ୍ୱରେ ଉପସ୍ଥିତ ହୋଇ ନିଜକୁ ନିରାପଦ ଜ୍ଞାନ କଲେ । ନ୍ୟାୟ ଯୁଦ୍ଧରେ ଅଭିମନ୍ୟୁ ହତ ହେଲେ କିନ୍ତୁ ଡିବେଟ ସ୍ୱୀୟ ଚତୁରତାଦ୍ୱାରା ବ୍ୟୂହ ଭେଦ କରି, ପଶ୍ଚାଦପଦ ପଳାୟିତ କଲେ । ଇଂରେଜମାନେ କେବଳ ଅନେକ ବୁଅର ସୈନ୍ୟ ହତ, ଆହତ ଓ ବନ୍ଦୀ କଲେ ସତ୍ୟ ମାତ୍ର ଡିବେଟଙ୍କର ଦର୍ଶନ ନ ପାଇ ବଡ଼ ଲଜ୍ଜିତ ଓ ଦୁଃଖିତ ହେଲେ ।

ତତ୍ପରେ ପୁନଶ୍ଚ ଡିବେଟଙ୍କୁ ଧରିବାର ଉଦ୍ୟୋଗ ଲାଗିଥିଲା କିନ୍ତୁ ବୃଥା ହୋଇଗଲା । ଡିବେଟ ବର୍ତ୍ତମାନ ଜନନ୍ଦ ମୁଗପର ନିକଟରେ ଓ ଦୂରରେ ଦେଖା ଦେଉଅଛନ୍ତି, ଇଂରେଜ ପଶ୍ଚାତ୍ ଧାବମାନ ହେଉଅଛନ୍ତି ।

ଅରେଞ୍ଜ ଉପନିବେଶର ପ୍ରେସିଡେଣ୍ଟ ଷ୍ଟିନଙ୍କୁ ଧରିବା ନିମନ୍ତେ ଯତ୍ନ ହୋଇଥିଲା କିନ୍ତୁ ସେ ମଧ୍ୟ ସାମାନ୍ୟରେ ଖସି ଗଲେ ।

---

## ବଙ୍ଗଦେଶର ସାମୁଦ୍ରିକ ବାଣିଜ୍ୟ ।

ବଙ୍ଗଦେଶର ପ୍ରଧାନ ବନ୍ଦର କଲିକତା ଅଟେ । ଏହା ଛଡ଼ା ଚଟ୍ଟଗ୍ରାମ ଓଡ଼ିଶା କୂଳରେ କେତେଟି କ୍ଷୁଦ୍ର ବନ୍ଦର ଅଛି ଯେ ତହିଁରେ ସାମାନ୍ୟ ପରିମାଣରେ ଜାହାଜ ବାଟେ ବିଦେଶୀୟ ବାଣିଜ୍ୟ ହୁଅଇ । କଲିକତାର ସାମୁଦ୍ରିକ ବାଣିଜ୍ୟ ପ୍ରକୃତରେ ବଙ୍ଗଦେଶର ବାଣିଜ୍ୟ ବୁଝିବାକୁ ହେବ । ସେହି ବାଣିଜ୍ୟର ମୋଟ ମୂଲ୍ୟ ସନ ୧୯୦୦।୧୯୦୧ ଏବଂ ତହିଁ ପୂର୍ବ ବର୍ଷ ନିମ୍ନଲିଖିତରୂପେ ଥିଲା ଯଥା;

| ବୈଦେଶିକ | ସନ ୧୮୯୯।୧୯୦୦ | ସନ ୧୯୦୦।୧୯୦୧ |
|---|---|---|
| ଆମଦାନି | ଟ ୪୬,୮୧,୯୦,୪୧୩ | ଟ ୫୦,୪୧,୩୧,୧୫୧ |
| ରପ୍ତାନି | ଟ ୪୦,୦୩,୩୪,୭୦୩ | ଟ ୪୪,୦୭,୪୪,୭୭୧ |
| ମୋଟ | ଟ ୮୬,୮୫,୨୫,୧୧୬ | ଟ ୯୪,୪୭,୮୫,୮୨୨ |
| ସ୍ୱଦେଶୀ | | |
| ଆମଦାନି | ଟ ୫,୯୫,୭୧,୩୧୯ | ଟ ୭,୨୧,୧୮,୦୨୦ |
| ରପ୍ତାନି | ଟ ୯,୦୮,୭୯,୭୨୫ | ଟ ୮,୮୩,୨୧,୭୮୦ |
| ମୋଟ | ଟ ୧୫,୦୪,୫୧,୦୪୪ | ଟ ୧୬,୦୪,୩୯,୮୦୦ |
| ମୋଟ | ଟ ୧,୦୧,୮୯,୭୬,୧୬୦ | ଟ ୧,୧୧,୭୦,୩୩,୪୧୭ |

ଏଥିରୁ ଦେଖାଯାଏ ଯେ ବର୍ତ୍ତିତ ବର୍ଷର ବାଣିଜ୍ୟ ତହିଁ ପୂର୍ବ ବର୍ଷଠାରୁ ୯ କୋଟି ୭୦ ଲକ୍ଷ ଟଙ୍କା ବଢ଼ିଅଛି ଏବଂ ତହିଁ ପୂର୍ବରୁ ମଧ୍ୟ କ୍ରମାଗତ ବଢ଼ିଅଛି । ଏହି ମୋଟ ବାଣିଜ୍ୟରୁ ସରକାରୀ ଦ୍ରବ୍ୟ ଏବଂ ସୁନା ଓ ରୁପାର ଆମଦାନି ରପ୍ତାନି ମିଶିଅଛି । ସେସବୁ ଏବଂ ସ୍ୱଦେଶୀ ବାଣିଜ୍ୟ ଛାଡ଼ିଦେଇ କେବଳ ବୈଦେଶିକ ବାଣିଜ୍ୟର ବିବରଣ ପାଠକମାନଙ୍କୁ ଜଣାଉ ଅଛୁ କାରଣ ତହିଁ ସଙ୍ଗେ ଦେଶର ପ୍ରକୃତ ଅବସ୍ଥାର ବିଶେଷ ସମ୍ବନ୍ଧ । ଏଥିରୁ ଦେଖାଯାଏ ଯେ ଏ ବର୍ଷ (ସନ ୧୯୦୦।୧୯୦୧ ସାଲ) ରେ ୬୧ କୋଟି ୭୯ ଲକ୍ଷ ଟଙ୍କା ଏବଂ ତହିଁ ପୂର୍ବ ବର୍ଷ ୬୮,୪୬ ଲକ୍ଷ ଟଙ୍କା ମୂଲ୍ୟର ଦ୍ରବ୍ୟ ଆମଦାନି ହୋଇଥିଲା । ଅତଏବ ଆମଦାନି ବୃଦ୍ଧି ହେବାର ଜଣା ଯାଉଅଛି । ମାତ୍ର କେବଳ ଦର ବୃଦ୍ଧି ହେତୁ ସେପରି ହୋଇଅଛି ନତୁବା ଦ୍ରବ୍ୟର ପରିମାଣ ବୃଦ୍ଧି ହୋଇ ନାହିଁ । ମୋଟ ଆମଦାନି ମଧ୍ୟରୁ ଏତା କପା ଦ୍ରବ୍ୟ ଅଧେ, ଧାତୁ ପ୍ରାୟ ତୁଳ ପଣ ଏବଂ ତେଲ ଓ ଚିନି ଏକ ପଣ ଲେଖାଏଁ । ତେଲ ଏବଂ ରେଲୱେ ଉପକରଣରେ ଊଣା ପଡ଼ିଅଛି ଏବଂ ଧାତୁ ଓ ଚିନିରେ ବୃଦ୍ଧି ଘଟିଅଛି । ଚିନି ଉପରେ ଅଧିକା କର ବସାଇ ସୁଦ୍ଧା ଆମଦାନି ଊଣା କରି ପାରୁ ନାହାନ୍ତି ।

ରପ୍ତାନିର ମୂଲ୍ୟ ଗତ ବର୍ଷ ପ୍ରାୟ ୫୦ କୋଟି ଟଙ୍କା ଥିଲା ଏ ବର୍ଷ ୫୪ କୋଟି ହୋଇଅଛି । ଗତ ୩୦ ବର୍ଷରୁ ରପ୍ତାନି କ୍ରମାଗତ ବଢ଼ୁଅଛି ଏବଂ ଦ୍ରବ୍ୟର ଦର ବଢ଼ିଥିଲେହେଁ ମୋଟ ମୂଲ୍ୟ ଏବଂ ପରିମାଣ ଉଭୟ ବଢ଼ିଅଛି । ରପ୍ତାନି ଦ୍ରବ୍ୟର ପାଟ ଏବଂ ତହିଁରେ ପ୍ରସ୍ତୁତ ହେବା ଦ୍ରବ୍ୟ ଅଧିକ ଅର୍ଥାତ୍ ଶତକଡ଼ା ପ୍ରାୟ ୨୮, ତହିଁ ତଳେ ଗୁଡ଼ା ଶତକଡ଼ା ୧୭, ଅଫିମ ଶତକଡ଼ା ୧୧ ଏବଂ ଚର୍ମ ଶତକଡ଼ା ୧୦ ଅଟେ । ଶସ୍ୟ ଏବଂ ତେଲିକି ମଞ୍ଜି ଶତକଡ଼ା ପ୍ରାୟ ୮ ଅଟେ ।

ଯେଉଁ ଦେଶସଙ୍ଗେ କଲିକତାର କାରବାର ହେଉଛି, କଷ୍ଟମ କଲେକ୍ଟର ତହିଁର ହିସାବ କରି ଦେଖାଇଅଛନ୍ତି ଯେ ମୋଟ ବାଣିଜ୍ୟର ଅଧପଣ ଏତା ବିଲାତସଙ୍ଗେ ଥିଲା ମାତ୍ର ଏବର୍ଷ ଅଧପଣରୁ ଟିକିଏ ତଳକୁ ଖସିଅଛି । ମାତ୍ର ଜର୍ମାନି, ଅଷ୍ଟ୍ରିଆ ଇଟାଲି ଓ ଫ୍ରାନ୍ସସଙ୍ଗେ ବଢ଼ିଅଛି । ଆମେରିକା ସହିତ ମଧ୍ୟ ବାଣିଜ୍ୟ ଊଣା ହେଉଅଛି । ମାତ୍ର ସିଲୋନ ଏବଂ ଅଷ୍ଟ୍ରେଲିଆ ସହିତ ବଢ଼ିଅଛି । ଅଷ୍ଟ୍ରେଲିଆରୁ ତମ୍ବା, ନଡ଼ିଆତେଲ, ଫଳ ଏବଂ ମସଲା ବିଶେଷ ଆମଦାନି ହୁଅଇ ।

ବାଣିଜ୍ୟର ବୃଦ୍ଧି ସହିତ କଷ୍ଟମ ମାସୁଲ କ୍ରମାଗତ ବୃଦ୍ଧି ହୋଇ ଆସୁଅଛି । ସନ ୧୮୯୬।୯୭ ସାଲରେ ୪ କୋଟି ଏକଲକ୍ଷ ଗତବର୍ଷ ୪ କୋଟି ୭୦ ଲକ୍ଷ ଏବଂ ଏବର୍ଷ ୪ କୋଟି ୭୬ ଲକ୍ଷ ଟଙ୍କା ସରକାର ମାସୁଲ ଆଦାୟ ହୋଇଅଛି । ପ୍ରାୟ ଦୁଇଭାଗ ମାସୁଲ ଏତା ଲବଣଉପରେ ଆଦାୟ ହୋଇଅଛି । ଅବଶିଷ୍ଟ ଏକଭାଗ ମାସୁଲ ଯେ ସମସ୍ତ ଦ୍ରବ୍ୟ ଉପରେ ପ୍ରାପ୍ତ ହୋଇଅଛି ତହିଁମଧ୍ୟରେ କପାଲୁଗା, କେରୋସିନତେଲ, ମଦ ଏବଂ ଧାନ ଚାଉଳ ପ୍ରଧାନ ।

ଅନ୍ୟାନ୍ୟ ବନ୍ଦରସମ୍ବନ୍ଧରେ ରିପୋର୍ଟରେ ଲେଖାଅଛି କି ଆସାମ ବଙ୍ଗାଳ ରେଲୱେ ହେତୁ ଚଟ୍ଟଗ୍ରାମ ବନ୍ଦରର ଶ୍ରୀବୃଦ୍ଧିର ଆଶା ହେଉଅଛି ମାତ୍ର ଓଡ଼ିଶା ରେଲ ହେତୁ କଟକ ବାଲେଶ୍ୱର ଏବଂ ପୁରୀ ବନ୍ଦରମାନଙ୍କର ଆଶା ମଳିନ ଦିଶୁଅଛି । ଧାନ ଚାଉଳ କିନା ବିଦେଶ ରପ-

Split by PDF Splitter
Digitized by srujanika@gmail.com

Split by PDF Splitter



କରି ପାରିବେ ନାହିଁ । ପୂର୍ବେ ରାଜାମାନଙ୍କୁ ଦୁଇଟି ବିଷୟରେ ଦୃଷ୍ଟି ରଖିବାକୁ ହେଉଥିଲା । ୧ମ ବହିଃଶତ୍ରୁ, ୨ୟ ପ୍ରଜାପାଳନ; ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ପ୍ରତାପରେ ବହିଃଶତ୍ରୁର ଆଉ ଭୟ ନାହିଁ, ପ୍ରଜା ସୁଶାସନ ବର୍ତ୍ତମାନ ଏକମାତ୍ର କର୍ତ୍ତବ୍ୟ ତାହା ବିଦ୍ୟାଶିକ୍ଷା ବିନା ହୋଇ ପାରିବ ନାହିଁ ଯୁବକ ରାଜାଙ୍କର ଉଚିତ ଯେ କଲେଜର ବିଦ୍ୟା ଲାଭର ଓ ଜ୍ଞାନ ଲାଭର ଚେଷ୍ଟା କରିବେ । ରାଜା, ପ୍ରଜାଙ୍କଠାରୁ କର ଗ୍ରହଣ କରିବେ, କର ଗ୍ରହଣ କରି ରାଜେ ଯେପରି ସୁଖରେ ରହିବେ ସେହିପରି ପ୍ରଜା ସୁଶାସନ ଓ ରାଜ୍ୟର ହିତ ସାଧନ କରିବେ ।"

ପାରିତୋଷିକ ବିତରଣ ସଙ୍ଗରେ ମାନ୍ୟବର ସାହେବ ମହୋଦୟ କହିଲେ ଯେ ବିଦ୍ୟାଳୟର ରିପୋର୍ଟ ସନ୍ତୋଷଜନକ ଅଟେ; ଛାତ୍ରସଂଖ୍ୟା ୪୦ ରୁ ୧୦୦ ହେବା ସୁଖର ବିଷୟ । ଏହାକୁ ସାଇନ୍‌ସରେ ପରିଣତ କରିବାକୁ ପ୍ରାର୍ଥନା କରା ହୋଇଛି, ରାଜାଙ୍କର ଅଭିମତ ଥିଲେ, ଅମ୍ଭେ ସେଥିପ୍ରତି ମନୋଯୋଗ କରିବୁଁ, ରାଜା ମାନେଜରଙ୍କ ସହିତ ପରାମର୍ଶ କରି ରିପୋର୍ଟ ପଠାଇଲେ ସେ ବିଷୟ ବିବେଚନା କରିବୁଁ । ଅଧ୍ୟାପକ ଗଜଜାତରେ ଇଂରାଜୀ ଶିକ୍ଷା ଆରମ୍ଭ ହୋଇଅଛି, କଲିଙ୍ଗ ସ୍କୁଲରେ ଇଂରାଜୀ ପ୍ରବର୍ତ୍ତନ କଠିନ ନୁହେଁ; ଉନ୍ନତି ଅବନତି ରାଜାଙ୍କ ଉଦ୍ୟୋଗ ଉପରେ ନିର୍ଭର କରେ, ସେ ଉଦ୍ୟୋଗୀ ନ ହେଲେ ଅମ୍ଭମାନଙ୍କଦ୍ୱାରା କିଛି ହେବ ନାହିଁ ।

ବାଳିକା ବିଦ୍ୟାଳୟ କାର୍ଯ୍ୟରେ ସନ୍ତୁଷ୍ଟ ହେଲୁଁ; ବାଳକମାନଙ୍କ ମୁଲିଗୃହ ଛାତ୍ରସଂଖ୍ୟା ଦୃଷ୍ଟିରେ ନିତାନ୍ତ ଅପ୍ରଶସ୍ତ, ସେଥିପାଇଁ ସ୍ୱତନ୍ତ୍ର ଗୃହ ନିର୍ମାଣ କରିବାକୁ ମେନେଜରଙ୍କୁ ଆଦେଶ ଦେଲୁଁ, ସେଥିପାଇଁ ଭିନ୍ନ ଗୃହ ହେଲେ ଏ ଗୃହ ବାଳିକାମାନଙ୍କ ପାଇଁ ରହିଯିବ । ବାଳକମାନଙ୍କର ମନ ଦେଇ ପଢ଼ିବା ଉଚିତ, କେବଳ ମୁଖସ୍ଥ ନ କରି ଚିନ୍ତାଶକ୍ତି ବିବେଚନାଶକ୍ତି ବୃଦ୍ଧି କରିବାର ଶିକ୍ଷକମାନେ ଯତ୍ନ କରିବେ । ଭୂଗୋଳ ମାନଚିତ୍ର ସାହାଯ୍ୟରେ ଶିକ୍ଷା ହେବା ଉଚିତ, ବଟିଶ୍ୱରେ ମାନଚିତ୍ରର ଯେ ଆଦର୍ଶ ଦଶ ହୋଇଅଛି ତାହା ଭୂଗୋଳ ଶିକ୍ଷାର ବିଶେଷ ଉପଯୋଗୀ; ତାହାଦ୍ୱାରା ମୂର୍ଖମାନଙ୍କର ସୁଦ୍ଧା ଭୂଗୋଳ ଜ୍ଞାନ ହେବ । ସେଥିରେ ପଞ୍ଚାନନରେ ଯାହା ଶିକ୍ଷା ହେବ, ଅନ୍ୟ ଉପାୟରେ ବର୍ଷକରେ ତାହା ହେବ ନାହିଁ । ଜ୍ଞାନ, ବିବେଚନା ଶକ୍ତି ଏବଂ ବୁଦ୍ଧି ଯେପରି ବଢ଼େ ସେଥି ପ୍ରତି ଶିକ୍ଷକମାନେ ଦୃଷ୍ଟି ରଖିବେ ।

ସହୃଦୟ ସାହେବ ମହୋଦୟ ପରିଦର୍ଶନରେ ସନ୍ତୋଷ ଲାଭ କରିଥିବାର ବୋଧ ହୁଏ, ସେ ଏ ଉତ୍ସାହ ଯୋଗୁଁ ସ୍କୁଲକୁ ଯାଉଛନ୍ତି ବାଳକବାଳିକା ପାଠ ବୃତ୍ତିମାନଙ୍କୁ ଅଧିକରେ ଅର୍ଥ ବିତରଣ କରିବାର ଅମ୍ଭେମାନେ ଦେଖିଅଛୁଁ ।

| | |
|---|---|
| ଜଇସିଂହପୁର<br>୨୫-୨-୧୯୦୭ | ବଶମ୍ବଦ<br>ଶ୍ରୀରାମଚନ୍ଦ୍ର ସିଂହ ଡମରବର<br>ଜଇସିଂହପୁର ସାହିତ୍ୟାନୁରାଗୀ<br>ସଭାର ସଭ୍ୟ |

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ରଜା । ଚ । ବନଣ୍ଡା | | ଟ ୩ ( |
| ବାବୁ ରାଧାକାନ୍ତ ଘୋଷ | କଟକ | ଟ ୨ ( |
| „ ସଦେଇ ସଦିହାର | ଗୋଡାଡି ଅଜାନ | ଟ ୩ ( |
| „ ନିମାଇଚରଣ ମିଶ୍ର | କଟକ | ଟ ୧ ( |
| „ ବୈକୁଣ୍ଠନାଥ କର | „ | ଟ ୧ ( |
| „ ଗୋପୀନାଥ ଦାସ | ଚଉଦ୍ୱାରପଦର | ଟ ୩ ( |
| „ ପରୀକ୍ଷିତ ମହାନ୍ତି | କାଉପଡ଼ା ତୁର୍ଣ୍ଣ | ଟ ୩ ( |
| ରାଜା ରଣପୁର | | ଟ ୭ ( |
| ବାବୁ ଗୋପୀନାଥ ଘୋଷ | କଟକ | ଟ ୧ ( |
| „ ଚନ୍ଦ୍ରମଣି ମିଶ୍ର | ଅହୋଲେନ | ଟ ୩ ( |
| „ ବାବୁ ମଠନୋହନ ପ୍ରାଇଭେଟ୍ ସ୍କୁଲ କଟକ | | ଟ ୨ ( |
| ରଜା । ଚ । ତୋଷପଡ଼ା | | ଟ ୭ ( |
| ବାବୁ ନଗେନ୍ଦ୍ରନାଥ ବସୁ କାନ୍ଦରୋ ଶୋର୍ଦ୍ଧା | | ଟ ୩ ( |

## ବିଜ୍ଞାପନ ।



ହେଡେକ୍ ଭିଏ ରୋଗ ଦୂରୀଭୂତ କରିବାକୁ ଏହି ଔଷଧର ଯେପରି ଶକ୍ତି ଅଛି ଅନ୍ୟ କୌଣସି ଔଷଧରେ ତାହା ଦେଖାଯାଏ ନାହିଁ । ଯେବେ ତୁମ୍ଭେ ମନେ କରୁଥାଅ ଯେ ତୁମ୍ଭର ରୋଗ ଅସାଧ୍ୟ, ତୁମ୍ଭର ଚିକିତ୍ସକ ନିରାଶ ହୋଇ ତୁମ୍ଭଙ୍କୁ ଛାଡ଼ି ଯାଇଥାଆନ୍ତି, ଯଦି ଗା ଲଣା, କଉଡ଼ି ଲାଗିଅଛି, ଫୁଲେରିଲ୍ ପ୍ରଭୃତି ପ୍ରମେହ ବିବିଧ ପ୍ରକାର ପେଟେଣ୍ଟ ଔଷଧ ତୁମ୍ଭର ଜୀବନକୁ ବିନାଶ କରୁଥାଏ, ତେବେ ଥରେ ଏହି ଔଷଧକୁ ପରୀକ୍ଷା କରି ଦେଖ, ପ୍ରତ୍ୟକ୍ଷଫଳ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେବ । ରୋଗମୁକ୍ତ ହୋଇ ପୁଣରେ ପୂର୍ବଜୀବନ ଲାଭ କରିବ । ଯେତେବେଳେ ଏରୂପ ଶକ୍ତିଶାଳୀ ଅଥଚ ସ୍ୱାଦୁ ଜିନିଷ ପ୍ରତି ମହୌଷଧ ଭିଷଗ୍‌ବରେ ଏ ଦେଶକୁ ଆଣିଲେ ତେବେ ଅସମ୍ଭାବ୍ୟ ହୋଇ ନାହିଁ ।

କିଏ ନ ଜାଣେ ସାଲସା, କଡ଼ିଲିଭର ଅଏଲ, ପ୍ରଭୃତି ଔଷଧ ସମୂହରେ ରୋଗ ଗଡ଼ିଯିବେ ।

ଉକ୍ତ ରୋଗ ଉପଶମ ଦେଖାଇ ପ୍ରକଗବ ସମୟରେ ଭିନ୍ନ ବିଶେଷରେ ସ୍ୱତନ୍ତ୍ରଭାବର ଧାରଣ କରେ । ଯେତେବେଳେ ତାହା ସାମୟିକ ଶାନ୍ତ ବିଶେଷ ହୋଇଯାଏ ଅଥଚ ସକଳ ସମୟରେ ଉକ୍ତ ଧାତୁ ପ୍ରକୃତ ବଳିଷ୍ଠ ହେବାରେ ସମାନ ଫଳ ପ୍ରାପ୍ତ ହୁଏ ନାହିଁ । ଜାଣ ଇତ୍ୟାଦି ଅଧୀନରେ ରହିବାକୁ ହୁଏ । କେତେ

### ସାରମାଟିନ ।

ତାହାର ସମ୍ପୂର୍ଣ୍ଣ ବିପରୀତ ଗୁଣ ବିଶିଷ୍ଟ ଅର୍ଥାତ୍ ଆରୋଗ୍ୟର ଜିଯ୍ୟା ସ୍ଥାୟୀ, ଯେଉଁ ରୋଗ ଆରୋଗ୍ୟ ହୁଏ ତାହା ଆଉ କେବେହେଁ ଫେରି ଆସେ ନାହିଁ । ସୁତରାଂ ତାର ଗନ୍ଧ ବିଶେଷରେ ସେବନର ପ୍ରୟୋଜନ ହୁଏ ନାହିଁ ବା କୌଣସି କଷ୍ଟା ନିୟମର ଅଧୀନରେ ରହିବାକୁ ହୁଏ ନାହିଁ ଅଥଚ ଶୀତ, ଗ୍ରୀଷ୍ମ, ବର୍ଷ ସକଳ ଋତୁରେ ସକଳ ଧାତୁ ପ୍ରକୃତି ବଳିଷ୍ଠ ହେବାରେ ସମାନ ଉପକାର, ସମାନ କ୍ରିୟା, ସମାନ ଗୁଣ ପ୍ରକାଶ କରେ । ସେହି ହେତୁରୁ ଆସିଆ, ଇଉରୋପ, ଆଫ୍ରିକା ଓ ଆମେରିକା ମହାଦେଶମାନଙ୍କରେ ସର୍ବାତ୍ର ସମାନ ଆଦରରେ ଗୃହୀତ ହେଉଅଛି । ପ୍ରତିଦିନ ସହସ୍ର ଲୋକ ବ୍ୟବହାର କରୁଥିଲେ । ଏରୂପ ବିକ୍ରୟ ବାହୁଲ୍ୟ, ଏବଂ ଅଯାଚିତ ଅସଂଖ୍ୟ ପ୍ରଶଂସାପତ୍ରହିଁ ଔଷଧର ଉତ୍କୃଷ୍ଟତା ଏବଂ ଅନ୍ୟର୍ଥତାର ଦୃଢ଼ାନ୍ତ ପ୍ରମାଣ ।

### ସାରମାଟିନ କଣ ?

କେତେକଜଣ ସୁବିଜ୍ଞ ଶ୍ରେଷ୍ଠ ଚିକିତ୍ସକଙ୍କର ବ ୩୦ ବର୍ଷ ବ୍ୟାପି ଗବେଷଣା ଓ ଅନୁସନ୍ଧାନର ଫଳରେ ଧାତବ, ଉଦ୍ଭିଦ ଓ ରାସାୟନ ପଦାର୍ଥର ବୈଶିଷ୍ଟ୍ୟାଂଶର ସହିତରେ ସାମୁଦ୍ରିକ ଜାତୀୟ କୌଣସି ଦୁଷ୍ପ୍ରାପ୍ୟ ତୈଳାଂଶ ସହଯୋଗରେ ସ୍ୱାଭାବିକ ପ୍ରକରଣରେ ଏହି ମହୌଷଧ ଆବିଷ୍କୃତ ।

ଅଥଚ ସେବନରେ କଷ୍ଟାଦ ବା ଦୁର୍ଗନ୍ଧ ଯୁକ୍ତ ନୁହେ ବରଂ ଗୁଣର ତୁଳନାରେ ଏହାର ମାତ୍ରା ଔଷଧ ଏବଂ ମୋହର ଅପେକ୍ଷା ମୂଲ୍ୟବାନ୍ ।

ସାରମାଟିନର ଅତି ଉଚ୍ଚପ୍ରକାର ରୋଗ ପ୍ରତି ସମ୍ୟକ୍ ଫଳପ୍ରଦ

ଶୁକ୍ର, ରକ୍ତ, ଓ ଚର୍ମପିଣ୍ଡ ବା ସ୍ନାୟୁ ସମ୍ବନ୍ଧୀୟ ପୀଡ଼ା—

୧ । ଶୁକ୍ରର ତରଳତା, ଧାତୁ ଦୌର୍ବଲ୍ୟ ପୁରୁଷତ୍ୱ ହାନି, ସ୍ତ୍ରୀ ସହବାସରେ ଅକ୍ଷମ, ସାମାନ୍ୟ ଉତ୍ତେଜନାରେ ରେତଃସ୍ଖଳନ, ମେହ, ପ୍ରମେହ, ଶୁକ୍ରମେହ, ମୂତ୍ରକୃଚ୍ଛ୍ର, ବହୁମୂତ୍ର, ମୂତ୍ରମାର୍ଗ୍ଗ ଶୀର୍ଣ୍ଣ

Digitized by srujanika@gmail.com

Split by PDF Splitter



ବା ଅଧିକ ସ୍ରାବ, ଟୋପା ୨ ମୂତ୍ର ପତନ, ସ୍ରାବର ଜ୍ୱାଳା, ମୂତ୍ରସହ ଶୁକ୍ରପତନ, ମୂତ୍ର ନଳରେ କ୍ଷତ, ସ୍ୱପ୍ନଦୋଷ, ପ୍ରମେହ ଓ ଶୁକ୍ର କ୍ଷୟ ଜନିତ ମୁଣ୍ଡବ୍ୟଥା, ହାତ ଗୋଡ଼ ଓ ଚକ୍ଷୁ ଜ୍ୱଳା, ସ୍ମରଣ ଶକ୍ତିର ହ୍ରାନତା, ଜ୍ୱରଭାବ, ହାତ ଗୋଡ଼ ଫୋଲା ହେବା, କେଶର ଅକାଳପକ୍ୱତା, ମୁଣ୍ଡର ବାଳ ଉପୁଡ଼ିବା, ଅକାଳବାର୍ଦ୍ଧକ୍ୟ ଶରୀର ଦୁର୍ବଳ, ପରିଶ୍ରମରେ ଅକ୍ଷମ, ଅଜୀର୍ଣ୍ଣ, କୋଷ୍ଠକାଠିନ୍ୟ ପ୍ରଭୃତି ଅନୁମାନିକ ବିବିଧ ପ୍ରକାର ଶୁକ୍ରପୀଡ଼ା ଓ ତତ୍ଜାତ କଷ୍ଟକର ଉପସର୍ଗାଦି ଆରୋଗ୍ୟର,ଅବ୍ୟର୍ଥ ।

୨ । ପାରା ଓ ଗରମିର ବିଷାକ୍ତତା ବା ବିଷାକ୍ତ ଔଷଧାଦି ବ୍ୟବହାରରେ କିମ୍ବା ମ୍ୟାଲେରିଆର ବିଷ ପ୍ରଭୃତି ଶରୀରରେ ପ୍ରବିଷ୍ଟ ହେବା କାରଣରୁ ରକ୍ତର ଦୂଷିତ ଗରମୀ ଘା, ପାରାର ଘା, ନାକ ଓ ମୁଖରେ ଏବଂ ମୁଣ୍ଡରେ ଘା, ମୁଣ୍ଡର ବାଳଉପୁଡ଼ିବା ହାତ ଗୋଡ଼ ଓ ଅଣ୍ଠାରେ ବେଦନା, ନୂତନ ପୁରାତନ ମେହ ଘଟିତ ବାତ, ଗରମୀ ବାତ, ଗଣ୍ଠିବାତ, ଶରୀର ଗଣ୍ଠି ଓ ସନ୍ଧିସ୍ଥଳର ବେଦନା ଓ ଫୁଲା, ଚକ୍ଷୁରୁ ଜଳପଡ଼ିବା, ଦେହରେ ଚକା ୨ ଦାଗ, ହାତ ଓ ଗୋଡ଼ର ତଳାରେ ସ୍ଥାନେ ୨ ସାଦା ବା ଫଟାହେବା, ଚର୍ମ୍ମ ଉପରେ ଉଠିବା ପୁନଃ ୨ ବାଘୀ ପଡ଼ିବା, ଦେହରେ ଦଦ୍ରୁ ବା ବ୍ରଣ ବାହାରିବା ଶରୀର ପିପାସା ଶୁଷ୍କ ଓ ଦୁର୍ବଳ ପ୍ରଭୃତି ରକ୍ତ ସମ୍ବନ୍ଧୀୟ ଯାବତୀୟ ପୀଡ଼ା, ଉପସର୍ଗାଦି ଆରୋଗ୍ୟର ଅମୋଘ ।

୩ । କ୍ଷୟକାଶ, ଦମାକାଶ, ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ, ରକ୍ତବମନ, କଫସଙ୍ଗରେ ରକ୍ତନିର୍ଗତ ପତନ, ମୁଖରୁ ଓ ନାସିକାରୁ ରକ୍ତପତନ, ଛାତିରେ ବେଦନା, କଫ ଜମିବାର, ସ୍ୱରଭଙ୍ଗ, ବେଦନାର ପ୍ରକୋପ, ଅଳ୍ପରେ ଅରୁଚି, ଓ ବିଷାଦ, ଗଳା ଜଳିବା, ଓ ହୃତ୍କମ୍ପ, ସହଜ ଓ ସାମାନ୍ୟ ଅସ୍ତ୍ରାରେ ସର୍ଦ୍ଦି ଓ କାଶର ଉତ୍ପତ୍ତି, ଫୁସ୍ ୨ ର କାର୍ଯ୍ୟ କରଣଶକ୍ତିର ଅଭାବ; ଇତ୍ୟାଦି ହୃତ୍ପିଣ୍ଡ ବା ଫୁସ୍ ୨ ସମ୍ବନ୍ଧୀୟ ଯାବତୀୟ ପୀଡ଼ାର ଅଦ୍ୱିତୀୟ ।

ଉପରୋକ୍ତ ପୀଡ଼ା ସମସ୍ତ ନିମନ୍ତେ ଏହି ଔଷଧ ଶୀର୍ଷ ସ୍ଥାନୀୟ, ଏଥିରେ ଯେଉଁ ତେଜୋଦ୍ଦୀପ୍ତି ଜୀବନୀର ବିଶେଷ ପଦାର୍ଥ ଅଛି, ତାହା ଅନ୍ୟ କୌଣସି ଔଷଧରେ ନାହିଁ । ଏବଂ ଏହି ଗବେଷଣା ଲବ୍ଧ ଦୁଷ୍ପ୍ରାପ୍ୟ ପଦାର୍ଥ ନିମନ୍ତେ ଏହାର ଏରୂପ ଗୁଣଦାୟକ ହେବାର କାରଣ ଅଟଇ । ଯେବେ ତୁମ୍ଭେ ଏହି ସକଳ ରୋଗରେ କିମ୍ବା ତାହାର କୌଣସି ଉପସର୍ଗରେ ଆକ୍ରାନ୍ତ ହୋଇଥାଅ ତେବେ ଏହି ମହୌଷଧ, ସେବନ କରି ଜୀବନ ରକ୍ଷା କର, ସହଜେ, ସୁଲଭରେ, ସୁଚିକିତ୍ସାରେ ସ୍ଥାୟୀ ଆରୋଗ୍ୟ ଲାଭ କରି ଦୀର୍ଘ ଜୀବନ ପାଇବ । ଶରୀର ହୃଷ୍ଟପୁଷ୍ଟ, ବଳିଷ୍ଠ ଓ କାନ୍ତିବିଶିଷ୍ଟ ହେବ । କ୍ଷୁଧା ବୃଦ୍ଧି ହେବ, କୋଷ୍ଠ ପରିଷ୍କାର ହେବ ।

ସ୍ପାରମାଟିନ—ଶରୀର ସକଳର କ୍ଷୟିତ ଅଂଶ ଓ ଅଭାବ ଶୀଘ୍ର ୨ ପୂରଣ କରିବାକୁ ସ୍ୱାସ୍ଥ୍ୟୋନ୍ନତି ଓ ତାହା ଅକ୍ଷୁନ୍ନ ରକ୍ଷିବାକୁ ବାଳକ, ବାଳିକା, ଯୁବକ, ଯୁବତୀ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତଙ୍କ ପକ୍ଷରେ ସମାନ ଉପଯୋଗୀ । ସାଧାରଣତଃ ଯେ ସକଳ ପୀଡ଼ାରେ ପାଲସା, ନଡ଼ିଲରର ଅଏଲ ପ୍ରଭୃତି ଔଷଧ ବାରମ୍ବାର ବ୍ୟବହାରର ପ୍ରୟୋଜନ ହୁଅଇ, ସେହି ସକଳ ପୀଡ଼ାରେ ସ୍ପାରମାଟିନ ଥରେ ମାତ୍ର ବ୍ୟବହାର କରିବାଦ୍ୱାରା ରୋଗ ସମୂଳେ ଧ୍ୱଂସ ହୋଇଅଛି । ସୁତରାଂ ଏହା ଯେ ପ୍ରଚଳିତ ସର୍ବ୍ବବିଧ ଔଷଧ ଅପେକ୍ଷା ସର୍ବ୍ବଶ୍ରେଷ୍ଠ, ସେଥିରେ ଅଣୁମାତ୍ର ସନ୍ଦେହ କରିବାର ଅବସର ନାହିଁ ।

ମୂଲ୍ୟ; ଏକ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ଟ ୧ ୮ ଏକ ଟଙ୍କା । ତିନ୍ନି ଟ ୧୦ ୮ । ପ୍ୟାକିଂ ଓ ଡାକ ମାସୁଲ ଏକ ଶିଶିରେ ଟ ୦ ୩୬, ତିନି ଶିଶିରେ ଟ ୦ ୬୬ ଓ ୬ ଶିଶିରେ ଟ ୧, ଓ ତଦନ ଟ ୧୩

ପ୍ରାପ୍ତିସ୍ଥାନ ଓ ପତ୍ରାଦି ପଠାଇବାର ଏକମାତ୍ର ଠିକଣା ।

| | |
|---|---|
| *Manager*<br>Spermatin Depot<br>No.22 Baranasi<br>Ghose's street<br>Calcutta. | ମାନେଜର<br>ସ୍ପାରମାଟିନ ଡିପୋ<br>ନଂ ୨୨ ବରାନସୀ<br>ଘୋଷ ଷ୍ଟ୍ରିଟ<br>କଲିକତା |

# ବିଜ୍ଞାପନ ।

## For Sale of land

A plot of land of M, 0 G. 5 B. 0 in the last Settlement 0 . 1420 acre in Balubazar Cuttack is to be sold. For Particulars apply to Babu H. M. Ghosh of Sub-Judge's Court and Babu G. P. Tez of Collectorate Record office and the undersigned.

Damodor Prasad Tez

ଜମି ବିକ୍ରୟ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉ ଅଛି ସହର କଟକ ବାଲୁବଜାରରେ ମା ୦ । ୫୮ (ହାଲ ବନ୍ଦୋବସ୍ତରେ ଏ ୦ . ୧୪୨୦ ଜମି ) ବିକ୍ରୟ ହେବ । ବିଶେଷ ବିବରଣ ସବ୍ଜଜଙ୍କ ଅଫିସର ବାବୁ ହରମୋହନ ଘୋଷ ଏବଂ କଲେକ୍ଟରେଟ ମାହାଫିଜଖାନାର ବାବୁ ଗୋପାଳ ପ୍ରସାଦ ତେଜ ଓ ଆମ୍ଭଠାରୁ ଅବଗତ ହେବେ ।

ଶ୍ରୀ ଦାମୋଦର ପ୍ରସାଦ ତେଜ

NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELL
*Agent Cuttack.*

## ନୂତନ ପୁସ୍ତକ ।

| | |
|---|---|
| ଡାମରହ ଗୀତା ୨ୟ ଭାଗ | ଟ ୦ । |
| ଦୁର୍ଗା ଚୌତିଶା ଓ ଭଜନମାଳା | ଟ ୦ / |
| ମହାଭାରତ ଯୁଦ୍ଧ | ଟ ୦ /୨ |
| ପ୍ରବନ୍ଧ ଅଶ୍ରୁଗନ୍ଧ ବା କାଦମ୍ବରୀ ଉପନ୍ୟାସ | ଟ ୦ ୩୬ |

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ମିଳିବ ।



West End Watch Key winding Lever watch full jewelled
Guaranteed for four years

No. 935 to 1000

| | | | |
|---|---|---|---|
| Hunting | ... | ... | Rs. 25 |
| Half hunting | ... | ... | Rs. 28 |

No. 800 to 1000

| | Cylender | Lever |
|---|---|---|
| Courvoiser freres hunting | Rs. 14 | 16 |
| Do. half hunting | Rs. 16 | 18 |

No. 900 to 1000

Extra Quality

| | Cylender | Lever |
|---|---|---|
| Hunting ... | Rs. 16 | 19 |
| Half hunting ... | Rs. 18 | 21 |

No. 800 to 1000

White field & Co. Lever watch
Guaranteed for three years,

| | | |
|---|---|---|
| Hunting | ... | Rs. 16 |
| Half hunting | ... | Rs. 18 |

18 Carat gold guard muff Chain Rs. 28 A, 0
Silver guard muff Chain Rs. 2 A; 4

S. ABDUL AZIZ
Gold and Silver wire netting supplier
CUTTACK
Watch Importer
and
Spectacle Dealer
CUTTACK

Digitized by srujanika@gmail.com

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବ୍ବସାଧାରଣଙ୍କୁ ଜଣାଇଦିଆ ଯାଉ ଅଛି ଯେ ଏହି ରାଜ୍ୟରେ ଥିବା ଅଫିମ, ଗଞ୍ଜା, ମଦ, ଭାଙ୍ଗ, ଅବକାରୀ ଦୋକାନ ଓ ଭଣ୍ଡା ହିଙ୍ଗୁ, ଦକ୍ଷିଡ଼ା ବାହାଡ଼ା, ଜୋଡ଼ିଲା ପଳାଶି, କଇ, ଗଅଳ, ଶୁଷ୍କକାଷ୍ଠ, ବାଉଁଶ ଓ ଇତ୍ୟାଦି ଜଙ୍ଗଲରେ ଜନ୍ତୁ ମାରିବା ଇଜାରେଦାରମାନଙ୍କ ଆଗତ ବର୍ଷ ସକାଶେ ଆଗାମୀ ମାର୍ଚ୍ଚମାସ ତା ୧୭ରି-ଖ ସୋମବାର ଦିବା ଘ ୧୦ ଘଣ୍ଟା ସମୟରେ ଅତ୍ର କଚ୍ଛାରି ରାଜ ଅଫିସରେ ପ୍ରକାଶିତ ରୂପେ ନିଲାମ ଡାକ ହେବ । ଯେଉଁମାନେ ନିଲାମରେ ଉକ୍ତ ଦୋକାନ ଓ ଜେରଇ ନେବାର ଇଚ୍ଛା ରଖନ୍ତି ସେମାନେ ନିରୂପିତ ତାରିଖରେ ହାଜର ହୋଇ ନିଲାମ ଡାକିବେ ।

*Raj Office Talcher The 18th Feb. 1902* } *( By order ) Lala Ram Narayán Ray Sheristadar*

---

# ଫଲେନ ପରିଚୀୟତେ?

କବିରାଜ ଶ୍ରୀ ଜଗତ ଚନ୍ଦ୍ର କବିରତ୍ନଙ୍କର

ଅର୍ଣ୍ଣପୂର୍ଣ୍ଣା

ଆୟୁର୍ବ୍ବେଦୀୟ ଔଷଧାଳୟ, ଚୌଧୁରୀ-ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବ୍ବେଦ ଶାସ୍ତ୍ରୋକ୍ତ ସର୍ବ୍ବପ୍ରକାର ଔଷଧାଦି ନ୍ୟାଯ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ପ୍ରାତଃକାଳରେ ସମାଗତ ରୋଗିମାନଙ୍କୁ ବିଶେଷ ଯତ୍ନ ସହକାରେ ଦେଖାଯାଏ । ଦରିଦ୍ର ଓ ଅସମର୍ଥ ରୋଗିଙ୍କୁ ବିନା ମୂଲ୍ୟରେ ଔଷଧ ପ୍ରଦତ୍ତ ହୁଏ । ମଫସ୍ୱଲର ରୋଗିମାନେ ରୋଗର ଅବସ୍ଥା ସ୍ପଷ୍ଟରୂପରେ ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ପ୍ରତ୍ୟୁତ୍ତର ଏବଂ ସୁବ୍ୟବସ୍ଥା ସତ୍ୱର ପ୍ରେରିତ ହୁଏ ।

### ଶୁକ୍ରବର୍ଦ୍ଧକ ବଟିକା ।

ଏହି ଔଷଧ ବୀର୍ଯ୍ୟ ସ୍ତମ୍ଭନାର୍ଥେ ଏକମାତ୍ର ମହୌଷଧ । ଯେଉଁମାନଙ୍କର ସ୍ୱଳ୍ପ କାରଣବଶତଃ ବୀର୍ଯ୍ୟ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟ ମଧ୍ୟରେ ବିଶେଷ ଫଳ ଲାଭ କରିବେ ଏବଂ ଧାତୁ ଦୌର୍ବ୍ବଲ୍ୟ ଉପଶମ ହେବ । ଏଥି ସମ୍ବନ୍ଧେ ବାହୁଲ୍ୟ ଅତ୍ମୁକ୍ତି ନିଷ୍ପ୍ରୟୋଜନ । ଥରେ ମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡିବା ଔଷଧର ମୂଲ୍ୟ ଟ ୧୲ ମାତ୍ର ଡାକମାସୁଲ ସ୍ୱତନ୍ତ୍ର ।

---

## ଚନ୍ଦ୍ରଧରର ରସାୟନ ।

( ଦେଶୀୟ ସାଲସା । )

ଏଥିରେ ଉପଦଂଶ ( ଗରମୀ, ) କ୍ଷତ, ପାରଦାଦି ଦୋଷଜନିତ ଶରୀରରେ ଚକାଚକା ଦାଗ ଓ ଫୋଟକ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ଦୂଷିତ ରକ୍ତ ପରିଷ୍କାରର ଅମୋଘ ଔଷଧ ।

ପ୍ରତି ଶିଶି—ଦେଢ଼ଟଙ୍କା ।

ତିନ ଶିଶି ଏକତ୍ର—ଟ ୪୲

ଚୌଧୁରୀ ବଜାର କଟକ } ଶ୍ରୀ ଜଗତ ଚନ୍ଦ୍ର କବିରତ୍ନ ଅର୍ଣ୍ଣପୂର୍ଣ୍ଣା ଆୟୁର୍ବ୍ବେଦୀୟ ଔଷଧାଳୟ

---

ଏତଦ୍ଦ୍ୱାରା ସର୍ବ୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଭଦ୍ରକଠାରୁ କେଉଁଝର ଗଡ଼ ଦେଇ ଆନନ୍ଦପୁର ଗଡ଼ ପର୍ଯ୍ୟନ୍ତ ଗାଡ଼ି, ଶଗଡ଼ ଯିବାର ରାସ୍ତା ଖୋଲି ଯାଇଥିବାରୁ ଗତ ଜାନୁଆରୀ ମାସ ଆରମ୍ଭରେ ମାନନୀୟ ଗଡ଼ଜାତ ମାହାଲର ସୁପରିଣ୍ଟେଣ୍ଡେଣ୍ଟ ଗ୍ରୀମସାହେବଙ୍କ ବଳଦଗାଡ଼ି ଅକ୍ଲେଶରେ ଭଦ୍ରକଠାରୁ ଗଡ଼ ପର୍ଯ୍ୟନ୍ତ ଅାସିଥିଲା । ଆଗାମୀ ଶିବରାତ୍ରି ଉପଲକ୍ଷେ କେଉଁଝର ଗଡ଼ ନିକଟବର୍ତ୍ତୀ ଗୋନାସିକା ନାମକ ସ୍ଥାନରେ ମେଳା ହେବ । ବାଣିଜ୍ୟ କରିବା ଉଦ୍ଦେଶ୍ୟରେ ଯେଉଁମାନେ କଂସା, ପିତ୍ତଳବାସନ, ମସଲା, ଦେଶୀ ବିଲାତୀ ଲୁଗା, ମନୋହରୀ ପ୍ରଭୃତି ଜିନିଷାଦି ଆଣି ବିକ୍ରୟ କରିବାକୁ ଇଚ୍ଛା ସେମାନେ ଗାଡ଼ିରେ ମାଲ ବୋଝାଇ କରି ଜନପଦରେ ଆସି ଖରିଦ ବିକ୍ରୀ କରି ପାରିବେ । ଇତି ।

କେଉଁଝରଗଡ଼ ୭।୨।୧୯୦୨ } Gopal Bullub Das, ଦେୱାନ କେଉଁଝର ଷ୍ଟେଟ




### ବ୍ୟବହାର କରନ୍ତୁ ! ବ୍ୟବହାର କରନ୍ତୁ !!

ଏ, ସଟନ ଏଣ୍ଡ କୋର ଅତ୍ୟାର୍ଯ୍ୟ ଔଷଧାବଳୀ ।

ଯନ୍ତ୍ରଣାଦାୟୀ ରୋଗିଙ୍କର ଆଉ ଉଦ୍ବେଗ କାରଣ ନାହିଁ ।

ସାଲସା ପାରିଲା ଅପର—ଏହା ସର୍ବୋତ୍କୃଷ୍ଟ ରକ୍ତ ପରିଷ୍କାରକ, ପାରଦ ଦୋଷନାଶକ ଓ ବଳକାରକ ସାଲସା

ଉପଦଂଶ ( ଗରମୀ ବେମାରୀ ) ଓ ପାରଦ ବ୍ୟବହାର ଜନିତ ସର୍ବ୍ବପ୍ରକାର ରୋଗ, ବାତ, ଘାଆ, ଦେହ ଫାଟିବା ଓ ଫୋଡ଼ା ଫୋଟକା ଦାଗ ଏବଂ ସବୁପ୍ରକାର ଚର୍ମ୍ମରୋଗର ଏହା ଏକମାତ୍ର ମହୌଷଧ । ଶକ୍ତିବୃଦ୍ଧି ଓ କୋଷ୍ଠ ପରିଷ୍କାର ଓ ରୁଚି ବୃଦ୍ଧି କରିବାକୁ ଏହା ଅଦ୍ୱିତୀୟ ଅଟେ । ଦେଶୀ ହାକିମ କବିରାଜ, ବାଳକ ଓ ବୃଦ୍ଧ ସମସ୍ତଙ୍କର ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ନିତ୍ୟ ବ୍ୟବହାର ଅତ୍ୟାବଶ୍ୟକ,

ମୂଲ୍ୟ ଟ ୧୲ ମାସୁଲ ଟ ୦।

---

ଅର୍ଶ ଭଗନ୍ଦରର ନିବାରଣ ।—ରକ୍ତ ଓ ଅନ୍ଧ ଅର୍ଶ, ମେହ, ମୂତ୍ରକୃଚ୍ଛ୍ର ପ୍ରଦାହ ଓ କ୍ଷତ, ପ୍ରଦରାଦି ଜ୍ୱାଳା ଓ ରକ୍ତସ୍ରାବ, ଶରୀର ଝାଞ୍ଜିବା, ମୂତ୍ରବୃଦ୍ଧି, ଯୋନିଶୂଳ ଭୋଗସ୍ୱା ପ୍ରଭୃତି, ଅପରିମିତ ଶୁକ୍ରକ୍ଷୟ, ଦୌର୍ବ୍ବଲ୍ୟ, ବିଭେଦ ଏବଂ ସର୍ବ୍ବପ୍ରକାର ଉପ୍ତାନ ଔଷଧ ନେହର ଏହା ଏକମାତ୍ର ମହୌଷଧ । ଅଗ୍ନିର ବଳବୃଦ୍ଧି ଓ ଉତ୍ତେଜିତ କରିବାକୁ ଏହା ତୁଲ୍ୟ ଆଉ ଔଷଧ ଅବଗତ ହୋଇ ନାହିଁ । ଏହା ବ୍ୟବହାର ଦ୍ୱାରା ଯନ୍ତ୍ରଣା ୨୪ ଘଣ୍ଟା ମଧ୍ୟରେ ଆରୋଗ୍ୟ ହୁଏ ଏବଂ ରୋଗୀ ଏକ ସପ୍ତାହ ମଧ୍ୟରେ ଆରୋଗ୍ୟ ହୋଇ ସାଧାରଣ ଅବସ୍ଥା ପ୍ରାପ୍ତ ହୁଏ ।

ମୂଲ୍ୟ ଟ ୧୲ ମାସୁଲ ଟ ୦।

---

ଉଇଲିଡ଼ବେ ।—ଧାତୁ ଦୌର୍ବ୍ବଲ୍ୟ, ଧାତୁ ପାତନ, ସ୍ୱପ୍ନଦୋଷ, ଇନ୍ଦ୍ରିୟ ଶୈଥିଲ୍ୟ, ସ୍ମରଣଶକ୍ତି ହ୍ରାସ, ଓ ଇନ୍ଦ୍ରିୟଜନିତ ଅତିରିକ୍ତ ପ୍ରଭୃତି, କୋଷ୍ଠ କାଠିନ୍ୟ ପ୍ରଭୃତି ସାଙ୍ଘାତିକ ପୀଡ଼ାର ନିଶ୍ଚିତ ମହୌଷଧ । ଏହାକୁ ସେବନ କଲେ ମନ ସ୍ଫୂର୍ତ୍ତିରେ ଓ ଶରୀର ବଳ ଲାଭରେ ବଳୀୟାନ ହୋଇ ଯୌବନ ପ୍ରାପ୍ତ ହୁଏ । ଯଦ୍ୟପି ଏହା ରୋଗ ଆରୋଗ୍ୟ ନ ହୁଏ ତାହାହେଲେ ଏହାର ଦାମ ଫେରାଇ ଦିଆଯିବ ।

ମୂଲ୍ୟ ଟ ୧୲ ମାସୁଲ ଟ ୦।୵

---

ସର୍ବ୍ବଶୂଳ ହରଣ ।—ଏହାକୁ ବ୍ୟବହାର କଲେ ସର୍ବ୍ବପ୍ରକାର ଶୂଳ, ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ଆରୋଗ୍ୟ ହୁଏ । ଏହା ତୁଲ୍ୟ ଆଉ ଔଷଧ ଜଗତରେ ଆଉ ପ୍ରାପ୍ତ ହୁଏ ନାହିଁ । ଥରେ ବ୍ୟବହାର କଲେ ବୁଝି ପାରିବେ ।

ମୂଲ୍ୟ ଟ ୦। ଡାକମାସୁଲ ଟ ।୵

ଠିକଣା—ଏ, ସଟନ ଏଣ୍ଡ କୋଂ

୬ ୬୬ ସୁର ଷ୍ଟ୍ରିଟ (?) କଲିକତା

କଟକ ନଗରରେ ଉତ୍କଳ ମେଡ଼ିକେଲ ହଲ ଆମ୍ଭର ଔଷଧାଗାର ମାଲିକ ବାବୁ ଏସ୍ ପି ରାୟ ଆମ୍ଭମାନଙ୍କର ଏକମାତ୍ର ଏଜେଣ୍ଟ ଅଟନ୍ତି ।

---

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା—

ପ୍ରଥମଥର ସକାଶେ

ଧାଡ଼ିପ୍ରତି ଟ ୦ ୵

ଅଧସ୍ତମ୍ଭ ଟ ୨୲

ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩୲

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ, ତହିଁର ଖର୍ଚ୍ଚା ୦ ୲ ଠାରୁ ଊଣା ହେବ ନାହିଁ

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା କ୍ରମେ ଅଧିକ କମିବ ।

ଅଧିକ କାଳ ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା କଟକ ନଗର ଉତ୍କଳ ପ୍ରେସରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



## ସାପ୍ତାହିକ ସମ୍ବାଦ ।

### ପୁରୀ-ସମ୍ବାଦ ।

ଗତ ତା ୨୨ ଇଖ ରାତ୍ରରେ ୬/ ଶ୍ରୀ ଜଗନ୍ନାଥଦେବଙ୍କର ଗଜୋଦ୍ଧାରଣ ବେଶ ହୋଇଥିଲା । ଏହା ଦେଖିବା ନିମନ୍ତେ ବିଶେଷ ଲୋକ ଏକତ୍ରିତ ହୋଇଥିଲେହେଁ ଗତବର୍ଷ ଅପେକ୍ଷା ବହୁ ପରିମାଣରେ କମ ଘଟେ । ତଥାପି ଶାନ୍ତିରକ୍ଷା ନିମନ୍ତେ ଦେଉଳର ପ୍ରତିହାରୀ ନିଯୋଗ ଏବଂ ପୁଲିସ ଅନେକ ନିଯୁକ୍ତ ଥିଲେ । ତେବେ ମଧ୍ୟ ଭିଡ଼ର ସୀମା ନ ଥିଲା । ସେହି ଜନତା ଏବଂ ଶାନ୍ତିରକ୍ଷକମାନଙ୍କର ଉଦ୍ରୋହ ଜନିତ ପ୍ରହାର ହେତୁରୁ ଏକଜଣ ସ୍ତ୍ରୀଲୋକ ପତିତ ହୋଇ ଅଜ୍ଞାନ ହୋଇ ଯାଇଥିଲା ତେଣୁ ତାହାକୁ ତତ୍କ୍ଷଣାତ୍ ତାଙ୍କ ଗୃହକୁ ନେଇଗଲେ । ଏହା ଘଟଣା ଦୁଃଖର ବିଷୟ ଅଟେ । ଏକ ନ ମେଳାସ୍ଥଳରେ ଯେପରି ଦୁର୍ଘଟଣା ଘଟୁଅଛି । ଏପରି ଘଟଣା ଅଳ୍ପ ଲୋକେ ଶ୍ରୁତଗୋଚର ହୋଇ ନ ଥିଲା । ତାହା ହେତୁରୁ ଏପରି ଘଟଣା ଘଟୁଅଛି ଏହାର ତଦନ୍ତ କରିବା ଏକାନ୍ତ ଆବଶ୍ୟକୀୟ ଅଟେ ।

ବାବୁ ପୀତାମ୍ବର ଘୋଷ ଏଠାରେ ନୂତନ କଲେକ୍ଟର ଶିରସ୍ତାଦାର ବାବୁ ମଧୁସୂଦନ ମହାନ୍ତିଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି ।

ଜୟପୁର ମହାରାଜାଙ୍କର ବ୍ରାହ୍ମଣ ଭୋଜନରେ ବିଶେଷ ବିଘ୍ନ ଘଟିବାରୁ ମହାରାଜା ସ୍ୱଦେଶରେ ରହିଣ ଏଠା ମାଜିଷ୍ଟ୍ରେଟ ସାହେବଙ୍କ ନିକଟକୁ ଟଙ୍କା ପଠାଇ ପୁନର୍ବାର ବ୍ରାହ୍ମଣ ଭୋଜନ ସକାଶେ ଅନୁରୋଧ କରିଥିବାରୁ ଗତ ତା ୧୪ ଦିନରେ ସହସ୍ରାଧିକ ବ୍ରାହ୍ମଣ ଓ ବୈଷ୍ଣବ ଦକ୍ଷିଣା ସହିତ ଭୋଜନ କରିଥିଲେ ।

ଦୁଃଖର ସହିତ ଜଣାଉଅଛୁ ଯେ କୋଠଦେଉଳ ତହସିଲଦାର ବାବୁ ବାଳମୁକୁନ୍ଦ କାନୁନଗୋ ମହାଶୟଙ୍କର ମସ୍ତିଷ୍କର ବିପର୍ଯ୍ୟୟ ଘଟିବାରୁ ସେ ମହାଶୟ ଆରୋଗ୍ୟର ନିମନ୍ତେ କଟକ ଯାତ୍ରା କରିଅଛନ୍ତି । ସେ ମହାଶୟ ଏପରି ଅଜ୍ଞାନ ହୋଇଗଲେ ଯେ କୌଣସି ବିଷୟ ଜାଣି ପାରୁ ନାହାନ୍ତି । ତାଙ୍କ ସ୍ଥାନରେ ଅସ୍ଥାୟୀ ସବ୍‌ଡେପୁଟି କଲେକ୍ଟର ବାବୁ ସୁଦର୍ଶନ ଦାସ ମହାଶୟ ଗତ ତା ୧୩ ଦିନ ନିଜ କୋଠଦେଉଳ ଗମନ କରିଅଛନ୍ତି । ଈଶ୍ୱର ତହସିଲଦାର ମହାଶୟଙ୍କୁ ଶୀଘ୍ର ଆରୋଗ୍ୟ କରନ୍ତୁ ଏହାହିଁ ପ୍ରାର୍ଥନା କରୁଁ ।

ଆମ୍ଭମାନଙ୍କର ମାଜିଷ୍ଟ୍ରେଟ ସାହେବ ମହୋଦୟ ମଫସଲ ଭ୍ରମଣରେ ଗମନ କରିଥିଲେ ମାତ୍ର ଗତ ତା ୧୪ ଦିନରେ ଅସମୟ ତାଡ଼ନା ଥିବାରୁ ପୁରୀକୁ ଗମନ କରିଅଛନ୍ତି ଶୁଣାଯାଏ ଅଧିକାଂଶ ମହାଲ ମଫସଲ ହୋଇଅଛି ।

ଶୀତ ଏକାବେଳକେ ଚାଲିଯାଇ ମାତ୍ର ଅଳ୍ପରେ ଗ୍ରୀଷ୍ମ ହେଲା । ତେଣୁ ଏହା ଅସହ୍ୟ ହେଉଅଛି ।

ଆମ୍ବ ଫସଲ ଅନେକ ହେବାର ଆଶା ଥିଲା ମାତ୍ର ଝଡ଼ରେ ଅନେକ ଗୋଟା ଝଡ଼ି ଯାଇଅଛି । ଭଗବାନ ଅନୁଗ୍ରହ କଲେ ଅନ୍ୟାନ୍ୟ ବର୍ଷଠାରୁ ଅବଶ୍ୟ ଅଧିକ ହେବ ।


## ବିଜ୍ଞାପନ ।

କବିରାଜ ଶ୍ରୀ କେଦାରନାଥ ବିଶାରଦଙ୍କର
ଆୟୁର୍ବେଦୋକ୍ତ ଚିକିତ୍ସାଳୟ ।
୯୩ । ୬ ନଂ ହରିସୋଣଷ୍ଟ୍ରୀଟ, ସିମୁଲିଆ,
କଲିକତା ।

ଏହି ସ୍ଥାନରେ ସମୁଦାୟ ରୋଗର ଔଷଧ, ତୈଳ, ଘୃତ, ମୃଗନାଭି ବା କସ୍ତୁରୀ, ଏବଂ ସ୍ୱର୍ଣ୍ଣ, ମୁକ୍ତା ଓ ପ୍ରବାଳାଦି ଜାରିତ ଧାତୁ ଦ୍ରବ୍ୟାଦି (ଭସ୍ମ) ମିଳେ ବିଦେଶସ୍ଥ ରୋଗିମାନଙ୍କ ପୀଡ଼ାର ଅବସ୍ଥା ଜଣାଇ ଲେଖିଲେ ବ୍ୟବସ୍ଥା ଲେଖି ପଠାଯାଏ ।

## ଯୋଗସିଦ୍ଧ ବଟିକା ।

(ଅର୍ଥାତ୍ ଋଷିକୃତ ଯୋଗଲବ୍ଧ ସିଦ୍ଧମହୌଷଧ) ।

ଏହି ଯୋଗପ୍ରସୂତ ପ୍ରସିଦ୍ଧ ଔଷଧଦ୍ୱାରା ମାନବ ଦେହର ରକ୍ତ ପରିଷ୍କାର ହୋଇ ସ୍ୱାସ୍ଥ୍ୟ ସମୁଦାୟ ପୀଡ଼ା ଆରୋଗ୍ୟ ହୁଏ । କବିରାଜ ଏବଂ ଡାକ୍ତରମାନଙ୍କ ବୁଦ୍ଧିବହିସ୍ଥ ରୋଗସମୂହ ଆରୋଗ୍ୟ କରିବା ବିଷୟରେ ଏପରି ମହୌଷଧ ଆଉ ନାହିଁ । ଯକୃତ ଦୋଷରେ ଯେଉଁମାନଙ୍କର କୋଷ୍ଠ ପରିଷ୍କାର ହୁଏ ନାହିଁ, ଆହାରର ପରେ ଅମ୍ଳ-ଉଦ୍ଗାର (ଖଟାଢେକୁଟି) ଉଠେ, ବାୟୁବୃଦ୍ଧି ହୋଇ ପେଟ ଫୁଲେ ଏବଂ କ୍ଷୁଧା ଭଲରୂପେ ହୁଏ ନାହିଁ ସେମାନଙ୍କ ପକ୍ଷରେ ଏହି ଔଷଧ ଅବ୍ୟର୍ଥ । ଏତଦ୍ଭିନ୍ନ ଅର୍ଶରୋଗ, ଭଗନ୍ଦର, ହୃଦସ୍ପନ୍ଦ, ଅମ୍ଳଶୂଳ, ଶୋଥ, ସକଳପ୍ରକାର ଜ୍ୱର, ଶିରୋରୋଗ, ପାଣ୍ଡୁଦୋଷ, ଶରୀରରେ ଚକାଚକା ଦାଗ, କଣ୍ଡୁ, ସ୍ୱପ୍ନଦୋଷ, ଧାତୁର ତରଳତା, ପୁରୁଷତ୍ୱ-ହାନି, ବହୁମୂତ୍ର, ମେହରୋଗ, ମସ୍ତିଷ୍କଘୂର୍ଣ୍ଣନ, ବିନ୍ଦୁ ବିନ୍ଦୁ ମୂତ୍ରସ୍ରାବ ଓ ନାଲିଘା ନିଃଶେଷ ଆରୋଗ୍ୟ ହୁଏ । ବାତବେଦନା, ଗଣ୍ଠିଫୁଲା, ହସ୍ତପଦାଦିର ଜ୍ୱାଳା, ସକଳପ୍ରକାର ବାତରୋଗର ମହୌଷଧ । ସ୍ତ୍ରୀଲୋକମାନଙ୍କର ରଜୋଦୋଷ, ବାଧକବେଦନା, ଶୂଳ, ଶ୍ୱେତ ଓ ରକ୍ତପ୍ରଦର ଏବଂ ମୂର୍ଚ୍ଛାଦି ବିବିଧପୀଡ଼ାର ଶୀଘ୍ର ଶାନ୍ତି ହୁଏ ଏବଂ ଶରୀରର ଲାବଣ୍ୟ ବୃଦ୍ଧି ହୋଇଥାଏ । ଦେହକୁ ରୋଗଶୂନ୍ୟ କରି ସୁସ୍ଥ ଅବସ୍ଥାକୁ ଆଣିବା ଏହି ଔଷଧର ପ୍ରଧାନ କାର୍ଯ୍ୟ ।

୪୮ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଆଠଅଣା । ୧୦୦ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଏକଟଙ୍କା । ପ୍ୟାକିଂ ଖରଚ ଏକଅଣା ଏବଂ ଡାକମାସୁଲ ଦୁଇ-ଅଣା । ଓଡ଼ିଆ ବ୍ୟବସ୍ଥାପତ୍ର ସହ ଔଷଧ ପଠାଯାଏ ।

ବିଜ୍ଞାପନ ।

## ହକୁମୀ ତୈଳ ।

ଯେଉଁମାନେ ପଚିଶବର୍ଷ କିମ୍ବା ତତୋଧିକକାଳ ଉପଦଂଶ ରୋଗାକ୍ରାନ୍ତ (ଗରମିବେମାରି) ହୋଇ କଷ୍ଟ ଭୋଗ କରୁଥିବେ, କିମ୍ବା କୌଣସି ପ୍ରକାର ବିଷାଣ ଖାଇଥିବାରୁ ଯେଉଁମାନଙ୍କର ଅଣ୍ଡ ଗଣ୍ଠି ଧରିଥିବ ଅଥବା ଶରୀରରେ ବାତଫୁଟ ଆମ୍ବ-ବାତ ପ୍ରଭୃତି ଯେ କୌଣସି ପ୍ରକାର ଘା ହୋଇଥିବ ସେମାନେ ଆମ୍ଭର ଏହି ହକୁମୀ ତୈଳ ୧୫ ଦିନ ମାତ୍ର ମାଲିସ କଲେ ନିଶ୍ଚୟ ଆରୋଗ୍ୟ ଲାଭ କରିବେ । ଏହି ତୈଳ ବ୍ୟବହାରଦ୍ୱାରା ଯାଜପୁର, । କ । ମଧୁପୁର ଓ ଜାମନ୍ଦାଣ ପ୍ରଭୃତି ସ୍ଥାନମାନଙ୍କରୁ ଶତ ଶତ ଲୋକ ଆରୋଗ୍ୟଲାଭ କରି ମୁକ୍ତକଣ୍ଠରେ ପ୍ରଶଂସା କରିଅଛନ୍ତି । ଯଦି କେହି ଅଗ୍ରୀମ ମୂଲ୍ୟ ଦେଇ ତୈଳ କ୍ରୟ କରିବାକୁ ଅବିଶ୍ୱାସ କରନ୍ତି ତାହା ହେଲେ କୌଣସି ଭଦ୍ରଲୋକଙ୍କୁ ଜାମିନ ଦେଲେ ଅନାୟାସରେ ଔଷଧ ଦିଆଯିବ । ଆରୋଗ୍ୟଲାଭ କଲେ ପଶ୍ଚାତ୍ ମୂଲ୍ୟ ଗ୍ରହଣ କରାଯିବ । ଏହାର ମୂଲ୍ୟ ଟ ୩୵ ଡାକ ଖର୍ଚ୍ଚ ପ୍ରଭୃତି ଟ ୦ ୵ ଏହା ଛଡ଼ା ଆମ୍ଭ ଔଷଧାଳୟରେ ନାନାବିଧ ରୋଗର କବିରାଜୀ ଔଷଧ, ନାନାପ୍ରକାର ତୈଳ, ଘୃତ, ଭସ୍ମ, ବଟିକା, ଆସବ, ସାଲସା ପ୍ରଭୃତି ବିକ୍ରି ସ୍ୱାର୍ଥ ପ୍ରସ୍ତୁତ ଅଛି । ରୋଗର ଲକ୍ଷଣ ଇତ୍ୟାଦି ଜଣାଇଲେ ଉପଯୁକ୍ତ ବ୍ୟବସ୍ଥା ପତ୍ରସହ ଭେଲୁ-ପେବଲ ଡାକଯୋଗେ ଔଷଧ ପଠାଯିବ । ଉତ୍ତର ପାଇବାପାଇଁ ରିପ୍ଲାଇକାର୍ଡ କିମ୍ବା ଦୁଇ-ପଇସାର ଡାକଟିକଟ ସହ ନିମ୍ନଲିଖିତ ଠିକଣାକୁ ପତ୍ର ପଠାଇବେ ।

ବାହାବଲପୁର
ଯାଜପୁର ପୋଃ ଅଃ
କଟକ } ଶ୍ୟାମବଲ୍ଲଭ ଦାସ
କବିରାଜ

## ବିଜ୍ଞାପନ ।

### ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କୁ ବହୁସ୍ଥଳରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ନୟାଗଡ଼, ସରାଇକଲା, ସୋନପୁର, ପାଟଣା, ଖଡ଼ିଆଲ, ମୟୂରଭଞ୍ଜ, ନୀଳଗିରି, ହିନ୍ଦୋଳ, ଆଠଗଡ଼, ଗାଙ୍ଗପୁର, ଡଇଲାକୋଟା, ଝଡ଼ିଜୟପୁର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଟୋପି, ଶେଲା, କିଂଖାପ, ଦାସ୍ତା, ସର୍ଜୀ, ଦୋପଟ୍ଟା ମଲ୍ଲଲ, ଶିରରେ ବାନ୍ଧିବାର ପେଟା, ରୁମାଲ ଶାଲ ଏବଂ ନାନା ପ୍ରକାର ଉତ୍ତମ ଖଚିତ ଅଙ୍ଗୁଷ୍ଠି ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବରାତ ଅନୁସାରେ ତିଆରି କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାପାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲୁପେବଲ ପାରସଲରେ ମଧ୍ୟ ମାଲ ପଠାଯାଏ କିନ୍ତୁ ମାଲ ପଠାଯିବା ଏବଂ ଫେରତ ହେବା ମାସୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ ।

ଶ୍ରୀ ପାଲ୍ଲୁମାଲ ଭୋଲାନାଥ
କୃଷ୍ଣଗଳି ଫାଟକ ବନାରସ ସିଟି


Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

ଅଳ୍ପ ଦାହାରଲୁ ଅସ୍ଥାୟୀ ଗୁଣବିଶିଷ୍ଟ ସାଲସା ପ୍ରଭୃତି ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାକୁ ହେବ ନାହିଁ ।

ଚିକିତ୍ସା ଜଗତର ନୂତନ ଆବିଷ୍କାର ! **ଡ୍ୟାନଜୀନ ।** ଜୀବନ ପ୍ରାଣର ଏକମାତ୍ର ଆଶା !!

ଡାକ୍ତର ଜେ, ଟୀ, ମାର୍ଟିନ ସାହେବଙ୍କ ଅଦ୍ଭୁତ ଜଗତ ପ୍ରସିଦ୍ଧ, ଅପୂର୍ବ ଗୁଣବିଶିଷ୍ଟ ଓ ପ୍ରତ୍ୟକ୍ଷ ଫଳପ୍ରଦ ସେହି—

# DANZIN

ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଅତିକ ଅନୁଯାୟୀ ରେଜଷ୍ଟ୍ରୀକୃତ ।

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥି ନିମନ୍ତେ ଅତ୍ୟଳ୍ପ ବୟସଠାରୁ ଏତଦ୍ଦେଶବାସୀମାନଙ୍କ ଇନ୍ଦ୍ରିୟ ଶୈଥିଲ୍ୟ ଉପସ୍ଥିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରତାରଲ୍ୟ, ରକ୍ତଦୁଷ୍ଟି, ପାରଦ ବିକୃତି, ଏମନ୍ତ କି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ଦୁର୍ଲଭ ମାନବଜୀବନକୁ ଅସାର ଓ ଅକର୍ମଣ୍ୟ କରି ପକାଏ, ଏହି ସକଳ ରୋଗ କବଳରୁ ଭାରତବାସୀମାନଙ୍କ ଉଦ୍ଧାର ନିମନ୍ତେ "ଡ୍ୟାନଜିନ" ଆବିଷ୍କୃତ ହେବାର ପୂର୍ବରୁ ପ୍ରକୃତ ଫଳ ଦାୟକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ଶାସ୍ତ୍ରରେ ଆବିଷ୍କୃତ ହୋଇ ନ ଥିଲା । ସେଥି ନିମନ୍ତେ ଡାକ୍ତର ମାର୍ଟିନ ସାହେବ ସର୍ବକାଳବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ଦକ୍ଷିଣ ଆମେରିକାର ପାର୍ବତ୍ୟ ପ୍ରଦେଶଜାତ ବେଜେଗୁଡ଼ିଏ ଲତା ଓ ଗୁଳ୍ମ ଇତ୍ୟାଦିସହିତ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିଆର ଅନୁମୋଦିତ ଅସୁରଣ, ଫସ୍ଫରସ ଓ ଡାମିୟାନା ପ୍ରଭୃତି କେତୋଟି ପ୍ରସିଦ୍ଧ ରକ୍ତ ପରିଷ୍କାରକ ଓ ଶୁକ୍ର ବୃଦ୍ଧିକର ଔଷଧର ସମ୍ମିଶ୍ରଣରେ ନୂତନ ବୈଜ୍ଞାନିକ ପ୍ରଣାଳୀର ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜିନ" ଆବିଷ୍କାର ହୋଇ ଭାରତବାସୀମାନଙ୍କର ମହାନ୍ ଅଭାବ ଦୂରୀଭୂତ ହୋଇଅଛି । ଯେବେ ତୁମ୍ଭେ ମନେ କରୁଥାଅ ତୁମ୍ଭର ରୋଗ ଅସାଧ୍ୟ ଯଦି ତୁମ୍ଭର ଚିକିତ୍ସକ ତୁମ୍ଭକୁ ଆରୋଗ୍ୟ କରିବାକୁ ନୈରାଶ୍ୟ କରୁଥାନ୍ତି ଯେବେ ତୁମ୍ଭେ ସାଲସା ପ୍ରଭୃତି ବହୁପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭକୁ କହୁଅଛୁ ଜୀବନରେ ନୈରାଶ୍ୟ ହୁଅ ନାହିଁ ଥରେ ଏହି ମହାଶକ୍ତି "ଡ୍ୟାନଜିନ" ସେବନ କରି ଦେଖ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ । ଜୀର୍ଣ୍ଣ ଦେହରେ ପୁନର୍ବାର ନୂତନ ଜୀବନ ପାଇବ ! ଅକର୍ମଣ୍ୟଶରୀର ପୁନର୍ବାର କାର୍ଯ୍ୟକ୍ଷମ ହେବ !!! ଅନେକଙ୍କର ଧାରଣା ଅଛି ପାରା ଓ ଗରମୀର ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ ନାହିଁରେ ଦୂରୀଭୂତ ହୁଏ ନାହିଁ । କିନ୍ତୁ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ହେଲା ସାଧାରଣଙ୍କର ସେ ବିଶ୍ୱାସ "ଡ୍ୟାନଜିନ" ଏକାବେଳେ ଦୂରୀଭୂତ କରିଦେଇଅଛି । ଡ୍ୟାନଜିନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ପାରା ନିର୍ଗତ କରି ଦେବାର ସ୍ପଷ୍ଟ ଦେଖାଯାଏ । ସାଲସା—ରୋଗ ଗୁପ୍ତ ରଖେ । ଡ୍ୟାନଜିନ ରୋଗ ଗୁପ୍ତ ରଖେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଥରେ ଆରୋଗ୍ୟ ହେଲେ ଆଉ ପୁନର୍ବାକ୍ରମଣ କରେ ନାହିଁ । ସାଲସାର ଗୁଣ ଅସ୍ଥାୟୀ । ଡ୍ୟାନଜିନ ଗୁଣ ସ୍ଥାୟୀ ।

ଡ୍ୟାନଜିନ—ମଦ, ଅଫିମ, ଷ୍ଟ୍ରିକନିଆ, ମାର୍ଫିଆ ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା ଅପକାରୀ ପଦାର୍ଥର ସଂସ୍ରବ ନାହିଁ । ତଥାପି ଏହାର ଏକ ଆଶ୍ଚର୍ଯ୍ୟ ଗୁଣ ଏହି ଯେ ଔଷଧ ସେବନର କିଛିକ୍ଷଣ ପରେ ମନ ପ୍ରଫୁଲ୍ଲ ହୁଏ, ଶରୀର ସ୍ଫୂର୍ତ୍ତି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜିନ—ଖାଇବାକୁ ସୁସ୍ୱାଦୁ, ସଦ୍ଗନ୍ଧଯୁକ୍ତ, ଡ୍ୟାନଜିନ ସେବନରେ କୌଣସି ପ୍ରକାର ବନ୍ଧା ନିୟମ ନ ଥିବାରୁ ସକଳ ଋତୁରେ ଓ ସକଳ ଅବସ୍ଥାରେ ଆବାଳ ବୃଦ୍ଧ ବନିତା ନିର୍ବିଘ୍ନରେ ସେବନ କରି ପାରନ୍ତି । ସେଥି ନିମନ୍ତେ ଏହା ଦରିଦ୍ରର ବନ୍ଧୁ ଓ ଜଗ ଦେହର ଜୀବନ ।

### ଡ୍ୟାନଜିନରେ କି କି ରୋଗ ଆରୋଗ୍ୟ ହୁଏ ?

୧ । ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨ । ଗରମୀ ଓ ପାରଦ ଦୂଷିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩ । ବାତ ସମ୍ବନ୍ଧୀୟ ପୀଡ଼ା । ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ସପ୍ନରେ ଧାତୁ ନିର୍ଗମନ ବା ରକ୍ତ ନିର୍ଗତ ହେବା, ମୂତ୍ରମୂତ୍ର ପ୍ରସ୍ରାବର ବେଳ, ଜ୍ୱାଳା, ପ୍ରସ୍ରାବ ପୂର୍ବେ ବା ପରେ ଶୁକ୍ରାପରି ପଦାର୍ଥ ବାହାର ହେବା । ସ୍ତ୍ରୀଲୋକ ଦର୍ଶନ ବା ସ୍ପର୍ଶରେ ରେତଃପାତ, ଅର୍ଥାତ ଶୁକ୍ରର ତରଳତା, ସ୍ମୃତି-ଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, କ୍ଷୁଧାମାନ୍ଦ୍ୟ, ଅରୁଚି ଇତ୍ୟାଦି । ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତ ପ୍ରଦର, ଅନିୟମିତ ରକ୍ତ ସ୍ରାବ, ବନ୍ଧ୍ୟତ୍ୱ, ଋତୁକାଳର ପେଟରେ ବେଦନା ଓ ଦାନ୍ଦହାନ ଇତ୍ୟାଦି ।— ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା ।— ଗରମୀ ଓ ଉପଦଂଶ ପାରା ବ୍ୟବହାର ପ୍ରଯୁକ୍ତ ସର୍ବାଙ୍ଗେ ଘା ଓ ଚକା ଦାଗ, ହାତ ଓ ଗୋଡ଼ର ତଳରୁ ଚମଡ଼ା ଉଠା, ମୁଣ୍ଡରୁ କେଶ ଉପୁଡ଼ିବା, ମୁଖରେ ଓ ନାକଭିତରେ ଘା, ବାଗି ଘା, ଘଷୁଆ, ନାଳୀଘା କାଉଁର, ଭଗନ୍ଦର, କାଛୁ କୁଣ୍ଡିଆ ଓ ଏମନ୍ତକି କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି । ବାତ ସମ୍ବନ୍ଧୀୟ ପୀଡ଼ା ।—ଗଣ୍ଠିରେ ବେଦନା ସମସ୍ତ ଶରୀର କଡ଼କଡ଼ କରିବା, ହାତ ଓ ଗୋଡ଼ ଫୁଲିବା, ଅଣ୍ଟା ଓ ପିଠିର ବେଦନା ଇତ୍ୟାଦି—ଡ୍ୟାନଜିନ—ସୁସ୍ଥ ଶରୀରରେ ଦୈନିକ ଏକ ଦୁଇ ମାତ୍ରା ସେବନ କଲେ ମନ ଚଞ୍ଚଳ ହୁଏ, ଶରୀରର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ କଣିକା ସୃଷ୍ଟି କରେ ଓ ଶରୀର ସବଳ ଓ କାନ୍ତିବିଶିଷ୍ଟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧୲ । ୩ ବୋତଲ ଟ ୪୲୦, ୬ ବୋତଲ ଟ ୭୲ ଙ୍କା ଓ ୧୨ ବୋତଲ ଟ ୧୪୲୦ ପ୍ୟାକିଂ ୧ ଠାରୁ ୩ ବୋତଲ ଟ ୦ । ଅଣା, ୪ ଠାରୁ ୧୨ ବୋତଲ ଟ ୦ ।୵ ଅଣା ।

ସୋଲ ଏଜେଣ୍ଟ—ଇଣ୍ଡିଆ, ବର୍ମ୍ମା, ସିଲୋନ, ଅଇ, କ, ଲ, ଏଣ୍ଡ କୋଂ

ହେଡ଼ଅଫିସ—ନଂ ୧୦ ନମ୍ବର ଅପର ଚିତପୁର ରୋଡ଼ କଲିକତା ବଡ଼ବଜାର ପୋଷ୍ଟାଫିସର ଠିକ ସମ୍ମୁଖରେ ।

---

### ୨୪ ଘଣ୍ଟାରେ ଯାଦୁର ଆରୋଗ୍ୟ ।

ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଅଦ୍ଭୁତ—ପ୍ରତ୍ୟକ୍ଷ ଫଳପ୍ରଦ ଯାଦୁର ଔଷଧ ।

ଯେ କୌଣସି ପ୍ରକାର ଯାଦୁ ହେଲେହେଁ ୨୪ ଘଣ୍ଟାରେ ନିଶ୍ଚୟ ଆରୋଗ୍ୟ ହେବ, ଜ୍ୱାଳା ଯନ୍ତ୍ରଣା ନାହିଁ ପାରଦ ପ୍ରଭୃତି କୌଣସି ପ୍ରକାର ଅପକାରୀ ଦ୍ରବ୍ୟ ନାହିଁ । ମୂଲ୍ୟ ପ୍ରତି କୌଟା ଟ ୦ ୲ ଡାକ ଟ ୦୲ ପ୍ୟାକିଂ ଏକଠାରୁ ୧୨ କୌଟା ଟ ୦ ।୵

ଡାକ୍ତର ମାର୍ଟିନଙ୍କର "ଅପ୍ସେଣ୍ଟ ମେଣ୍ଟ" ।—ଯାହାର ଯେ କୌଣସି ପ୍ରକାର ଘା ହେଉ ନିଶ୍ଚୟ ଆରୋଗ୍ୟ ହେବ ।

ମୂଲ୍ୟ ପ୍ରତି କୌଟା ଟ ୧୲ ଡାକ ଟ ୧୦୨ ପ୍ୟାକିଂ ୧ ଠାରୁ ୧୨ କୌଟାକୁ ଟ ୦ ।୵

ଏଜେଣ୍ଟସ—ଅଇ, ସା, କା ଏଣ୍ଡ କୋଂ ନଂ ୧୦ନମ୍ବର ଅପର ଚିତପୁର ରୋଡ କଲିକତା

Digitized by srujanika@gmail.com ମୂଲପତ୍ର ଦେଖ ।

Split by PDF Splitter

REGISTERED No. C. 81.

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

ଭା ୩୭ ଶ | ସଂ ୧୦ ଖ୍ୟା

CUTTACK, SATURDAY THE 8th MARCH 1902.
ତା ୨୫ ଶ ଫାଲ୍‌ଗୁନ । ସନ ୧୩୦୯ ସାଲ ଶନିବାର

ଅଗ୍ରିମ ଟ ୩ | ପଶ୍ଚାଦେୟ ଟ ୬୧

## ବିଜ୍ଞାପନ ।

### ନୂତନ ପଞ୍ଜିକା !

ସବାଦ୍ଧ ୧୮୨୪ ସନ ୧୩୦୯ ଓ ୧୩୧୦ ଇଂରାଜୀ ସନ ୧୯୦୨ ଓ ୧୯୦୩ ପୂର୍ବପର ବର୍ଷର ପ୍ରିଣ୍ଟିଂକମ୍ପାନୀଙ୍କଦ୍ୱାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି ।

ବଡ଼ ଟ ୦।
ଛୋଟ ଟ ୦୯୬

ମୋଫସଲ ଜନଙ୍କେ ଡାକମାସୁଲ ଟ ୦/ ଗ୍ରାହକମାନଙ୍କର ରେଲ ବା ଷ୍ଟିମାରଦ୍ୱାରା ନେବାର ସୁବିଧା ଅଛି ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ ।

ଶ୍ରୀ ଗୌରିଶଙ୍କର ରାୟ
ସେକ୍ରେଟରୀ

PUBLIC WORKS DEPARTMENT.

## NOTICE

It is hereby notified that the undermentioned CANALS will be CLOSED for Annual Repairs during the periods specified below:—

The Taldanda and Machgong Canals will be closed from 15th March to 15th April 1902, both days inclusive.

The Kendrapara Canal to Bosepore Lock, Gobri and Gobri Extension Canals, (jagathpur to Alba) from 20th April to 5th May 1902, both days inclusive.

The Kendrapara Canal below Bosepore Lock (Bosepore to Jambu) from 20th April to 20th May 1902, both days inclusive.

The High Level Canal; Ranges I, II and III, and Jajpur Canal, from 20th April to 10th June 1902, but will be opened sooner if there is sufficient water in the rivers.

Cuttack, 12th February 1902 } W. A. INGLISH, *Superintending Engineer, Orissa Circle.*

## NOTICE

Wanted a state Pleader for Mourbhunj State. He will get a salary of Rs. 50 per month, a fee of Rs. 8 per diem in Criminal cases. Conducted on behalf of the state, subject to a maximum of Rs. 32 per case, and the usual fee in Civil cases. None need apply who is not a B. L. and has not practised as a pleader for at least 3 years and does not been a pure character. Preference will be given to one who can read and write Oriya. The selected candidate shall have to enter into an agreement to stick to the post for at least 3 years.

Applications will be received by the undersigned up to the 15th March 1902.

17-2-02 } Mohini Mohan Dhar *State Judge* Mourbhunj.

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଆଗାମୀ ସନ ୧୯୦୨।୧୯୦୩ ମସିହା ନିମନ୍ତେ ଏ ରାଜ୍ୟର ସମସ୍ତ ଅଫିମ, ଗଞ୍ଜେଇ, ମଦ ଓ ତାଡ଼ି ଦୋକାନମାନ ଆସନ୍ତା ମାର୍ଚ୍ଚମାସ ତା ୧୭ ରଖରେ ଓ ସମସ୍ତ ପ୍ରକାର ଜଙ୍ଗଲ ଉତ୍ପନ୍ନ ଜିନସାତ୍‌ମାନଙ୍କର ଠିକାସବୁ,

ତାହାର ହାତୀ, ଗଡ଼ି ଘୋଡ଼ା ଓ ମନ୍ୟାନ୍ୟ ଅସ୍ଥାବର ତତ୍‌ପରବର୍ତ୍ତୀ ତାରିଖମାନଙ୍କରେ ଅତ୍ର ଗଡ଼ ସଦର କଚେରୀଠାରେ ପୂର୍ବାହ୍ନ ଘ ୧୧ ଟା ସମୟରୁ ନିଲାମ କରାଯିବ । ଯେଉଁମାନେ ନିଲାମ ଖରିଦ କରିବାକୁ ଇଚ୍ଛା ସେମାନେ ନିରୂପିତ ତାରିଖରେ ଉପସ୍ଥିତ ହୋଇ ନିଲାମ ଡାକିବେ ।

Manager's Office Dhenkanal. The 28th February 1902 } Jagannath Dutt *Assistant Manager in charge*

## ADVERTESEMENT.

Wanted a Bakshi on Rs. 15 per mensem. None need apply who has not passed the Calcutta university Entrance Examination. Applications with testimonials and certificate of good moral character will be received by the Deputy Commissioner up to 15th March 1902. Applicants should state their age.

Angul Dy. Commissioner's Office Dated the 21st February 1902 } By order Narayan Chandra Naik *Deputy Collector incharge.*

## ADVERTISEMENT.

Four free studentships tenable for a year and reserved for the Entrance Class, Jajpoor H. E. School have fallen vacant. None need apply who is not a student of the Entrance Class of a H. E. School. Applications should state the marks obtained at the late annual examination and in the case of plucked students those obtained at the University Entrance Examination, and should reach the undersigned before 14th Proximo.

Jajpoor 25-2-1902 } Mahendranath Mukerjee *Secretary.*

Digitized by srujanika@gmail.com

## ଉତ୍କଳଦୀପିକା ।

ଏ ସପ୍ତାହରେ ଆସିଥିବା ସରକାରୀ ସମ୍ବାଦରୁ ପ୍ରକାଶ ଯେ ଦୁର୍ଭିକ୍ଷ ସାହାଯ୍ୟ ପାଉବା ବ୍ୟକ୍ତିଙ୍କ ସଂଖ୍ୟା ଅନ୍ତର ଅଧଲକ୍ଷ ବୃଦ୍ଧି ହୋଇ ମୋଟ ସାଢେ ଛଅଲକ୍ଷରୁ ବଳିଯାଇଅଛି । ଏହ ସପ୍ତାହରେ ଅଧଲକ୍ଷ ବଢ଼ିବା ସାମାନ୍ୟ କଥା ନୁହେଁ । ଏଥି ମଧ୍ୟରେ ବୃଷ୍ଟି ହୋଇଥିଲେ କିଛି ଭଲ ହୋଇଥାନ୍ତା । ମାତ୍ର ଗ୍ରୀଷ୍ମ କ୍ରମେ ପ୍ରଖର ହେଉଅଛି । ଏଥିରେ ଲୋକଙ୍କର କଷ୍ଟ ବଢ଼ିବା ଭିନ୍ନ ଉଣା ହେବାର ଆଶା ନାହିଁ ।

ଗତ ଅଷ୍ଟମ ସୁମାରିର ଠିକ ହେସାବ ବାହାରିଅଛି । ଲୋକ ଗଣନାର ପ ୧୫ ଦ ପରେ ଯେଉଁ ହେସାବ ବାହାରିଥିଲା ତଦନୁସାରେ ସମସ୍ତ ଭାରତର ମୋଟ ୨୯,୪୨,୬୬,୭୦୧ ହୋଇଥିଲା । ବର୍ତ୍ତମାନ ଠିକ ହେସାବରେ ହେଲା ୨୯,୪୩,୬୧,୦୫୬ ଏବ ତହିଁମଧ୍ୟରେ ପୁରୁଷ ୧୪,୯୧,୫୩,୨୬୫ ଏବ ସ୍ତ୍ରୀ ୧୪,୪୪,-୦୮,୯୯୧ । ସୁତରାଂ ପ୍ରଥମ କାଗଜ ପ୍ରସ୍ତୁତ କରିବାରେ କେବଳ ୯୬ ହଜାର ଭୁଲ ରହି ଯାଇଥିଲା । ଏଥି ପୂର୍ବ ସନ ୧୮୯୧ ସାଲର ଗଣନାରେ ଠିକ ମୋଟ ହୁଇବର୍ଷ ପରକୁ ବାହାରିଥିଲା ଏବ ପ୍ରଥମ ମୋଟ ସଙ୍ଗେ ପ୍ରାୟ ୧୪ ଲକ୍ଷ ପ୍ରଭେଦ ପଡଥିଲା । ଏଥରର ଠିକ କାଗଜ ଏକ ବର୍ଷ ଭିତରୁ ବାହାରିଥିବା ଏବ ତହିଁରେ ଅଳ୍ପ ପ୍ରଭେଦ ପଡିବା ଏଥରର ସେନସସ କମିଶନର ରିସ୍ଲି ଭଦ୍ର ସାହେବଙ୍କର ଭଲ ପ୍ରଶଂସାର ବିଷୟ ଅଟେ ।

ବଙ୍ଗପ୍ରଦେଶାନ୍ତର୍ଗତ ଜଙ୍ଗଲମାହାଲର ଆୟ ସ ୧୮୯୯ । ୧୯୦୦ ସାଲରେ ୯୪,୯୩, ୭୩୭ ଟଙ୍କାରୁ ସ ୧୯୦୦ । ୧୯୦୧ ସାଲରେ ୯୭, ୬,୭୨୦ ଟଙ୍କା ହୋଇଅଛି ଅର୍ଥାତ ଅଢ଼ାଇଲକ୍ଷରୁ କିଛି ଅଧିକ ବଢ଼ିଅଛି । ଗବର୍ଣ୍ଣମେଣ୍ଟ କହୁଅଛନ୍ତି କି ବଙ୍ଗଳାର କୌଣସି ବିଭାଗର ଜଙ୍ଗଲର ଅଧିକ ବ୍ୟୟ କରିପିବ ନାହିଁ । ମାତ୍ର ଯାଲେମୋଡ଼ ଓ ଅଙ୍ଗୁଲ ଏହି ଦୁଇ ବିଭାଗରେ ଗତ ଦୁଇବର୍ଷ ହେଲା ତ୍ରୁଟି ପଡ଼ୁଅଛି ଅର୍ଥାତ ଆୟରୁ ବ୍ୟୟ ବଳି ଯାଉଅଛି । ବାଟର ଅସୁବିଧା ଏବ ବଡ଼ କାଠର ଅଭାବ ଏଥିର କାରଣ ଅଟେ । ଯାହା ହେଉ ଏହି ଦୁଇ ଜଙ୍ଗଲର ବ୍ୟୟ ପ୍ରକାଶ୍ୟ ବାହାର ତ୍ରୁଟି ଉଣା ପଡଅସୁଅଛି । ଆୟ ଓ ବ୍ୟୟର ସମତା ରକ୍ଷା କରିବାର ଆଉ କିଛି ଉପାୟ ଅଛି କି ନାହିଁ ତାହା ବିବେଚନା କରି ରପୋର୍ଟ କରିବା ସକାଶେ ମାନ୍ୟବର ଲେଫ୍‌ଟନାଣ୍ଟ ଆଦେଶ ଦେଇଅଛନ୍ତି ।

। କ । କଳସମସ୍ତରୁ ସମ୍ବାଦ ପାଇଅଛୁଁ କି ରେଢ଼ାଖୋଲର ରଜା ତୀର୍ଥାଟନ ଉପଲକ୍ଷରେ ଭ୍ରମଣ କରୁଥିବାରୁ ଅପଣାର ଭଗିନୀ ଅର୍ଥାତ୍ କଳସମସ୍ତର ରାଣୀଙ୍କୁ ଦେଖିବା କାରଣ ଗତ ତା ୨୨ ଋଷରେ ଉକ୍ତ ବଙ୍ଗକୁ ଅଗମନ କରିଥିଲେ । କଳସମସ୍ତର ରଜା ଝେଙ୍କାପୁର ଷ୍ଟେସନକୁ ଯାଇ ସେଠାରୁ ରେଢ଼ାଖୋଲାଧିପଙ୍କୁ ମହା ସମାଦରରେ ନିଜ ଗଡ଼କୁ ଆଣି ଦ ୫ ଦ ବିବିଧ ଆମୋଦ ପ୍ରମୋଦରେ ତାହାଙ୍କର ସତ୍କାର କରି ଚତୁର୍ଥଦନ ଅର୍ଥାତ୍ ଗତ ରବିବାର ଦଣ୍ଡରେ ବହୁତ ହସ୍ତୀ ସହିତ ବିଦାୟ କଲେ ଏବ କଳସମସ୍ତାଧିପଙ୍କର କନିଷ୍ଠ ଭ୍ରାତା ଶ୍ରୀ ବାବୁଈଶ୍ୱ ମହାପାତ୍ର ତାହାଙ୍କ ସଙ୍ଗରେ ଝେଙ୍କାପୁରକୁ ଯାଇ ସେଠାରେ ରେଲରେ ବସାଇ ଆସିଥିଲେ । ପୂର୍ବେ ରଜା ରଜାର ଭେଟ ହେବା ବଡ଼ କଠିନ ଅଥବା ଏକପ୍ରକାର ଅସମ୍ଭବ ଥିଲା । ଏଣିକ ଯେଉଁ ରଜାମାନେ ବୃଥା ଅଭିମାନ ପରିତ୍ୟାଗ ପୂର୍ବକ ବନ୍ଧୁତା ସ୍ଥଳେ ସ୍ନେହ ସମତାର ଏ ପ୍ରକାର ପରିଚୟ ଦେଉଅଛନ୍ତି ସେମାନେ ପ୍ରକୃତରେ ଉନ୍ନତ ସ୍ୱଭାବର ଲୋକ ଏବ ସମସ୍ତଙ୍କର ପ୍ରଶଂସା ଭାଜନ ଅଟନ୍ତି ।

ମେଦିନୀପୁର ଜିଲ୍ଲା ଅନ୍ତର୍ଗତ ଚନ୍ଦ୍ରକୋଣାର ବଡ଼ ଅସ୍ତଲର ମହନ୍ତ ଶ୍ରୀଯୁକ୍ତ ଭରତ ରାମାନୁଜ ଦାସ ମହୋଦୟ ମେଦିନୀପୁରର ଶିଳ୍ପକାର ଦ୍ରବ୍ୟର ଉନ୍ନତି କଳ୍ପରେ ବଣିକଶାରଣୀଙ୍କା ଖରଚ କରିବାକୁ ପ୍ରସ୍ତୁତ ଥିବାର ଏଥିପୂର୍ବେ ପାଠକ ମାନଙ୍କୁ ଜଣାଇଥିଲୁଁ । ସମ୍ପ୍ରତି ଆନନ୍ଦ ସହିତ ମେଦିନୀବାନ୍ଧବରେ ପାଠକଲୁଁ କି ମହନ୍ତ ମହୋଦୟ ଏଥି ମଧ୍ୟରେ ଗୋ ୭ ଟା ହସ୍ତିତ ତନ୍ତ୍ର ଅଣାଇଥିଲେ । ସେହି ଉନ୍ନତ ତନ୍ତ୍ରକୁ ଅମ୍ଭେମାନେ ସ୍ଥାନାନ୍ତରରେ ଦୂରଗାମୀ ମାକୁତନ୍ତ୍ରବୋଲି ପରିଚୟ ଦେଇଥିଲୁଁ । ମହନ୍ତ ମହୋଦୟଙ୍କୁ ଏହି ଶୁଭକାର୍ଯ୍ୟ ନିମନ୍ତେ ଅମ୍ଭେମାନେ ଶତ ଶ ଧନ୍ୟବାଦ ଦେଉଅଛୁଁ ଏବ ଏହାନ୍ତ ଆଶା କରୁଁ କି ଏହି ତନ୍ତ୍ରରେ ଲୁଗା ବୁଣିବାର ଉପଯୋଗୀ ଅନ୍ୟାନ୍ୟ ଦାଉଲେମାନ ଅଣାଇ ତାହାଙ୍କର ସାଧୁ ସଙ୍କଳ୍ପ ପୂର୍ଣ୍ଣ କରିବେ । ମହନ୍ତମାନଙ୍କର ଉଦ୍ବର୍ତ୍ତ ଧନ ଲୋକହିତକାର୍ଯ୍ୟରେ ବ୍ୟୟ ହେବା ଉଚିତ । ବଡଅସ୍ତଲର ମହନ୍ତଙ୍କର ଉଦାହରଣରେ ଅନ୍ୟାନ୍ୟ ମହନ୍ତମାନେ ସ୍ୱଦେଶ ହିତକାର୍ଯ୍ୟ ପ୍ରତି ମନୋଯୋଗୀ ହେବେ ଏହାଇ ଅମ୍ଭମାନଙ୍କର କାମନା ।

ଜଣେ ପଶ୍ଚିମା ବ୍ରାହ୍ମଣ ଏ ଜିଲ୍ଲାର ମୋହସଲରେ ବୁଲି ଅପଣାକୁ ଶ୍ରୀ ବୈଦ୍ୟନାଥଙ୍କର ପଣ୍ଡା ଓ ତାଙ୍କ ପ୍ରସାଦରେ ଭୂତ ଓ ଭବିଷ୍ୟତ ଜାଣନ୍ତି ବୋଲି ପ୍ରକାଶ କରି ଅର୍ଥସଣେ ଉପାର୍ଜ୍ଜନ କରୁଅଛି । କୌଣସି ଲୋକର ମୁଣ୍ଡକୁ ଅନାଇ ତାହାର ନାମ କହୁଅଛି ଓ ତାହାର କର ରେଖା ଦେଖି ତାହା ଗ୍ରାମର ନାମ ଓ ଓ ବୃଦ୍ଧକାଳର ଦୁଇ ଗୋଟି ଘଟଣା ଆଦ କଥା କହୁଅଛି ଯେ ସବୁ ଠିକ ଥିବାର ସେ ଲୋକ ସ୍ୱୀକାର କଲେ ଭବିଷ୍ୟତରେ ତାହାର ଉଣ୍ଡ଼ା ଅଛି ଅପଦ ଥିବା ଓ ବାବା ବୈଦ୍ୟନାଥଙ୍କର ପୂଜା କଲେ ତାହା ଖଣ୍ଡନ ହୋଇଯିବାର ଓ ଅସୁହିଲୁଙ୍କୁ ସୁଝ ଲାଭ ହେବାର କହି ପୂଜା ଖର୍ଚ୍ଚ ଉକ୍ତମ ରୂପ ୮ ୧ ମଧ୍ୟମ ଟ ୬ ଓ ନିକୃଷ୍ଟ ଟ ୩ ମାଗୁଅଛି । ଭୂଇଁଆର ଜଣିଷ୍ଟୁ ଲୋକେ ତାହା କଥାରେ ବିଶ୍ୱାସ କରି ସ୍ୱ ସ୍ୱ ଅବସ୍ଥାନୁସାରେ ଉପଯୁକ୍ତ ଦରରେ ପୂଜା ଖର୍ଚ୍ଚ ତାକୁ ଦେଉଅଛନ୍ତି ମାତ୍ର ବହୁଲୋକ ତାହା କଥାରେ ଭୁଲୁ ନାହାନ୍ତି । ନିକଟରେ ସେ ବ୍ରାହ୍ମଣ ଏ ଜିଲ୍ଲାର ଲୁଅଁଶାଳ ମାହାଙ୍ଗା ଗ୍ରାମରୁ ଟ ୮୦ ଟଙ୍କା ପର୍ଯ୍ୟନ୍ତ ନେଇ ଯିବାର ଶୁଣୁଅଛୁଁ । ଭୂଇଁଆଙ୍କରେ କେତେ ଅନିଷ୍ଟ ଓ ତାହା ହେବେ ଏ ଦେଶରୁ ଦୂରଭୂତ ହେବ !

### ବଙ୍ଗର ଲବଣ ବ୍ୟବସାୟ ।

ବଙ୍ଗ ପ୍ରଦେଶରେ ଲବଣ ପ୍ରସ୍ତୁତ ହେବାର ବହୁକାଳରୁ ଉଠି ଯାଇଅଛି । ଓଡିଶାରେ ଯାହା ସାମାନ୍ୟରେ ହେଉଥିଲା ତାହା ମଧ୍ୟ ଭିନ ବର୍ଷ ହେଲା ବନ୍ଦ ଅଛି । ବର୍ତ୍ତମାନ ଅନ୍ୟାନ୍ୟ ରାଜ୍ୟରୁ ଆସିବା ଲବଣଦ୍ୱାରା ବଙ୍ଗଳାର କର୍ଯ୍ୟ ହେଉଅଛି । ଅଧିକାଂଶ ଲବଣ ସମୁଦ୍ର ବାଟେ ପ୍ରଧାନତଃ କଲିକତା ବନ୍ଦରକୁ ଓ କେତେକ ଚଟ୍ଟଗ୍ରାମକୁ ଆମଦାନି ହୁଏ । ମାନ୍ଦ୍ରାଜ ଓ କଲିକତା ମଧ୍ୟରେ ରେଲ ବାଟ ପିଟିବାରୁ ସେ ବାଟରେ ମଧ୍ୟ କେତେକ ଲବଣ ଆସୁଅଛି । ଗତ ଏବ ତହିଁ ପୂର୍ବ ବର୍ଷ ସମୁଦ୍ର ବାଟେ ଭିନ୍ନ ସ୍ଥାନରୁ ଆସିଥିବା ଲବଣର ପରିମାଣ ନିମ୍ନେ ଲେଖାଗଲା । ଯଥା;—

| ଯେଉଁ ଦେଶରୁ | ସନ ୧୮୯୯।୧୯୦୦ ମହଣ | ସନ ୧୯୦୦।୧୯୦୧ ମହଣ |
|---|---|---|
| ଇଂଲଣ୍ଡ | ୬୧,୨୩,୭୩୧ | ୫୪,୧୩,୬୫୭ |
| ଜର୍ମାନୀ | ୧୪,୧୨,୨୫୦ | ୭,୯୪,[illegible] |
| ଆରବ | ୨୭,୩୬,୫୬୪ | ୩୦,୨୪,୮୧୭ |
| ମାନ୍ଦ୍ରାଜ | ୪୧,୦୬୪ | ୮୪୭ |
| ବମ୍ବେଇ | ୫,୧୯,୦୬୧ | ୫,୫୭,୭୦୫ |
| | ୧,୦୭,୩୨,୬୭୦ | ୮୯,୯୭,୩୦୫ |

ପୂର୍ବବର୍ଷର ଲୁଣ ବହୁତ ଜମା ଥିବାରୁ ଗତ ବର୍ଷରେ ଆମଦାନି ଉଣା ପଡଥିଲେହେଁ କଲିକତା ନିଲାମରେ ଲୁଣ ବ ସହରର ଖରଚ ସର୍ବାପେକ୍ଷା ଅଧିକ ଥିଲା ତାହା ମୂଲ୍ୟ ବୃଦ୍ଧି ଏବ ଭଡା ଜାହାଜ ମିଳିବାର କଷ୍ଟ ହେତୁ ଉଣା ପଡିଅଛି । ତଥାପି ଅନ୍ୟାନ୍ୟ ସ୍ଥାନରୁ ଯେତେ ଲୁଣ ଆସିଅଛି ଏକା ଇଂଲଣ୍ଡରୁ ତେତିକ ଆସିଅଛି । ଲିଭରପୋଲ ରେଲବାଟେ ଓଡିଶାକୁ

Split by PDF Splitter
Digitized by srujanika@gmail.com

Split by PDF Splitter



ମାନ୍ଦ୍ରାଜ ଲୁଣ ଅସୁଥିବାରୁ ସମୁଦ୍ର ବାଟେ ତହିଁର ଆମଦାନି ଊଣା ପଡ଼ୁଅଛି। ବଙ୍ଗଳାର କେତେ ସ୍ଥାନର ଲୋକମାନେ ବମ୍ବେଇ ଲୁଣକୁ ସୁଖ ପାଇବାରୁ ତହିଁର ଆମଦାନି ବଢ଼ିବା ଉପରେ ଅଛି।

କଲିକତାରୁ ବାଲେଶ୍ୱର ଓ ଚାନ୍ଦବାଲି ବାଟେ ଓଡ଼ିଶାକୁ ଲୁଣ ଅସିବାର କ୍ରମେ ଊଣା ପଡ଼ୁଅଛି। ଗତ ବର୍ଷ କେବଳ ମ ୮୪,୩୧୦- ମଣ ମାତ୍ର ତହିଁ ପୂର୍ବ ବର୍ଷ ଏକ ଲକ୍ଷ ବାର ହଜାର ମହଣ ଅସିଥିଲା। ସମ୍ପ୍ରତି ଓଡ଼ିଶାର ସକଳ ଜିଲ୍ଲାରେ ମାନ୍ଦ୍ରାଜ ପ୍ରଦେଶାନ୍ତର୍ଗତ ଗଞ୍ଜାମ, ନାଉପଡ଼ା, କୋକନଦା ପ୍ରଭୃତିର ଲୁଣ ଖରଚ ହେଉଅଛି। ଗତ ବର୍ଷ ତହିଁ ପୂର୍ବ ବର୍ଷଠାରୁ ପ୍ରାୟ ଏକ ଲକ୍ଷ ମହଣ ଅଧିକା ଅର୍ଥାତ୍ ମ ୬,୧୨,୯୧୮ ମଣ ଲୁଣ ଅସିଥିଲା ଏବଂ ତହିଁ ମଧ୍ୟରୁ ଏକା କଟକକୁ ୪ ଲକ୍ଷ ମହଣ ଅସିଥିଲା। ପୁରୀରେ ଚିଲିକା ଲୁଣ ଅଳ୍ପ ମୂଲ୍ୟରେ ବିକ୍ରୟ ହେଉଥିବାରୁ ଗଞ୍ଜାମ ଲୁଣର ଖରଚ ମଧ୍ୟ ଊଣା ପଡ଼ୁଅଛି।

ଗତ ବର୍ଷ ଲୁଣର ଦର ତହିଁ ପୂର୍ବ ବର୍ଷଠାରୁ କମ ଅର୍ଥାତ୍ ମହଣ ପ୍ରତି ଟ ୦ / ଅଧିକ ଥିଲା। ବଙ୍ଗଳା ଲୁଣର ଦର ବରଂ ତହିଁର ଅଧିକ ଥିଲା। ଏହି ଅଳ୍ପ ପ୍ରଭେଦ ଧର୍ତ୍ତବ୍ୟ ନୁହେ ଏବଂ ତହିଁରେ ଜଣ ପ୍ରତି ଲୁଣ ଖରଚର ତାରତମ୍ୟ ଘଟି ନାହିଁ। ପୂର୍ବ ବର୍ଷ ପରି ଗତ ବର୍ଷ ମଧ୍ୟ ଲୁଣା ସ୍ଥାନମାନଙ୍କରେ ଜଣ ପ୍ରତି ବାର୍ଷିକ ଖରଚ ସେ ୬୮ ଏବଂ ଅନ୍ୟ ସ୍ଥାନମାନଙ୍କରେ ସେ * ର ପଡ଼ିଥିଲା। ଲୁଣା ସ୍ଥାନ ବା ନଳକଟିରେ ଅନାୟାସରେ ଲୁଣ ପାଇବାର ସୁବିଧା ଥିବା ପ୍ରତ୍ୟକ୍ଷେ ସେ ଅଞ୍ଚଳର ଲୋକମାନେ ସ୍ୱଜ୍ୟର ମଧ୍ୟର ଭାଗଠାରୁ ଅଧିକ ଲୁଣ ବ୍ୟବହାର କରିବାଦ୍ୱାରା ଜଣା ଯାଉଅଛି ଯେ ଖେଳ ଲୁଣର ଜାଇବାର ବିଶେଷ ନାହିଁ ଏବଂ ସେ ଅଞ୍ଚଳର ଗରିବ ଲୋକେ କେବଳ ଲୁଣ ଲଗାଇ ଭାତ ଖାନ୍ତି। ଏପରି ଲୋକଙ୍କ ପକ୍ଷରେ ଲବଣ ଟିକସ ଊଣା କରିବା ଉଚିତ ନୁହେ କି?

---

## ଭାରତର ଦାରିଦ୍ର୍ୟ।

ଭାରତର ଦାରିଦ୍ର୍ୟ ସମ୍ବନ୍ଧରେ ପଞ୍ଜାବର ଭୂତପୂର୍ବ ଅର୍ଥ କମିଶନର ଶ୍ରୀଯୁକ୍ତ ଥରବର୍ଣ୍ଣ ସାହେବ କଲିକତାର ଗୋଟିଏ ସମିତିର ସମ୍ମୁଖରେ ଏକ ବକ୍ତୃତା ପ୍ରଦାନ କରିଥିଲେ। ଏହି ପ୍ରସଙ୍ଗରେ ଶ୍ରୀଯୁକ୍ତ ଦିଗବ, ଶ୍ରୀଯୁକ୍ତ ଦାଦା ଭାଇ ନଉରୋଜି ଓ ଶ୍ରୀଯୁକ୍ତ ରମେଶଚନ୍ଦ୍ର ଦତ୍ତ ସାହେବମାନେ ବିଲାତର ଲୋକଙ୍କୁ ଯାହା ପୁନଃ ପୁନଃ ବୁଝାଇଅଛନ୍ତି ଶ୍ରୀଯୁକ୍ତ ଥରବର୍ଣ୍ଣ ସାହେବ ତାହା ଏକାବେଳେ ଅସ୍ୱୀକାର କରି ନାହାନ୍ତି, ମାତ୍ର ତହିଁର ଦୁର୍ବଳତା ଉପେକ୍ଷା ପୂର୍ବକ ତଦପେକ୍ଷା ଗୁରୁତର କାରଣ ଦେଖାଇଅଛନ୍ତି। ସେ କହନ୍ତି କି ସେମାନେ ୪ଗୋଟି କାରଣ ଦର୍ଶାଇଅଛନ୍ତି। ଯଥା—

୧ମ—ପ୍ରତିବର୍ଷ ଭାରତରୁ ଅନେକ ଧନ ବେତନ, ପେନସନ, ସୁଦ ଇତ୍ୟାଦି ଆକାରରେ ବିଲାତକୁ ବାହାରି ଯିବା; ୨ୟ—ଖଜଣା ନାମରେ ଭୂମିର ଉତ୍ପନ୍ନର ଅତିରିକ୍ତ ଅଂଶ ଗ୍ରହଣ ଏବଂ କଠୋରରୂପେ ତାହା ଆଦାୟ କରିବା; ୩ୟ—ବାଣିଜ୍ୟ ସମ୍ବନ୍ଧୀୟ ନୀତିଦ୍ୱାରା ଭାରତବାସିଙ୍କର ଶିଳ୍ପ ଓ ବ୍ୟବସାୟରେ ଅଯଥା ହସ୍ତକ୍ଷେପ କରିବା ଏବଂ ୪ର୍ଥ—ଯୋଗ୍ୟ ଭାରତବାସିଙ୍କୁ ଉଚ୍ଚତର ରାଜକାର୍ଯ୍ୟରୁ ଅନ୍ତର ରଖିବା। ଏଥିକୁ ଥରବର୍ଣ୍ଣ ସାହେବ କହନ୍ତି ଅନେକ ଟଙ୍କା ବିଲାତକୁ ବାହାରି ଯିବା ଯଥାର୍ଥ ହେଲେହେଁ ତାହା ଅନିବାର୍ଯ୍ୟ କାରଣ ତାହା ବିଲାତର ଶାସନ ଲାଭ କରିବାର ମୂଲ୍ୟ ଅଟେ। ଖଜଣା ବା ରାଜସ୍ୱ ଅତ୍ୟନ୍ତ ଅଧିକ ନୁହେ ମାତ୍ର ତାହା କଠୋରରୂପେ ଆଦାୟ ହେବା ଲୋକଙ୍କୁ ବାଧୁଅଛି। ବାଣିଜ୍ୟ ବ୍ୟବସାୟରେ ବିଲାତ ପୂର୍ବେ ନିତାନ୍ତ ଅସ୍ୱାର୍ଥୀ ଥିଲା ମାତ୍ର ବର୍ତ୍ତମାନକୁ ସ୍ୱାର୍ଥପର ପ୍ରବୃତ୍ତି ବଢ଼ିବାର ଦେଖା ଯାଉଅଛି। ଉଚ୍ଚ ରାଜକାର୍ଯ୍ୟରେ ବିଲାତ ଲୋକଙ୍କୁ ଅଗ୍ରଗଣ୍ୟ କରିବାର ଏହି କାରଣ ସେ ଦର୍ଶାଇଅଛନ୍ତି ଯେ ଦେଶୀୟ ଶିକ୍ଷିତ ବ୍ୟକ୍ତିମାନେ ବିଚାର କାର୍ଯ୍ୟରେ ଯେପରି ନିପୁଣ ଶାସନ କାର୍ଯ୍ୟରେ ସେପରି ନୁହନ୍ତି। ମାତ୍ର ଏ ସମସ୍ତ ଗୋଟିଏ ଅଥବା ସମଷ୍ଟିରେ ଭାରତର ପ୍ରଜାକୁଳର ଦରିଦ୍ରତାର ପ୍ରବଳ କାରଣ ନୁହନ୍ତି। ତାହାଙ୍କ ମତରେ ଦରିଦ୍ରତାର ମୂଳ କାରଣ ବିଲାତର ଶାସନପ୍ରଣାଳୀ ଏବଂ ତାହା ସେ ଅତି ସୁନ୍ଦରରୂପେ ବର୍ଣ୍ଣନା କରିଅଛନ୍ତି। ତହିଁର ସଂକ୍ଷେପ ମର୍ମ ଏହି କି ସରକାର ଗ୍ରାମର ପ୍ରତ୍ୟେକ ପ୍ରକାର ଜମିର ସୀମା ଓ ଖଜଣା ନିରୂପଣ କରି ଏକ ଜଣର ସମ୍ପତ୍ତି କରିଦେଲେ ଏବଂ ତଦ୍ୱାରା ତାହାର ବନ୍ଧକ ଏବଂ ଋଣ କରିବାର ସୁବିଧା ବଢ଼ିଲା। ଖଜଣା ଦେବା ଅଥବା ଅନ୍ୟ ବ୍ୟୟ ସକାଶେ ଋଣ ଖୋଜିଲେ ଏବଂ ଗ୍ରାମର ସାମାନ୍ୟ ତେଲ ଗୁଡ଼ ପ୍ରଭୃତି ଦୋକାନିମାନେ ମହାଜନ ହୋଇ ଏମନ୍ତ ଉଚ୍ଚ ଦରରେ ସୁଧ ଲଗାଇଲେ ଯେ ଏକବର୍ଷ ବା ତିନିବର୍ଷରେ ଆସଲକୁ ସୁଧ ସମ ହୋଇଗଲା। ଅତଏବ ଏପରି ହେଲା ଯେ ଛୋଟ ବଡ଼ ସକଳ ଶ୍ରେଣୀର ଲୋକ ଋଣୀ ହୋଇଗଲେ ଏବଂ ବିଲାତର ଆଦର୍ଶରେ ଅଦାଲତମାନ ଗଠିତ ହୋଇ ଏପରି ଭାବରେ ବିଚାର ହେଲା ଯେମନ୍ତ କି ଭାରତର ମୂର୍ଖଲୋକମାନେ ବିଲାତର ବଣିକ ବ୍ୟବସାୟୀଙ୍କ ସଙ୍ଗେ ସମାନ। କ୍ରମେ ବିଲାତ ପରି ଉକିଲ ମୁକ୍ତାର ଟଉଟ ପ୍ରଭୃତିଙ୍କର ଦଳ ବଢ଼ିଲା ଏବଂ ଯେତେ ସୁଦର ଦାବିରେ ନାଲିସ ହେଲା ଅନାୟାସରେ ଡିକ୍ରୀ ହେଲା। ବିଚାରପତିର ଆସନରେ ଅନେକ ଟଙ୍କା ମହାଜନ କରିବା ଲୋକଙ୍କର ସମ୍ପର୍କୀୟ ବ୍ୟକ୍ତିମାନେ ବସିଲେ ଏବଂ ମାମଲା ଚଲାଇବାରୁ ତରଫର ଫଏସଲ କଲେ। ପ୍ରତି ଦୁର୍ଭିକ୍ଷରେ ପ୍ରଜାର କଷ୍ଟ ସଙ୍ଗେ ସଙ୍ଗେ ଋଣର ପରିମାଣ ବଢ଼ିଲା ଏବଂ ସୁଧ ଦ୍ରୁତବେଗରେ ବଢ଼ିଲା। ଏକ କଥାରେ ଥରବର୍ଣ୍ଣ ସାହେବଙ୍କର ବକ୍ତୃତାର ମର୍ମ ଏହି କି ଦେଶ କାଳ ପାତ୍ର ମାତ୍ର ବିଚାର ନ କରି ଶାସନ ପଦ୍ଧତି ଭାରତରେ ପ୍ରଚଳିତ କରିବା ଏବଂ ଏଠାର ପଦ୍ଧତିକୁ ଏକାବେଳେ ରହିତ କରିବା ହେତୁରୁ ଭାରତର ବର୍ତ୍ତମାନ ଦୁର୍ଦ୍ଦଶା ଉପସ୍ଥିତ ହୋଇଅଛି। ଶେଷରେ ସେ କହିଅଛନ୍ତି କି ତାଙ୍କର ଧନ ଯେମନ୍ତ ବେଗରେ ମହାଜନ ଓ ବଡ଼ଲୋକଙ୍କ ହାତକୁ ଯାଇ ଜମା ହେଉଅଛି ତହିଁରୁ ଅନୁମାନ ହୁଅଇ ଯେ ଆଉ ପଚିଶ ବର୍ଷ ବା କିଛି ଅଧିକ ଦିନରେ ସେମାନଙ୍କର ବଂଶ ରହିବ ନାହିଁ। ଥରବର୍ଣ୍ଣଙ୍କର କଥା ଯେ ଅନେକ ପରିମାଣରେ ସତ୍ୟ ଏହା କିଏ ସ୍ୱୀକାର ନ କରିବ? ଶାସନକର୍ତ୍ତାମାନେ ଏଥିର ବିଚାର କରନ୍ତୁ ଏହି ଅସ୍ମମାନଙ୍କର ପ୍ରାର୍ଥନା।

---

## ଦୂରଗାମୀ ମାକୁଯନ୍ତ୍ର।

ଏ ପ୍ରଦେଶରେ ବର୍ତ୍ତମାନ ଯେଉଁ ଯନ୍ତ୍ରରେ ତନ୍ତୀମାନେ ଲୁଗା ବୁଣନ୍ତି ତହିଁରେ ହାତପାଖରୁ ମାକୁ ଚଲାଇବାରେ ଅଧିକ ପରିଶ୍ରମ ହୁଅଇ ଏବଂ ଅଧିକ ସମୟ ଲାଗେ। ଏହି ପରିଶ୍ରମ ଏବଂ ସମୟ ଲାଘବ କରିବା କାରଣ ଦୂରଗାମୀ ମାକୁ ଯନ୍ତ୍ର ନିର୍ମିତ ହୋଇଅଛି ଏବଂ ତଦ୍ୱାରା ପ୍ରଚଳିତ ଯନ୍ତ୍ରଠାରୁ ଦେଢ଼ା ବା ଦ୍ୱିଗୁଣ କାର୍ଯ୍ୟ ହେଉଅଛି। ଏ ନଗରର ଗତ ପ୍ରଦର୍ଶନୀରେ ଏହି ଯନ୍ତ୍ର ଏବଂ ତହିଁରେ ଲୁଗା ବୁଣିବାର ଧାରା ପ୍ରଦର୍ଶିତ ହୋଇଥିଲା। ସୁତରାଂ ତହିଁର ଅଧିକ ପରିଚୟ ଦେବାର ପ୍ରୟୋଜନ ନାହିଁ। ଏ ଜିଲ୍ଲାର ତନ୍ତୀମାନଙ୍କୁ ଏହି ଯନ୍ତ୍ର ଯୋଗେ ଲୁଗାବୁଣା ଶିକ୍ଷା ଦେବାକୁ ଏଠା ଗୋଟିଏ ବୋର୍ଡ଼ ପ୍ରସ୍ତୁତ ହୋଇ ନିମ୍ନଲିଖିତ ବିଜ୍ଞାପନ ପ୍ରଚାର କରିଥିବାରୁ ସର୍ବସାଧାରଣଙ୍କର ଗୋଚରାର୍ଥେ ଏଠାରେ ପ୍ରକାଶ କଲୁଁ ଯଥା—

## ବିଜ୍ଞାପନ।

୧। ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କର ଆଦେଶ ଅନୁସାରେ ଅତ୍ର ଡିଷ୍ଟ୍ରିକ୍ଟ ବୋର୍ଡ଼ଙ୍କ ଖର୍ଚ୍ଚରେ ଦୂରଗାମୀ ମାକୁ ଯନ୍ତ୍ରଦ୍ୱାରା ଲୁଗାବୁଣିବା ଓ ଉକ୍ତ ଯନ୍ତ୍ର ତିଆରି କରିବା କାର୍ଯ୍ୟ ଶିଖିବା ନିମନ୍ତେ

Digitized by srujanika@gmail.com

ଦୁଇଜଣ ତନ୍ତୀ ଓ ଏକଜଣ ବଢେଇ ଶ୍ରୀରାମପୁରକୁ ଯାଇଥିଲେ ।

୨ । ବର୍ତ୍ତମାନ ଏଠାକାର ଡିଷ୍ଟ୍ରିକ୍ଟ ବୋର୍ଡ଼ ଶ୍ରୀରାମପୁରଠାରୁ ଏକଗୋଟା ତନ୍ତ ଅଣାଇ ଦେଇଛି, ତନ୍ତୀମାନଙ୍କଦ୍ୱାରା କଲେକ୍ଟରକଚେରୀ ହତାମଧ୍ୟସ୍ଥ ଡିଷ୍ଟ୍ରିକ୍ଟ ବୋର୍ଡ଼ ଅଫିସ ସମ୍ମୁଖରେ ଲୁଗାବୁଣା କାର୍ଯ୍ୟ କରାଉଅଛନ୍ତି ।

୩ । ଏଜିଲ୍ଲାର ଦେଶୀୟ ତନ୍ତୀମାନେ ଯେଉଁମାନେ ନୂତନ ଢଙ୍ଗରେ କାର୍ଯ୍ୟ ଶିଖିବାକୁ ଇଚ୍ଛା କରନ୍ତି ସେମାନେ ଏଠାରେ ଉପସ୍ଥିତ ହୋଇ ଡିଷ୍ଟ୍ରିକ୍ଟ ବୋର୍ଡ଼ କର୍ତ୍ତୃପକ୍ଷଙ୍କ ନିକଟ ଦରଖାସ୍ତ କଲେ ବିନାଖର୍ଚ୍ଚରେ କାର୍ଯ୍ୟ ଶିକ୍ଷା କରିପାରିବେ ଓ ମଧ୍ୟ ସାଧାରଣ ଦେଶୀ ତନ୍ତ ଅପେକ୍ଷା ସେହି ସମୟମଧ୍ୟରେ ଦ୍ୱିଗୁଣ କାର୍ଯ୍ୟ କରିପାରିବେ । ସେହିପରି କେହିଁଜଣ ବଢେଇ ତନ୍ତ ତିଆରି କରିବା କାର୍ଯ୍ୟ ଶିକ୍ଷା କରିବାକୁ ଇଚ୍ଛା କରୁଥିଲେ ସେ ଏଠାରେ ଉପସ୍ଥିତ ହେଲେ ବିନା ଖର୍ଚ୍ଚରେ ତନ୍ତ ତିଆରି କରିବାର କାର୍ଯ୍ୟ ଶିଖିପାରିବ ।

୪ । ସମସ୍ତ ଜମିଦାର ଓ ବଡ଼ଲୋକମାନଙ୍କୁ ଅନୁରୋଧ କରାଯାଉଅଛି ଯେ ସେମାନଙ୍କ ଜମିଦାରୀ ଓ ଗ୍ରାମରେ ଥିବା ତନ୍ତୀ ଓ ବଢେଇମାନଙ୍କୁ ଲୁଗାବୁଣା ଓ ତନ୍ତ ତିଆରି କରିବା କାର୍ଯ୍ୟ ଏଠାରୁ ଆସି ଶିକ୍ଷା କରିବା ନିମନ୍ତେ ବୁଝାଇଦେବେ ଓ ତଦ୍ଦ୍ୱାରା ସେମାନଙ୍କ ପ୍ରଜାମାନଙ୍କର ଅବସ୍ଥା ଉନ୍ନତ କରିବେ ।

କଟକ
ଡିଃ ବୋର୍ଡ଼ ଅଫିସ
ତା ୨୮।୨।୧୯୦୬ } J. C. Chund. Vice Chairman.

ଆମ୍ଭେମାନେ ଏହାକୁ ଆଶା କରୁଁ ଯେ ଏଠାକାର ବୋର୍ଡ଼ଙ୍କ ଅନୁରୋଧ ରକ୍ଷା କରିବାକୁ ଜମିଦାର ଏବଂ ବଡଲୋକମାନେ ନିଜ ନିଜ ଶକ୍ତି ଅନୁସାରେ ଅଗ୍ରସର ହେବେ । ସମସ୍ତ ପ୍ରକାର ଶ୍ରମକାରିଙ୍କ ମଧ୍ୟରେ ତନ୍ତୀଙ୍କର ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ଅଳ୍ପକଷ୍ଟ ଉପସ୍ଥିତ ହେଲେ ପ୍ରଥମେ ସେହିମାନଙ୍କୁ ବାଧେ କାରଣ ସେମାନଙ୍କର ପରିଶ୍ରମ ଯେତେ ଆୟ ତେତେ ନୁହେ ଅତଏବ ସେମାନେ ସାହାଯ୍ୟ ପାଇବାର ଉପଯୁକ୍ତ ପାତ୍ର ଅଟନ୍ତି । ସେମାନଙ୍କର ଦୁର୍ଦ୍ଦଶା ମୋଚନର ଗୋଟିଏ ଉପାୟ ସରକାର ବାହାର କରୁଅଛନ୍ତି । ମାତ୍ର ଜନସାଧାରଣଙ୍କର ଯୋଗ ବିନା ଏହା ସରକାର ସବୁ କରି ନ ପାରନ୍ତି । ଆମ୍ଭେମାନେ ଜାଣୁ ଯେ ଏ ଜିଲ୍ଲାର କେତେକଣ ବଡ଼ ବଡ଼ ଜମିଦାରଙ୍କ ଏଲକାରେ ଅନେକ ତନ୍ତି ବାସ କରନ୍ତି ଏବଂ ଲୁଗାବୁଣା ସେମାନଙ୍କର ଏକମାତ୍ର ବ୍ୟବସାୟ । ସେହି ଜମିଦାରମାନେ ନିଜ ନିଜ ପ୍ରଜାଙ୍କୁ ଏହି ନୂତନ ତନ୍ତରେ ଲୁଗାବୁଣା ଶିଖିବା କାରଣ ପ୍ରବର୍ତ୍ତାଇଲେ ଏବଂ ଗୋଟିଏ ତନ୍ତ କିଣିଦେଲେ ତହିଁରେ ଅଧିକ ବ୍ୟୟ ହେବ ନାହିଁ ଅଥଚ ତନ୍ତୀ ପ୍ରଜାଙ୍କର ବିଶେଷ ଉପକାର ହେବ । ପ୍ରଜାର ଉନ୍ନତି ସାଧନ ଜମିଦାରର ପ୍ରଧାନ କର୍ତ୍ତବ୍ୟ ଏବଂ ତହିଁରେ ନୈତିକ ଓ ପାରତ୍ରିକ ଉଭୟ ଲାଭ ଅଛି ଏହା ବୋଲିବା ବାହୁଲ୍ୟ ଅଟେ ।

---

### ଢେଙ୍କାନାଳ ରାଜାଙ୍କର ବିବାହ ।

ଢେଙ୍କାନାଳର ବର୍ତ୍ତମାନ ନାବାଳକ ରାଜା ଶ୍ରୀ ସୁରପ୍ରତାପ ନରେନ୍ଦ୍ର ବାହାଦୁର ଆପଣାର ଅଭିଭାବକ ବନ୍ଧୁ ମିତ୍ରବର୍ଗ ଏବଂ ନଗର ମାନେଜର, ଇଞ୍ଜିନିୟର, ଡାକ୍ତର ଏବଂ ଅନ୍ୟାନ୍ୟ ପ୍ରଧାନ କର୍ମଚାରୀ ସହ ବିବିଧ ଯାନବାହାନ ନୃତ୍ୟ ବାଦ୍ୟ ପ୍ରଭୃତି ସମାରୋହରେ ଗତ ଫେବ୍ରୁୟାରି ମାସ ତା ୨୦ ରିଖ ଗୁରୁବାର ନିଜଗଡ଼ରୁ ଯାତ୍ରା କରି ତା ୨୨ ରିଖ ଶନିବାର ଟାଙ୍ଗି ଅଥବା କପିଲାସ ରୋଡ଼ ଷ୍ଟେସନଠାରେ ପୂର୍ବରୁ ଭଡ଼ା ହୋଇଥିବା ଖାସ ରେଲଗାଡ଼ିରେ ଆରୋହଣ କଲେ । ପ୍ରାୟ ମଧ୍ୟାହ୍ନ ସମୟରେ ରେଲଗାଡ଼ି ପ୍ରସ୍ଥାନ କରି ଖଡ଼୍‌ଗପୁରଠାରେ ଘ ୪ ଘା ବିଶ୍ରାମାନ୍ତେ ରବିବାର ପ୍ରାତଃକାଳରେ ହିଜ୍ଲି ଷ୍ଟେସନଠାରେ ପହୁଞ୍ଚିଲେ । ଟାଙ୍ଗିଠାରୁ ହିଜ୍ଲି ମା ୧୬୦ ମାଇଲ ଏବଂ ହିଜ୍ଲିଠାରୁ ସତ୍ତେଇକଳା ସଡ଼କ ମା ୨ ମାଇଲ ଅଟେ । ହିଜ୍ଲି ନିକଟରେ ମଧ୍ୟାହ୍ନକ୍ରିୟା ସମାପନାନ୍ତେ ବର ରାଜା ଦଳ ସହିତ ବଳେଜକର ଗଣି ପ୍ରାୟ ଘ ୯ ଘା ସମୟରେ ଗଡ଼ଠାରେ ପ୍ରବେଶ ହେଲେ । ସତ୍ତେଇକଳାର ରାଜା ସସମାରୋହରେ ପ୍ରାୟ ଏକମାଇଲ ବାଟକୁ ବର ରାଜାଙ୍କୁ ଯଥାବିଧିରେ ବରଣ କରି ନିଜ ପ୍ରାସାଦକୁ ନେଇଗଲେ ଏବଂ ସେ ସମ୍ପୃକ୍ତ କ୍ରିୟା ଶେଷ ହେଲାରୁ ବରଯାତ୍ରୀ ଆପଣା ଡେରାକୁ ଆସି ବିଶ୍ରାମ କଲେ । ସୋମବାର ରାତ୍ରି ଘ ୧୧ ଘା ଲଗ୍ନରୁ ବରରାଜା ଶୁଭପରିଣୟାର୍ଥେ ମହା ସମାରୋହରେ ଯାତ୍ରା କଲେ । ସେ ସମୟର ରୋସନାଇ ବାଣ ଇତ୍ୟାଦି ବଡ଼ ଚମତ୍କାର ହୋଇଥିଲା ଏବଂ ୨୦ କ୍ରୋଶ ଦୂରରୁ ଏତେ ଲୋକ ଦେଖିବାକୁ ଆସିଥିଲେ ଯେ ଭିଡ଼ରେ ବାଟ ଚାଲିବା କଷ୍ଟକର ହୋଇଥିଲା । କଟକର କାରିଗରମାନେ ଫୁଲ ଫାନୁସ ଇତ୍ୟାଦି ରୋସନାଇ ପ୍ରସ୍ତୁତ କରିଥିଲେ ଏବଂ କଲିକତାରୁ ବାଣଲୋକ ଆସିଥିଲେ । ବାଣ ମଧ୍ୟ କଟକ ଓ କଲିକତାର କାରିଗରମାନେ ପ୍ରସ୍ତୁତ କରି ଉଭୟ ଦେଖାଇ ଥିଲେ ମାତ୍ର ତହିଁରେ କଲିକତା ବାଣର ଉତ୍କୃଷ୍ଟତା ଦେଖାଗଲା ନାହିଁ । ରୋସନାଇ ଓ ବାଣ ବିଷୟରେ କଟକର କାରିଗରଙ୍କ ନିପୁଣତାକୁ ସମସ୍ତେ ପ୍ରଶଂସା କଲେ । ନାଚ ମଧ୍ୟରେ ଦୁଇଦଳ ବାଇ ଏବଂ ଛଅ ଦଳ ନାଟୁଆଙ୍କ ଥିଲେ ଏବଂ ଦେଶୀୟ ବିବିଧ ବାଦ୍ୟଦଳ ଛଡ଼ା କଲିକତାରୁ ଏକଦଳ ଇଂରାଜୀବାଦ୍ୟକାର ଆସିଥିଲେ । ବନ୍ଧୁକବ୍ୟାପୀ ରୋସନାଇ ପ୍ରଭୃତି ବଡ଼ ସୁଶୃଙ୍ଖଳାରେ ଚାଲିଥିଲା କେବଳ କନ୍ୟାପକ୍ଷରୁ ଏକ ଗଜକୁମାର ହସ୍ତୀ ଅଗ୍ରେରେ ଅନ୍ୟ ୨।୩ ହସ୍ତୀ ସହିତ ବରଙ୍କୁ ପାଛୋଟି ନେବା କାରଣ ବରଯାତ୍ରୀ ଦଳରୁ ଦ୍ରୁତପଦରେ ଆସିବାରୁ ଯାତ୍ରିମାନେ ଭୟରେ ଛନ୍ନଭିନ୍ନ ହୋଇ ଏକ ଦାଢ଼ା ଉପରେ ପଡ଼ିଲେ । ରକ୍ଷା ହେଲା ଯେ କାହାରି ଉପ୍ରକର ବିପଦ ଘଟି ନାହିଁ । ସତ୍ତେଇକଳା ରାଜଦ୍ୱାରରେ ବର ଉପସ୍ଥିତ ହେଲାରୁ ତାହାଙ୍କୁ ହସ୍ତୀରୁ ଓହ୍ଲାଇ ଭିତରକୁ ନେବାରେ କେତେକ୍ଷଣ ବିଳମ୍ବ ହୋଇଥିଲା ଏବଂ ଦ୍ୱାରପାଳଙ୍କର ଦୌରାତ୍ମ୍ୟରେ କେତେକ ବରଯାତ୍ରୀ ମଧ୍ୟ ଧକ୍କା ଖାଇଥିଲେ । ଏହି ବ୍ୟାପାର ଯୋଗେ ଅନେକ ଗଣ୍ଡଗୋଳ ହୋଇଥିଲା ଏବଂ ଅପମାନ ଭୟରେ ଅନେକ ବରଯାତ୍ରୀ ନିଜ ନିଜ ଡେରାକୁ ଫେରି ଯାଇଥିଲେ । ପଶ୍ଚାତ୍ କନ୍ୟାକର୍ତ୍ତାଙ୍କ ପକ୍ଷରୁ ଅପରାଧ ସ୍ୱୀକାର ଓ କ୍ଷମା ପ୍ରାର୍ଥନା ହେବାରୁ ଉପସ୍ଥିତ ଥିବା ବରଯାତ୍ରୀମାନେ ସୌଜନ୍ୟତାର ଅନୁରୋଧରେ ମଣ୍ଡପକୁ ଯାଇ ପ୍ରାୟ ଏକଘଣ୍ଟା କାଳ ବସି ଅତର ପାନ ଇତ୍ୟାଦି ସତ୍କାର ଗ୍ରହଣ କରି ଏବଂ କଲିକତାରୁ ସମାଗତ ବାଇନାଚ ଦେଖି ରାତ୍ର ଉନଷ୍ଟା ବାଢ଼ିଯାଇଥିବାରୁ ଆପଣା ୨ ବସାକୁ ବାହୁଡ଼ି ଆସିଲେ । ରାଜା କାର୍ଯ୍ୟୋପଲକ୍ଷରେ ବେଦୀଠାରେ ଥିବାରୁ ମଣ୍ଡପରେ ତାହାଙ୍କର ଦର୍ଶନ ମିଳିଲା ନାହିଁ । ପରିଣୟ କ୍ରିୟା ଶେଷହେବା ବେଳକୁ ସୂର୍ଯ୍ୟୋଦୟ ହୋଇଥିଲା । ମଙ୍ଗଳବାର ସନ୍ଧ୍ୟାରେ ବର ପକ୍ଷରୁ କଲିକତାରୁ ଆସିଥିବା ଥିଏଟର ଦଳର ଅଭିନୟ ସତ୍ତେଇକଳାର ସିଂହଦ୍ୱାର ସମ୍ମୁଖରେ ହୋଇଥିଲା ଏବଂ ରାଜା ମହୋଦୟ ଆମନ୍ତ୍ରଣ ମତେ ସେଠାକୁ ଆସି ବସିଥିବାରୁ ଅନେକ ଲୋକ ତାହାଙ୍କର ଦର୍ଶନ ଲାଭ କଲେ । ତହିଁ ଆରଦିନ ବୁଧବାର ରାତ୍ରିରେ ମଧ୍ୟ ସେହିଠାରେ ଥିଏଟର ଦଳ ଅଭିନୟ କରିଥିଲେ । ମାତ୍ର ସେ ସମୟରେ ବର କନ୍ୟା ବିଦାୟି ବ୍ୟାପାର ଲାଗିଥିବାରୁ ରାଜାଙ୍କର ଥିଏଟର ଦେଖିବାର ଅବକାଶ ନ ଥିଲା । ରାତ୍ରି ପ୍ରାୟ ଗୋଟାଏବେଳେ ବର କନ୍ୟା ଜନାନାରୁ ବିଦାୟ ହୋଇ ମହା ସମାରୋହରେ ଢେଙ୍କାନାଳ କେମ୍ପରେ ପ୍ରବେଶ କଲେ ଏବଂ ନୃତ୍ୟଗୀତାଦିରେ ରାତ୍ରିଶେଷ ହେଲା । ଗୁରୁବାର ଢେଙ୍କାନାଳ କେମ୍ପରେ ଚତୁର୍ଥୀ କର୍ମ୍ମ ସମ୍ପନ୍ନ ହେଲା ଏବଂ ସନ୍ଧ୍ୟାଠାରୁ ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ମଜଲିସ ଲାଗିଥିଲା । ଶୁକ୍ରବାର ସକାଳେ କେମ୍ପ ଉଠିବାର ଆରମ୍ଭ ହୋଇ ବେବେଗ ଶଗଡ଼ ଓ ଭୂମିର ଅନୁକୂଳତା ହେତୁ ପ୍ରାୟ ଅର୍ଦ୍ଧ ଦିନରେ ଶେଷ ହେଲା ଏବଂ ସମସ୍ତେ ସିନିଠାରେ ରହି

Split by PDF Splitter
Digitized by srujanika@gmail.com

ସ୍ଥାନୀୟଗବର୍ଣ୍ଣମେଣ୍ଟ ଅଫିମର ଶୁଳ୍କ ବୃଦ୍ଧି କରିଥିବାରୁ ଚୀନ ଦେଶରେ ଅଫିମ ବଣିକମାନେ ସମ୍ପ୍ରତି ଖୁବ୍ ନିର୍ଦ୍ଧାରଣ ଜନକରେ ଏହି ବିଷୟରେ ଅନେକ ପତ୍ର ଅଗଠ ହୋଇ ଅଛି । ଭାରତ ଗବର୍ଣ୍ଣମେଣ୍ଟ ଏଥିପୂର୍ବେ ଯେଉଁ ଅନୋଳନ ହୋଇଥିଲା ତହିଁରେ ଅଫିମ ଶୁଳ୍କ ନ ବଢ଼ାଇବା ମର୍ମରେ ଦୃଢ଼ ବ୍ରତ ହୋଇଥିଲେ । ବର୍ତ୍ତମାନ୍ ଚୀନବାସିମାନେ ଅପଣା ଦେଶରେ ଅଫିମ ଉତ୍ପନ୍ନ କରିବାରୁ ପ୍ରତିଯୋଗିତାରେ ଅପେକ୍ଷାର ହେତୁ ଭଲ କରିବା କାରଣ ଗବର୍ଣ୍ଣମେଣ୍ଟ ଶୁଳ୍କର ପରିମାଣ ବୃଦ୍ଧି କରୁଅଛନ୍ତି । ପ୍ରଧାନମନ୍ତ୍ରୀ ବୋଧ ହୁଏ ଅନେକ ଦିନ ପର୍ଯ୍ୟନ୍ତ ଅଗ୍ରାହ୍ୟ କରି ପାରିବେ ନାହିଁ । ଭାରତରୁ ଚୀନକୁ ଅଫିମ ଯିବା ସମ୍ବନ୍ଧରେ ସେଠାରେ କୌଣସି ବନ୍ଦ ନାହିଁ କି ?

ମାର୍କିନରାଜ୍ୟର ଫିଲାଡେଲ୍ଫିଆ ନଗରର ହୋଟେଲ ଚାଷ୍ଟ ଗଲି ପୋଡ଼ି ଯାଇଥିବାର ସମ୍ବାଦ ମିଳଇ । ଚାଷ୍ଟ ଗଲିବାନରେ ଲଗିଥିଲା ଏବଂ ହେତୁ ସହରେ ଲୋପାଇ କରିବାରୁ ହୋଟେଲ ପୂର୍ଣ୍ଣ ଥିଲା । ସୁତରାଂ ଚାଷ୍ଟ ଲଗିବାରେ କ ସ୍ତମ୍ଭ ବଡ଼ାଇବ କଷ୍ଟରେ ହୋଇଅଛି ପାଠକେ ଅନୁମାନ କରନ୍ତୁ । କହନ୍ତି ହୁଏ ଶହମ ମହଲରୁ ଲୋକେ ଡାଶରୁ ଲମ୍ଫ ଦେଉଥିଲେ ଏବଂ ତନ୍ମଧ୍ୟ ୧୫ ଜଣ ହତ ଓ ୬୦ ଜଣ ଆଘାତ ପ୍ରାପ୍ତ ହୋଇଅଛନ୍ତି ।

ବମ୍ବେରର ଦକ୍ଷିଣ ବଡ଼ଦାଳ ରାଜ୍ୟରୁ ଗାଇକୋଆଡ଼ ନାମକ ଜଣେ ଲୋକ ବାହାରକୁ ଯାଇ ବାଲ୍ୟାବସ୍ଥା ପଢ଼ିଥିଲେ । ସେ ବର୍ତ୍ତମାନ୍ ଏଡ଼ିନବର୍ଗ ଓ ଗ୍ଲାସଗୋ ବାଲୁଦ୍ଧି ପରୀକ୍ଷାରେ ସର୍ବୋଚ୍ଚସ୍ଥାନ ଅଧିକାର କରିଥିବାର ସମ୍ବାଦ ମିଳଇ । ଏ ସହଯୋଗ ଭାରତରେ ପାଇଁ ।

ଉତ୍ତର ପଶ୍ଚିମାଞ୍ଚଳରେ ବୃଷ୍ଟିର ଅଭାବ ହୋଇଥିବାରୁ ବଡ଼ ଅସୋ ଜାତ ହୋଇଅଛି ଏବଂ ସେ ଯୋଗୁଁ ପଞ୍ଜାବ ଅଞ୍ଚଳରେ ସବୁନର ଗଛ କଟିଯାଉଅଛି ।

ଭାରତ ସୀମାନ୍ତ ପ୍ରଦେଶ ମଧ୍ୟର ଜାଗାରେ ଲୋକେ ସୋ ୪୮ ଟ ବନ୍ଦୁକ ଏବଂ ଲାଗିଥିବା ଜନମାନଙ୍କ ଲୋକ ଅନେକ ଦେଇଅଛନ୍ତି । ଜନମାନଙ୍କ ଲୋକ ଅବଶିଷ୍ଟାଂଶ ଅଧିକ ଜାଗାରୁ ଲୋକଙ୍କ ଉପରେ ଅସ୍ତ୍ର ଓ ଘାଟା ଅବାଧ କରିବାର ଉଦ୍ୟୋଗ ଚଳିଅଛି ।

ଭେନେଜୁଏଲା ଦେଶର ଅପରକଣ୍ଠ ଭୂଖଣ୍ଡରେ ଭୟାନକ ଭୂମିକମ୍ପ ହୋଇଥିବାର ସମ୍ବାଦ ମିଳଇ । ସାନେଗାନସର ଏକପ୍ରକାର ଧ୍ୱଂସ ହୋଇଥିବାର କଥିତ ହୁଏ ; ଏତେ ଲୋକେ ବଚ୍ଚିତ ନଷ୍ଟ ହୋଇଅଛନ୍ତି । ଅଦ୍ୟ ତ ୨୦୦ ଜଣ ଲୋକଙ୍କର ମୃତ ଦେହ ବାହାରିଅଛି ମାତ୍ର ଅନେକଙ୍କର ଠିକଣା ମିଳ ନାହିଁ । ଭେନେଜୁଏଲାଦେଶରୁ ଅଗ୍ନ୍ୟୁତ୍ପାତ ହେଉଥିବାର ମଧ୍ୟ ସମ୍ବାଦ ମିଳଇ । ଏ ଭୂମିକମ୍ପ ଯୋଗୁଁ ସର୍ବମୋଟ ତ ୨୦୦୦ ଜଣ ଲୋକେ ନଷ୍ଟ ହୋଇଅଛନ୍ତି ଏବଂ ତ ୨୫୦୦ ଜଣ ଲୋକେ ଗୃହଶୂନ୍ୟ ହୋଇଅଛନ୍ତି ।

## ଦର୍ପଣ-ସମ୍ବାଦ ।

ଗତ ଶନିବାର ରାତ୍ରି ୮ ଘଣ୍ଟା ସମୟରେ ଏ ଜିଲ୍ଲା ଗର୍ଜନ ଭଦ୍ରାଗାଁ ଗ୍ରାମର ପ୍ରାୟ ୩୦୦ ଘର ଓ ପ୍ରାୟ ୬୦୦ ଟଙ୍କା ମୂଲ୍ୟର ଜିନିଷ ଅଗ୍ନିକାଣ୍ଡରେ ଭସ୍ମୀଭୂତ ହୋଇଗଲା । ଭସ୍ମୀଭୂତ ଘରମାନ କେବଳ ବ୍ରାହ୍ମଣ ବସ୍ତିରେ ପଡ଼ିଥିଲା । ଘଟନା ସ୍ଥଳରେ ଅନ୍ୟମାନଙ୍କର ସହଯୋଗ ସହ ମେଜିଷ୍ଟ୍ରେଟ ବାବୁ ବ୍ରଜଲାଲ ଉପସ୍ଥିତ ହୋଇଥିଲେ ।

ଗତ ସପ୍ତାହରେ କଟକର ଶ୍ରୀ ଚକ୍ରବର୍ତ୍ତୀ ଠାକୁରଙ୍କ ଘର ନିକଟରେ ଓଲାଉଠା ମହାମାରୀ ବ୍ୟାପ୍ତ ମାତ୍ର ଜଣେ ଲୋକଙ୍କ ମୃତ୍ୟୁ ହୋଇଅଛି । କିନ୍ତୁ କ୍ୟାମ୍ପ ଉପରେ ବର୍ତ୍ତମାନ୍ ଉପଶମ ହୋଇଥିବାର ଶୁଣାଯାଏ ।

ଏଥିର ଲୋକମାନଙ୍କ ସାହାଯ୍ୟ ହେଉଥିବା ଗୃହସ୍ଥମାନଙ୍କ ବ୍ୟତିବ୍ୟସ୍ତ କରୁଅଛି ।

କେଶପୁର ଭ ଜାଗାରେ ମହୋତ୍ସବ ହୋଇଯାଇଅଛି । ପ୍ରାୟ ୨୦୦୦ ଲୋକ ସମବେତ ହୋଇ ଦର୍ଶନ ଓ

ଅନନ୍ତମୂର୍ତ୍ତି ଭଗବତଙ୍କର ଚର୍ଚ୍ଚା କରିଥିଲେ; ମହୋତ୍ସବର ପ୍ରଧାନ ଉଦ୍ଯୋଗକର୍ତ୍ତା ବାବୁ ହରେକୃଷ୍ଣ ମହାନ୍ତି ଅଟନ୍ତି । ଲତ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ମଧୁସୂଦନ ଘୋଷ | କଟକ | ଟ ୩ ( |
| „ ବାଗବଗେରନ ରେଣ୍ଡଲେଟର ବହୁକୁମାର ବାଗଟ ଚନ୍ଦ୍ର | | ଟ ୩ ( |
| „ ସନ୍ୟାସୀ ସାହୁ ମହାଜନ | କଟକ | ଟ ୩ ( |
| „ ଦୁଖୀମଣି ସ୍ୱାଇଁ | କଟକ | ଟ ୩ ( |
| „ ପଦ୍ମନାଭ ମହାନ୍ତି | „ | ଟ ୨ ( |
| ମୁନସି ମହମ୍ମଦ ଗଉହର ମାଷ୍ଟରଙ୍କ ନରସିଂହପୁର | | ଟ ୩ ( |
| ଶ୍ରୀ ବାବୁ ଗ୍ରାମଚରଣ ସାହୁ | ବୁଖ୍ପୁ | ଟ ୧୨ |
| „ ପଦ୍ମନାଭ ଦାସ | ଦେଉଳାଳ | ଟ ୩ ( |
| ସ୍ୱଜାତୀ । ବ । ହସ୍ତୀଗଡ଼ | | ଟ ୩ ( |
| ଶ୍ରୀ ବାବୁ ବୃନ୍ଦାବନ ଦାସ ନାୟକ ଶଙ୍କରପୁର ଖୋର୍ଦ୍ଧା | | ଟ ୩ ( |
| „ ଜାନକୀବଲ୍ଲଭ ଦାସ ସଃ ଇଃ ପୁଲିସ କଟକ | | ଟ ୨୯ |
| „ ଦାମୋଦର ରଥ | କଟକ | ଟ ୧ ( |
| „ ଗଦାଧର ଦାସ | ରଙ୍ଗାଳପୁର | ଟ ୧ ( |
| „ କୃପାସିନ୍ଧୁ ମହାନ୍ତି ଭବଦମ ଗୋପାଳପୁର | | ଟ ୩ ( |

## ବିଜ୍ଞାପନ ।




କେତେଗୁଡ଼ିଏ ରୋଗ ଦୂରୀଭୂତ କରିବାକୁ ଏହି ଔଷଧର ଯେପରି ଶକ୍ତି ଅଛି ଅନ୍ୟ କୌଣସି ଔଷଧରେ ତାହା ଦେଖାଯାଏ ନାହିଁ । ଯେବେ ତୁମ୍ଭେ ମନେ କରୁଥାଅ ଯେ ତୁମ୍ଭର ରୋଗ ଅସାଧ୍ୟ, ତୁମ୍ଭର ଚିକିତ୍ସକ ନିରାଶ ହୋଇ ତୁମ୍ଭଙ୍କୁ ଛାଡ଼ି ଯାଇଥାଅନ୍ତି, ଯଦି ସାଲସା, ଡକ୍ତ୍ରଲିଭରଅଏଲ, ଫସ୍ଫୋରାଇଲ କେଭିନ୍ ଲ୍ୟାକଟେଡ ପ୍ରଭୃତି ପ୍ରଚଳିତ ବିବିଧ ପ୍ରକାର ପେଟେଣ୍ଟ ଔଷଧ ତୁମ୍ଭର ଜୀବନକୁ ବିନାଶ କରୁଥାଏ, ତେବେ ଥରେ ଏହି ଔଷଧକୁ ପରୀକ୍ଷା କରି ଦେଖ, ପ୍ରତ୍ୟକ୍ଷଫଳ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେବ । ରୋଗବିହୀନ ହୋଇ ସୁଖରେ ଦୀର୍ଘଜୀବନ ଲାଭକରିବ । ଯେବେଠାରୁ ଏରୂପ ଶକ୍ତିଶାଳୀ ଅଥଚ ସ୍ଥାୟୀ କ୍ରିୟାପ୍ରଦ ମହୌଷଧ ଲଭ୍ୟପୂର୍ବେ ଏ ଦେଶରୁ କେବେ ଆମଦାନୀ ହୋଇ ନାହିଁ ।

କେବେ ନ ଜାଣେ ସାଲସା, କଡ଼ଲିଭର ଅଏଲ, ପ୍ରଭୃତି ଔଷଧ ସମୂହରେ ରୋଗ ଗ୍ରସିତ ହେ !

କ୍ଷଣିକ ଉପଶମ ଦେଖାଇ ପୁନଶ୍ଚ ସମୟରେ ଋତୁ ବିଶେଷରେ ପ୍ରବଳାକାର ଧାରଣ କରେ । କେତେବେଳେ ତାହା ସାମୟିକ ଖାଦ୍ୟ ବିଶେଷ ହୋଇଯାଏ ଅଥଚ ସକଳ ସମୟରେ ଉକ୍ତ ଧାତୁ ପ୍ରକୃତି ବିଶିଷ୍ଟ ହେବାରେ ସମାନ ଫଳ ପ୍ରାପ୍ତ ହୁଏ ନାହିଁ । ବନ୍ଧା ନିୟମର ଅଧୀନରେ ରହିବାକୁ ହୁଏ । କ୍ଲେ

## ସ୍ୱାରମାଟିନ ।

ତାହାର ସମ୍ପୂର୍ଣ୍ଣ ବିପରୀତ ଗୁଣବିଶିଷ୍ଟ ଅର୍ଥାତ୍ ଅଚିରାତ୍ ଏବଂ ସ୍ଥାୟୀ, ଯେଉଁ ରୋଗ ଆରୋଗ୍ୟ ହୁଏ ତାହା ଆଉ କେବେହେଁ ଫେରି ଆସେ ନାହିଁ । ସୁତରାଂ ବାରମ୍ବାର ଋତୁ ବିଶେଷରେ ସେବନର ପ୍ରୟୋଜନ ହୁଏ ନାହିଁ ବା କୌଣସି ବନ୍ଧା ନିୟମର ଅଧୀନରେ ରହିବାକୁ ହୁଏ ନାହିଁ ଅଥଚ ଶୀତ, ଗ୍ରୀଷ୍ମ, ବର୍ଷା ସକଳ ଋତୁରେ ସକଳ ଧାତୁ ପ୍ରକୃତି ବିଶିଷ୍ଟ ଦେହରେ ସମାନ ଉପକାର, ସମାନ କ୍ରିୟା ସମାନ ଗୁଣ ପ୍ରକାଶ କରେ । ସେହି ହେତୁରୁ ଏଲୋପାଥି, ହୋମିଓପାଥି ଆୟୁର୍ବେଦୀୟ ଓ ଅମେରିକାନ ମହାଦେଶମାନଙ୍କରେ ସର୍ବତ୍ର ସମାନ ଆଦରରେ ଗୃହୀତ ହେଉଅଛି । ପ୍ରତ୍ୟହ ସହସ୍ର ଲୋକ ବ୍ୟବହାର କରୁଅଛନ୍ତି । ଏରୂପ ବିକ୍ରୟ ବାହୁଲ୍ୟ, ଏବଂ ଅଜ୍ଞାତର ଅସଂଖ୍ୟ ପ୍ରଶଂସାପତ୍ରହିଁ ଔଷଧର ଉତ୍କୃଷ୍ଟତା ଏବଂ ଅବ୍ୟର୍ଥତାର ଚୂଡ଼ାନ୍ତ ପ୍ରମାଣ ।

## ସ୍ୱାରମାଟିନ କଣ ?

କେତେକଜଣ ସୁବିଜ୍ଞ ଶ୍ରେଷ୍ଠ ଡାକ୍ତରଙ୍କର ବ ୩୦ ବର୍ଷ ବ୍ୟାପି ଗବେଷଣା ଓ ଅନୁସନ୍ଧାନର ଫଳରେ ଧାତବ, ଉଦ୍ଭିଦ ଓ ଜୈବିକ ପଦାର୍ଥର ବୈଷକ୍ୟାଂଶର ସହଯୋଗରେ ସାମୁଦ୍ରିକ ଜାଗାରୁ କୌଣସି ଦୁଷ୍ପ୍ରାପ୍ୟ ଜାନ୍ତବ ଦ୍ରବ୍ୟର ସହଯୋଗରେ ଋଷାୟନିକ ପ୍ରକରଣରେ ଏହି ମହୌଷଧ ଆବିଷ୍କୃତ ।

ଅଥଚ ସେବନରେ ବିସ୍ୱାଦ ବା ଦୁର୍ଗନ୍ଧ ଯୁକ୍ତ ନୁହେ କିନ୍ତୁ ଗୁଣର ତୁଳନାରେ ଏହାର ମାତ୍ରା ଔଷଧ ଏବଂ ମୋହର ଅପେକ୍ଷା ମୂଲ୍ୟବାନ୍ ଅଟଇ ।

ସ୍ୱାରମାଟିନର ଶକ୍ତି ଭିନ୍ନପ୍ରକାର ରୋଗ ପ୍ରତି ସମାନ୍ ଫଳପ୍ରଦ ଅର୍ଥାତ୍ :—

ଶୁକ୍ର, ରକ୍ତ, ଓ ମୂତ୍ରପିଣ୍ଡ ବା ଯକୃତ୍ ସମ୍ବନ୍ଧୀୟ ପୀଡ଼ା—

୧ । ଶୁକ୍ରର ତରଳତା, ଧାତୁ ଦୌର୍ବଲ୍ୟ ପୁରୁଷତ୍ୱ ହାନି, ସ୍ତ୍ରୀ ସହବାସରେ ଅକ୍ଷମ, ସାମାନ୍ୟ ଉତ୍ତେଜନାରେ ରେତଃସ୍ଖଳନ, ମେହ, ପ୍ରମେହ, ଶୁକ୍ରମେହ, ମୂତ୍ରକୃଚ୍ଛ୍ର, ବହୁମୂତ୍ର, ମୂତ୍ରମୁଷ୍କ ଅନ୍ତ

Split by PDF Splitter

Digitized by srujanika@gmail.com

95

ତା ଅଧିକ ସ୍ରାବ, ଫୋଟା ୨ ମୂତ୍ର ପତନ, ସ୍ରାବର ଜ୍ୱାଳା, ମୂତ୍ରସହ ଶୁକ୍ରପତନ, ମୂତ୍ର ନଳରେ କ୍ଷତ, ସ୍ୱପ୍ନଦୋଷ, ପ୍ରମେହ ଓ ଶୁକ୍ର କ୍ଷୟ ଜନିତ ମୁଣ୍ଡବ୍ୟଥା, ହାତ ଗୋଡ଼ ଓ ଚକ୍ଷୁ ଜ୍ୱଳା, ସ୍ମରଣ ଶକ୍ତିର ହୀନତା, ଜ୍ୱରଭାବ, ହାତ ଗୋଡ଼ ଫୋଲା ହେବା, କେଶର ଅକାଳପକ୍ୱତା, ମୁଣ୍ଡର ବାଳ ଉପୁଡ଼ିବା, ଅକାଳବାର୍ଦ୍ଧକ୍ୟ ଶରୀର ଦୁର୍ବଳ, ପରିଶ୍ରମରେ ଅକ୍ଷମ, ଅଜୀର୍ଣ୍ଣ, କୋଷ୍ଠ-ବଦ୍ଧତା ପ୍ରଭୃତି ଅନୁଷଙ୍ଗିକ ଉପଦ୍ରବ ପ୍ରକାର ଶୁକ୍ରପୀଡ଼ା ଓ ଜନ୍ମାଗତ ଦୁର୍ବଳର ଉପସର୍ଗାଦି ଆରୋଗ୍ୟ କରିବାକୁ ଅବ୍ୟର୍ଥ ।

୨। ପାରା ଓ ଗରମିର ବିଷାକ୍ତତା ବା ବିଷାକ୍ତ ଔଷଧାଦି ବ୍ୟବହାରରେ କିମ୍ବା ମ୍ୟାଲେରିଆର ବିଷ ପ୍ରଭୃତି ଶରୀରରେ ପ୍ରବିଷ୍ଟ ହେବା କାରଣରୁ ରକ୍ତର ଦୂଷିତ ଗରମୀ ଘା, ପାରାର ଘା, ନାକ ଓ ମୁଖରେ ଏବଂ ମୁଣ୍ଡରେ ଘା, ମୁଣ୍ଡର ବାଳଉପୁଡ଼ିବା ହାତ ଗୋଡ ଓ ଅଣ୍ଠିରେ ବେଦନା, ନୂତନ ପୁରାତନ ମେହ ଘଟିତ ବାତ, ଗରମୀ ବାତ, ଗଣ୍ଠିବାତ, ଶରୀର ଗଣ୍ଠି ଓ ସନ୍ଧିସ୍ଥଳର ବେଦନା ଓ ଫୁଲା, ଚକ୍ଷୁରୁ ଜଳପଡ଼ିବା, ଦେହରେ ଚକା ୨ ଦାଗ, ହାତ ଓ ଗୋଡର ତଳାରେ ସ୍ଥାନେ ୨ ଧଳା ବା କଳାହେବା, କିମ୍ବା ଚମଡ଼ା ଉଠିବା ସ୍ଥାନେ ୨ ବାଘି ପଡ଼ିବା, ଦେହରେ କଥ ବା ବ୍ରଣ ବାହାରିବା ଶରୀର ପିପାସା ଶୁଷ୍କ ଓ ଦୁର୍ବଳ ପ୍ରଭୃତି ରକ୍ତ ସମ୍ବନ୍ଧୀୟ ଯାବତୀୟ ପୀଡ଼ା, ଉପସର୍ଗାଦି ଆରୋଗ୍ୟ ପକ୍ଷରେ ଅମୋଘ ।

୩। ଯକ୍ଷ୍ମାକାଶ, ଦମାକାଶ, ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ, ରକ୍ତବମନ, କଫସଙ୍ଗରେ ରକ୍ତନିର୍ଗତ ପତନ, ମୁଖରୁ ଓ ନାସିକାରୁ ରକ୍ତପତନ, ଛାତିରେ ବେଦନା, କଫ ଜମିବାର, ସ୍ୱରଭଙ୍ଗ, ବେଳକାଳ ପ୍ରଦାହ, ଆହାରରେ ଅରୁଚି, ଓ ବଣ୍ଠାତ, ଖଇ ନଳକା, ଓ ହୃତ୍କମ୍ପ, ସହଜ ଓ ସାମାନ୍ୟ ଶ୍ରମରେ ଘର୍ମ ଓ କାଶର ଉତ୍ପତ୍ତି, ଫୁସ୍ଫୁସର କାର୍ଯ୍ୟ କରଣଶକ୍ତିର ଅଭାବ; ଇତ୍ୟାଦି ହୃତ୍ପିଣ୍ଡ ବା ଫୁସ୍ଫୁସ ସମ୍ବନ୍ଧୀୟ ଯାବତୀୟ ପୀଡ଼ାର ଅଦ୍ୱିତୀୟ ।

ଉପରୋକ୍ତ ପୀଡ଼ା ସମସ୍ତ ନିମନ୍ତେ ଏହି ଔଷଧ ଶୀର୍ଷ ସ୍ଥାନୀୟ, ଏଥିରେ ଯେଉଁ ଫେଟୋଶ୍ରୀ ତେଜସ୍କର ଭେଷଜ ପଦାର୍ଥ ଅଛି, ତାହା ଅନ୍ୟ କୌଣସି ଔଷଧରେ ନାହିଁ । ଏବଂ ସେହି ଗବେଷଣା ଲବ୍ଧ ଦୁଷ୍ପ୍ରାପ୍ୟ ପଦାର୍ଥ ନିମନ୍ତେ ଏହାର ଏରୂପ ଗୁଣଦାୟକ ହେବାର କାରଣ ଅଟେ । ଯେବେ ତୁମ୍ଭେ ସେହି ସକଳ ରୋଗରେ କିମ୍ବା ତାହାର କୌଣସି ଉପସର୍ଗରେ ଆକ୍ରାନ୍ତ ହୋଇଥାଅ ତେବେ ଏହି ମହୌଷଧ, ସେବନ କରି ଜୀବନ ରକ୍ଷା କର, ସବଳେ, ସୁଲଭରେ, ସୁଚବସ୍ଥାରେ ସ୍ଥାୟୀ ଆରୋଗ୍ୟ ଲାଭ କରି ଦୀର୍ଘଜୀବନ ପାଇବ । ଶରୀର ହୃଷ୍ଟପୁଷ୍ଟ, ବଳିଷ୍ଠ ଓ କାନ୍ତିବିଶିଷ୍ଟ ହେବ । କ୍ଷୁଧା ବୃଦ୍ଧି ହେବ, କୋଷ୍ଠ ପରିଷ୍କାର ହେବ ।

ସ୍ପାରମାଟିନ—ଶରୀର ଯନ୍ତ୍ରର କ୍ଷୟିତ ଅଂଶ ଓ ଅଭାବ ଶୀଘ୍ର ପୂରଣ କରିବାକୁ ସ୍ୱାସ୍ଥ୍ୟୋନ୍ନତି ଓ ତାହା ଅକ୍ଷୁଣ୍ଣ ରଖିବାକୁ ବାଳକ, ବାଳିକା, ଯୁବକ, ଯୁବତୀ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତଙ୍କ ପକ୍ଷରେ ସମାନ ଉପଯୋଗୀ । ସାଧାରଣତଃ ଯେ ସକଳ ପୀଡ଼ାରେ ସାଲସା, କଡ଼ଲିଭର ଅଏଲ ପ୍ରଭୃତି ଔଷଧ ବାରମ୍ବାର ବ୍ୟବହାରର ପ୍ରୟୋଜନ ହୁଅଇ, ସେହି ସକଳ ପୀଡ଼ାରେ ସ୍ପାରମାଟିନ ଅଳ୍ପ ମାତ୍ର ବ୍ୟବହାର କରିବାଦ୍ୱାରା ରୋଗ ସମୂଳେ ଧ୍ୱଂସ ହୋଇଥାଏ । ସୁତରାଂ ଏହା ଯେ ପ୍ରଚଳିତ ସର୍ବବିଧ ଔଷଧ ଅପେକ୍ଷା ସର୍ବଶ୍ରେଷ୍ଠ, ସେଥିରେ ଅଣୁମାତ୍ର ସନ୍ଦେହ କରିବାର ଅବସର ନାହିଁ ।

ମୂଲ୍ୟ; ଏକ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ଟ ୧ ୮ ଏକ ଟଙ୍କା । ତିନି ଟ ୧୦ ୮ ପ୍ୟାକିଂ ଓ ଡାକ ମାସୁଲ ଏକ ଶିଶିରେ ଟ ୦୲୰, ତିନି ଶିଶିରେ ଟ ୦ ୵୰ ଓ ୬ ଶିଶିରେ ଟ ୧ ଓ ତିନିର ଟ ୧୦

ପ୍ରାପ୍ତିସ୍ଥାନ ଓ ପତ୍ରାଦି ପଠାଇବାର ଏକମାତ୍ର ଠିକଣା !

| | |
|---|---|
| *Manager* Spermatine Depot No. 22 Baranasi Ghose's street Calcutta. | ମାନେଜର ସ୍ପାରମାଟିନ ଡିପୋ ନଂ ୨୨ ନଂ ବାରାଣସୀ ଘୋଷ ଷ୍ଟ୍ରିଟ କଲିକତା |



WEST END WATCH Key winding
Lever watch full jewelled
Guaranteed for four years

No. 935 to 1000 Silver

| | | | |
|---|---|---|---|
| Hunting | ... | ... | Rs. 25 |
| Half hunting | ... | ... | Rs. 28 |

No, 800 to 1000 Silver

| | | Cylender | Lever |
|---|---|---|---|
| COURVOISER FRERES hunting | | Rs 14 | 16 |
| Do. half hunting | | Rs. 16 | 18 |

No. 900 to 1000 Silver
Extra Quality

| | | | |
|---|---|---|---|
| Hunting | ... | Rs. 16 | 19 |
| Half hunting | ... | Rs. 18 | 21 |

No. 800 to 1000 Silver
'WHITE FIELD & Co. Lever watch
Guaranteed for three years,

| | | |
|---|---|---|
| Hunting | ... | Rs. 16 |
| Half hunting | ... | Rs. 18 |
| 18 Carat gold guard muff Chain | | Rs. 28 A. 0 |
| Silver guard muff Chain | | Rs. 2 A. 4 |

S. ABDUL AZIZ
Gold and Silver wire netting supplier
CUTTACK
Watch Importer
and
Spectacle Dealer
CUTTACK

NEW YORK LIFE INSURANCE COMPANY
Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELL
*Agent Cuttack.*

## ନୂତନ ପୁସ୍ତକ !

| | |
|---|---|
| ଶାମରହ ଗୀତା ୨ୟ ଭାଗ | ଟ ୦। |
| ବୃନ୍ଦା ଚୌତିଶା ଓ ଭଜନମାଳା | ଟ ୦ ୵ |
| ମହୀରାବଣ ଯୁଦ୍ଧ | ଟ ୦ ୵୬ |
| ପ୍ରବନ୍ଧ ଅକ୍ଷୟଚନ୍ଦ୍ର ବା କାଦମ୍ବରୀ ଉପନ୍ୟାସ | ଟ ୦ ୲୰ |

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ମିଳିବ !

## ବିଜ୍ଞାପନ ।
## ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲିକ, ଖଣ୍ଡପଡ଼ା, ସରାଇକଲା, ସୋନପୁର, ପାଟଣା, ଢେଙ୍କାନାଳ, ମୟୂରଭଞ୍ଜ, ନୀଳଗିରି, ହିନ୍ଦୋଳ, ଅଠଗଡ଼, ଗାଙ୍ଗପୁର, ତଇଲାକୋଟା, ଜ୍ରିଜୟପୁର ସ୍ଥାନମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଚୋପି, ଚେଲା, ଦୋଶାଲ, ବାଫ୍ତା, ସଙ୍ଗୀ, ଦୋପଟା ମଖଲ, ଶିରରେ ବାନ୍ଧିବାର ଫେଟା, ରୁମାଲ ଶାଲ ଏବଂ ନାନା ପ୍ରକାର ଜରିର ଛାପ ଅଙ୍ଗୁରି ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ଗ୍ରାହକର ଫରମାସ ଅନୁସାରେ ତିଆର କରିବ

Split by PDF Splitter
Digitized by srujanika@gmail.com

ଦେଉଁ । ବସ୍ତୁ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ ଦେଶୀ ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଅମ୍ଭର କର୍ମକର୍ତ୍ତା ବା ଅମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ ଯେଉଁ ଠିକଣାରେ ବା ଉପାୟରେ (ଅର୍ଥାତ୍ ଡାକରେ ବା ରେଲରେ) ପଠାଇବାକୁ ହେବ ଲେଖିବା ଅବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଉତ୍ତର ମାତ୍ର ଲଫାଫାଉପରେ ଅମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଅମ୍ଭର ହସ୍ତଗତ ହେବ ।

ଭେଲୁପେବଲ ପାରସଲରେ ମଧ୍ୟ ମାଲ ପଠାଯାଏ କିନ୍ତୁ ମାଲ ପଠାଯିବା ଏବଂ ଫେରନ୍ତ ହେବା ମାସୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ ।

ଶ୍ରୀ ପାଲ୍‌ମାଲ ଗ୍ରୋଲାକାଠ
କ୍ଲୁଷ୍ଟଗଲ ଫାଟକ କଲିକତା ୨ୟ

# ଫଳେନ ପରିଚୀୟତେ ?

କବିରାଜ ଶ୍ରୀ ଗୁରୁଚରଣ କର କବିରତ୍ନଙ୍କର
ଅନ୍ନପୂର୍ଣ୍ଣା
ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ନ୍ୟାଯ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ପ୍ରାତଃକାଳରେ ସମାଗତ ରୋଗିମାନଙ୍କୁ ବିଶେଷ ଯତ୍ନ ସହକାରେ ଦେଖାଯାଏ । ଦରିଦ୍ର ଓ ଅସମର୍ଥ ରୋଗିଙ୍କୁ ଅଳ୍ପ ମୂଲ୍ୟରେ ଔଷଧ ପ୍ରଦତ୍ତ ହୁଏ । ମଫସଲର ରୋଗିମାନେ ରୋଗର ଅବସ୍ଥା ସୁସ୍ପଷ୍ଟରୂପରେ ଅର୍ଦ୍ଧ ଅଣାର ଷ୍ଟାମ୍ପ ସହ ଲେଖିଲେ ପ୍ରତ୍ୟୁତ୍ତର ଏବଂ ସୁବ୍ୟବସ୍ଥା ସତ୍ୱର ପ୍ରେରିତ ହୁଏ ।

## ଶୁକ୍ରବର୍ଦ୍ଧକ ବଟିକା ।

ଏହି ଔଷଧ ବୀର୍ଯ୍ୟ ସ୍ତମ୍ଭନ ବିଷୟରେ ଏକମାତ୍ର ମହୌଷଧ । ଯେଉଁମାନଙ୍କର ସ୍ୱଳ୍ପ କାରଣବଶତଃ ବୀର୍ଯ୍ୟ ସ୍ଖଳନ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟ ମଧ୍ୟରେ ବିଶେଷ ଫଳ ଲାଭ କରିବେ ଏବଂ ଧାତୁ ଦୌର୍ବଲ୍ୟ ଉପଶମ ହେବ । ଏଥି ସମ୍ବନ୍ଧେ ବାହୁଲ୍ୟ ଅତ୍ୟୁକ୍ତିର ନିଷ୍ପ୍ରୟୋଜନ । ଥରେ ମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡବା ଔଷଧର ମୂଲ୍ୟ ଟ ୧୲ ମାତ୍ର
ଡାକମାସୁଲ ସ୍ୱତନ୍ତ୍ର ।

## କଲିକତାର ରସାୟନ ।
(ଦେଶୀୟ ଶାଳସା ।)

ଏଥିରେ ଉପଦଂଶ (ଗରମୀ,) ଜ୍ୱର, ପାରଦାଦ ଦୋଷଜନିତ ଶରୀରରେ ଦଗ୍ଧ ଓ ଚଦ୍ଦା ଦାଗ ଓ ଖୋସକ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ଦୂଷିତ ରକ୍ତ ପରିଷ୍କାରର ଅମୋଘ ଔଷଧ ।

ଗୋଟିଏ ଶିଶି—ଦେଢ଼ଟଙ୍କା ।
ତିନି ଶିଶି ଏକତ୍ର—ଟ ୪୲

ଚୌଧୁରୀ ବଜାର, କଟକ } ଶ୍ରୀ ଗୁରୁଚରଣ କର କବିରତ୍ନ, ଅନ୍ନପୂର୍ଣ୍ଣା ଆୟୁର୍ବେଦୀୟ ଔଷଧାଳୟ

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଭଦ୍ରକଠାରୁ କେନ୍ଦୁଝର ଗଡ଼ ଦେଇ ଜଇନ୍ତ୍ର ଗଡ଼ ପର୍ଯ୍ୟନ୍ତ ଗାଡ଼ି, ଶଗଡ଼ ଯିବାର ରାସ୍ତା ଖୋଲି ଯାଇଥିବାରୁ ଗତ ଜାନୁୟାରୀ ମାସ ଆରମ୍ଭରେ ମାନନୀୟ ଗଡ଼ଜାତ ମହାଲର ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ବଳଦଗାଡ଼ି ଅକ୍ଲେଶରେ ଭଦ୍ରକଠାରୁ ଗଡ଼ ପର୍ଯ୍ୟନ୍ତ ଆସିଥିଲା । ଆଗାମୀ ବିଷୁବସଂକ୍ରାନ୍ତି ଉପଲକ୍ଷେ କେନ୍ଦୁଝର ଗଡ଼ ନିକଟବର୍ତ୍ତୀ ବୋଦାପଲଶା ନାମକ ସ୍ଥାନରେ ମେଳା ହେବ । ବାଣିଜ୍ୟ କରିବା ଉଦ୍ଦେଶ୍ୟରେ ଯେଉଁମାନେ କଂସା, ପିତ୍ତଳବାସନ, ମସଲା, ଦେଶୀ ବିଲାତି ଲୁଗା, ମନୋହରୀ ପ୍ରଭୃତି ଜିନିଷାଦି ଆଣି ବିକ୍ରୟ କରିବାକୁ ଇଚ୍ଛୁକ ସେମାନେ ଗାଡ଼ିରେ ମାଲ ବୋଝାଇ କରି ନିରାପଦରେ ଆସି ସହଜ ବିକ୍ରୀ କରି ପାରିବେ । ଇତି ।

କେନ୍ଦୁଝରଗଡ଼ } Gopal Bullub Das,
୭।୨।୧୯୦୬ } ଦେୱାନ କେନ୍ଦୁଝର ଷ୍ଟେଟ





ବ୍ୟବହାର କରନ୍ତୁ ! ବ୍ୟବହାର କରନ୍ତୁ !!
ଏ, ସଟନ ଏଣ୍ଡ କୋଂର ଅବ୍ୟର୍ଥ ଔଷଧାବଳୀ ।
ଭାରତବାସୀ ରୋଗିଙ୍କର ଆଉ ଭୟର କାରଣ ନାହିଁ ।

ସାଲସା ଆରସ ୧୦୮—ଏହା ସର୍ବୋତ୍କୃଷ୍ଟ ରକ୍ତ ପରିଷ୍କାରକ, ପାରଦ ଦୋଷନାଶକ ଓ ବଳକାରକ ସାଲସା । ଉପଦଂଶ (ଗରମୀ ରୋଗ) ଓ ପାରଦ ଦୋଷଜାତ ଚର୍ମ ସମ୍ବନ୍ଧୀୟ ରୋଗ, ଘା, ବାତ, ଦେହ ଫାଟ ଓ ଫୋଡ଼ାର ପଚିଲା ଘା ଏବଂ ସର୍ବପ୍ରକାର ଚର୍ମରୋଗର ଏହା ଏକମାତ୍ର ମହୌଷଧ । ... ଓ କୋମ୍ପାନୀ ... ଦେଖାଯାଏ । ... ଓ ... ସେବନ ପ୍ରଣାଳୀ ...

| | | | |
|---|---|---|---|
| ମୂଲ୍ୟ | ଟ ୧୲ | ମାସୁଲ | ଟ ।୵ |

ଅଜୀର୍ଣ୍ଣ ରୋଗ ନିବାରକ ।—ପେଟ ଓ ପୁରୁଣା ମେହ, ମୂତ୍ରକୃଚ୍ଛ୍ର ପ୍ରଦାହ ଓ ... ଓ ... ମୂତ୍ରକଷ୍ଟ, ... ଏହା ଏକମାତ୍ର ମହୌଷଧ । ... ଔଷଧ ... ନାହିଁ । ... ଅପେକ୍ଷା ... ପ୍ରାପ୍ତ ହୁଏ ।

| | | | |
|---|---|---|---|
| ମୂଲ୍ୟ | ଟ ୧୲ | ମାସୁଲ | ଟ ।୵ |

ଗଣ୍ଡିକେତ୍ରୋଲ ।—ଧାତୁ ଦୌର୍ବଲ୍ୟ, ଧାତୁ ... ସ୍ୱପ୍ନଦୋଷ, ... ଶାରୀରିକ ... ମହୌଷଧ । ... ଶୀଘ୍ର ... ପ୍ରାପ୍ତ ହୁଏ । ... ନାହିଁ ।

| | | | |
|---|---|---|---|
| ମୂଲ୍ୟ | ଟ ୧୲ | ମାସୁଲ | ଟ ।୵ |

କର୍ଣ୍ଣରୋଗ ନିବାରକ ।—ଏହାକୁ ବ୍ୟବହାର କଲେ ... ୨୪ ଘଣ୍ଟା ମଧ୍ୟରେ ... ହୁଏ । ଏହା ତୁଲ୍ୟ ... ଔଷଧ ... ଅଳ୍ପ ପ୍ରାପ୍ତ ହୁଏ ନାହିଁ । ଥରେ ବ୍ୟବହାର କଲେ ବୁଝି ପାରିବେ ।

| | | | |
|---|---|---|---|
| ମୂଲ୍ୟ | ଟ ... | ଡାକମାସୁଲ | ଟ ।୵ |

ଠିକଣା—ଏ, ସଟନ୍ ଏଣ୍ଡ କୋଂ
... କଲିକତା

... ଷ୍ଟୋରର ... ମାଧବ ... ଅମ୍ଭମାନଙ୍କର ଏକମାତ୍ର ଏଜେଣ୍ଟ ଅଟନ୍ତି ।


ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ପ୍ରକାଶେ

| | |
|---|---|
| ଧାଡ଼ିପ୍ରତି | ୦ ୵ |
| ଅଧସ୍ତମ୍ଭକୁ | ୧ ୲ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ |

ମାତ୍ର କୋଣସି ବିଜ୍ଞାପନ ଲେଖିବା ... ହେଲେ, ... ଟ ୦ ... କମ ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ପ୍ରକାଶେ ଅର୍ଦ୍ଧ ଦର ଦେଇ ଓ ... ଥାଇଲେ ... ।

ଅଧିକ ଥର ପ୍ରକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ ... ... ପ୍ରେସରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

ପତ୍ରପ୍ରେରକଙ୍କପତ୍ର ।

କଖରଦା ସ୍କୁଲର ହେଡପଣ୍ଡିତ ଶ୍ରୀ ପାଢେଶ୍ୱର ସେନାପତି ପ୍ରଣୀତ "ଶୋକବହ୍ନମଣି" ନାମକ ପୁସ୍ତକ ଖଣ୍ଡିଏ ମୟୂରଭଞ୍ଜର ରାଜାଙ୍କୁ ଉପହାର ଦେଇଥିବାରୁ ରାଜା ମହୋଦୟଙ୍କଠାରୁ ୫୨୦୲ଙ୍କା ପୁରସ୍କାର ପାଇବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛନ୍ତି ।

ଶ୍ରୀ ଚିନ୍ତାମଣି ମହାନ୍ତି — ମୋକଦ୍ଦମା ସଙ୍କ୍ରାନ୍ତରେ ଅଭ୍ୟାଜ୍ୟ ଉକିଲ ସହିତ ବାବୁ ରାମଶଙ୍କର ରାୟ ଗତ ତା ୨୨ ରଖରେ ବଲରାମପୁର କ୍ଲବକୁ ଯାଇଥିଲେ । କ୍ଲବର ବାଲକଠାରୁ ବୃଦ୍ଧ ପର୍ଯ୍ୟନ୍ତ ଅନେକ ଲୋକ ତାହାଙ୍କ ସହିତରେ ତାହାଙ୍କର ସ୍ନେହ ଓ ଶିକ୍ଷାପୂର୍ଣ୍ଣ ବାକ୍ୟାଳାପରେ ବଡ଼ ପ୍ରୀତ ହୋଇଥିବାର ଏବଂ ତାହଙ୍କର ମଙ୍ଗଳ ମନାସୁଥିବାର ଲେଖିଅଛନ୍ତି ।

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକାସମ୍ପାଦକ ମହୋଦୟ ଉଦାର ଚରିତେଷୁ

ମହାଶୟ !

ଅମ୍ଭମାନଙ୍କର ମାନ୍ୟବର ପରମଦୟାଳୁ ଶ୍ରୀଯୁକ୍ତ ଗଡ଼ଜାତ ମହାଲର ସୁପରିଣ୍ଟେଣ୍ଡେଣ୍ଟ ସାହେବ ଓ ଅଉ ତାହାଙ୍କର ପରମନିଷ୍ଠ ସ୍କୁଲ ଦପ୍ତରର ଇନ ଶ୍ରୀଯୁକ୍ତ କୁମାର ଚିତ୍ତରଞ୍ଜନ ଦେବ ଓ ଅସିଷ୍ଟେଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ସୁଦାମ ଚନ୍ଦ୍ର ନାୟକ ମହୋଦୟଗଣଙ୍କ ସହିତ ଗତମାସ ତା ୨୫ ରଖରେ ଏ ହଳର ନିଜଦୁର୍ଗଠାରେ ଉପସ୍ଥିତ ହେଲେ ଏବଂ ସଙ୍ଗମ ସ୍ୱରୂପ ଏକଗଛ ବନ୍ଧୁବାନ୍ଧବ ହେଲା । ଅନନ୍ତର ସର୍କାର ହାଉସକୁ ହଜେ କରି ଅପରାହ୍ନ ୨ ଘା ସମୟରେ ହଟେର ଦପ୍ତରର ସମସ୍ତ କାଗଜପତ୍ର ଇନ୍‌ସ୍ପେକ୍ଟନ କଲେ । ତତ୍ପରେ ସ ୪॥ ଟିକାସମୟରେ ଉକ୍ତ ମହୋଦୟମାନେ ଦୁର୍ଗ ପରିଦର୍ଶନାର୍ଥ ବସନ୍ତନାରାୟଣ ଶ୍ରୀ ବଣନାଥ ଟୋଲ ଓ ଭର୍ଣ୍ଣାକ୍ୟୁଲର ସ୍କୁଲମାନ ଦେଖି ପ୍ରଥମ ଶ୍ରେଣୀଛାତ୍ରମାନଙ୍କୁ ଦୁଇ ଟଙ୍କାଟି ରୌପ୍ୟମୁଦ୍ରା ପାରିତୋଷିକ ପ୍ରଦାନ କରି ରାଜନବରଦ୍ୱାରମୁଖେ ପ୍ରସ୍ଥାନ କଲେ । ସେହି ସମୟକୁ ସାୟଂକାଳ ଉପସ୍ଥିତ ହୋଇଥିଲା । ମାନ୍ୟବର ଶ୍ରୀରାଜା ମହୋଦୟ ରାଜମାର୍ଗ ପତ୍ର, ପୁଷ୍ପ, ପତାକା, ବାଣ ଓ ଆଲୋକମାଳାରେ ସୁସଜ୍ଜିତ କରାଇଥିଲେ । ଉକ୍ତ ମହୋଦୟ ସେହି ସମସ୍ତ ଦୃଶ୍ୟ ଅବଲୋକନ କରି ରାଜନବରସ୍ଥ ସଭାଗୃହରେ ଉପସ୍ଥିତ ହୁଅନ୍ତେ ଏହି ରାଜଦୁର୍ଗ ସନ୍ନିକଟସ୍ଥ ରାଧାନାଥପୁର ଶାସନସ୍ଥ ପଣ୍ଡିତମାନଙ୍କର ଗଦ୍ୟପଦ୍ୟମୟ ଛଅଗୋଟି ଅଭିନନ୍ଦନପତ୍ର ପଠିତ ହେଲା ଏବଂ ଅତସବାଜୀ ଦର୍ଶନ ଓ ଗାନ ଶ୍ରବଣ କରି ପରମ ପ୍ରୀତ ହେଲେ । ତତ୍ପରେ ମାନ୍ୟବର ପ୍ରଜାବତ୍ସଲ ଶ୍ରୀରାଜା ମହୋଦୟଙ୍କଠାରୁ ବିଦାୟ ନେଇ କୋଠିକୁ ଫେରି କରି ତତ୍ପରଦିବସ କଟକ ଯାତ୍ରା କଲେ । ଇତି ।

୨୮।୨।୧୯୦୨ } ଶ୍ରୀ ପୀତାମ୍ବର ପ୍ରହରାଜ
ହେ : ପ :
ଆଠଗଡ ସ୍କୁଲ

ମହାଶୟ !

ନିମ୍ନଲିଖିତ ବିଷୟଗୁଡିକ ଆପଣଙ୍କ ବହୁଦର୍ଶୀ ପତ୍ରିକାରେ ପ୍ରକାଶ କରି ଅନୁଗୃହୀତ କରିବା ହେବେ ।

ଗତବର୍ଷ ଏ ଅଞ୍ଚଳର ଶସ୍ୟର ଅବସ୍ଥା ଭଲ ନ ଥିଲେ ସୁଦ୍ଧା ସାଧାରଣ ପ୍ରଜାମାନେ ଧାନ୍ୟ ଓ ଟଙ୍କା କର୍ଜ୍ଜ ଧାରି କରି ଦିନ-ଯାପନ କରୁଥିଲେ କିନ୍ତୁ ଏ ବର୍ଷ ଶସ୍ୟର ଅବସ୍ଥା ଅଧିକତର ଶୋଚନୀୟ ହେବାରୁ ସମସ୍ତେ ଭାବି ଅନ୍ନକଷ୍ଟର ଆଶଙ୍କା କରୁଅଛନ୍ତି । ଅଛଠାରୁ ସେଥିର ସୂଚନା ଦେଖାଗଲାଣି । ଯେହେତୁ ଧାନ୍ୟ, ଗୁହାଳ, ଘାସ ବାଟି ସେଭଳି ସାମାନ୍ୟ ୨ ଶ୍ରେଣୀ ହେଉଅଛୁ । ଏପରି ଉତ୍ପାତର ମଧ୍ୟ ବିରାମ ନାହିଁ । ଏ ଦୁଃସମୟରେ ଏ ବିଷୟରେ ମାନ୍ୟବର ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ଓ ପୁଲିସ ସାହେବ ମହୋଦୟମାନଙ୍କର କୃପାଦୃଷ୍ଟି ବିଶେଷ ପ୍ରାର୍ଥନୀୟ ।

ସରକାର ତରଫରୁ କିମ୍ବା କୌଣସି ଜମିଦାର ଅଥବା ଡିଷ୍ଟ୍ରିକ୍ଟବୋର୍ଡ଼ଦ୍ୱାରା କୌଣସି ରିଲିଫ କାର୍ଯ୍ୟ ଖୋଲା ହୋଇ ନ ଥିବାରୁ ଶ୍ରମଜୀବିମାନଙ୍କର ବିଶେଷ କଷ୍ଟ ହେଉଅଛି । ଦେଖି ଆନନ୍ଦିତ ହେଲୁଁ ଯେ କଟକ ପ୍ରଗଣାର ଦାନ୍ତୁଣଦା ମୌଜାର ଜମିଦାର ଶ୍ରୀଯୁକ୍ତ ବାବୁ ଗୋବର୍ଦ୍ଧନ ଘୋଷାଲ ଓ ଶ୍ରୀଯୁକ୍ତ ବାବୁ ଜଗବନ୍ଧୁ ଘୋଷାଲ ଉକ୍ତ ବିଷୟରେ ମୁକ୍ତହସ୍ତ ହୋଇଅଛନ୍ତି । ଉକ୍ତ ଗ୍ରାମରେ ଏକ ସୁବୃହତ୍ ପୁଷ୍କରିଣୀର ପଙ୍କୋଦ୍ଧାର ଓ ସାଧାରଣର ଯାତାୟାତ ରାସ୍ତା ପ୍ରସ୍ତୁତ ଓ ମରାମତ କାର୍ଯ୍ୟରେ ପ୍ରଚୁର ଅର୍ଥବ୍ୟୟ କରି ଶ୍ରମଜୀବିମାନଙ୍କର ମହୋପକାର ସାଧନ କରୁଅଛନ୍ତି । ବିଶ୍ୱସ୍ତସୂତ୍ରରେ ଜଣାଯାଏ ଯେ ସ୍ୱଗ୍ରାମର କେତେକ ୨ ପ୍ରଜାର ଜଳସ୍ଥାନ ପୋଷାରି ନିଃସ୍ୱାର୍ଥଭାବରେ ପଙ୍କୋଦ୍ଧାର କରି ସେମାନଙ୍କର ଜଳାଭାବ ଆଶଙ୍କା ଦୂର କରିଅଛନ୍ତି । ଶୁଣାଯାଏ ତାଙ୍କର ଜଣେ ସରିକ ଜମିଦାର ତରଫ କର୍ମଚାରୀ ପ୍ରତିବନ୍ଧକ ଜାତ କରୁଥିବାରୁ କାର୍ଯ୍ୟ ବାହୁଲ୍ୟରୂପେ ହୋଇ ପାରୁ ନାହିଁ । ଯାହା ହେଉ ଉପରୋକ୍ତ ଜମିଦାର ଦ୍ୱୟ ନିଜର ପ୍ରଚୁର ଅର୍ଥବ୍ୟୟଦ୍ୱାରା ଏପରି କଷ୍ଟ ସମୟରେ ଜନ ସାଧାରଣର ଉପକାର କରି ଯଶସ୍ୱୀ ହେବେ ସନ୍ଦେହ ନାହିଁ ।

ଦେହୁରିଦାର ଙ୍ଖ୍ୟାତନାମା ଶ୍ରୀଯୁକ୍ତ ବାବୁ କୈଳାସଚନ୍ଦ୍ର ରାୟ ମହାଶୟ ମଧ୍ୟ ରିଲିଫ କାର୍ଯ୍ୟରେ ବ୍ରତୀ ହୋଇଥିବାର ଶୁଣାଯାଏ ।

ତା ୨୨ ଭଣ } ଆପଣଙ୍କର
ମାଘ } ଶ୍ରୀ ଗଦାଧର ଦାସ ମହାପାତ୍ର
ସନ ୧୩୦୯ ସାଲ } ଦମଦ୍ଧାଗଡ଼

# ବିଜ୍ଞାପନ ।

# NOTICE.

Wanted a second master for the Middle English school at Nij-gar. Salary Rs. 12 per mensem. Preference will be given to one who has passed the University Entrance Examination. He will have chance of getting the post of Head master of the school if proved competent for it. Applications with testimonials will be received up to the 15th March 1902.

Athgurh, Orissa 27-2-02 } Gananidhi Das
*Dewan*

## NOTICE.

Wanted a 6th clerk (Accountant) permanently for the Khurda Sub-Divisional office on a pay of Rs. 20 rising to Rs 30 by biennial increment of Re 1 and a 2nd clerk (Criminal Peshkar) temporarily for one year on Rs. 30 per mensem. None need apply who has not passed the Entrance Examination of the Calcutta University. Applicants for the former should be well up in accounts and a competent knowledge Pesh work is necessary for the latter which though temporary for the present, has every likelihood of being made permanent when the pay will rise to Rs. 50 by biennial increment of Rs. 2. Applications will be received by the undersigned up to the 20th instant. The relationship of the candidate with any *amla* of this Sub-Division should be stated in the application.

Khurda Sub-Dl. office Khurda The 5th March } J. E. F. Perira
*Sub-Divisional officer.*

# NOTICE.

Under orders of the Bengal Government, two weavers and one carpenter

Split by PDF Splitter
Digitized by srujanika@gmail.com

had been sent at the expense of this Board to Serampur in Bengal, the former to learn the mode of weaving by fly Shuttle hand loom and the latter how to make it. The District Board has now put up the fly shuttle hand loom brought from Serampur in the Collectorate compound in front of the District Board's office, and the weavers who have learnt the new mode are working at the loom. Native weavers of the district who are desirous of learning the new mode of weaving by fly shuttle loom which turns out nearly twice as much work as the ordinary native loom of the same or better quality and at the same or equal time, may if they wish, come here and learn the work, free of charge, with the permission of the authorities of the District Board. Any carpenter may semilarly learn the work of making the fly shuttle weaving loom from the trained carpenter who will instruct them gratis.

All Zemindars and landlords are also requested to co-operate in this industrial improvement of the district by sending weavers and carpenters from their Estates to learn the work here free of charge, and there by improve the condition of there people. Skilled weavers can learn the work in the short space of 15 days, and carpenters in less than a week.

Cuttack Dist. Board's office The 20th February 1902. — J. C. Chunder. *Vice Chairman*

---

### ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ସନ ୧୯୦୨ ମସିହା ଅପ୍ରେଲମାସଠାରୁ ସନ ୧୯୦୩ ମସିହା ମାର୍ଚ୍ଚମାସ ଅବଧି ଏକବର୍ଷ ସକାଶେ ଏ ଜିଲ୍ଲା ଇଲାକାର ତମାଖୁ ଲାଇସେନ୍ସ ଓ ଅବକାରୀ ଦୋକାନ ଓ ବନ୍ୟଜାତ ଦ୍ରବ୍ୟମାନଙ୍କ ଲାଇସେନ୍ସ ଆସନ୍ତା ମାର୍ଚ୍ଚମାସ ତା ୨୨ ଋଖ ଏ କଚେରୀରେ ଦିବା ଘ ୧୨ ଘଣ୍ଟାଠାରୁ ଅପରାହ୍ଣ ଘ ୫ ଘା ପର୍ଯ୍ୟନ୍ତ ନିଲାମ ଡାକ ହେବ ଯେଉଁମାନେ ନିଲାମରେ ନେବାକୁ ଇଚ୍ଛା କରନ୍ତି ସେମାନେ ହାଜର ହୋଇ ନିଲାମ ଡାକପାରିବେ ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ଡାକରେ ନିଲାମ ଖତମ କରିବାଗି ତାଙ୍କୁ ଲାଇସେନ୍ସ ଦିଆଯିବ

ଓ ସେଥିନିମନ୍ତେ ବର୍ଷ ପ୍ରତିପାଳନ କରିବେ ଏବଂ ଜାମିନନାମା ଦାଖିଲ କରିବେ । ତା ୧୫ ଋଖ ଫିବ୍ରୁୟାରି ସନ ୧୯୦୨ ମସିହା ।

Nayagarh 15—2—1902 — A. C. Das, *Government Agent*, Nayagarh State

---

### ବିଜ୍ଞାପନ ।

ଏ ଜିଲ୍ଲାର ନିମ୍ନଲିଖିତ ଅବକାରୀ ଦୋକାନ; ଘାଟ; ଫେରି ଓ ଦଣ୍ଡିଦାରମାନ ଚଳିତ ମାର୍ଚ୍ଚମାସ ତା ୨୦ ଋଖ ରୋଜ ଗୁରୁବାର ଦିବା ଘ ୧୨ ଘା ସମୟରେ ଏ ଜିଲ୍ଲା ନୟାଗଡ଼ କଚେରୀ ମୁକାମରେ ନିଲାମ କରାଯିବ । ଗ୍ରାହକମାନେ ଯଥା ସମୟରେ ଉପସ୍ଥିତ ହୋଇ ନିଲାମ ଡାକ ପାରିବେ ।

#### ତାଲିକା ।

୧ ନୟାଗଡ଼ ଅଫିମ ଦୋକାନ

୨ ଏ ଜିଲ୍ଲା ସରକାରୀ ଗଞ୍ଜା ଦୋକାନ

#### ଦେଶୀ ମଦ ।

| | |
|---|---|
| ୩ ନୟାଗଡ଼ | ୪ କୁଣ୍ଡୁଣୀ |
| ୫ ଗୁରୁଜଙ୍ଗ ଛକ | ୬ ବସ୍ତଲେଇ |
| ୭ ବହୁପୁର | ୮ ବେଣ୍ଟପଦା |
| ୯ ଇଟମା | ୧୦ ଦୋଲଗୁ |
| ୧୧ ଭାଲବସ୍ତ | ୧୨ ଦୋଲଙ୍ଗା |
| ୧୩ ପଚଣ୍ଡା | ୧୪ ସମସରପୁର |

୧୫ ଯେତାପଦା

୧୬ ଅନନ୍ତପୁର ମହାନଦୀ ଘାଟ

୧୭ ଚନ୍ଦନପୁର ମହାନଦୀ ଘାଟ

୧୮ ଦହୁଗ୍ରାମ କଣ୍ଟିଆନଦୀ ଘାଟ

୧୯ ଚନ୍ଦ୍ରପଡ଼ା କଣ୍ଟିଆନଦୀ ଘାଟ

୨୦ ଚନ୍ଦନପୁର ଫେରି

୨୧ କଣ୍ଟକ ଦଣ୍ଡିଦାରୀ

୨୨ ମହାଲପଠା ଘଟ

୨୩ ଯାଏବସପୁର କଣ୍ଟିପଠା ଘଟ

୨୪ ମହାଲପଠା ଗଡ଼ି

୨୫ ମହାଲପଠା ପାଣି

ଓଁ

ନୟାଗଡ଼ ରାଜଅଫିସ ୬।୩।୧୯୦୨ — Gunanidhi Das. *Dewan*.

---

### ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଅତ୍ର କିଲ୍ଲାରେ ଥିବା ଅଫିମ, ଗଞ୍ଜା, ମଦ, ତାଡ଼ି, ଅବକାରୀ ଦୋକାନ ଓ ତମାଖୁ, ଶିଙ୍ଘ, ହରିଡ଼ା, ବାହାଡ଼ା, ଝୋଟିଲା, ମହୁ, ମହମ ପ୍ରଭୃତି ସନ ୧୯୦୨—୧୯୦୩ ବର୍ଷ ସକାଶେ ଆଗାମୀ ମାର୍ଚ୍ଚ ତା ୨୫ ରିଖ ରୋଜ ମଙ୍ଗଳବାର ଦିବା ଘ ୧୦ ଘା ସମୟରେ ଅତ୍ର କିଲ୍ଲାର ମ୍ୟାନେଜର ଅଫିସରେ ପ୍ରକାଶ୍ୟ ନିଲାମ ଡାକ ହେବ । ଯେଉଁମାନେ ନିଲାମରେ ଉକ୍ତ ଦୋକାନ ଓ ଜେରଲି ନେବାର ଇଚ୍ଛା କରନ୍ତି ସେମାନେ ଉକ୍ତ ତାରିଖରେ ହାଜର ହୋଇ ନିଲାମ ଡାକିବେ ।

Manager's office Pal Lahara 27—2—1902 — Bhabagrahi Biswal, *Dewan*.

---

### ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ସନ ୧୯୦୨ ମସିହା ଅପ୍ରେଲ ମାସଠାରୁ ଲଗାଏତ ସନ ୧୯୦୩ ମସିହା ମାର୍ଚ୍ଚ ମାସ ଅବଧି ଏକ ବର୍ଷ ସକାଶେ ଏ କିଲ୍ଲା ଇଲାକାର ନିମ୍ନଲିଖିତ ଅବକାରୀ ଦୋକାନ ଓ ତମାଖୁ ଲାଇସେନ୍ସ ଓ ବନ୍ୟଜାତ ଦ୍ରବ୍ୟମାନଙ୍କ ଲାଇସେନ୍ସ ଆସନ୍ତା ମାର୍ଚ୍ଚ ମାସ ତା ୨୨ ଋଖ । ମୁ । ଔରଙ୍ଗା ଗଡ଼ି ଦ ୯ ଦ ରୋଜ ଶନିବାର ଦିବା ଘ ୧୨ ଘା ସମୟଠାରୁ ଅପରାହ୍ଣ ଘ ୫ ଘା ପର୍ଯ୍ୟନ୍ତ ନିଲାମ ଡାକ ହେବ । ଯେଉଁମାନେ ନିଲାମରେ ନେବାକୁ ଇଚ୍ଛା କରନ୍ତି ସେମାନେ ହାଜର ହୋଇ ନିଲାମ ଡାକିବେ । ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ଡାକରେ ନିଲାମ ଖତମ କରାଯାଇ ତାଙ୍କୁ ଲାଇସେନ୍ସ ଦିଆଯିବ ଓ ନିୟମମତ ମୁଚିଲିକା ଆଗଭୁରା ଏବଂ ଚତୁର୍ଥାଂଶ ନିଆଯିବ । ଇତି ।

#### ତପସିଲ —

| ଅବକାରୀ ଦୋକାନ । | ତମାଖୁ । |
|---|---|
| ୧ । ଅଫିମ | ଏ କିଲ୍ଲାରେ ଅମଦାନି ହେଉଥିବା |
| ୨ । ସରକାରୀ ଗଞ୍ଜାଲ | |
| ୩ । ଦେଶୀ ମଦ | ତମାଖୁ ଓ ଶିଙ୍ଘ । |
| ୪ । ତାଡ଼ି | ଓଁ |

ଓଁ

#### ବନ୍ୟଜାତ ଦ୍ରବ୍ୟ ।

| | |
|---|---|
| ୧ । ସୁନାର ରେଣୁ | ୩ । ହରିଡ଼ା ବାହାଡ଼ା |
| ୨ । ବେଣାଚେର | ୪ । ତୁମର |

ଓଁ

୨୮।୨।୦୨ ମସିହା । — Dasharathi Rout Hd. Clerk and Sheristadar for ରା । କ । ଡାଲଚ୍ଛା

---

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ବର୍ତ୍ତମାନ କିଲ୍ଲାର ତଳ ତପସିଲ ଲାଇସେନ୍ସମାନ ଆଗାମୀ ସନ ୧୯୦୨।୦୩ ମସିହା ସକାଶେ ଅତ୍ର କଚେରୀରେ ଚଳିତ ମାସ ତା ୨୧ ଋଖ ରୋଜ ଶୁକ୍ରବାର ପୂର୍ବାହ୍ଣ ଘ ୧୧ ଘା ସମୟରେ ପ୍ରକାଶ୍ୟ ନିଲାମ ହେବ ।

Split by PDF Splitter

Digitized by srujanika@gmail.com

Split by PDF Splitter



କ୍ରେତାମାନେ ଯଥା ସମୟରେ ନିରୂପିତ ସ୍ଥାନରେ ଉପସ୍ଥିତ ହୋଇ ନିଲାମ ସମ୍ବନ୍ଧୀୟ ସର୍ତ୍ତମାନ ଅବଗତ ହେଲା ପରେ ନିଲାମ ଡାକ ପାଇବେ ।

ତପସିଲ ।

୧ । କଟକ ଅଫିମ ଦୋକାନ
୨ । ,, ଗଞ୍ଜାଇଦୋକାନ ।
୩ । ,, ସରାପ ଦୋକାନ ।
୪ । ଟେକ ସାହା ସରାପ ଦୋକାନ ।
୫ । ମାଣିଆ ବନ୍ଧ ତାଡି ଦୋକାନ ।
୬ । ତମଡା ପଟ୍ଟା ।
୭ । ଟିଙ୍ଗ ପଟ୍ଟା ।
୮ । ବଜାର ଦ୍ରବ୍ୟ ଦରଡ଼ା, ବାହାଡା, ତୋଟଲା ପ୍ରଭୃତି ।
୯ । ଗୋପୀନାଥପୁର ଘାଟ ।
୧୦ । ଚହମାଳ ଘାଟ ।
୧୧ । ଗୋପୀନାଥପୁର କାଞ୍ଜିହାଉସ ।
୧୨ । ମାଣିଆବନ୍ଧ ,,
୧୩ । ଝଳର ପଟ୍ଟା ।

କଟକ ମ୍ୟୁନିସିପାଲ ଅଫିସ । ତା ୭ ଇଖ ମାର୍ଚ୍ଚ ସନ ୧୯୦୬ — Madan Mohun Patnaik, *Manager*

# ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଏ ଜିଲ୍ଲାର ଅଫିମ, ଦେଶୀ ସରାପ, ତାଡି ଓ ପଚଇ ଆଶ୍ରି ଗଞ୍ଜାଇର ଲାଇସେନ୍ସ ଏବଂ ଗିଙ୍ଗ, ଚରଡ଼ା ଏବଂ କୋକେନ ବନିଜାତ ଦ୍ରବ୍ୟ ବିକ୍ରୀ କରିବାର ଲାଇସେନ୍ସମାନ ସନ ୧୯୦୬।୧୯୦୭ ମସୀହା ସକାଶ ଆଗାମୀ ମାର୍ଚ୍ଚ ମାସ ତା ୧୫ ଇଖ ଶନିବାର ସକାଳ ଘ ୮ ଟା ସମୟରେ ଏ ଜିଲ୍ଲା ସଦର କଚେରୀରେ ନିଲାମ କରାଯିବ । ଇତି ।

କଲେକ୍ଟରୀ ମହାଫେଜ ଦପ୍ତର ତା ୨୭ ଇଖ ଫେବ୍ରୁଆରୀ ସନ ୧୯୦୬ — Mahammud Atahar, *Manager*

# ବିଜ୍ଞାପନ ।

ଯେହେତୁ କଟକ ଜିଲ୍ଲା ଅନ୍ତର୍ଗତ ସଦର ଜଗତ୍‌ସିଂହପୁର, ତିର୍ତ୍ତୋଲ, ସାଲେପୁର ଓ ବାଙ୍କୀ ଥାନା ମଧ୍ୟସ୍ଥିତ ସମସ୍ତ କାଞ୍ଜିହାଉସ ( ପାଉଣ୍ଡ ) ସନ ୧୯୦୬ ମସିହା ମାର୍ଚ୍ଚମାସ ତା ୧ ଇଖଠାରୁ ସନ ୧୯୦୪ ମସିହା ମାର୍ଚ୍ଚମାସ ତା ୩୧ ଇଖ ପର୍ଯ୍ୟନ୍ତ ୨ ବର୍ଷ ମାସ ନିମନ୍ତେ ସନ ୧୯୦୬ ମସୀହା ମାର୍ଚ୍ଚମାସ ତା ୧୭ ଇଖ । ମୁ । ସନ ୧୩୧୩ ସାଲ ଚୈତ୍ର ମାସ ୪ ଦିନ ଦିବା ଘ ୧୨ ଟା ସମୟରେ କଟକ ସଦର ଲୋକେଲବୋର୍ଡ ଅଫିସରେ ଶ୍ରୀଯୁକ୍ତ ଶ୍ରୀ ଚେୟାରମେନ ବାହାଦୁରଙ୍କ ହସ୍ତରେ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଇଜାରା ବନ୍ଦୋବସ୍ତ କରାଯିବ ଅତଏବ ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଯେଉଁମାନେ ଉକ୍ତ ନିଲାମରେ ଇଜାରା ନେବାକୁ ଇଚ୍ଛା କରନ୍ତି ସେମାନେ ନିମ୍ନ ଉପରିଲିଖିତ ନିରୂପିତ ତାରିଖରେ ନିଲାମ ସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜାରା ନେଇ ପାରିବେ ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ଡାକରେ ନିଲାମ ସ୍ଥିର କରାଯିବ ଓ ନିଲାମ ଗ୍ରହିତା ତତ୍‌କ୍ଷଣାତ୍ ଅର୍ଥାତ୍ ନିଲାମ ଡାକ ଶେଷ ହେଲାକ୍ଷଣି ନିଲାମି ଇଜାରାର ଚତୁର୍ଥାଂଶ ଜାମିନ ସ୍ୱରୂପ ଅବିଳମ୍ବେ ଦାଖଲ କରିବେ ଓ ବାକୀ ଇଜାରାମତ ନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ । ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବା ମାତ୍ରେ ଦାଖଲ ନ ହେଲେ ପୁନି ନିଲାମ କରାଯିବ ଓ ପ୍ରତ୍ୟେକ କ୍ୱାର୍ଟରର କିସ୍ତି ଜମା ସେହି କ୍ୱାର୍ଟରର ପ୍ରଥମ ତାରିଖରେ ଆଗାମୀ ଦେବାକୁ ହେବ ନ ଦେଲେ ତହିଁର ଯେ ଯତ ହେବ ତାହା କ୍ଷତିପୂରଣ ଦେବାକୁ ହେବ । ନିଲାମ ସ୍ଥିର ହେଲାରୁ ଇଜାରା ମଞ୍ଜୁର ସ୍ୱାମୀ ଡାକନେଲେ ବୋର୍ଡ ଚେୟାରମେନଙ୍କ ନିରୂପିତ ସର୍ତ୍ତ ଅନୁଧାରେ ଏକରାରମତ କବୁଲିୟତ ଲେଖି ଦେଇ ରେଜେଷ୍ଟ୍ରୀ କରିଦେବେ । ଉପରୋକ୍ତ ନିଲାମ ଆଦି ସମ୍ବନ୍ଧୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକେଲବୋର୍ଡ ଅଫିସରେ ହାଜର ହୋଇ ବୁଝି ପାରିବେ ।

ପ୍ରକାଶ ଥାଉ କି କାଞ୍ଜିହାଉସମାନ କେବଳ ଭଦ୍ର ଓ ସଙ୍ଗତିପନ୍ନ ଲୋକମାନେ ନିଲାମ ଡାକି ପାରିବେ ତଦନ୍ତରେ ଯଦ୍ୟପି ନିଲାମ ଇଜାରାଦାର ସେପରି ବ୍ୟକ୍ତି ଥିବାର ପ୍ରମାଣ ନ ହେବ ତାହା ହେଲେ ତତ୍‌କ୍ଷଣାତ୍ ତାହାର ଇଜାରାପଟ୍ଟ ରଦ ହେବ ଓ ଉପଯୁକ୍ତ ସମୟ ମଧ୍ୟରେ ପାଉଣ୍ଡ ଅନ୍ୟ ଭଦ୍ର ସଙ୍ଗତିପନ୍ନ ଲୋକଙ୍କୁ ସାନ ଦର୍ଶୀ କରାଯିବ ।

ଥାନା ସଦର ।

| | |
|---|---|
| ୧ । ବାଙ୍ଗା | ୩ । ଧାଙ୍କେ |
| ୨ । ପାଥପୁର | ୪ । ଉଗାପଡ଼ା |

ଥାନା ବାଙ୍କି ।

| | |
|---|---|
| ୧ । କୁଲସୀପୁର | ୪ । ସୁବର୍ଣ୍ଣପୁର |
| ୨ । ପଥୁରିଆପଡ଼ା | ୫ । ଗୋଲପୁର |
| ୩ । ଚଳାପଥର | ୬ । ଇଟିପୁର |

ଥାନା ସାଲେପୁର ।

| | |
|---|---|
| ୧ । କଣକାଥପୁର | ୫ । ସବଲକଣା |
| ୨ । ମୌଦା | ୬ । ଅସୁରେଶ୍ୱର |
| ୩ । ଭୁଟମୁଣ୍ଡା ଘଦପୁର | ୭ । ନରେନ୍ଦ୍ରପୁର |
| ୪ । ଖନ୍ଦୋଲ | ୮ । ଜଲେଶ୍ୱରପୁର |

ଥାନା ଜଗତ୍‌ସିଂହପୁର ।

| | |
|---|---|
| ୧ । ବାଲିଆ | ୫ । କୁଆଲି |
| ୨ । ଗୋବିନ୍ଦପୁର | ୬ । ବନ୍ଦିପୁର |
| ୩ । କୁସର୍ଦା | ୭ । ସୁହୁକଞ୍ଜି |
| ୪ । ଝଁରିଲେ | |

ଥାନା ତିର୍ତ୍ତୋଲ ।

| | |
|---|---|
| ୧ । ନୟାପାଟଣା | ୨ । ପଙ୍କପାଳ |

M. Das
*Vice Chairman.*

# ବିଜ୍ଞାପନ ।

ଜଗଦ୍ବିଖ୍ୟାତ ଶ୍ରୀ କେଦାରନାଥ କୁଶାରଦଙ୍କର ଆୟୁର୍ବେଦୋକ୍ତ ଔଷଧାଳୟ ।
୯୩ । ୨ ନଂ ହରଘୋଷଷ୍ଟ୍ରୀଟ, ସିମୂଲିଆ, କଲିକତା ।

ଏହି ସ୍ଥାନରେ ସମୁଦାୟ ରୋଗର ଔଷଧ, ତୈଳ, ଘୃତ, ମୃଗନାଭି ବା କସ୍ତୁରୀ, ଏବଂ ସ୍ୱର୍ଣ୍ଣ, ମୁକ୍ତା ଓ ପ୍ରବାଳାଦି ଜାରିତ ଧାତୁ ଦ୍ରବ୍ୟାଦି ( ଭସ୍ମ ) ମିଳେ ବିଦେଶସ୍ଥ ରୋଗିମାନଙ୍କ ପୀଡ଼ାର ଅବସ୍ଥା ଜଣାଇ ଲେଖିଲେ ବ୍ୟବସ୍ଥା ଲେଖି ପଠାଯାଏ

# ଯୋଗସିଦ୍ଧ ବଟିକା ।

( ଅର୍ଥାତ୍ ବହୁପରୀକ୍ଷିତ ରୋଗଘ୍ନ ସିଦ୍ଧମହୌଷଧ ) ।

ଏହି ଯୋଗପ୍ରସୂତ ସୁସିଦ୍ଧ ଔଷଧଦ୍ୱାରା ମାନବ ଦେହର ରକ୍ତ ପରିଷ୍କାର ହୋଇ ପ୍ରାୟ ସମୁଦାୟ ପୀଡ଼ା ଆରୋଗ୍ୟ ହୁଏ । କବିରାଜ ଏବଂ ଡାକ୍ତରମାନଙ୍କ ଦୁଶ୍ଚିକିତ୍ସ୍ୟ ରୋଗସମୂହ ଆରୋଗ୍ୟ କରିବା ନିମିତ୍ତରେ ଏପରି ମହୌଷଧ ଆଉ ନାହିଁ । ଯକୃତ ଦୋଷରେ ଯେଉଁମାନଙ୍କର କୋଷ୍ଠ ପରିଷ୍କାର ହୁଏ ନାହିଁ, ଆହାରର ପରେ ଅମ୍ଳ ଢେକ୍କାର ( ଖଟାଢେକୁଟି ) ଉଠେ, ବାୟୁବୃଦ୍ଧି ହୋଇ ପେଟ ଫୁଲେ ଏବଂ କ୍ଷୁଧା ଉଚିତରୂପେ ହୁଏ ନାହିଁ ସେମାନଙ୍କ ପକ୍ଷରେ ଏହି ଔଷଧ ଅବ୍ୟର୍ଥ । ଏତଦ୍ଭିନ୍ନ ଅର୍ଶରୋଗ, ଭଗନ୍ଦର, ଉଦରାମୟ, ଅମ୍ଳଶୂଳ, ଶୋଥ, ସକଳପ୍ରକାର ଜ୍ୱର, ଶିରୋରୋଗ, ପାରଦଦୋଷ, ଶରୀରରେ ଚକାଚକା ଦାଗ, କଣ୍ଡୁ, ସ୍ୱପ୍ନଦୋଷ, ଧାତୁର ତରଳତା, ପୁରୁଷତ୍ୱହାନି, ବହୁମୂତ୍ର, ମେହରୋଗ, ମସ୍ତକଘୂର୍ଣ୍ଣନ, ବନ୍ଦ ବନ୍ଦ ମୂତ୍ରସ୍ରାବ ଓ ଜାଲିଆ ନିଃଶେଷ ଆରୋଗ୍ୟ ହୁଏ । ବାତବେଦନା, ଗଣ୍ଠିଫୁଲା, ହସ୍ତପଦାଦିର ଜ୍ୱାଳା, ସକଳପ୍ରକାର କାସରୋଗର ମହୌଷଧ । ସ୍ତ୍ରୀଲୋକମାନଙ୍କର ରଜୋଦୋଷ, ବାଧକବେଦନା, ଶୂଳ, ଶ୍ୱେତ ଓ ରକ୍ତପ୍ରଦର ଏବଂ ମୂର୍ଚ୍ଛାଦି ବନ୍ଧ୍ୟାପୀଡ଼ାର ଶୀଘ୍ର ଶାନ୍ତି ହୁଏ ଏବଂ ଶରୀରର ଲାବଣ୍ୟ ବୃଦ୍ଧି ହୋଇଥାଏ । ଦେହକୁ ରୋଗଶୂନ୍ୟ କରି ସୁସ୍ଥ ଅବସ୍ଥାକୁ ଆଣିବା ଏହି ଔଷଧର ପ୍ରଧାନ କାର୍ଯ୍ୟ ।

୪୮ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଅଠଅଣା । ୧୦୦ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଏକଟଙ୍କା ପ୍ୟାକିଂ ଖରଚ ଏକଅଣା ଏବଂ ଡାକମାସୁଲ ଦୁଇ ଅଣା । ଓଡ଼ିଆ ବ୍ୟବସ୍ଥାପତ୍ର ସହ ଔଷଧ ପଠାଯାଏ

Digitized by srujanika@gmail.com

Split by PDF Splitter




## ବିଜ୍ଞାପନ ।

ଆଉ ବାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ସାଲସା ପ୍ରଭୃତି ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାକୁ ହେବ ନାହିଁ ।

ଚକିତ୍ସା ଜଗତର ନୂତନ ଆବିଷ୍କାର ! **ଡ୍ୟାନଜୀନ ।** ହତାଶ ପ୍ରାଣର ଏକମାତ୍ର ଆଶା !!

ଡାକ୍ତର ଜେ, ଟୀ, ମାର୍ଟିନ ସାହେବଙ୍କ ଆବିଷ୍କୃତ ଜଗତ୍ ପ୍ରସିଦ୍ଧ, ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ଓ ପ୍ରତ୍ୟକ୍ଷ ଫଳପ୍ରଦ ସେହି—

# DANZIN

ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ ଆଇନ ଅନୁଯାୟୀ ରେଜେଷ୍ଟ୍ରୀକୃତ ।

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥି ନିମନ୍ତେ ଅତ୍ୟଳ୍ପ ବୟସଠାରୁ ଏତଦ୍ଦେଶବାସିମାନଙ୍କ ଇନ୍ଦ୍ରିୟ ଗ୍ଲାନ୍ୟ ଉପସ୍ଥିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରତାରଲ୍ୟ, ରକ୍ତଦୁଷ୍ଟି, ପାରଦ ବିକୃତି, ଏପରିକି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ଦୁର୍ଲଭ ମାନବଜୀବନକୁ ଅସାର ଓ ଅକର୍ମଣ୍ୟ କରି ପକାଏ, ଏହି ସକଳ ରୋଗ କବଳରୁ ଭାରତବାସିମାନଙ୍କ ଉଦ୍ଧାର ନିମନ୍ତେ "ଡ୍ୟାନଜିନ" ଆବିଷ୍କୃତ ହେବାର ପୂର୍ବକୁ ପ୍ରକୃତ ଫଳ ଦାୟକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ଶାସ୍ତ୍ରରେ ଆବିଷ୍କୃତ ହୋଇ ନ ଥିଲା । ସେଥି ନିମନ୍ତେ ଡାକ୍ତର ମାର୍ଟିନ ସାହେବ ସର୍ବକାଳବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ଦକ୍ଷିଣ ଆମେରିକାର ପାର୍ବତ୍ୟ ପ୍ରଦେଶଜାତ ବେଜେଟେବଲ ଲତା ଓ ଗୁଳ୍ମ ନିର୍ଯ୍ୟାସସହିତ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିୟାର ଅନୁମୋଦିତ ଅପୂରଣ, ପଞ୍ଚରସ ଓ ଡାମିୟାନା ପ୍ରଭୃତି କେତୋଟି ପ୍ରସିଦ୍ଧ ରକ୍ତ ପରିଷ୍କାରକ ଓ ଶୁକ୍ର ବୃଦ୍ଧିକର ଔଷଧର ସମ୍ମିଶ୍ରଣରେ ନୂତନ ରସାୟନିକ ପ୍ରକ୍ରିୟାର ପାରଦର୍ଶିତାର ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜିନ" ଆବିଷ୍କାର ହୋଇ ଭାରତବାସିମାନଙ୍କର ମହାନ୍ ଅଭାବ ଦୂରୀଭୂତ ହୋଇଅଛି । ଯେବେ ତୁମ୍ଭେ ମନେ କରୁଥାଅ ତୁମ୍ଭର ରୋଗ ଅସାଧ୍ୟ ଯଦି ତୁମ୍ଭର ଚିକିତ୍ସକ ତୁମ୍ଭଙ୍କୁ ଆରୋଗ୍ୟ କରିବାକୁ ନୈରାଶ୍ୟ କରିଥାନ୍ତି ଯେବେ ତୁମ୍ଭେ ସାଲସା ପ୍ରଭୃତି ବହୁପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭଙ୍କୁ କହୁଅଛୁଁ ଜୀବନରେ ନୈରାଶ୍ୟ ହୁଅ ନାହିଁ ଥରେ ଏହି ମହାଶକ୍ତି "ଡ୍ୟାନଜିନ" ସେବନ କରି ଦେଖ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ ! ଜର୍ଜ୍ଜରିତ ଦେହରେ ପୁନର୍ବାର ନୂତନ ଜୀବନ ପାଇବ ! ଅକର୍ମଣ୍ୟଶରୀର ପୁନର୍ବାର କାର୍ଯ୍ୟକ୍ଷମ ହେବ !!! ଅଜେଡିକ୍ୟାଲ ଥାଇଣା ଅଣ୍ଡ ପାରା ଓ ଗରମୀର ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ କାହିଁରେ ଦୂରୀଭୂତ ହୁଏ ନାହିଁ । କିନ୍ତୁ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ହେଲା ସାଧାରଣଙ୍କର ଯେ ବିଶ୍ୱାସ "ଡ୍ୟାନଜିନ" ଏହାବେଳେ ଦୂରୀଭୂତ କରିଦେଇଅଛି । ଡ୍ୟାନଜିନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ପାରା ନିର୍ଗତ କରି ଦେବାର ଶକ୍ତି ଦେଖାଯାଏ । ସାଲସା—ରୋଗ ଚାପି ରଖେ । ଡ୍ୟାନଜିନ ରୋଗ ଚାପି ରଖେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଥରେ ଆରୋଗ୍ୟ ହେଲେ ଆଉ ପୁନରାକ୍ରମଣ କରେ ନାହିଁ । ସାଲସାର ଗୁଣ ଅସ୍ଥାୟୀ । ଡ୍ୟାନଜିନ ଗୁଣ ସ୍ଥାୟୀ ।

ଡ୍ୟାନଜିନ—ମଦ, ଅଫିମ, କୋକେନ୍, ମାର୍ଫିଆ ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା କ୍ଷତିକାରୀ ପଦାର୍ଥର ସଂସ୍ରବ ନାହିଁ । ତଥାପି ଏହାର ଏକ ଆଶ୍ଚର୍ଯ୍ୟ ଗୁଣ ଏହି ଯେ ଔଷଧ ସେବନର କିଛିକ୍ଷଣ ପରେ ମନ ପ୍ରଫୁଲ୍ଲ ହୁଏ, ଶରୀର ସ୍ଫୂର୍ତ୍ତି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜିନ—ଖାଇବାକୁ ସୁସ୍ୱାଦୁ, ସଦ୍ଗନ୍ଧଯୁକ୍ତ, ଡ୍ୟାନଜିନ ସେବନରେ କୌଣସି ପ୍ରକାର ବନ୍ଧା ନିୟମ ନ ଥିବାରୁ ସକଳ ଋତୁରେ ଓ ସକଳ ଅବସ୍ଥାରେ ଆବାଳ ବୃଦ୍ଧ ବନିତା ନିର୍ଭୟରେ ସେବନ କରି ପାରନ୍ତି । ସେଥି ନିମନ୍ତେ ଏହା ଦରିଦ୍ରର ବନ୍ଧୁ ଓ ନର ଦେହର ଜୀବନ ।

### ଡ୍ୟାନଜିନରେ କି କି ରୋଗ ଆରୋଗ୍ୟ ହୁଏ ?

୧ । ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨ । ଗରମୀ ଓ ପାରଦ ଦୂଷିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩ । ବାତ ସମ୍ବନ୍ଧୀୟ ପୀଡ଼ା ।

ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ଦପୂଜ ଧାତୁ ନିର୍ଗମନ ବା ରକ୍ତ ନିର୍ଗତ ହେବା, ମୁହୁର୍ମୁହୁ ପ୍ରସ୍ରାବର ବେଗ, ପ୍ରସ୍ରାବର ଜ୍ୱାଳା, ପ୍ରସ୍ରାବ ପୂର୍ବେ ବା ପରେ ସୂତାପରି ପଦାର୍ଥ ବାହାରି ହେବା । ସ୍ତ୍ରୀଲୋକ ଦର୍ଶନ ବା ସ୍ପର୍ଶନରେ ରେତଃପାତ, ଅର୍ଥାତ୍ ଶୁକ୍ରର ତରଳତା, ସ୍ୱପ୍ନ-ଦୋଷ ଓ ତଜ୍ଜନିତ ମସ୍ତିଷ୍କ, ମୂତ୍ରଦ୍ୱାର, ହୃତ୍ପିଣ୍ଡ କ୍ଷୀଣ, ଚକ୍ଷୁ ଜ୍ୱାଳା, ଚକ୍ଷୁରୁ ଜଳପଡ଼ିବା, ହାତଗୋଡ଼ଜଳିବା, ସ୍ମରଣ ଶକ୍ତିର ହ୍ରାସ, ଧାତୁ ଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, କ୍ଷୁଧାମାନ୍ଦ୍ୟ, ଅରୁଚି ଇତ୍ୟାଦି । ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତ ପ୍ରଦର, ଅନିୟମିତ ରକ୍ତ ସ୍ରାବ, ବନ୍ଧ୍ୟାତ୍ୱ, ଋତୁକାଳୀନ ପେଟରେ ବେଦନା ଓ କନକନାନି ଇତ୍ୟାଦି ।— ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା ।— ଗରମୀ ଓ ତଜ୍ଜନିତ ପାରା ବ୍ୟବହାର ପ୍ରଯୁକ୍ତ ସର୍ବାଙ୍ଗେ ଘା ଓ ଚକା ଚକା ଦାଗ, ହାତ ଓ ଗୋଡ଼ର ତଳରୁ ଚମଡ଼ା ଉଠା, ମସ୍ତକରୁ କେଶ ଉପୁଡ଼ିବା, ମୁଖରେ ଓ ନାକଭିତରେ ଘା, ବାଗି ଘା, ପଞ୍ଚୁଘା, ନାଳଘା ନାଲିଚ, ଭଗନ୍ଦର, ଛାଲୁ କୁଣ୍ଡିଆ ଓ ଏପରିକି କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି । ବାତ ସମ୍ବନ୍ଧୀୟ ପୀଡ଼ା ।—ଗଣ୍ଠିରେ ବେଦନା ସମସ୍ତ ଶରୀର କନକନ୍ କରିବା, ହାତ ଓ ଗୋଡ଼ ଫୁଲିବା, ଅଣ୍ଟା ଓ ପିଠିର ବେଦନା ଇତ୍ୟାଦି—ଡ୍ୟାନଜିନ—ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ମନ ଚଞ୍ଚଳ ହୁଏ, ଶରୀରର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ କଣିକା ସୃଷ୍ଟି କରେ ଓ ଶରୀର ସବଳ ଓ କାନ୍ତିବିଶିଷ୍ଟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧୷ । ୩ ବୋତଲ ଟ ୪୲୦, ୬ ବୋତଲ ଟ ୭୷ ଣା ଓ ୧୨ ବୋତଲ ଟ ୧୪୲୦ ପ୍ୟାକିଂ ୧ ଠାରୁ ୩ ବୋତଲ ଟ ୦ । ଅଣା, ୪ ଠାରୁ ୧୨ ବୋତଲ ଟ ୦ ।୵ ଅଣା ।

ସୋଲ ଏଜେଣ୍ଟ—ଇଣ୍ଡିଆ, ବର୍ମା, ସିଲୋନ, ଆର, ବି, ଡି, ଏଣ୍ଡ କୋଂ

ହେଡ଼ଅଫିସ—ନଂ ୧୦ ନମ୍ବର ଅପର ଚିତ୍‌ପୁର ରୋଡ଼ କଲିକତା ବଡ଼ବଜାର ପୋଷ୍ଟାଫିସର ଠିକ ସମ୍ମୁଖରେ ।

---

## ୨୪ ଘଣ୍ଟାରେ ଯାଦୁର ଆରୋଗ୍ୟ ।

ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଆବିଷ୍କୃତ—ପ୍ରତ୍ୟକ୍ଷ ଫଳପ୍ରଦ ଯାଦୁର ଔଷଧ ।

ଯେ କୌଣସି ପ୍ରକାର ଯାଦୁ ହେଲେହେଁ ୨୪ ଘଣ୍ଟାରେ ନିଶ୍ଚୟ ଆରୋଗ୍ୟ ହେବ, ଜ୍ୱାଳା ଯନ୍ତ୍ରଣା ନାହିଁ ପାରଦ ପ୍ରଭୃତି କୌଣସି ପ୍ରକାର କ୍ଷତିକାରୀ ଦ୍ରବ୍ୟ ନାହିଁ । ମୂଲ୍ୟ ପ୍ରତି କୌଟା ଟ ୦ ୵ ଡଜନ ଟ ୫ ପ୍ୟାକିଂ ଏକଠାରୁ ୧୨ କୌଟା ଟ ୦ ।୵

ଡାକ୍ତର ମାର୍ଟିନଙ୍କର "ଅଫ୍ରେଲ ଟେର"—ଯାହାର ଯେ କୌଣସି ପ୍ରକାର ଘା ହେଉ ନିଶ୍ଚୟ ଆରୋଗ୍ୟ ହେବ ।

ମୂଲ୍ୟ ପ୍ରତି କୌଟା ଟ ୧୲୦ ଡଜନ ଟ ୧୦ ୯ ପ୍ୟାକିଂ ୧ ଠାରୁ ୬ କୌଟାକୁ ଟ ୦ ।୵

ଏଜେଣ୍ଟସ—ଆର, ସି, ଡି ଏଣ୍ଡ କୋଂ ନଂ ୧୦ ନମ୍ବର ଅପର ଚିତ୍‌ପୁର ରୋଡ କଲିକତା


Digitized by srujanika@gmail.com

☞ ମୂଲପତ୍ର ଦେଖ ।

Split by PDF Splitter

REGISTERED No. C. 81. 

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା।

# THE UTKAL DIPIKA.

ଭା ୩୭ ଶ
ସଂ ୧୧, ଖ୍ୟ

CUTTACK, SATURDAY THE 15th MARCH 1902.
୨ ଚୈତ୍ର । ସନ ୧୩୦୯ ସାଲ ଶନିବାର

ଅଗ୍ରୀମ ଟ ୩,
ପଶ୍ଚାଦେୟ ଟ ୬୧

## ବିଜ୍ଞାପନ।

### ନୂତନ ପଞ୍ଜିକା !

ଶକାବ୍ଦା ୧୮୨୪ ସନ ୧୩୦୯ ଓ ୧୩୧୦ ଇଂରେଜୀ ସନ ୧୯୦୨ ଓ ୧୯୦୩ ପୂର୍ବପର କଟକ ପ୍ରିଣ୍ଟିଂକମ୍ପାନୀଦ୍ୱାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି।

ବଡ଼ ଟ ୦।
ଛୋଟ ଟ ୦୧୨

ମୋଫସଲ ନମନ୍ତେ ଡାକମାସୁଲ ଟ ୦/ ଯେଉଁମାନଙ୍କର ରେଲ କମ୍ବା ଷ୍ଟିମାରଦ୍ୱାରା ନେବାର ସୁବିଧା ଅଛି ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟେରୀ

## NOTICE.

Wanted a Civil Hospital Assistant temporarily for three months for the Charitable Dispensary at Anandapur on Rs. 25 per mensem. There is a prospect of the post being a permanent one.

Preference will be given to those experienced in Charitable Dispensary works.

Applications will be received by the undersigned up to 30th March 1902.

Keonjhar Garh
The 7th March
1902.
*Maharajah of Keonjhar*

## NOTICE.

Wanted a Sub-overseer for the Municipality of Kendrapara on a Salary of Rs. 20 per mensem. None need apply who has not passed the Cuttack Survey School examination. Applications together with testimonials will be received up to 31st March 1902.

Kendrapara
Municipal office
The 7th March
1902.
Munshi Syed Makbulali
*Vice Chairman*

## NOTICE.

Wanted a female teacher for the Dhenkanal Girl's School on a Salary of Rs. 12 per mensem. None need apply who has not passed the Vernacular Scholarship Examination. Preference will first be given to a Hindoo Female, next to an Urya Brahmica and lastly to a native Christian Female.

Applications with testimonials will be received up to 30th March 1902.

Manager's office
Dhenkanal
The 13th March
1902.
Jagannath Dutt
*For Manager*

## ବିଜ୍ଞାପନ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ସନ ୧୯୦୨ ମସିହା ଅପ୍ରେଲ ମାସଠାରୁ ସନ ୧୯୦୩ ମସିହା ମାର୍ଚ୍ଚି ମାସ ଶେଷର ସୁଦ୍ଧା ଏକବର୍ଷ ପର୍ଯ୍ୟନ୍ତ ଏ ରାଜ୍ୟ ଇଲାକାର ଚମଡ଼ା ଲାଇସେନ୍ସ ଓ ଅବକାରୀ ଦୋକାନ ଓ

ବନ୍ୟଜାତ ଦ୍ରବ୍ୟମାନଙ୍କ ଲାଇସେନ୍ସ ଆସନ୍ତା ମାର୍ଚ୍ଚି ମାସ ତା ୨୨ ରଖ ଏ କଚେରୀରେ ଦିବା ଘ ୧୨ ଘଣ୍ଟାରୁ ଅପରାହ୍ନ ଘ ୫ ଘଣ୍ଟା ପର୍ଯ୍ୟନ୍ତ ନିଲାମ ଡାକ ହେବ। ଯେଉଁମାନେ ନିଲାମରେ ନେବାକୁ ଇଚ୍ଛା କରନ୍ତି ସେମାନେ ହାଜର ହୋଇ ନିଲାମ ଡାକ ପାରିବେ। ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚତର ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ନାମରେ ନିଲାମ ଖତମ କରାଯାଇ ତାଙ୍କୁ ଲାଇସେନ୍ସ ଦିଆଯିବ ଓ ସେ ଆଇନାନୁସାରେ ବର୍ଷ ପ୍ରତିପାଳନ କରିବେ ଏବଂ ନିଲାମନ ଜମିଲାରୁ ଅଗ୍ରୀମ ଚତୁର୍ଥାଂଶ ଦାଖଲ କରିବେ।

Nayagarh
15-2-02
A, C, Das.
Government Agent
Nayagarh State

## ବିଜ୍ଞାପନ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଚଳିତ ମାସ ତା ୨୯ ରଖରେ କଇଗଡ଼, କନ୍ଧ୍ୟାଗଡ଼ ଏବଂ ଆନନ୍ଦପୁର ଇଲାକାର ଅବକାରୀ ଦୋକାନ; ଚମଡ଼ା, ଶିଙ୍ଗ, ଜଙ୍ଗଲଜାତ ଦ୍ରବ୍ୟ, ହାଟ, ନଦୀଘାଟମାନ, କେଉଁଝର ଗଡ଼, ଚମ୍ପୁଆ ଓ ଆନନ୍ଦପୁର ମୁକାମରେ ନିଲାମ କରାଯିବ। ଜାଣିବା ଉଚିତ ଯେ ନିଲାମ ଖରିଦଦାରମାନଙ୍କୁ ବାର୍ଷିକ ଜମାର ¼ ( ଚତୁର୍ଥାଂଶ ) ଡିପୋଜିଟସ୍ୱରୂପ ଅଗ୍ରୀମ ଦାଖଲ କରିବା ଓ ଉପଯୁକ୍ତ ଜାମିନ ମଧ୍ୟ ଦେବାକୁ ହେବ। ଇତି।

କେନ୍ଦୁଝର ଗଡ଼
ତା ୩ ରିଖ ମାର୍ଚ୍ଚ
ସନ ୧୯୦୨ ସାଲ
ଶ୍ରୀ ମହାରାଜା କେନ୍ଦୁଝର

Digitized by srujanika@gmail.com

Split by PDF Splitter



# ଉତ୍କଳଦୀପିକା ।

ଆସାମର ଶାସନକର୍ତ୍ତା ଶ୍ରୀଯୁକ୍ତ କଟନ ସାହେବ ଛମାସର ଛୁଟୀ ଗ୍ରହଣ କରି ସ୍ୱଦେଶକୁ ଗମନ କରୁଅଛନ୍ତି । ବୋଧହୁଏ ତାଙ୍କର ଅବସର ଗ୍ରହଣର ଏହା ପୂର୍ବ ଆଭାସ ଅଟେ । ଏହାଙ୍କ ସ୍ଥାନରେ ଭାରତ ଗଭର୍ଣ୍ଣମେଣ୍ଟର ରେଭିନ୍ୟୁ ସେକ୍ରେଟେରୀ ମିଃ ଯେ, ବି, ଫୁଲର୍ ନିଯୁକ୍ତ ହେଉ ଅଛନ୍ତି ।

---

ଭାରତର ସମସ୍ତ ପ୍ରଦେଶର ଶିକ୍ଷା ବିଭାଗ ଉପରେ ଜଣେ ଡାଇରେକ୍ଟର ଜେନେରଲ ରହିବେ । ପଞ୍ଜାବର ଶିକ୍ଷା ବିଭାଗର ପରିଦର୍ଶକ ମିଃ ଏଚ୍, ଡବଲିଉ ଅରେଞ୍ଜ ଏହି ନୂତନ କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି । ସେ ମାସିକ ବେତନ ଟ ୧୮୦୦ ଙ୍କା ପାଇବେ । ଏହାଙ୍କର ବୟସ ବ ୪୫ ର୍ଷ ମାତ୍ର ।

---

ଭାରତଗଭର୍ଣ୍ଣମେଣ୍ଟ ପାଞ୍ଚଟଙ୍କା ଓ ତନ୍ନ୍ୟୂନ ଟଙ୍କାର ମନିଅର୍ଡର କମିଶନ ଦୁଇଅଣାରୁ ଏକଅଣା ନିର୍ଦ୍ଧାର୍ଯ୍ୟ କରିଅଛନ୍ତି । ଏହାଦ୍ୱାରା ସାଧାରଣ ଉପକୃତ ହେବେ ଓ ସରକାର ମଧ୍ୟ ଲାଭବାନ୍ ହେବେ ସର୍ବସାଧାରଣ ଏପ୍ରକାର ସୁବିଧାରେ ଅନେକ ମନିଅର୍ଡର କରିବେ ଓ ସଂଖ୍ୟା ବୃଦ୍ଧି ହେଲେ ଡାକଘରର ଆୟ ମଧ୍ୟ ବୃଦ୍ଧି ହେବ । ଆଗାମୀ ଅପ୍ରେଲମାସ ତା ୧ ରିଖଠାରୁ ଏହି ନିୟମ ପ୍ରଚଳିତ ହେବ । ଶୁଭସ୍ୟ ଶୀଘ୍ରଂ ।

---

ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ସହଯୋଗୀ ହିତୈଷିଣୀ ପଢ଼ିବାରୁ ଅବଗତ ହେଲୁଁ ଯେ ତାଳଚେର ରାଜାଙ୍କର ଗୋଟିଏ ସନ୍ତାନ ଗତ ଫିବ୍ରୁଆରି ମାସ ତା ୨୮ ରିଖ ସୋମବାର ଦିବସରେ ଜନ୍ମ ହୋଇଅଛନ୍ତି । ବର୍ତ୍ତମାନ ରାଣୀ ବାମଣ୍ଡାଧିପତିଙ୍କ ରାଜକୁମାରୀ ଥିବାରୁ ଏହି ସମ୍ବାଦ ତାର ଯୋଗେ ସେଠାକୁ ପ୍ରେରିତ ହୋଇଥିଲା ଓ ଏହି ଆନନ୍ଦ ସମ୍ବାଦରେ ସେଠାରେ ଶୁଭ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଅମ୍ଭେମାନେ ଈଶ୍ୱରଙ୍କ ନିକଟରେ ଏହି ନବ ସନ୍ତାନର ଦୀର୍ଘାୟୁ କାମନା କରୁଅଛୁଁ ।

---

କଲିକତା ସହରରେ ବସନ୍ତ, ପ୍ଲେଗ ଓ ବିସୂଚିକା ରୋଗର ବିଶେଷ ପ୍ରାଦୁର୍ଭାବ ହୋଇଅଛି । ବିସୂଚିକା ରୋଗରେ ପ୍ରତ୍ୟହ ହାରାହାରି ୫୦ ଜଣ ମରୁଅଛନ୍ତି ମାତ୍ର ପ୍ଲେଗ ରୋଗର ମୃତ୍ୟୁସଂଖ୍ୟା ପ୍ରତ୍ୟହ ହାରାହାରି ୮୦ ପଡ଼ୁଅଛି । ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ସେଠା ସଂସ୍କୃତ କଲେଜର ବେଦ ଅଧ୍ୟାପକ ଗତ ଶନିବାର ପ୍ଲେଗ ରୋଗାକ୍ରାନ୍ତ ହୋଇ ଇହ ସଂସାର ପରିତ୍ୟାଗ କରିଅଛନ୍ତି । ରୋଗ ବୃଦ୍ଧି ହେବାରୁ ବିଦେଶୀମାନେ ସ୍ୱଗୃହକୁ ଯିବାରେ ଚେଷ୍ଟିତ ହେଲେଣି ।

---

ଆଗାମୀ ତା ୨୧ ରିଖ ସୋମବାର ଦିବସରୁ ଏଫ, ଏ, ଓ ବି, ଏ, ପରୀକ୍ଷା ଗୃହୀତ ହେବ । ତା ୨୧ ରିଖ ଦିବସ ଏଫ, ଏର ଇତିହାସ ଓ ଲଜିକ ଏବଂ ବି, ଏର ଗଣିତ ଇତ୍ୟାଦି ପରୀକ୍ଷାର ଦିନ ଧାର୍ଯ୍ୟ ହୋଇଥିଲା କିନ୍ତୁ ଉକ୍ତ ଦିବସ ମୁସଲମାନମାନଙ୍କର ଇଦ ପର୍ବ ହେବାରୁ ଏଫ, ଏର ଇତିହାସ ପ୍ରଭୃତି ପରୀକ୍ଷା ତା ୨୧ ରିଖରେ ନ ହୋଇ ତା ୨୩ ରିଖ ମାର୍ଚ୍ଚ ବୁଧବାର ଓ ବି, ଏର ଗଣିତ ଇତ୍ୟାଦି ପରୀକ୍ଷା ତା ୨୪ ରିଖ ମାର୍ଚ୍ଚ ଗୁରୁବାର ଦିନ ଗୃହୀତ ହେବ । ଅନ୍ୟାନ୍ୟ ଦିନର ପରୀକ୍ଷା ପୂର୍ବ ନିର୍ଦ୍ଦିଷ୍ଟ ଦିବସମାନଙ୍କରେ ହେବ ।

---

ବଡ଼ଲାଟ ଲର୍ଡ଼କର୍ଜନ ଚଳିତ ମାସ ତା ୨୨ ରିଖରେ କଲିକତା ତ୍ୟାଗ କରି ତା ୨୫ ରିଖରେ ହାଇଦ୍ରାବାଦରେ ପହଞ୍ଚିବେ । ସେଠାରେ ତାଙ୍କର ଆଗମନ ପ୍ରକାଶ୍ୟ ଭାବରେ ହେବ । ଉକ୍ତ ରାଜ୍ୟରେ ବଡ଼ଲାଟ ମହୋଦୟ ଦି ୧୪ ଦି ଅବସ୍ଥାନ କରିବେ, ତନ୍ମଧ୍ୟରୁ ଦଶଦିନ ତାମ୍ବୁରେ ରହି ତଦୁପରେ ଅଜନ୍ତା ଗୁମ୍ଫା ପରିଦର୍ଶନାର୍ଥ ଗମନ କରିବେ, ତଦୁତ୍ତରେ ପରବାଲରେ ଅସ୍ତ୍ରାଭିମୁଖେ ଯାତ୍ରା କରିବେ, ସେଠାରୁ ବମ୍ବେ ପେସବାର ଓ ଜେଷ୍ଟଭୂମ ଗମନ କରିବେ । ଅପ୍ରେଲ ମାସ ଶେଷରୁ ଅଥବା ମଇ ମାସ ପ୍ରାରମ୍ଭରେ ସିମଲାରେ ପହଞ୍ଚିବେ । ମହାମାନ୍ୟ ଗଭର୍ଣ୍ଣର ଜେନେରଲଙ୍କ କଲିକତାରୁ ଗମନ ଓ ସିମଲାରେ ଆଗମନ ଅପ୍ରକାଶ୍ୟ ଭାବରେ ହେବ ।

---

ଭଦ୍ରଖ ସବଡିଭିଜନର ହାକିମଙ୍କ ମିସିଲରେ ଏକ ଅଭିନବ ଘଟଣା ଉପସ୍ଥିତ ହୋଇଥିଲା । ବଲ୍ଲପଧାନ ନାମକ ଏକ ବ୍ୟକ୍ତି ବିରୁଦ୍ଧରେ ଗୋଟିଏ ମୋକଦ୍ଦମା ଦାଏର ଥିଲା । ତାହା ନାମରେ ପରୱାନା ଜାରି ହେବାରୁ ସେ କଚେରୀରେ ଉପସ୍ଥିତ ହେଲା ଓ ମୋକଦ୍ଦମା ଯଥା ନିୟମରେ ଚାଲିଲା । ବିଚାରପତି ଯେଉଁ ଦିବସ ମୋକଦ୍ଦମା ଫଏସଲା କରି ରାୟ ପ୍ରଦାନ କଲେ ଉକ୍ତ ଦିବସ ଆସାମୀ ଉପସ୍ଥିତ ନ ହୋଇ ତାହାର ପୁତ୍ର ଉପସ୍ଥିତ ଥିଲା । ବିଚାରପତି ଆସାମୀ ପ୍ରତି ଏକ ବର୍ଷର କଏଦ ଦଣ୍ଡ ପ୍ରଦାନ କଲେ । ଉପସ୍ଥିତ ଆସାମୀ ( ଅର୍ଥାତ୍ ଆସାମୀର ପୁତ୍ର ) ଜେଲଖାନାକୁ ନୀତ ହେଲା । ଜେଲ କର୍ମଚାରୀମାନେ ତହିଁ ଅବଗତ ଏ ପ୍ରକାର ଭ୍ରମ ଜୁଡ଼ିସିଆଲ ହାକିମଙ୍କ ଗୋଚରରେ ଅର୍ପଣ କଲେ । ଜଣାଯାଏ ଯେ ଏହି ବିପଦରୁ ରକ୍ଷା ପାଇବା ନିମନ୍ତେ ଭଣ୍ଡ ମଧ୍ୟ ବଦଳା ହୋଇଥିଲା ମାତ୍ର ତଥା ଲୁଚି ରହି ପାରିଲା ନାହିଁ । ଏହା ବର୍ତ୍ତମାନ ଉପରସ୍ଥ ହାକିମମାନଙ୍କ ଗୋଚରରେ ଆସିଅଛି ।

---

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ମୟୂରଭଞ୍ଜ ମହାରାଣୀ ଗତ ତା ୩ ରିଖ ଗୁରୁବାର ଅପରାହ୍ନ ସ ୩ ଘ ବେଳେ ବସନ୍ତ ବ୍ୟାଧିରେ ଇହ ସଂସାର ପରିତ୍ୟାଗ କରିଅଛନ୍ତି । ବର୍ତ୍ତମାନ ରାଜାଙ୍କ ମାତା ଓ ପିତା ମଧ୍ୟ ଏହି ବ୍ୟାଧିରେ ପ୍ରାଣ ହରାଇଥିଲେ । ମହାରାଣୀଙ୍କ ବୟସ ବ ୨୦ ର୍ଷ ହୋଇଥିଲା । ଅତି ଅଳ୍ପ ବୟସରେ ମହାରାଣୀଙ୍କ ମୃତ୍ୟୁ ଘଟିବା ଅତୀବ ଦୁଃଖ ସମ୍ବାଦ । କିନ୍ତୁ ଈଶ୍ୱରଙ୍କ ଅଭିପ୍ରାୟ ଅବଶ୍ୟ ସମ୍ପନ୍ନ ହେବ । ଯାହାହେଉ ମହାରାଣୀ ମହାରାଜାଙ୍କ ଶୋକ ସନ୍ତପ୍ତ ହୃଦୟକୁ ଶୀତଳ କରିବା ନିମନ୍ତେ ଦୁଇ ଗୋଟି ପୁତ୍ର ଓ ଏକ ଗୋଟି କନ୍ୟା ରକ୍ଷି ଇହ ଧାମ ତ୍ୟାଗ କରିଅଛନ୍ତି । ଏପରି ସମୟରେ ଈଶ୍ୱର କେବଳ ଏକମାତ୍ର ସହାୟ । ଅମ୍ଭେମାନେ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁଁ ଯେ ସେ ଶୀଘ୍ର ମହାରାଜାଙ୍କୁ ଓ ତାଙ୍କ ପରିବାରବର୍ଗଙ୍କୁ ଏହି ଶୋକସନ୍ତପ୍ତ ହୃଦୟରେ ଶାନ୍ତିବାରି ପ୍ରଦାନ କରନ୍ତୁ ଓ ସ୍ୱର୍ଗୀୟ ମହାରାଣୀଙ୍କ ଆତ୍ମାର ସଦ୍ଗତି କରନ୍ତୁ ।

---

ଇଂଲଣ୍ଡରେ ରକ୍ଷଣଶୀଳଦଳ ବର୍ତ୍ତମାନ କ୍ଷମତାରେ ଅଛନ୍ତି । ପ୍ରଧାନ ମନ୍ତ୍ରୀ ଲର୍ଡ ସାଲିସବରି ସେମାନଙ୍କର ନେତା ଥିଲେ । ଅନ୍ୟଦଳ ଉଦାରନୈତିକ । ସେମାନଙ୍କର ବର୍ତ୍ତମାନ ନେତା ସାର ଏଚ, କାମ୍ପବେଲ ବା ନରମାନ ଅଟନ୍ତି । ଲର୍ଡ଼ଗ୍ଲାଡଷ୍ଟୋନଙ୍କ ମୃତ୍ୟୁ ଉତ୍ତାରେ ଲର୍ଡରୋଜବେରୀ ଉଦାରନୈତିକ ଦଳର ନେତୃତ୍ୱରେ କିଛିକାଳ ରହିଥିଲେ ମାତ୍ର ପାର୍ଶ୍ୱବର୍ତ୍ତୀ ହୋଇ ରାଜନୈତିକ ବ୍ୟାପାରରୁ ଅବସର ଗ୍ରହଣ କରିଥିଲେ । ବର୍ତ୍ତମାନ ସେ ଏକ ନୂତନ ଦଳ ଗଠନ କରିବାକୁ ଯତ୍ନ ପ୍ରକାଶ କରୁଅଛନ୍ତି । ଉଦାରନୈତିକଦଳ ମଧ୍ୟରେ ଯେଉଁମାନେ ଯୁଦ୍ଧ ବିଗ୍ରହଦ୍ୱାରା ରାଜ୍ୟ ବିସ୍ତାରର ପକ୍ଷପାତୀ, ଲର୍ଡରୋଜବେରୀ ସେମାନଙ୍କୁ ନେଇ ଏହି ନୂତନ ଦଳ ବାନ୍ଧିବା ନିମନ୍ତେ ଏକ ସଙ୍ଘ କରିଅଛନ୍ତି । ଏହି ସଙ୍ଘର ସଭାପତି ସ୍ୱୟଂ ଲର୍ଡ଼ରୋଜବେରୀ, ଏବଂ ସାର ହେନରି ଫାଉଲର, ସାର ଏଡ଼ୱାର୍ଡ଼ଗ୍ରେ ଓ ମିଃ ଏସ୍କୁଇଥ ସହକାରୀ ସଭାପତି ପଦ ଗ୍ରହଣ କରିଅଛନ୍ତି । ଜ ୧୫ ଣ ସଭ୍ୟ ଏମାନଙ୍କ ଦଳଭୁକ୍ତ ହୋଇଅଛନ୍ତି ।

---

ଢେଙ୍କାନାଳ ନାବାଳଗ ରାଜା ଶ୍ରୀ ସୁରପ୍ରତାପ ମହେନ୍ଦ୍ର ବାହାଦୁରଙ୍କର ଶୁଭ ମଙ୍ଗଳକୃତ୍ୟ ଉପଲକ୍ଷେ ଗତ ତା ୧୩ ରିଖ ସନ୍ଧ୍ୟାସମୟରେ

Digitized by srujanika@gmail.com

ତାଙ୍କର ନିର୍ଦ୍ଦିଷ୍ଟ ତୁଳସୀପୁର ରାଜଭବନରେ ଇଉରୋପୀୟମାନଙ୍କୁ ଓ ତତ୍ପର ଦିବସ ତା ୧୪ ଇଣ ସନ୍ଧ୍ୟାସମୟରେ ଦେଶୀୟ ଭିନ୍ନ ସମ୍ପ୍ରଦାୟ ଭଦ୍ରଲୋକମାନଙ୍କୁ ନିମନ୍ତ୍ରଣ ହୋଇଥିଲା । ଏହି ଶୁଭ କାର୍ଯ୍ୟରେ ବଙ୍ଗଳାରୁ ଥିଏଟର ଦଳ ମଧ୍ୟ ଆଣିତ ହୋଇଅଛି । ଏମାନେ ଢେଙ୍କାନାଳ ଗଡଠାରେ ଅଭିନୟ କରି କଟକର ଭଦ୍ରଲୋକମାନଙ୍କୁ ଆମୋଦ ନିମନ୍ତେ ଏଠାରେ ମଧ୍ୟ ଉକ୍ତ ରୂପକ ଅଭିନୟ ଦେଖାଇଥିଲେ । ଢେଙ୍କାନାଳ କଟକଠାରୁ ଅତି ଦୂରବର୍ତ୍ତୀ ନୁହେ ଓ କଟକ ନଗର ପ୍ରତି ଢେଙ୍କାନାଳ ରାଜାଙ୍କର ମଧ୍ୟ ବିଶେଷ ସ୍ନେହ ଥିବା ବୋଧହୁଏ । ଏହି ନଗରରେ ଢେଙ୍କାନାଳ ରାଜା ବହୁକାଳ ଅବସ୍ଥାନ କରୁଥିବାରୁ ଢେଙ୍କାନାଳ ନାମ ପ୍ରତି ଶ୍ରଦ୍ଧରେ ଅଧିକ ମୂଳସଂ ଏ ରାଜାଙ୍କ ମଙ୍ଗଳ କାମ୍ୟରେ କଟକରେ ଆମୋଦପ୍ରମୋଦ ବାଞ୍ଛନୀୟ ଏବଂ ତାହା ସମୁଚିତରୂପେ ହୋଇଅଛି । ଥିଏଟର ଛଡ଼ା ଦେଶୀୟ ନୃତ୍ୟ ଏବଂ ବାଣପୋଡ଼ା ମଧ୍ୟ ହୋଇଥିଲା ।

---

ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶ ନାମକ ନୂତନ ପ୍ରଦେଶ ହେବାରୁ ଉତ୍ତର ପଶ୍ଚିମ ପ୍ରଦେଶର ଭୂତପୂର୍ବ ଲେଫ୍ଟ ଲାଟ ବାହାଦୁର ସାର, ଏ, ମାକ୍‌ଡୋନେଲ "ଉତ୍ତର ପଶ୍ଚିମ ପ୍ରଦେଶ ଓ ଅଯୋଧ୍ୟା" କୁ "ଆଗ୍ରା ଓ ଅଯୋଧ୍ୟା ସମ୍ମିଳିତ ପ୍ରଦେଶ" ନାମ ହେବା ନିମନ୍ତେ ଭାରତ ଗଭର୍ଣ୍ଣମେଣ୍ଟଙ୍କୁ ପରାମର୍ଶ ପ୍ରଦାନ କରିଥିଲେ । ବଡ଼ ଲାଟ ଉକ୍ତ ପରାମର୍ଶାନୁସାରେ ଏକ ପ୍ରସ୍ତାବ ବିଲାତର ଷ୍ଟେଟ ସେକ୍ରେଟରିଙ୍କ ମଞ୍ଜୁରି ନିମନ୍ତେ ପ୍ରେରଣ କରିଥିଲେ । ବର୍ତ୍ତମାନ ଉକ୍ତ ପ୍ରସ୍ତାବର ମଞ୍ଜୁରି ଆସିଅଛି । ୧୮୩୩ ସାଲର ସନନ୍ଦ ପତ୍ରାନୁଯାୟୀ ଆଗ୍ରା ପ୍ରେସିଡେନ୍ସିରେ ପରିଣତ ହେବାର କଥା ଥିଲା ମାତ୍ର ସନ ୧୮୩୬ ମସିହାରେ ଉତ୍ତର ପଶ୍ଚିମ ପ୍ରଦେଶରେ ଲେଫ୍ଟ ଲାଟ ବାହାଦୁରଙ୍କ ରାଜଧାନୀ ସ୍ଥାପନ ହେବାରୁ ଆଗ୍ରା ପ୍ରେସିଡେନ୍ସି ହେବା ବିଷୟ ଲୋପ ପାଇଥିଲା । ବର୍ତ୍ତମାନ ଏହି ନୂତନ ପ୍ରଦେଶରେ ଆଗ୍ରା ନାମ ମିଳିତ ହେବାରୁ, ପୂର୍ବ ବିଷୟ ପୁନରୁତ୍ଥାପିତ ହୋଇଅଛି । ଅଯୋଧ୍ୟାର ନାମ ମିଶାଇବାରେ ଅଯୋଧ୍ୟାର ପୂର୍ବ ଐତିହାସିକ ଦେଶ ପ୍ରତି ସମ୍ମାନ ରକ୍ଷା ହୋଇଅଛି ଓ ଏହି ନାମକରଣ କେବଳ ଆଇନ ସଙ୍ଗତ ଓ ଶାସନ କାର୍ଯ୍ୟ ନିମନ୍ତେ ଆବଶ୍ୟକ ହୋଇଅଛି । ଏହି ନୂତନ ପ୍ରଦେଶକୁ ସର୍ବ ସାଧାରଣ ଲୋକେ ସମ୍ମିଳିତ ରାଜ୍ୟ ବୋଲି ବ୍ୟବହାର କରିବେ ।

---

ଚମଡ଼ା ପକ୍କା କରିବା ପ୍ରଣାଳୀ, ଶିକ୍ଷା । — ଅହମଦାବାଦର ଶ୍ରୀଯୁକ୍ତ ଜେଲ ବାଲିଭ ମାର୍ଜିନ ଦେଶର ଚମଡ଼ା କାରଖାନାରେ ଚମଡ଼ା ପକ୍କା କରିବାର ନୂତନ ପ୍ରଣାଳୀ ଶିକ୍ଷା କରି ଆସି ସମଗ୍ର ଭାରତବର୍ଷରେ ଜ ୨୦ ଣ ଲୋକଙ୍କୁ ଉକ୍ତ ବିଷୟ ଶିକ୍ଷା ଦେବାକୁ ଇଚ୍ଛା କରିଅଛନ୍ତି । ଅହମଦାବାଦ ଅନ୍ତର୍ଗତ ମିଲାତେହୋର ନାମକ ସ୍ଥାନରେ ତାହାଙ୍କର ଯେ ଚମଡ଼ା କାରଖାନା ଅଛି, ଉକ୍ତରୂପେ ଶିକ୍ଷାଦାନ କାର୍ଯ୍ୟ ସେହି କାରଖାନାରେ ହେବ । ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ସର୍ବାସୁଦ୍ଧା ଏକ ହଜାର ଟଙ୍କା ହିସାବରେ ଦେବାକୁ ହେବ । ତଦୁତ୍ତାରୁ ଶିକ୍ଷାର୍ଥୀମାନଙ୍କୁ ତାହାଙ୍କର ସହିତ ଏହି ଗୋଟିଏ ସର୍ତ୍ତରେ ଆବଦ୍ଧ ହେବାକୁ ହେବ ଯେ ଅନ୍ତତଃ ଦଶ ବର୍ଷ ନିମନ୍ତେ ସେମାନେ ତାହାଙ୍କୁ ନିଜର କାରବାରରେ ବକେୟା ନିଯୁକ୍ତ କରିବେ । ଶିକ୍ଷକମାନଙ୍କର କାରଖାନାର ପକ୍କା ଚମଡ଼ା ବିକ୍ରୟ ନିମନ୍ତେ ସେ ନିଜ ବ୍ୟୟରେ ଭାରତରେ ବାସ କରି ଇଂଲଣ୍ଡ, ଅଷ୍ଟ୍ରେଲିଆ, ଆମେରିକାର ବଜାରରେ ପାରିଶ୍ରମିକସ୍ୱରୂପ ଉପଯୁକ୍ତ ପରିମାଣରେ କମିଶନ ନେଇ ସେମାନଙ୍କ ପ୍ରେରିତ ଚମଡ଼ା ବିକ୍ରୟ କରିବେ । ଇଂଲଣ୍ଡରେ ଅବସ୍ଥାନ ସମୟରେ ସେ ଚମଡ଼ା ପକ୍କା କରିବାର ଯେ ସକଳ ନୂତନ ତତ୍ତ୍ୱ ଅବଗତ ହେବେ ସେ ସକଳ ମଧ୍ୟ ସେ ଛାତ୍ରମାନଙ୍କୁ ଶିକ୍ଷା ଦେବେ । ସେଥି ନିମନ୍ତେ ସେମାନଙ୍କ ନିକଟରୁ ସେ ଆଉ ଅର୍ଥ ଗ୍ରହଣ କରିବେ ନାହିଁ । ସେମାନଙ୍କ କର୍ତ୍ତୃକ ବିଦେଶକୁ ପ୍ରେରିତ ଦ୍ରବ୍ୟାଦିମାନଙ୍କ ନମୁନା ମନୋନୀତ ହେଲେ ସେ ତାଙ୍କୁ ସହକାରୀତାର ଦ୍ରବ୍ୟାଦି ଚାଲାନ ହୋଇଯିବ, ସେହି ବାବଦ ନିକଟରେ ମାଲର ମୂଲ୍ୟ ଦାଖଲ କଲେ ମୂଲ୍ୟର ଟଙ୍କାକୁ ସେମାନେ ଶୀଘ୍ର ପାଇବେ ।

---

କଟକ ସେସନଙ୍କ ଅଦାଲତରେ ଗତ ତା ୧୬ ଇଣ ଦଉରାଦସ୍ତୁରର ଫଳ ।

ଗିରଧାରୀ ମହେଲ, ଜାଳପଧାନ । ସା । ଚଉଦ୍ୱାରପଲି । ତ । ବାଙ୍କି ଅସାମୀ ଅପଣାର ମା ୨ ବର ପୁତ୍ରକୁ ଧୃଷ୍ଣାନରେ ପଦାଇ ଦେଇ ଖଣ୍ଡପଡ଼ାକୁ ପଳାଇଗଲା ଜ ୧ ଣ ଚମାର ଖାଇ ରାତିବାକୁ ଯାଇଥିଲା ପିଲା କାନ୍ଦିବାର ଶବ୍ଦ ଶୁଣି ଦେଖିଲା ଯେ ପିଲାଟି ପଡ଼ିଅଛି । ଗ୍ରାମର ଚଉକିଦାରଙ୍କୁ କହିବାରୁ ସେ ପିଲାକୁ ଜ ୧ ଣ ସ୍ତ୍ରୀ ଚମାରେ କଡ଼ାଇ ଖଣ୍ଡପଡ଼ାକୁ ସେ ଲୋକକୁ ଧରିଆଣିଲା, ପୁଲିସ ଚାଲାଣ ଦେବାରୁ ଜଜସାହେବ ବ ୫ ର୍ଷ କଠିନ ପରିଶ୍ରମସହିତ କଏଦ ଦଣ୍ଡ ଦେଲେ ।

କେନ୍ଦ୍ରାପଡ଼ା ନିବାସୀ ଅଦ୍ୱୈତପ୍ରସାଦ ସୁଯୁକ୍ତ ଜାତାର ମାନୁ । ଗ୍ର । ପଦ୍ମପୁର ନିବାସୀ ଚମାର ଜାତି ... ହତ୍ୟା କରିବା ଅଭିପ୍ରାୟରେ "କଟୁରୀ ଦ୍ୱାରା ଅଦ୍ୱୈତର ବେକରେ ୨।୩ ସ୍ଥାନରେ ଆଘାତ କରିଥିଲା । ଅଦ୍ୱୈତ ଡାକ୍ତରଖାନାରେ ଆରୋଗ୍ୟ ହୋଇଗଲା"। ଏଠା ଦୌରା ବିଚାରରେ ଗତ ଟ୍ରିବ୍ୟୁନାଲ କମଳାକାନ୍ତର ଯାବଜ୍ଜୀବନ ଦ୍ୱୀପାନ୍ତର ବାସର ଆଦେଶ ହୋଇଯାଇଅଛି ।

---

## ବୈଦେଶିକ ଦେଶୀୟ ଟୀକା ।

ସରକାର ଆଇନଦ୍ୱାରା ଦେଶୀୟ ଟୀକା ରହିତ କରିଅଛନ୍ତି ମାତ୍ର ଇଂରେଜୀ ଟୀକା ଦିଆଯିବାର ସୁବନ୍ଦୋବସ୍ତ କରି ନ ଥିବାରୁ ଲୋକେ ହରବରରେ ପଡ଼ିଅଛନ୍ତି ଓ ପୁଲିସର ବିଶେଷତଃ ଫାଣ୍ଡିଦାରଙ୍କର ରୋଜଗାରର ଗୋଟିଏ ବାଟ ଫିଟିଅଛି । ଦେଶୀୟ ଟୀକାର କଷ୍ଟ ଓ ଅନିଷ୍ଟକାରିତା ଏବଂ ଇଂରେଜୀ ଟୀକାର ସୁବିଧା ଓ ସଫଳତା ଦୃଷ୍ଟିରେ ପୂର୍ବୋକ୍ତ ଟୀକା ରହିତରେ ଶେଷୋକ୍ତ ଟୀକା ପ୍ରଚଳିତ ହେବା ଭଲ ବୋଧ ହେବାରୁ ସରକାର ତେଣୁ ସକାଶେ ଗୋଟିଏ ଇଂରେଜୀ ଟୀକା ମହକୁମା ଅନେକ ବର୍ଷ ପୂର୍ବେ ସ୍ଥାପନ କରିଥିଲେ ଓ ଅନେକ ଟୀକାଦାର ନିଯୁକ୍ତ ହୋଇ ମଫସଲରେ ଭ୍ରମଣ କରି ଇଂରେଜୀ ଟୀକା ଦେଉଥିଲେ । କେତେକ ବର୍ଷରେ ଇଂରେଜୀ ଟୀକା ପ୍ରଚଳିତ ହୋଇଯିବା ଏବଂ ଦେଶୀୟ ଟୀକାଦାର ବ୍ରାହ୍ମଣ ଓ ଅନ୍ୟାନ୍ୟମାନେ ଇଂରେଜୀ ଟୀକା ଶିଖିବାରୁ ସରକାର ଉକ୍ତ ମହକୁମା ଉଠାଇଦେଲେ । କେବଳ ତଦନ୍ତ ସକାଶେ ଦୁଇ ତିନିଜଣ ହେଡ଼ ଟୀକାଦାର ଏବେ ନିଯୁକ୍ତ ଅଛନ୍ତି । ଇଂରେଜୀ ଟୀକାରେ ପ୍ରଥମ ଦ ୩୫ ଦ ପ୍ରତିଦିନ ୮।୧୦ ଥର ପାଣି ଲଗାଇଲେ ତାହା ଫୁଲି ଓ ପାଚି ପୁଜଗଲେ ସଫଳ ହୁଏ ଓ ଆଉ ବସନ୍ତ ହେବାର ସମ୍ଭାବନା ରହେ ନାହିଁ । ସେପରି ନ ପାଚି ଶୁଖିଗଲେ ତାହା ନିଷ୍ଫଳ ଓ ତହିଁରେ ବସନ୍ତ ରୋଗ ନିବାରଣ ହୁଏନାହିଁ । ନବପ୍ରତିଷ୍ଠିତ ଟୀକାଦାରଙ୍କ ଦୋଷରୁ ହେଉ ଅବା ଲୋକେ ତହିଁର ନିୟମ ପ୍ରତିପାଳନ ନ କରିବା ଦୋଷରୁ ହେଉ ଇଂରେଜୀଟୀକା ସଫଳ ନ ହେଲା ଓ ଟୀକା ଦେଇଥିବା ପିଲାମାନଙ୍କୁ ବସନ୍ତ ରୋଗ ହେବାରୁ ଲୋକଙ୍କର ତହିଁରେ ବିଶ୍ୱାସ ନ ହେଲା । କେହି କେହି ପୁଲିସକୁ ଲାଞ୍ଚ ଦେଇ ଲୁଚିକରି ଦେଶୀୟ ଟୀକା ଦେଲେ । କେତେ ଟୀକାଦାରଙ୍କଦ୍ୱାରା ଏହା ପ୍ରକାଶ ହେବାରୁ କେତେକ ଥର ମାମଲା ହୋଇ ଦଣ୍ଡବିଧାନ ହେଲା । ଏହି ଭୟରେ ଅନେକେ ଦେଶୀୟ ଟୀକା ନ ଦିଅାଇଲେ ମାତ୍ର ଇଂରେଜୀଟୀକା ପ୍ରତି ଅନାସ୍ଥା ଓ ଅବିଶ୍ୱାସ ଜନ୍ମିଥିବାରୁ ତହିଁର ଆଶ୍ରୟ ନ ନେଲେ, ଫଳତଃ ବସନ୍ତରୋଗ ଗତ ଦୁଇ ବର୍ଷ ହେଲା ମୋଫସଲର ନାନାସ୍ଥାନରେ ଲାଗିରହିଅଛି । କେଉଁ କେଉଁ ସ୍ଥଳରେ ଗୋଟିଏ

Digitized by srujanika@gmail.com

Split by PDF Splitter



ତୁଲଗୋଟି ପିଲା ନଷ୍ଟ ହୋଇଯାଉଅଛନ୍ତି । ଏହେତୁ ଶୁଣିବାରେ ମୋଫସଲର ଅନେକ ସ୍ଥାନରେ ଲୋକେ ଗତ ଫାଲ୍ଗୁନମାସ ଆରମ୍ଭରେ ପୁଲିସକୁ ଲାଞ୍ଚ ଦେଇ ଦେଶୀୟ ଟୀକା ଅନେକ ପିଲାଙ୍କୁ ଦିଆଉଅଛନ୍ତି ଓ ଦେଶୀ ଟୀକାଦାରଙ୍କ ଉପୁରେ ଦୁଆରେ ପାଣି ଢାଳିବା ଓ ହାଣ୍ଡିରେ ମଙ୍ଗଳ ପୂଜା ବନ୍ଧମାନ ଉଠାଇ ଦେଉଅଛନ୍ତି । ଏମାନଙ୍କୁ ବସନ୍ତ ହେଲେ ସେଇମାନେ ସରକାର ଆଇନ ଭୟରେ ଏ ଟୀକା ଦେଇ ନାହାନ୍ତି ସେମାନଙ୍କ ଇଚ୍ଛା ବସନ୍ତ ହେବାର ସମ୍ଭବ, ଏଣୁ ଏହି ଅନିଷ୍ଟର କାରଣ ହୋଇଅଛି ।

ସରକାର ଯେପରି ଦେଶୀୟ ଟୀକା ଉଠାଉ ଦେଉଅଛନ୍ତି ସେହିପରି ଇଂରେଜୀ ଟୀକା ପ୍ରଚାର-ପକ୍ଷେ ଯତ୍ନବାନ୍ ହେଉନ୍ତୁ । କେହିଁ ଟୀକାଦାର ହେବନ୍ତି ଓ ସରକାରରୁ ଯେ ବେତନ ସେମାନଙ୍କୁ ମିଳଇ ତହିଁରେ ଅନେକ ଅକର୍ମଣ୍ୟ ଥାଏ ଓ ଲୋକେ ମଧ୍ୟ ଟୀକାରେ ପାଣି ଲଗାଇବା ନିୟମ ସୁଦ୍ଧ ପାଳନ ନ କରନ୍ତି ଏଣୁ ଉକ୍ତ ଟୀକା ସଫଳ ନ ହୁଏ । ଟୀକାଦେବାର ଫିସ ପ୍ରତି ପିଲାଙ୍କରେ ଦୁଇଅଣା ମାତ୍ର ଧାର୍ଯ୍ୟ ହୋଇଅଛି ଫିସର ଅଳ୍ପତା ହେତୁ ବୋଧହୁଏ ଟୀକାଦାରମାନେ ଟୀକାଦେଲା ଉତ୍ତାରେ ଅଧିକ ଦେଖା ଶୁଣା କରନ୍ତି ନାହିଁ ଏହି ଦୁଷ୍ଟି ଟୀକା ନିଷ୍ଫଳତାର ପ୍ରଧାନ କାରଣ ଅଟେ । ଦେଶୀୟ ଟିକା ସ୍ଥଳେ ଦୁଃଖିଲୋକେ ମଧ୍ୟ ମଙ୍ଗଳାପୂଜା, ଦକ୍ଷିଣା ପ୍ରଭୃତି ଉଦ୍ୟାପନରେ ଦୁଇଅଣାରୁ ଅଧିକ ବ୍ୟୟ କରିଥାନ୍ତି ଓ ଧନୀମାନଙ୍କର ଅନେକ ଟଙ୍କା ବ୍ୟୟ ହୁଏ । ଅତଏବ ଆମ୍ଭମାନଙ୍କର ପ୍ରସ୍ତାବ ଏହି ଯେ ଫିସ ଦୁଇଅଣା, ଟୀକା ସଫଳତା ସ୍ଥଳେ ପୁରସ୍କାର ପ୍ରତି ପିଲାରେ ଅଧିକା ୦/୦ ରୁ ୦/୦ ପର୍ଯ୍ୟନ୍ତ ଅବସ୍ଥାନୁସାରେ ଦିଆଯିବାର ଧାର୍ଯ୍ୟ ହେଉ ଏପରି ନିୟମ ହେଲେ ଟୀକାଦାରମାନେ ଟୀକାର ସଫଳତା ସକାଶେ ମନୋଯୋଗ ପୂର୍ବକ ଦେଖା ଶୁଣା କରିବାକୁ ଆକର୍ଷିତ ହେବେ । ଭଲ ଟୀକାଦାର ଯୋଗାଇବା ପକ୍ଷେ କର୍ତ୍ତୃପକ୍ଷମାନେ ଦୃଷ୍ଟି ରଖନ୍ତୁ । ହେଉ ଟୀକାଦାରଙ୍କ ସଂଖ୍ୟା ନିତାନ୍ତ ଅଳ୍ପ ଅଟେ ପ୍ରତିକଲରେ ଏମାନଙ୍କର ସଂଖ୍ୟା ବୃଦ୍ଧି ହେଉ ଏକଥାନା ଅବା ଦୁଇ ଯେତିଥାନା ଗ୍ରାମ ରେ ଜଣେ ଲେଖାଏଁ ରହିଲେ ତଦନ୍ତ ଉତ୍ତମରୂପେ ହେବ ଏମାନେ ତଦନ୍ତ କରିବେ ଓ ଭୁଲ ଟୀକା ନ ଦେବେ । ଏଥିରେ ସରକାରଙ୍କର କିଛି ଅଧିକ ବ୍ୟୟ ହେବ ମାତ୍ର ସରକାର ଦେଶୀୟ ଟୀକା ଉଠାଇ କରିଥିବା ଓ ନାନାଦି ଶାସ୍ତ୍ର ନେଉଥିବା ଓ ଏଥିର ଫଳାଫଳ ଦୃଷ୍ଟିରେ ଏ ସାମାନ୍ୟ ଅଧିକା ବ୍ୟୟ ଧର୍ତ୍ତବ୍ୟ ନୁହେ । ପୁଲିସ ଓ ଚୌକିଦାରଙ୍କ ପ୍ରତି ବିଶେଷ ଆଦେଶ ଅଟେ ହେତୁ ଯେ ସେମାନେ ଏଥି ପ୍ରତି ବିଶେଷ ଦୃଷ୍ଟି ରଖିବେ ଓ ଯେଉଁ ଦେଶୀୟ ଟୀକାର ସନ୍ଧାନ ପାଇ ତହିଁର ଫଳ ଭାଏରୀରେ ଦର୍ଜ କରୁଥିବେ । ଏପରି ନିୟମ ଓ ସାମାନ୍ୟ ଅଧିକା ବ୍ୟୟ ହେଲେ ଏ ଅନିଷ୍ଟ ଅନେକ ପରିମାଣରେ ନିବାରଣ ହୋଇପାରେ ।

— —

ପ୍ରାପ୍ତ ।

ଗତ ଫିବ୍ରୁୟାରି ମାସ ତା ୧୭ ଭଣରେ କନକାର ରାଜବାଟିର ଉଦ୍ୟାନ ମିଳନ ସମୟରେ ନିମ୍ନଲିଖିତ ଶ୍ଲୋକ ପାଠ ହୋଇଥିଲା ।

## ବର୍ଦ୍ଧମାନ ରାଜ—ପ୍ରଶସ୍ତି ।

———

ସ୍ଥବିରମ୍ଦ୍ୱବନ୍ଧାତା ରାଜକେଶର୍ଯ୍ୟ ଶ୍ଚନ୍ତ୍ରଃ ।<br>
କଟକମଣ୍ଡଳଗତଃ ଶ୍ରୀ ବର୍ଦ୍ଧମାନାଧିନାଥଃ ॥<br>
ପ୍ରଣତଜନତକୋରେ ଶ୍ରୀଭଗୀମୂଖଦାନା-<br>
ଜ୍ଜୟତୁ ବିଜୟଚନ୍ଦ୍ରଶ୍ଚନ୍ଦ୍ରମସ୍ତୁଲ୍ୟକୀର୍ତ୍ତିଃ । ୧ ।<br>
ଧ୍ୱସ୍ତଦ୍ୱିଡ୍ଦ୍ୱିଜଗ୍ମରୁ ବନ୍ଦନୈକତରୁଃ ।<br>
କାନ୍ତ୍ୟା ଯୋ ମଦନସମଃ କୁବେରଗଣ୍ୟଃ ॥<br>
ନାମ୍ନା ଶ୍ରୀ ବିଜୟସୁଧାଂଶୁନାମଧାତ୍ରୀ ।<br>
ରାଜାସୌ ଜୟତୁ କୁଳଙ୍ଗରଧାତ୍ରୀ । ୨ ।<br>
ସ୍ୱଜେନ୍ଦ୍ର ନାଗସୂଣ ଦକ୍ଷ ନାମା ।<br>
ଗଜୋଜ୍ଜ୍ୱଳେ ସ୍ଥାପ୍ୟ ଭୁଜଙ୍ଗନାଥଂ ।<br>
ପୂର୍ଣ୍ଣେନ୍ଦୁଲ୍ଲେଭେ ଜଳଧିସ୍ତରଙ୍ଗ-<br>
ମାନନ୍ଦଥୂଂ ସ୍ଥାପଦନାପ୍ରଦେଶଃ । ୩ ।<br>
ସଦ୍‌ବଂଶପ୍ରଭବୌ ସୁଗ୍ରଗୁଣକନ୍ଦା-<br>
ଗାରୋଚ୍ଛ୍ରିତ୍ୟା ହେମାଭୌ ।<br>
କାନ୍ତ୍ୟା ଦକ୍ଷସୌ ପରାର୍ଥବିଭବୌ<br>
ଶ୍ରୀକଣ୍ଠଧାମାଶ୍ରୟୌ ।<br>
କାନ୍ତାରେଷୁ ଗୁଟିକେଷୁ ଜଃସ୍ଥଜନକୋ<br>
ସ୍ତୁଲ୍ୟାର୍ଥିନୋଃ ଶ୍ରୀଭବୌ ।<br>
ହ୍ୱାବେତୌ କନକାଭୁଜଙ୍ଗନୃପତୀ<br>
ସୂର୍ଯ୍ୟେନ୍ଦୁବଭାସତାଂ । ୪ ।<br>
କନ୍ତୁଜନଜିତକାନ୍ତ ମାତୃଶାସ୍ତ୍ରାଧିକାଙ୍କ ।<br>
ସୁଭଜସୂତିଭକେତୋଃ ପ୍ରାଜ୍ୟସାଙ୍ଖ୍ୟାର୍ଥିଦାଙ୍କ ॥<br>
କଣ୍ଠବନ୍ଧିତବନ୍ଧାନେଃ ସର୍ବଲୋକୋପକାଙ୍କ ।<br>
ଜୟତୁ କନକଦାଙ୍କ ସାଧୁତତ୍ତ୍ୱପଦାଙ୍କ । ୫ ।

ଶ୍ରୀ ମାଗୁଣି ମିଶ୍ର କବିରତ୍ନ

———

## ସାପ୍ତାହିକ ସମ୍ବାଦ

### କଲିକତା-ଗେଜେଟ୍ ।

ଭାଗଲପୁରର ମେଃ ମାକସ୍ମେଃ ଓ ମେଃ ବହେଲିନ୍ଟର ବାବୁ ଭୂପତି ଚକ୍ରବର୍ତ୍ତୀ ଏବଂ ଆଦେଶ ପର୍ଯ୍ୟନ୍ତ ଅଥବା ବାବୁ ମଦନମୋହନ ଭଦ୍ରଙ୍କ ଅନୁପସ୍ଥିତ କାଳରେ ଷ୍ଟେସି ଡେକ ଡଲ୍ଗରର ଜମିଦ୍ଦାରଙ୍କ ପରୀକ୍ଷାର ଅତିରିକ୍ତ ପଦରେ ନିଯୁକ୍ତ ହେଲେ ।

ବଙ୍ଗଳାର ଅବକାରୀ କମିସନର ମିଃ ଏ, ଅର୍ନ୍ଧ ହେଲେନ୍ସ ୮ ମାର୍ଚ୍ଚରୁ ଗେଜେଟେଡ ପଦରେ ନିଯୁକ୍ତ ହେବାକୁ ଛୁଟିରେ ମାକଲୋକ ଓ ବହେଲିନ୍ଟର ମିଃ ଜୀ, ଫାଣ୍ଡସ ଅବକାଶ କମିସନ ପଦରେ ଏବଂ ଆଦେଶ ପର୍ଯ୍ୟନ୍ତ ନିଯୁକ୍ତ ହେଲେ ।

ଭାଗଲପୁରର ତଥା ସାର୍ଜନ ହେଡ଼ର ଆକ୍ଟିଙ୍ଗ ମ ଜଙ୍ଗଲ ବାବୁ ଶ୍ୟାମସୁନ୍ଦର ଦାସଙ୍କ ଉତ୍ତାପ ମଞ୍ଜୁର ହୋଇଅଛି ।

ଫେଲ୍ଲାସାରର ଅତିରିକ୍ତ ସର୍ଜନ ବାବୁ ଶାରଦାପ୍ରସାଦ ଦାସ ଏବଂ ପର୍ଯ୍ୟନ୍ତ ଛୁଟି ଗ୍ରହଣ କରିବାରୁ ଦାର୍ଜିଲିଙ୍ଗ ଜେଲର ବନ୍ଦର ବାହାର ସବ୍‌ଡିଭିଜନର ଅତିରିକ୍ତ ସର୍ଜନ ବାବୁ ଯୋଗେନ୍ଦ୍ରନାଥ ଦାସ ତାଙ୍କ ସ୍ଥାନରେ ଏବଂ ଆଦେଶ ପର୍ଯ୍ୟନ୍ତ ନିଯୁକ୍ତ ହେଲେ ।

———

ଗତ ମଙ୍ଗଳବାର ଚବିଶ ଘଣ୍ଟାର ମେସୋପୋଟ ହୋଇ ଡବ୍ଲିନରେ ସମ୍ପୂର୍ଣ୍ଣ ସମୟରେ ଅକାଳ ଦେଖା ମେଘାଡମ୍ବର ହୋଇଥିଲା ଓ ପ୍ରବଳ ପବନ ବହୁ ହୋଇ ଗଡ଼ ସ୍ଥାନମାନଙ୍କରେ ବୃଷ୍ଟି ହୋଇଥିଲା । ଏ ପର୍ଯ୍ୟନ୍ତ ଅକାଳ ମେଘାଡମ୍ବର ରହିଅଛି ପୁଣଥରେ ବୃଷ୍ଟିର ଆଶା ହେଉଅଛି ।

ଅବକାଶ ବସନ୍ତ ଚାକିରୁଷ୍ଟି ଏ ନଗରରେ ଦେଖା ହେଉଅଛି ।

କଟକ ମାଜିଷ୍ଟ୍ରେଟଙ୍କ ଭଣ୍ଡାରରେ ମକଦମାର ଦୌଡ଼ କମିଲ ଚଇତମାସ ତା ୬ ରଣରେ ହେବାର ଧାର୍ଯ୍ୟ ହୋଇଅଛି ।

ବର୍ତ୍ତମାନ ମହାସ୍ନାନ କୁଇଙ୍ଗରୁ ପେଦ ଆଣି ଗଡ ଯୁଦ୍ଧକାର ପଡ ଲୋକ୍ଷଣକୋର କାଠ କରିବାକୁ ଘନକ ହଲେ ।

ଏ ସହରର ଓଡ଼ିଆ ବୋଲଇ ତୁଳସୀ ଗଲା ମାସ ତ ୧୪ ରିଖ ଗୋଟିଏ ମକଦମା ବାଡିବାକୁ ଛନ୍ତି କହାଁ ଭଲ ଜମାଲ ଓ ଖାତୁ ଖାନ ଦୁଇଜଣ ଯେବେ ଗୋପନରେ ଢାଳିବାକୁ ଏଠାରୁ ବେଦ ଯାଇ ଡାଇଦାରରେ ତ ୮ ଣ କେଉଁଠାରୁ ଭଲ ବାଢିବାକୁ ଦଣ୍ଡି କହିବାରେ ତାହାଙ୍କ ଉପସ୍ଥିତରେ ତାହାର ଲେଖାର ବେବାକୁ ମୋକ୍ତାର ସେଠା ପୁଲିସ ଅଫିସ ତ ୨ ଣ ଓ ଗୋଟିଏ ଗିରଫଦାର କରି ଝଟକର ସତାର ହେବାରୁ କାଠକାରୁ ତାହାର ଏହିସ୍ଥାନ ଭଣାରେ ରଣାସାର ଚଣେ ଅସାମି ଖାନଦରେ ଅଟେ ତଣକ ୪ ୧୪୫୧ ଜା ଜାମିନରେ ଅଛି । ଏ ମୋକଦମା ଜେଲର୍ଡି ଶ୍ରୀ ସାହେବଙ୍କ ଅଦାଲତରେ ବିଚାର ହେଉଅଛି ।

ଗତ ସୋମବାର ସନ୍ଧ୍ୟା କାଳଘଣ୍ଟା ସମୟରେ ଭୂମିକମ୍ପ ହୋଇଥିବାର କେହିଁ ବୋଧ କରିଥିଲେ । ସ୍ୱଳ୍ପ ଅଧିକ ହୋଇଥିବାରୁ ଅଧିକାଂଶ ଲୋକ ନିଦ୍ରାଭିଭୂତ ହୋଇଥିଲେ ମୃତଙ୍କ ଭୂମିକମ୍ପ ସର୍ବସାଧାରଣ ଲୋକେ ଅନୁଭବ କରି ପାରିନ୍ତି । ଏ ଭୂମିକମ୍ପ ଅତି ଅଳ୍ପକ୍ଷଣ ସ୍ଥାୟୀ ହୋଇଥିବାର ଜଣାପଡୁଏ ।

ଅମ୍ଭମାନଙ୍କର ମାନ୍ୟସ୍ପଦ କମିଶନର ଶ୍ରୀଯୁକ୍ତ କେ ଜି ଗୁପ୍ତ ସାହେବ ଗତ ସୁକ୍ରବାର ଦିନରେ ସାକ୍ଷୀର ପରିଦର୍ଶନ ପରି-ଦର୍ଶନାର୍ଥ ଗମନ କରିଅଛନ୍ତି ।

କଲିକତାରୁ ସ୍ୱର୍ଗୀୟା ମହାରାଣୀଙ୍କ ଭିକ୍ଟୋରିଆ ଦେବୀଙ୍କ ଶ୍ୱେତ ପ୍ରସ୍ତରମୂର୍ତ୍ତି କଟକକୁ ପ୍ରସ୍ତୁତ ହୋଇ ଅସିଅଛି ତହିଁର ପ୍ରତିଷ୍ଠା ଏହି ମାସ ତା ୧୯ ରଣରେ ଲେଫ୍ଟେଃ ଗଭର୍ଣ୍ଣରଙ୍କ କର୍ତ୍ତୃକ ହେବାର କଥା ଅଛି ।

ଉତ୍ତର ଦେଶୀୟ ନଗ୍ରରରେ ସିପାହୀ ଓ କର୍ମଚାରୀମାନ-ଙ୍କର ବୃତ୍ତି ରକ୍ଷା କରିବାପାଇଁ ସେମାନଙ୍କ ପ୍ରତି ଦୟାମ ବ୍ୟବହାର କରିବାର ଆଦେଶ ହୋଇଥିବାର ସମ୍ବାଦ ମିଳଇ । ତତ୍ସମ୍ବନ୍ଧରେ ଲେଖାଯିବ ଲେଖିବାର ଅବସର ମିଳଇ ନାହିଁ ।

ଗଙ୍ଗା ତୀରସ୍ଥ ସ୍ୱରଭପୁରର ଜଣେ ମୁସଲମାନର ବଗି-ଚାରେ ଏକ ପେଟସନ୍ଦୁକ ଭିତରେ ବର୍ମଗ୍ୟାଲର ଘୋଡ଼ା ପଡ଼ି କେବେ ତହିଁ ନଷ୍ଟ କରିବାକୁ ମୁସଲମାନ ଲୋକେ ହୋଇ ବୋତଲ କଟିଗଲେ ଭାଙ୍ଗିପକାଇଲେ । ବସ୍ତରେ ଲୋହା ପ୍ରାୟ ମଣ ୫ ସ କୋଇଲି କାରଣ ଓ ୫ ୫୦ ଖଣ୍ଡ ଅସ୍ତ୍ର ଅଜୟ ହୋଇଥିବାର ସମ୍ବାଦ ମିଳଇ ।

ମନ୍ଦ୍ରାଜର ମହାଭାରତ ସଭାରେ ଉପସ୍ଥିତ ଦେଖା ଯାଉ-ଛନ୍ତି ତହିଁର ଖାନା ସ୍ଥାନକୁ ପ୍ରାୟ ଚଉଦଣ ସ୍ୱରୂପ

Digitized by srujanika@gmail.com

Split by PDF Splitter




## କଳ୍ପତରୁ ରସାୟନ ।

( ଦେଶୀୟ ସାଲସା । )

ଏଥିରେ ଉପଦଂଶ ( ଗର୍ମି, ) ଖସ, ପାରଦାଦି ଦୋଷଜନିତ ଶରୀରରେ ଘାଆ ଓ ଚକାଆ ଦାଗ ଓ ଫୋଟକ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ଦୂଷିତ ରକ୍ତ ପରିଷ୍କାରର ଅମୋଘ ଔଷଧ ।

ବଡ଼ ଶିଶି—ଦେଢ଼ଟଙ୍କା ।
ଛୋଟ ଶିଶି ଏକଟଙ୍କା—ଡାଃ ୪ ୯

ଚୌଧୁରୀ ବଜାର } ଶ୍ରୀ ଲୋକନାଥ କର କବିରାଜ
ଅଧିକାରୀ
କଟକ } ଆୟୁର୍ବେଦୀୟ ଔଷଧାଳୟ


---

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ବର୍ତ୍ତମାନ ବଜାର ଜଲ ଉପରିଲ ଲାଇସେନ୍ସମାନ ଆଗାମୀ ସନ ୧୯୦୨।୦୩ ମସିହା ନିମନ୍ତେ ଏଥି କଟକରେ ଚଳିତ ମାସ ତା ୨୧ ରିଖ ରୋଜ ଶୁକ୍ରବାର ପୂର୍ବାହ୍ନ ଘ ୧୧ ଘ ସମୟରେ ପ୍ରକାଶ୍ୟ ନିଲାମ ହେବ । କ୍ରେତାମାନେ ଯଥା ସମୟରେ ନିରୂପିତ ସ୍ଥାନରେ ଉପସ୍ଥିତ ହୋଇ ନିଲାମ ସମ୍ବନ୍ଧୀୟ ନିୟମମାନ ଅବଗତ ହେଲା ପରେ ନିଲାମ ଡାକ ପାରିବେ ।

ତପସିଲ ।

୧ । ନାଜରତ ଅଫିସ ଦୋକାନ
୨ । „ ଗଞ୍ଜାଇଦୋକାନ ।
୩ । „ ଚରସ ଦୋକାନ ।
୪ । ଟେଙ୍କସାହି ସରପ ଦୋକାନ ।
୫ । ମାଣିଆବନ୍ଧ ତାଡି ଦୋକାନ ।
୬ । ଡମରା ପଟ୍ଟା ।
୭ । ଶିଙ୍ଗ ପଟ୍ଟା ।
୮ । ବନ୍ୟଜାତଦ୍ରବ୍ୟ ଦରଭ୍ରା, କାହାଜା, କୋଟଲା ପ୍ରଭୃତି ।
୯ । ଗୋପୀନାଥପୁର ଘାଟ ।
୧୦ । ଗଡ଼ମଇ ଘାଟ ।
୧୧ । ଗୋପୀନାଥପୁର କାଞ୍ଜିହାଉସ ।
୧୨ । ମାଣିଆବନ୍ଧ „
୧୩ । ଜଉଳ ପଟ୍ଟା ।

କଟେଜ ମ୍ୟାନେଜର } Madan Mohun Patnaik
।କ। କେଶ୍ପା }
ତା ୩ ରଖ ମାହେ ମାର୍ଚ୍ଚ } Manager
ସନ ୧୯୦୨ }

---

ବିଜ୍ଞାପନ ।

ଯେହେତୁ କଟକ ଜିଲ୍ଲା ଅନ୍ତର୍ଗତ ସଦର ଜଗତସିଂହପୁର, ତିର୍ତ୍ତୋଲ, ଶାଲେପୁର ଓ ବାଙ୍କୀ ଥାନା ମଧ୍ୟସ୍ଥିତ ସମସ୍ତ କାଞ୍ଜିହାଉସ ( ଫାଟକ ) ସନ ୧୯୦୨ ମସିହା ମାର୍ଚ୍ଚମାସ ତା ୧ ରିଖଠାରୁ ସନ ୧୯୦୪ ମସିହା ମାର୍ଚ୍ଚମାସ ତା ୩୧ ରିଖ ପର୍ଯ୍ୟନ୍ତ ୨ ବର୍ଷ ମାସ ନିମନ୍ତେ ସନ ୧୯୦୨ ମସିହା ମାର୍ଚ୍ଚମାସ ତା ୧୭ ରିଖ । ମୁ । ସନ ୧୩୦୯ ସାଲ ଚୈତ୍ର ମାସ ଦି ୪ ତ ଦିବା ଘ ୧୨ ଘ ସମୟରେ କଟକ ସଦର ଲୋକେଲବୋର୍ଡ ଅଫିସରେ ଶ୍ରୀଯୁତ ଶ୍ରୀ ଚେୟାରମେନ ବାହାଦୁରଙ୍କ ଦସ୍ତଖତରେ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଇଜାରା ବନ୍ଦୋବସ୍ତ କରାଯିବ ଅତଏବ ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଯେଉଁମାନେ ତାହା ନିଲାମରେ ଇଜାରା ନେବାକୁ ଇଚ୍ଛା କରନ୍ତି ସେମାନେ ନଂ ୨ ଉପରଲେଖିତ ନିରୂପିତ ତାରିଖରେ ନିଲାମ ସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜାରା ନେଇ ପାରିବେ ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ଡାକରେ ନିଲାମ ସ୍ଥିର କରାଯିବ ଓ ନିଲାମ ଶେଷ ହେବା କ୍ଷଣାତ୍ ଅର୍ଥାତ୍ ନିଲାମ ଡାକ ଶେଷ ହେଲାକ୍ଷଣି ନିଲାମି ଜରସମନର ଚତୁର୍ଥାଂଶ ଜାମିନ ସ୍ୱରୂପ ଅବିଳମ୍ବେ ଦାଖଲ ହେବେ ଓ ବାକି ଜରସମନ ନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ । ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବା ମାତ୍ରେ ଦାଖଲ ନ ହେଲେ ପୁନି ନିଲାମ କରାଯିବ ଓ ପ୍ରତ୍ୟେକ କ୍ୱାର୍ଟରର ଖଜଣା ସେହି କ୍ୱାର୍ଟରର ପ୍ରଥମ ତାରିଖରେ ଅଗାମୀ ଦେବାକୁ ହେବ ନ ଦେଲେ ଚାହିଁର ଯେ କ୍ଷତି ହେବ ତାହା ଜୁଟିକାରୀଙ୍କୁ ଦେବାକୁ ହେବ । ନିଲାମ ସ୍ଥିର ହେଲାରୁ ଇଜରା ନିମିତ୍ତ ଷ୍ଟାମ୍ପ କାଗଜରେ ବୋର୍ଡ ଚେୟାରମେନଙ୍କ ନିରୂପିତ ସର୍ତ୍ତ ଅନୁସାରେ ସ୍ୱଇଚ୍ଛାରେ କବୁଲିୟତ୍ ଲେଖି ଦେଇ ରେଜେଷ୍ଟ୍ରୀ କରିଦେବେ । ଉପରୋକ୍ତ ନିଲାମ ଆଦି ସମ୍ବନ୍ଧୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକେଲବୋର୍ଡ ଅଫିସରେ ହାଜର ହୋଇ ବୁଝି ପାରିବେ ।

ପ୍ରକାଶ ଥାଉ କି କାଞ୍ଜିହାଉସମାନ କେବଳ ଭଦ୍ର ଓ ସଙ୍ଗତିପନ୍ନ ଲୋକମାନେ ନିଲାମ ଡାକି ପାରିବେ ତଦନ୍ତରେ ଯଦ୍ୟପି ନିଲାମ ଖରିଦଦାର ସେପରି ବ୍ୟକ୍ତି ଥିବାର ପ୍ରମାଣ ନ ହେବ ତାହା ହେଲେ ତତ୍କ୍ଷଣାତ୍ ତାହାର ଡିପାଜିଟ ଜବତ ହେବ ଓ ଉପଯୁକ୍ତ ସମୟ ମଧ୍ୟରେ ପାଉଣ୍ଡ ଅନ୍ୟ ଭଦ୍ର ସଙ୍ଗତିପନ୍ନ ଲୋକଙ୍କୁ ଥାନ ବନ୍ଦୀ କରାଯିବ ।

ଥାନା କଟକ ।

୧ । ବାଲିଙ୍ଗ ୩ । ଝାଙ୍କି
୨ । ପାଥପୁର ୪ । ଡଷାପଡ଼ା

ଥାନା ବାଙ୍କି ।

୧ । ଭୁଲଶୀପୁର ୪ । ସୁବର୍ଣ୍ଣପୁର
୨ । ପଥୁରିଆପଡ଼ା ୫ । ଗୋଲମର
୩ । ଭିଲାପଥର ୬ । ଭଗପୁର

ଥାନା ସାଲେପୁର ।

୧ । ଜଗନ୍ନାଥପୁର ୫ । ସକଳଜଣା
୨ । ମୌଦା ୬ । ଅନୁଭେଶର
୩ । କୁଳହଣ୍ଡା ଗଲପୁର ୭ । ଦବେନ୍ଦ୍ରପୁର
୪ । ବଢୋଲ ୮ । କାଲେଶ୍ୱରପୁର

ଥାନା ଜଗତସିଂହପୁର ।

୧ । ବାଲିଆ ୫ । ନଥଲୀ
୨ । ଗୋବିନ୍ଦପୁର ୬ । ବନ୍ଦିପୁର
୩ । ଜସର୍ଦ୍ଦା ୭ । ସୁଟୁକଣି
୪ । ଝିଉଲେ

ଥାନା ତିର୍ତ୍ତୋଲ ।

୧ । ନସୀପାଟଣା ୨ । ପଦ୍ମପାଲ

M. Das
*Vice Chairman.*

---


## ବିଜ୍ଞାପନ ।

କବିରାଜ ଶ୍ରୀ କେଦାରନାଥ ବିଶାରଦଙ୍କର
ଆୟୁର୍ବେଦୋକ୍ତ ଚିକିତ୍ସାଳୟ ।
୯୩ । ୨ ନଂ ଦରଗୋପଷ୍ଟ୍ରୀଟ, ସିମୁଲିଆ,
କଲିକତା ।

ଏହି ସ୍ଥାନରେ ସମୁଦାୟ ରୋଗର ଔଷଧ, ତୈଳ, ଘୃତ, ମୃଗନାଭି ବା କସ୍ତୁରୀ, ଏବଂ ସ୍ୱର୍ଣ୍ଣ, ମୁକ୍ତା ଓ ପ୍ରବାଳାଦି ଜାରିତ ଧାତୁ ଦ୍ରବ୍ୟାଦି (ଭସ୍ମ) ମିଳେ ବିଦେଶସ୍ଥ ରୋଗିମାନଙ୍କ ପୀଡ଼ାର ଅବସ୍ଥା ଜଣାଇ ଲେଖିଲେ ବ୍ୟବସ୍ଥା ଲେଖି ପଠାଯାଏ ।

## ଯୋଗସିଦ୍ଧ ବଟିକା ।

( ଅର୍ଥାତ୍ ବିକୃତ ଯୋଗଲବ୍ଧ ସିଦ୍ଧମହୌଷଧ )

ଏହି ଯୋଗପ୍ରସୂତ ସୁସିଦ୍ଧ ଔଷଧଦ୍ୱାରା ମାନବ ଦେହର ରକ୍ତ ପରିଷ୍କାର ହୋଇ ପ୍ରାୟ ସମୁଦାୟ ପୀଡ଼ା ଆରୋଗ୍ୟ ହୁଏ । କବିରାଜ ଏବଂ ଡାକ୍ତରମାନଙ୍କ ବୁଦ୍ଧିର ଅସାଧ୍ୟ ରୋଗସମୂହ ଆରୋଗ୍ୟ କରିବା ନିମନ୍ତେ ଏପରି ମହୌଷଧ ଆଉ ନାହିଁ । ଯେଉଁମାନଙ୍କର କୋଷ୍ଠ ଯକୃତ ଦୋଷରେ ପରିଷ୍କାର ହୁଏ ନାହିଁ, ଆହାରର ପରେ ଅମ୍ଳ ଉଦ୍ଗାର ( ଖଟାଢେକୁର ) ଉଠେ, ବାୟୁବୃଦ୍ଧି ହୋଇ ପେଟ ଫୁଲେ ଏବଂ କ୍ଷୁଧା ଭଲରୂପେ ହୁଏ ନାହିଁ ସେମାନଙ୍କ ପକ୍ଷରେ ଏହି ଔଷଧ ଅବ୍ୟର୍ଥ । ଏତଦ୍ଭିନ୍ନ ଅର୍ଦ୍ଧବେଗ, ଉଦରୀ, ହୃଦ୍‌ରୋଗ, ଅମ୍ଳଶୂଳ, ଶୋଥ, ସକଳପ୍ରକାର ଜ୍ୱର, ଶିରେ ରୋଗ, ଧାତୁଦୋଷ, ଶରୀରରେ ଚକାକାର ଦାଗ, କଣ୍ଡୁ, ସ୍ୱପ୍ନଦୋଷ, ଧାତୁର ତରଳତା, ପୁରୁଷତ୍ୱ ହାନି, ବହୁମୂତ୍ର, ମେହରୋଗ, ମସ୍ତକଘୂର୍ଣ୍ଣନ, ବନ୍ଦ ବନ୍ଦ ମୂତ୍ରସ୍ରାବ ଓ ନାଳୀଘା ନିଃସନ୍ଦେହ ଆରୋଗ୍ୟ ହୁଏ । ବାତବେଦନା, ଗଣ୍ଡମାଳ, ହସ୍ତପଦାଦିର ଜ୍ୱାଳା, ସକଳପ୍ରକାର ବାତରୋଗର ମହୌଷଧ । ସ୍ତ୍ରୀଲୋକମାନଙ୍କର ରଜୋଦୋଷ, ବାଧକବେଦନା, ଗୁଳ୍ମ, ଶ୍ୱେତ ଓ ରକ୍ତପ୍ରଦର ଏବଂ ମୂର୍ଚ୍ଛାଦି ବିବିଧପୀଡ଼ାର ଶୀଘ୍ର ଶାନ୍ତି ହୁଏ ଏବଂ ଶରୀରର ଲାବଣ୍ୟ ବୃଦ୍ଧି ହୋଇଥାଏ । ଦେହକୁ ରୋଗଶୂନ୍ୟ କରି ସୁସ୍ଥ ଅବସ୍ଥାରେ ରଖିବା ଏହି ଔଷଧର ପ୍ରଧାନ କାର୍ଯ୍ୟ ।

୪୮ ବଟିକାପୂର୍ଣ୍ଣ ଏକ କୌଟାର ମୂଲ୍ୟ ଅଠଅଣା, ୧୦୦ ବଟିକାପୂର୍ଣ୍ଣ ଏକ ଡିବାର ମୂଲ୍ୟ ଏକଟଙ୍କା, ପ୍ୟାକିଂ ଖରଚ ଏକଅଣା ଏବଂ ଡାକମାଶୁଲ ସ୍ୱତନ୍ତ୍ର ଅଣା । ରୋଗୀ ବ୍ୟବସ୍ଥାପତ୍ର ସହ ଔଷଧ ପଠାଯାଏ


Digitized by srujanika@gmail.com

ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି କି ସନ ୧୯୦୭ ମସୀହା ଅପ୍ରେଲ ମାସଠାରୁ ଲଗାଏତ ସନ ୧୯୦୮ ମସୀହା ମାର୍ଚ୍ଚ ମାସ ଅନ୍ତରେ ସୁଦ୍ଧା ଏକ ବ ୧ ର୍ଷ ସକାଶ ଏ ଜିଲ୍ଲା ଭିତରର ନିମ୍ନଲିଖିତ ଅବକାରୀ ଦୋକାନ ଓ ଚମଡ଼ା ଲାଇସେନ୍ସ ଓ ବନ୍ୟଜାତ ଦ୍ରବ୍ୟମାନଙ୍କ ଲାଇସେନ୍ସ ଆସନ୍ତା ମାର୍ଚ୍ଚ ମାସ ତା ୨୨ ରିଖ । ମୁ । ଓଡ଼ିଆ ଚୈତ୍ର ଦି ୯ ନ ରୋଜ ଶନିବାର ଦିବା ଘ ୧୨ ଟା ସମୟଠାରୁ ଅପରାହ୍ଣ ଘ ୫ ଟା ପର୍ଯ୍ୟନ୍ତ ନିଲାମ ଡାକ ହେବ । ଯେଉଁମାନେ ନିଲାମରେ ନେବାକୁ ଇଚ୍ଛା କରନ୍ତି ସେମାନେ ହାଜର ହୋଇ ନିଲାମ ଡାକିବେ । ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ଡାକରେ ନିଲାମ ଖତମ କରାଯାଇ ତାଙ୍କୁ ଲାଇସେନ୍ସ ଦିଆଯିବ ଓ ନିଲାମର ଯୁଟିଲାକୁ ଅଗ୍ରିମ ଏକ ଚତୁର୍ଥାଂଶ ନିଆଯିବ । ଇତି ।

ତପସିଲ—

| ଅବକାରୀ ଦୋକାନ । | ଚମଡ଼ା । |
|---|---|
| ୧ । ଅଫିମ | ଏ ଜିଲ୍ଲାରେ ଆମ- |
| ୨ । ଗଞ୍ଜେଇ ଭାଙ୍ଗ | ଦାନୀ ହେଉଥିବା |
| ୩ । ଦେଶୀ ମଦ | ଚମଡ଼ା ଓ ଶିଙ୍ଗ । |
| ୪ । ତାଡ଼ି | |

ବନ୍ୟଜାତ ଦ୍ରବ୍ୟ ।

| | |
|---|---|
| ୧ । ସୁନାର ରେଜିନ | ୩ । ହରଡ଼ା ବାହାଡ଼ା |
| ୨ । ବେଣାଘାସ | ୪ । ଟସର |

୨୮।୨।୦୭ ମସୀହା । Dasharathi Rout Hd. Clerk and Sheristadar for ଜ୍ଞା । କ । ଉଷଠରା

ବିଜ୍ଞାପନ ।

ଏ ରାଜ୍ୟର ନିମ୍ନଲିଖିତ ଅବକାରୀ ଦୋକାନ; ଘାଟ; ପେଣ୍ଠ ଓ ଦଣ୍ଡିଦାରମାନ ଚଳନ୍ତ ମାର୍ଚ୍ଚମାସ ତା ୨୦ ରିଖ ରୋଜ ଗୁରୁବାର ଦିବା ଘ ୧୨ ଟା ସମୟରେ ଏ ରାଜ୍ୟ ନଇଗଡ଼ କଚେରୀ ମୁକାମରେ ନିଲାମ କରାଯିବ । ଖରିଦାରମାନେ ଯଥା ସମୟରେ ଉପସ୍ଥିତ ହୋଇ ନିଲାମ ଡାକି ପାରିବେ ।

ତପସିଲ ।

୧ କଣ୍ଟ୍ରୋଲ ଅଫିମ ଦୋକାନ

୨ ଏ ରାଜ୍ୟ ଗଞ୍ଜେଇ ଭାଙ୍ଗ ଦୋକାନ

ଦେଶୀ ମଦ ।

| | |
|---|---|
| ୩ କଣ୍ଟ୍ରୋଲ | ୪ ଖୁଣ୍ଟୁଣୀ |
| ୫ ଗୁଣ୍ଡୁରୁଖିଆ | ୬ କଣ୍ଡରେଇ |
| ୭ ଦନ୍ଧସର | ୮ ବେଙ୍କପଡ଼ା |
| ୯ ଇଟସ | ୧୦ ଦୋଲଡ଼ା |
| ୧୧ ଖାଲବନ୍ଧ | ୧୨ ହୋଉଗଡ଼ା |
| ୧୩ ପତଣ୍ଡା | ୧୪ ସମସରପୁର |
| ୧୫ ଘେଉଁପଡ଼ା | |

୧୬ ଅନନ୍ତପୁର ମହାନଦୀ ଘାଟ

୧୭ କନକପୁର ମହାନଦୀ ଘାଟ

୧୮ ଦନ୍ଧସର ଇଣ୍ଡିଆନଦୀ ଘାଟ

୧୯ ନଡ଼ିଆପଡ଼ା ଇଣ୍ଡିଆନଦୀ ଘାଟ

୨୦ ଗୋକରପୁର ପେଣ୍ଠ

୨୧ କଟକ ଦଣ୍ଡିଦାରୀ

୨୨ ମହାଲପଡ଼ା ପଟ୍ଟ

୨୩ ପାଏକସ୍ପୁର ଉଣ୍ଡିପଠା ପଟ୍ଟ

୨୪ ମହାଲପଠା ଉଣ୍ଡି

୨୫ ମହାଲପଠା ପାଣ୍ଡି

ନ । ଗ । ଅଠଗଡ଼ ସଦରଅଫିସ ୧।୩।୧୯୦୭ Gunanidhi Das. Dewan.




ହେତେଗୁଡ଼ିଏ ରୋଗ ଦୂରୀଭୂତ କରିବାକୁ ଏହି ଔଷଧର ଯେପରି ଶକ୍ତି ଅଛି ଅନ୍ୟ କୌଣସି ଔଷଧରେ ତାହା ଦେଖାଯାଏ ନାହିଁ । ଯେବେ ତୁମ୍ଭେ ମନେ କରୁଥାଅ ଯେ ତୁମ୍ଭର ରୋଗ ଅସାଧ୍ୟ, ତୁମ୍ଭର ଚିକିତ୍ସକ ନିରାଶ ହୋଇ ତୁମ୍ଭଙ୍କୁ ଛାଡ଼ି ଯାଇଥାଅନ୍ତି, ଯଦି ସାଲସା, କଡ଼-ଲିଭରଅଏଲ, ଫସ୍ଫୋରାଇଲ ଗେଉନ୍ସ ଓ୍ୟାକଟିନ ପ୍ରଭୃତି ପ୍ରଚଳିତ ବିବିଧ ପ୍ରକାର ପେଟେଣ୍ଟ ଔଷଧ ତୁମ୍ଭର ଜୀବନକୁ ହତାଶ କରିଥାଏ, ତେବେ ଥରେ ଏହି ଔଷଧକୁ ପରୀକ୍ଷା କରି ଦେଖ, ପ୍ରତ୍ୟକ୍ଷଫଳ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେବ । ରୋଗରହିତ ହୋଇ ସୁଖରେ ଦୀର୍ଘଜୀବନ ଲାଭ କରିବ । ଯେହେତୁ ଏରୂପ ଶକ୍ତିଶାଳୀ ଅଥଚ ସ୍ଥାୟୀ କ୍ରିୟାପ୍ରଦ ମହୌଷଧ ଇତିପୂର୍ବେ ଏ ଦେଶକୁ କେବେ ଆମଦାନୀ ହୋଇ ନାହିଁ ।

କିଣ ନ ଜାଣେ ସାଲସା, କଡ଼ଲିଭର ଅଏଲ, ପ୍ରଭୃତି ଔଷଧ ସମୂହରେ ରୋଗ ଗୁଡ଼ିଏ ହେ !

ଗଣିତ ଉପଶମ ଦେଖାଇ ପୁନରାୟ ସମୟରେ ଋତୁ ବିଶେଷରେ ପ୍ରବଳାକାର ଧାରଣ କରେ ଚେତେବେଳେ ତାହା ସାମୟିକ ଖାଦ୍ୟ ବିଶେଷ ହୋଇଯାଏ ଅଥଚ ସକଳ ସମୟରେ ଭିନ୍ନ ଧାତୁ ପ୍ରକୃତି ବିଶିଷ୍ଟ ଦେହରେ ସମାନ ଫଳ ପ୍ରାପ୍ତ ହୁଏ ନାହିଁ । କିମ୍ବା ନିୟମର ଅଧୀନରେ ରହିବାକୁ ହୁଏ । କିନ୍ତୁ

ସ୍ୱାଇମାଟିନ ।

ତାହାର ସମ୍ପୂର୍ଣ୍ଣ ବିପରୀତ ଗୁଣବିଶିଷ୍ଟ ଅର୍ଥାତ୍ ଆରୋଗ୍ୟର କ୍ରିୟା ସ୍ଥାୟୀ, ଯେଉଁ ରୋଗ ଆରୋଗ୍ୟ ହୁଏ ତାହା ଆଉ କେବେହେଁ ଫେରି ଆସେ ନାହିଁ । ଅଧିକନ୍ତୁ ବାର ଋତୁ ବିଶେଷରେ ସେବନର ପ୍ରୟୋଜନ ହୁଏ ନାହିଁ ବା କୌଣସି ବନ୍ଧା ନିୟମର ଅଧୀନରେ ରହିବାକୁ ହୁଏ ନାହିଁ ଅଥଚ ଶୀତ, ଗ୍ରୀଷ୍ମ, ବର୍ଷା ସକଳ ଋତୁରେ ସକଳ ଧାତୁ ପ୍ରକୃତି ବିଶିଷ୍ଟ ଦେହରେ ସମାନ ଉପକାର, ସମାନ କ୍ରିୟା ସମାନ ଗୁଣ ପ୍ରକାଶ କରେ । ସେହି ହେତୁରୁ ଆସିୟା, ୟୁରୋପ ଆଫ୍ରିକା ଓ ଆମେରିକା ମହାଦେଶମାନଙ୍କରେ ସର୍ବତ୍ର ସମାନ ଆଦରରେ ଗୃହୀତ ହେଉଅଛି । ପ୍ରତ୍ୟହ ସହସ୍ର ଲୋକ ବ୍ୟବହାର କରୁଅଛନ୍ତି । ଏରୂପ ବିକ୍ରୟ ବାହୁଲ୍ୟ, ଏବଂ ଅଯାଚିତ ଅସଂଖ୍ୟ ପ୍ରଶଂସାପତ୍ରହିଁ ଔଷଧର ଉତ୍କୃଷ୍ଟତା ଏବଂ ଅବ୍ୟର୍ଥତାର ଦୃଷ୍ଟାନ୍ତ ପ୍ରମାଣ !

ସ୍ୱାଇମାଟିନ କଣ ?

କେତେକଜଣ ସୁବିଜ୍ଞ ଶ୍ରେଷ୍ଠ ଚିକିତ୍ସକଙ୍କର ବ ୩୦ ର୍ଷ ବ୍ୟାପି ଗବେଷଣା ଓ ଅନୁସନ୍ଧାନର ଫଳରେ ଧାତବ, ଉଦ୍ଭିଦ ଓ ଖଣିଜ ପଦାର୍ଥର ଭୈଷଜ୍ୟାଂଶର ସହିତରେ ସାମୁଦ୍ରିକ ଜାତୀୟ କୌଣସି ଦୁଷ୍ପ୍ରାପ୍ୟ ଜାନ୍ତବର ତୈଳାଂଶ ସଂଯୋଗରେ ରସାୟନିକ ପ୍ରକରଣରେ ଏହି ମହୌଷଧ ଆବିଷ୍କୃତ ।

ଅଥଚ ସେବନରେ ବିସ୍ୱାଦ ବା ଦୁର୍ଗନ୍ଧ ଯୁକ୍ତ ନୁହେ କିନ୍ତୁ ଗୁଣର ତୁଳନାରେ ଏହି ମାତ୍ରା ଔଷଧ ଏକ ମୋହର ଅପେକ୍ଷା ମୂଲ୍ୟବାନ ଅଟଇ ।

ସ୍ୱାଇମାଟିନର ଶକ୍ତି ଭିନ୍ନପ୍ରକାର ରୋଗ ପ୍ରତି ସମ୍ୟକ୍ ଫଳପ୍ରଦ ଅର୍ଥାତ୍ :—

ଶୁକ୍ର, ରକ୍ତ, ଓ ହୃତ୍ପିଣ୍ଡ ବା ଫୁସ୍ଫୁସ ସମ୍ବନ୍ଧୀୟ ପୀଡ଼ା—

୧ । ଶୁକ୍ରର ତରଳତା, ଧାତୁ ଦୌର୍ବଲ୍ୟ ପୁରୁଷତ୍ୱ ହାନି, ସ୍ତ୍ରୀ ସହବାସରେ ଅକ୍ଷମ, ସାମାନ୍ୟ ଉତ୍ତେଜନାରେ ରେତସ୍ଖଳନ, ମେହ, ପ୍ରମେହ, ଶୁକ୍ରମେହ, ମୂତ୍ରକୃଚ୍ଛ୍ର, ବହୁମୂତ୍ର, ମୂହୁର୍ମୂହୁ ଅଳ୍ପ

Split by PDF Splitter
Digitized by srujanika@gmail.com

ବା ଅଧିକ ସ୍ରାବ, ଟୋପା୨ ମୂତ୍ର ପତନ, ସ୍ରାବର ଜ୍ୱାଳା, ମୂତ୍ରସହ ଶୁକ୍ରପତନ, ମୂତ୍ର ନଳରେ ଘାଁ, ସ୍ୱପ୍ନଦୋଷ, ପ୍ରମେହ ଓ ଶୁକ୍ର କ୍ଷୟ ଜନିତ ମୁଣ୍ଡବ୍ୟଥା, ହାତ ଗୋଡ଼ ଓ ଚକ୍ଷୁ ଜ୍ୱଳା, ସ୍ମରଣ ଶକ୍ତିର ହ୍ରାସତା, ଜ୍ୱରଭାବ, ହାତ ଗୋଡ଼ ଫୋଲା ହେବା, କେଶର ଅକାଳପକ୍ୱତା, ମୁଣ୍ଡର ବାଳ ଉପୁଡ଼ିବା, ଅକାଳବାର୍ଦ୍ଧକ୍ୟ ଶରୀର ଦୁର୍ବଳ, ପରିଶ୍ରମରେ ଅକ୍ଷମ, ଅଜୀର୍ଣ୍ଣ, କୋଷ୍ଠ-ବଦ୍ଧତା ପ୍ରଭୃତି ଅନୁସଙ୍ଗିକ ବିବିଧ ପ୍ରକାର ଶୁକ୍ରପୀଡ଼ା ଓ ତଜ୍ଜାତ କଷ୍ଟକର ଉପସର୍ଗାଦି ଆରୋଗ୍ୟ କରିବାକୁ ଅବ୍ୟର୍ଥ ।

୨ । ପାରା ଓ ଗରମିର ବିଷାକ୍ତତା ବା ବିଷାକ୍ତ ଔଷଧାଦି ବ୍ୟବହାରରେ କମ୍ପା ମ୍ୟାଲେରିଆଇ ଜ୍ୱର ପ୍ରଭୃତି ଶରୀରରେ ପ୍ରବିଷ୍ଟ ହେବା କାରଣରୁ ରକ୍ତର ଦୂଷିତ ଗରମୀ ଘା, ପାରାର ଘା, ନାକ ଓ ମୁଖରେ ଏବଂ ମୁଣ୍ଡରେ ଘା, ମୁଣ୍ଡର ବାଳଉପୁଡ଼ିବା ହାତ ଗୋଡ଼ ଓ ଅଣ୍ଟାରେ ବେଦନା, ନୂତନ ପୁରାତନ ମେହ ଘଟିତ ବାତ, ଗରମୀ ବାତ, ଗଣ୍ଠିବାତ, ଶରୀର ଗଣ୍ଠି ଓ ସନ୍ଧିସ୍ଥ-ଳର ବେଦନା ଓ ଫୁଲା, ଚକ୍ଷୁରୁ ଜଳପଡ଼ିବା, ଦେହରେ ଚକା୨ ଦାଗ, ହାତ ଓ ଗୋଡ଼ର ତଳାରେ ଛାଲେ୨ ସାଦା ବା ଫଟାହେବା, କମ୍ପା ଚମଡ଼ା ଉଠିବା ପୁନଃ୨ ବାଘୀ ପଡ଼ିବା, ଦେହରେ ବଥ ବା ବ୍ରଣ ବାହାରିବା ଶରୀର ପିପାସା ଶୁଷ୍କ ଓ ଦୁର୍ବଳ ପ୍ରଭୃତି ରକ୍ତ ସମ୍ବନ୍ଧୀୟ ଯାବତୀୟ ପୀଡ଼ା, ଉପସର୍ଗାଦି ଆରୋଗ୍ୟ ପକ୍ଷରେ ଅମୋଘ ।

୩ । କ୍ଷୟକାଶ, ଦମାକାଶ, ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ, ରକ୍ତବମନ, କଫସଙ୍ଗରେ ରକ୍ତନିର୍ଗତ ପତନ, ମୁଖରୁ ଓ ନାସିକାରୁ ରକ୍ତପତନ, ଛାତିରେ ବେଦନା, କଫ ଜମିବାର, ସ୍ୱରଭଙ୍ଗ, ବେହକାଳ ପ୍ରବାହ, ଆହାରରେ ଅରୁଚି, ଓ ବଣାନ, ଘର୍ମ ନିର୍ଗତ, ଓ ଦୁର୍ବଳତା, ସହଜ ଓ ସାମାନ୍ୟ ଥଣ୍ଡାରେ ସର୍ଦ୍ଦି ଓ କାଶର ଉତ୍ପତ୍ତି, ଫୁସ୍୨ର କାର୍ଯ୍ୟ କରଣଶକ୍ତିର ଅଭାବ; ଇତ୍ୟାଦି ହୃତପିଣ୍ଡ ବା ଫୁସ୍୨ ସମ୍ବନ୍ଧୀୟ ଯାବତୀୟ ପୀଡ଼ାର ଅଦ୍ୱିତୀୟ ।

ଉପରୋକ୍ତ ପୀଡ଼ା ସମସ୍ତ ନିମନ୍ତେ ଏହି ଔଷଧ କୀର୍ତ୍ତି ସ୍ଥାପନୀୟ, ଏଥିରେ ଯେଉଁ ତେ-ଜୋଦ୍ଦୀପକ ଭେଷଜ ପଦାର୍ଥ ଅଛି, ତାହା ଅନ୍ୟ କୌଣସି ଔଷଧରେ ନାହିଁ । ଏବଂ ସେହି ଗବେଷଣା ଲବ୍ଧ ଦୁଷ୍ପ୍ରାପ୍ୟ ପଦାର୍ଥ ନିମନ୍ତେ ଏହାର ଏରୂପ ଗୁଣଦାୟକ ହେବାର କାରଣ ଅଟଇ । ଯେବେ ତୁମ୍ଭେ ସେହି ସକଳ ରୋଗରେ କମ୍ପା ତାହାର କୌଣସି ଉପସର୍ଗରେ ଆକ୍ରାନ୍ତ ହୋଇ-ଥାଅ ତେବେ ଏହି ମହୌଷଧ, ସେବନ କରି ଜୀବନ ରକ୍ଷା କର, ସତେଜ, ସବଳରେ, ସୁଚରସ୍ଥାରେ ସ୍ଥାୟୀ ଆରୋଗ୍ୟ ଲାଭ କରି ଦୀର୍ଘ-ଜୀବନ ପାଇବ । ଶରୀର ହୃଷ୍ଟପୁଷ୍ଟ, ବଳିଷ୍ଠ ଓ କାନ୍ତିବିଶିଷ୍ଟ ହେବ । କ୍ଷୁଧା ବୃଦ୍ଧି ହେବ, କୋଷ୍ଠ ପରିଷ୍କାର ହେବ ।

ସ୍ପାରମାଟିନ—ଶରୀର ଯନ୍ତ୍ରର କ୍ଷୟିତ ଅଂଶ ଓ ଅଭାବ ଶୀଘ୍ର୨ ପୂରଣ କରିବାକୁ ସ୍ୱାସ୍ଥ୍ୟୋନ୍ନତି ଓ ତାହା ଅକ୍ଷୁଣ୍ଣ ରଖିବାକୁ ବାଳକ, ବାଳିକା, ଯୁବକ, ଯୁବତୀ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତଙ୍କ ପକ୍ଷରେ ସମାନ ଉପଯୋଗୀ । ସାଧାରଣତଃ ଯେ ସକଳ ପୀଡ଼ାରେ ସାଲସା, କଡ଼ଲିଭର ଅଏଲ ପ୍ରଭୃତି ଔଷଧ ବାରମ୍ବାର ବ୍ୟବହାରର ପ୍ରୟୋଜନ ହୁଅଇ, ସେହି ସକଳ ପୀଡ଼ାରେ ସ୍ପାରମାଟିନ ଥରେ ମାତ୍ର ବ୍ୟବହାର କରିବାଦ୍ୱାରା ରୋଗ ସମୂଳେ ଧ୍ୱଂସ ହୋଇଅଛି । ସୁତରାଂ ଏହା ଯେ ପ୍ରଚଳିତ ସର୍ବବିଧ ଔଷଧ ଅପେକ୍ଷା ସର୍ବଶ୍ରେଷ୍ଠ, ସେଥିରେ ଅଣୁମାତ୍ର ସନ୍ଦେହ କରିବାର ଅବସର ନାହିଁ ।

ମୂଲ୍ୟ, ଏକ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ଟ ୧୧ ଏକ ଟଙ୍କା । ଡଜନ ଟ ୧୦ । ପ୍ୟାକିଂ ଓ ଡାକ ମାସୁଲ ଏକ ଶିଶିରେ ଟ ୦।୵, ଦୁଇ ଶିଶିରେ ଟ ୦ ।୵ ଓ ୬ ଶିଶିରେ ଟ ୫ ଓ ଡଜନ ଟ ୧୫

ସ୍ପାରମାଟିନ ଓ ପତ୍ରାଦି ପଠାଇବାର ଏକମାତ୍ର ଠିକଣା ।

| | |
|---|---|
| *Manager*<br>Spermatine Depot<br>No. 22 Baranasi<br>Ghose's street<br>Calcutta. | ମାନେଜର<br>ସ୍ପାରମାଟିନ ଡିପୋ<br>ନ ୨୨ ବର ବାରାଣସି<br>ଘୋଷ ଷ୍ଟ୍ରିଟ<br>କଲିକତା |



WEST END WATCH Key winding
Lever watch full jewelled
Guaranteed for four years

No. 935 to 1000 Silver

| | | |
|---|---|---|
| Hunting | ... ... | Rs. 25 |
| Half hunting | ... ... | Rs. 28 |

No, 800 to 1000 Silver

| | Cylender | Lever |
|---|---|---|
| COURVOISER FRERES hunting | Rs 14 | 16 |
| Do. half hunting | Rs. 16 | 18 |

No. 900 to 1000 Silver
Extra Quality

| | | | |
|---|---|---|---|
| Hunting | ... | Rs. 16 | 19 |
| Half hunting | ... | Rs. 18 | 21 |

No. 800 to 1000 Silver
WHITE FIELD & Co. Lever watch
Guaranteed for three years.

| | | |
|---|---|---|
| Hunting | ... | Rs. 16 |
| Half hunting | ... | Rs. 18 |
| 18 Carat gold guard muff Chain | | Rs. 28 A. 0 |
| Silver guard muff Chain | | Rs. 2 A. 4 |

S. ABDUL AZIZ
Gold and Silver wire netting supplier
CUTTACK
Watch Importer
and
Spectacle Dealer
CUTTACK

---

ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆ-ଯାଉଅଛି କି ସନ ୧୯୦୨ ମସିହା ଅପ୍ରେଲମାସ-ଠାରୁ ସନ ୧୯୦୩ ମସିହା ମାର୍ଚ୍ଚମାସ ଅର୍ଥାତ୍ ସୁଧା ଏକବର୍ଷ ସକାଶେ ଏ ରାଜ୍ୟ ଭିତରର ଚମଡ଼ା ଲାଇସେନ୍ସ ଓ ଅବକାରୀ ଦୋକାନ ଓ ବନ୍ୟଜାତ ଦ୍ରବ୍ୟମାନଙ୍କ ଲାଇସେନ୍ସ ଆସନ୍ତା ମାର୍ଚ୍ଚମାସ ତା ୨୨ ଋଖ ଏ କଚେରୀରେ ଦିବା ସ ୧୨ ଘଡ଼ିଠାରୁ ଅପରାହ୍ନ ସ ୫ ଘ। ପର୍ଯ୍ୟନ୍ତ ନିଲାମ ଡାକ ହେବ ଯେଉଁମାନେ ନିଲାମରେ ନେବାକୁ ଇଚ୍ଛା କରନ୍ତି ସେମାନେ ହାଜର ହୋଇ ନିଲାମ ଡାକିପାରିବେ ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ଡାକରେ ନିଲାମ ଖତମ ହେବାରୁ ତାଙ୍କୁ ଲାଇସେନ୍ସ ଦିଆଯିବ ଓ ସେ ଅଙ୍ଗୀକାରନାମାରେ ବଦ୍ଧ ପ୍ରତିପାଳନ କରିବେ ଏବଂ ଜରିମାନା ଜମିଲାରୁ ଅଗ୍ରିମ ଚତୁର୍ଥାଂଶ ଦାଖଲ କରିବେ । ତା ୧୫ ଋଖ ଫେବୃୟାରି ସନ ୧୯୦୨ ମସିହା ।

| | |
|---|---|
| Nayagarh<br>15—2—1902 | A, C Das,<br>*Government Agent,*<br>Nayagarh State |

---

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ୮ ୦ ।୵ |
| ଅଧ୍ୟସ୍ତମ୍ଭ | ୫ ୨ ୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ ୯ |

ମାତ୍ର କୌଣସି ବିଜ୍ଞାପନ ଯେତେ ଅଳ୍ପ ହେଲେ, ତହିଁର ଶର୍ତ୍ତ ୫୦ ୩ ଠାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଶର୍ତ୍ତ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା କଟକ ଚଉଧୁରୀବଜାର ୨୨ନଂ ବଙ୍ଗଳା ଭବନସ୍ଥିତ ଉତ୍କଳ ପ୍ରେସରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

"ଉତ୍କଳଦୀପିକା"ର ଶ୍ରୀଯୁକ୍ତ ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ନିମ୍ନଲିଖିତ କତିପୟ ପଂକ୍ତିକୁ ଆପଣଙ୍କ ପତ୍ରିକାସ୍ଥ କରି ଅନୁଗୃହୀତ କରାଇବା ହେବେ ।

ବର୍ତ୍ତମାନ ମହାରାଜା ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ମହତାପ ବାହାଦୁର ତାହାଙ୍କର କଟକ ଜିଲ୍ଲାସ୍ଥ କୁଜଙ୍ଗ ରାଜକା ପରିଦର୍ଶନାର୍ଥ ଶୁଭାଗମନ କରି ସମୁଦ୍ର ନିକଟସ୍ଥ କଣ୍ଠାପାଟିଆ ମୁହାଣ ନିକଟରେ ଅବସ୍ଥାନ କରି ଗତ ଫିବ୍ରୁୟାରୀ ମାସ ତା ୨୧ ରଣ ଘଣ୍ଟରେ ସମୁଦ୍ର ଲହରୀ ଦର୍ଶନ କଲେ ଏବଂ ତତ୍ପରଦିନ ପ୍ରାତଃକାଳରେ ସମୁଦ୍ରରେ ସୂର୍ଯ୍ୟୋଦୟ ଦର୍ଶନପୂର୍ବକ ପଦବ୍ରଜରେ ଦୁଇ ମାଇଲ ପଥ ଯାଇ ସେଠାରେ ପକ୍ଷୀ ଶିକାର କରି ଫେରି ଆସିବା ପଥରେ ଶସ୍ୟନାଶକାରୀ ହରିଣଙ୍କୁ ବିନାଶ କରିବା ନିମିତ୍ତ ପ୍ରଜାଗଣଙ୍କ ଅନୁରୋଧ କଲେ । କିନ୍ତୁ ରାଜା ବାହାଦୁର ଦଳବଦ୍ଧ ଆରଣ୍ୟ ଜନ୍ତୁମାନଙ୍କ ସୁନ୍ଦର ରୂପରେ ମୋହିତ ହୋଇ ସେମାନଙ୍କୁ ନ ମାରି ତାଙ୍କ ରାଜତ୍ୱରେ ସେମାନେ ସୁରକ୍ଷିତ ହେବାର ଓ କ୍ଷତିଗ୍ରସ୍ତ ପ୍ରଜାମାନଙ୍କ ଜମା ଊଣା କରି ଦେବାର ଇଚ୍ଛା ପ୍ରକାଶ କଲେ ।

ରାମଚଣ୍ଡୀ ଦେବୀଙ୍କ ଅର୍ଚ୍ଚନାପୂର୍ବକ ଏକ ସହସ୍ର ବ୍ୟକ୍ତିଙ୍କୁ ପ୍ରସାଦ ଆହାର କରାଇଥିଲେ ।

ଅନନ୍ତପୁରଠାରେ ପ୍ରାୟ ଦଶ ସହସ୍ର ଜନସମ୍ମିଳିତ ପ୍ରକାଣ୍ଡ ରାଜସଭାରେ ନଜର ବା ଭେଟି ଗ୍ରହଣ ଓ ପ୍ରଜା ସାଧାରଣଙ୍କ ମୌଖିକ ଗୁହାରି ଶ୍ରବଣ କରିଥିଲେ ।

ଗୁଲିଆଗଞ୍ଜ ରାଜବାଟୀ ଓ ପ୍ରଧାନ କର୍ମଚାରୀମାନଙ୍କ ଫଟୋ ସ୍ୱହସ୍ତରେ ନେଇଥିଲେ ଏବଂ କଟକସ୍ଥ ସାଠିଆ ଫଟୋଗ୍ରାଫରଙ୍କଠାରୁ କେତେକ ଛବି କ୍ରୟ କରି ତାଙ୍କୁ ଉତ୍ସାହ ପ୍ରଦାନ କରିଥିଲେ ।

ସାଧାରଣ ଦାନାଦି ବ୍ୟତୀତ ମହାରାଜା ବାହାଦୁର ବ୍ରାହ୍ମଣ ମହନ୍ତ ଓ କର୍ମଚାରୀମାନଙ୍କୁ ଭେଟି ପରିବର୍ତ୍ତରେ ସ୍ଥାନ ବିଶେଷରେ ଦୁଇଗୁଣ, ତିନି ଗୁଣ ଅଥବା ଚାରିଗୁଣ ମୂଲ୍ୟର ଯୋଡ଼ଚେନ୍, ଶାଲ୍, ଏବଂ ନଗଦ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ । ସର୍ବମୋଟ ପ୍ରାୟ ୧୭୦୦ ସତରଶତ ମୂଲ୍ୟର ଉପଢୌକନ ପରିବର୍ତ୍ତରେ ମହାରାଜା ପ୍ରାୟ ପାଞ୍ଚ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରି ଯାଇଅଛନ୍ତି । ସର୍ବଶେଷରେ ମହାରାଜାଙ୍କ ଯାତ୍ରା ସମୟରେ ସମବେତ ପ୍ରଜାମଣ୍ଡଳୀଙ୍କ ହରିବୋଲ ହୁଳାହୁଳି ଧ୍ୱନିରେ ଆକାଶ ପ୍ରତିଧ୍ୱନିତ ହେଲା ଏବଂ ମହାରାଜା କହିଥିଲେ ଯେ "ମୁଁ ତୁମ୍ଭମାନଙ୍କ ରାଜ୍ୟରୁ ଆସିଥିବାରୁ ୨୫୦୦୦ (ପଚିଶ ହଜାର) ଟଙ୍କା ପୁରସ୍କାର ତୁମ୍ଭମାନଙ୍କ ମଧ୍ୟରେ ବଣ୍ଟନ କରି ଦେବାକୁ ସ୍ଥାନୀୟ ସବ୍-ମାନେଜରଙ୍କୁ ଆଦେଶ ଦେଲି ।"

ମହାରାଜା ଚଳିତ ମାର୍ଚ୍ଚ ମାସ ତା ୫ ରଣରେ ବାଷ୍ପୀୟ ଯାନ ଯୋଗେ କଟକରୁ ବର୍ଦ୍ଧମାନ ଅଭିମୁଖରେ ଯାତ୍ରା କଲେ । ଇତି

ତା ୮।୩।୦୨ ସାଲ
କୁଜଙ୍ଗ

ଆପଣଙ୍କର
ଏକାନ୍ତ ବଶମ୍ବଦ
ଶ୍ରୀ ନିତ୍ୟାନନ୍ଦ ଯୋତା

---

## ବିଜ୍ଞାପନ ।

---

## NOTICE.

Wanted a second master for the Middle English school at Nij-gar. Salary Rs. 12 per mensem. Preference will be given to one who has passed the University Entrance Examination. He will have chance of getting the post of Head master of the school if proved competent for it. Applications with testimonials will be received up to the 15th March 1902.

Athgarh, Orissa 27-2-02 } Gunanidhi Das
*Dewan*

---

## NOTICE.

Wanted a 6th clerk (Accountant) permanently for the Khurda Sub-Divisional office on a pay of Rs. 20 rising to Rs 30 by biennial increment of Re 1 and a 2nd clerk (Criminal Peshkar) temporarily for one year on Rs. 30 per mensem. None need apply who has not passed the Entrance Examination of the Calcutta University. Applicants for the former should be well up in accounts and a competent knowledge Pesh work is necessary for the latter which though temporary for the present, has every likelihood of being made permanent when the pay will rise to Rs. 50 by biennial increment of Rs. 2. Applications will be received by the undersigned up to the 20th instant. The relationship of the candidate with any *amla* of this Sub-Division should be stated in the application.

Khurda Sub-Dl. office Khurda The 5th March } J. E. F. Peris
*Sub-Divisional officer.*

---

## NOTICE.

Under orders of the Bengal Government, two weavers and one carpenter had been sent at the expense of this Board to Serampur in Bengal, the former to learn the mode of weaving by fly Shuttle hand loom and the latter how to make it. The District Board has now put up the fly shuttle hand loom brought from Serampur in the Collectorate compound in front of the District Board's office, and the weavers who have learnt the new mode are working at the loom. Native weavers of the district who are desirous of learning the new mode of weaving by fly shuttle loom which turns out nearly twice as much work as the ordinary native loom of the same or better quality and at the same or equal time, may if they wish, come here and learn the work, free of charge, with the permission of the authorities of the District Board. Any carpenter may semilarly learn the work of making the fly shuttle weaving loom from the trained carpenter who will instruct them gratis.

All Zemindars and landlords are also requested to co-operate in this industrial improvement of the district by sending weavers and carpenters from their Estates to learn the work here free of charge, and there by improve the condition of there people. Skilled weavers can learn the work in the short space of 15 days, and carpenters in less than a week.

Cuttack Dist. Board's office The 20th February 1902. } J. C. Chunder.
*Vice Chairman*

---

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଅତ୍ର କିଲ୍ଲାରେ ଥିବା ଅଫିମ, ଗଞ୍ଜା, ସରାପ, ତାଡ଼ି, ଅବକାରୀ ଦୋକାନ ଓ ଚମଡ଼ା, ଶିଙ୍ଗ, ହରଡ଼ା, ବାହାଡ଼ା, କୋଚିଲା, ମହୁ, ମହମ ପ୍ରଭୃତି ସନ ୧୯୦୨—୧୯୦୩ ବର୍ଷ ସକାଶେ ଆଗାମୀ ମାର୍ଚ୍ଚ ତା ୨୫ ରିଖ ରୋଜ ମଙ୍ଗଳବାର ଦିବା ଘ ୧୦ ଘା ସମୟରେ ଅତ୍ର କିଲ୍ଲାର ମାନେଜରସ ଅଫିସରେ ପ୍ରକାଶ୍ୟ ନିଲାମ ଡାକ ହେବ । ଯେଉଁମାନେ ନିଲାମରେ ଉକ୍ତ ଦୋକାନ ଓଗେରହ ନେବାର ଇଚ୍ଛା ରଖନ୍ତି ସେମାନେ ନିରୂପିତ ତାରିଖରେ ହାଜର ହୋଇ ନିଲାମ ଡାକିବେ ।

Manager's office Pal Lahara 27—2—1902. } Bhabagrahi Biswal,
*Dewan.*

Split by PDF Splitter

Digitized by srujanika@gmail.com

Split by PDF Splitter

## ନୂତନ ପୁସ୍ତକ ।

| | |
|---|---|
| ଶ୍ରୀମଦ୍ଭଗବତ୍ ଗୀତା ୨ୟ ଖଣ୍ଡ | ଟ ୦ । |
| ମଣ୍ଡପବର୍ଣ୍ଣ ସ୍ତୁତି | ଟ ୦ /୬ |
| ପ୍ରବନ୍ଧ ଅଶ୍ରୁଚନ୍ଦ୍ର ବା କାଦମ୍ବିନୀ ଉପନ୍ୟାସ | ଟ ୦ ୳୵ |
| ଭକ୍ତି-ସଙ୍ଗୀତ | ଟ ୦ / |

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ମିଳିବ ।


TRADE MARK

W. MAJOR & CO.'S MEDICAL LABORATORY CALCUTTA

REGISTERED

ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ! ପ୍ରତ୍ୟକ୍ଷ ଫଳପ୍ରଦ !!
ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ-ସେହି

"ଇଲେକ୍ଟ୍ରୋ ସାଲସା"

ବ୍ରିଟିଶ ଗଭର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ
ରେଜେଷ୍ଟ୍ରୀ କୃତ ।

ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ !!!
ଅଦ୍ଭୁତ ଓ ଅଦ୍ୱିତୀୟ ।

ଆଉ କାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ । ଆଉ କାହାରିକୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକ୍ଟ୍ରୋ ସାଲସା :—ନିଜ ଗୁଣରେ ଚିକିତ୍ସା ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍ଟ୍ରୋ ସାଲସା :—ପ୍ରତ୍ୟହ ଯେରୂପ ହଜାର ହଜାର ଚିଠି କମ୍ପାନୀ ହେଉଅଛି ଦେଶ ବିଦେଶରୁ ସେହିପରି ରାଶି ରାଶି ଅଯାଚିତ ପ୍ରଶଂସାପତ୍ର ଲାଭ କରୁଅଛି ।

ଇଲେକ୍ଟ୍ରୋ ସାଲସା :—ଜବୋଭାବର ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ-ଶକ୍ତି ସଂଯୋଗେ ପ୍ରସ୍ତୁତ ହୋଇଥିବାରୁ ଏହାର ଜନ୍ମ ଔଷଧ ଅତ୍ୟନ୍ତ ବେଗରେ ସର୍ବ ଶରୀର ସଞ୍ଚାରିତ ହୋଇପଡେ ଏବଂ ତାହାର ଅପ୍ରତିହତ ଶକ୍ତି ଗୁଣରୁ ସଙ୍ଗେ ସଙ୍ଗେ ରୋଗର ପ୍ରବଳତା ଶକ୍ତି ଦମନ କରିଦିଏ ଏବଂ ୨।୩ ମାତ୍ରା ସେବନ ମାତ୍ରେ ରୋଗୋପଶମ ସୂଚନା ଅନୁଭବ କରାଯାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ କଳେବର ପ୍ରାପ୍ତ କରାଇଦିଏ, ଯୌବନ କାଳୋଚିତ ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍ଟ୍ରୋ ସାଲସା :—ବ୍ୟାଣ୍ଡାଲ ବ୍ରିଟିଶ ଗଭର୍ଣ୍ଣମେଣ୍ଟଙ୍କ ଗେଜେଟରେ ପ୍ରଚଳିତ ଓ ନିର୍ଦ୍ଦିଷ୍ଟ ହେଉଥିବା ସ୍ୱଦେଶୀ ଓ ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧଠାରୁ କୃତ୍ରିମ ଓ ଅସ୍ଥାୟୀ ଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ଚାପି ରଖେ ନାହିଁ—

ଇଲେକ୍ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦିଏ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଭୂୟୋ ଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁ ହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧପ୍ଲାବିତ ରାଜ୍ୟରେ ଏପରି ଉଚ୍ଚ ସ୍ଥାନ ଅଧିକାର କରିଅଛି ଯେଉଁଠାରୁ ଥରେ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସିମାନେ "ଇଲେକ୍ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ଜଳଜଳ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ ବଡ ହାସପାତାଳରେ ଉପଯୁକ୍ତ ରୋଗିଙ୍କୁ ଏହି ସାଲସା ବ୍ୟବସ୍ଥା କରାଯାଉଅଛି । ଏସିଆ, ଇଉରୋପ, ଅମେରିକା, ଆଫ୍ରିକା ମହାଦେଶର ଲକ୍ଷ ଲକ୍ଷ ଲୋକେ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍ଟ୍ରୋ ସାଲସା ସତ୍ୟ ସତ୍ୟ ଯେପରି ବ୍ରହ୍ମାଣ୍ଡ ବିଜୟ କରିବାକୁ ଶୁଭକ୍ଷଣରେ- ଶୁଭମୁହୂର୍ତ୍ତରେ ଆବିଷ୍କୃତ ହୋଇଥିଲା !!! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏକାଧାରେ ଏତେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟ ହୋଇ ନାହିଁ ।

ଇଲେକ୍ଟ୍ରୋ ସାଲସା ।—ଦୂଷିତ ରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ, ବାତ, ପକ୍ଷାଘାତ, କଟିବାତ, ଅଣ୍ଟୁଗଣ୍ଠି ଫୁଲିବା, କୁଣ୍ଡେଇ ହୋଇ ଫୁଲି ଉଠିବା, କୁଣ୍ଡିଆଣ, କୁଇ, ଗରମି ଓ ପାରଦ ଘା, କାଳ ଓ କାଉର ଘା, ଦେହରେ ବା ହସ୍ତ ଓ ପଦ ତଳରେ ପାଣ୍ଡୁ ଗରମିର-ଧଳା ବା କଳା ଦାଗ, ଧବଳ କୁଷ୍ଠ-ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ତହିଁର କଷ୍ଟଦାୟକ ଯନ୍ତ୍ରଣାଦି ପୁଣି ପାରଦ ଓ ଗନ୍ଧକ ଦୋଷର ଜଡ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍ଟ୍ରୋ ସାଲସା ।—ତରଳ ଶୁକ୍ର ଗାଢ଼ କରିବାକୁ ଶୁକ୍ରବୀର୍ଯ୍ୟ ସ୍ତମ୍ଭନଯୁକ୍ତ କରିବାକୁ— ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ— ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,— ତଥା ସାବଜୀୟ ଶୁକ୍ରବ୍ୟାଧି— ଅର୍ଥାତ୍— ମେହ, ପ୍ରମେହ, ଶୁକ୍ରମେହ, ଧାତୁ ଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ କିମ୍ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳିବା, ଲୁଗାରେ ଦାଗ ପଡିବା, ମୂତ୍ରନାଳୀରୁ ପୂଜ ବା ପୂଜ-ରକ୍ତ ପଡିବା, ସ୍ୱପ୍ନଦୋଷ, ପ୍ରସ୍ରାବ ସହିତ ବା ମଳ-ଦୁଷ୍ଟ ବା ଅଦୃଶ୍ୟ ଶୁକ୍ର ପତନ, କମ୍ପା ମଳ ବେଗରେ ବୀର୍ଯ୍ୟ ନିର୍ଗତ ହସ୍ତ ମୈଥୁନ ବା ଅତିରିକ୍ତ ସହବାସ ହେତୁ ସ୍ନାୟବିକ ଶକ୍ତି ହ୍ରାସ, ମୁଣ୍ଡ ଘୂରାଇବା, ଚିତ୍ତର ଅସ୍ଥିରତା, ନିର୍ଜ୍ଜନ ପ୍ରିୟତା, ଚଲା କରିବାକୁ ଅସମର୍ଥତା, ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ରେ ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍ଟ୍ରୋ ସାଲସା :—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ ! କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ କୃଶ ଜୀର୍ଣ୍ଣ ଦେହ ସବଳ-ହୃଷ୍ଟ-ପୁଷ୍ଟ ଓ କାନ୍ତିଯୁକ୍ତ ହେବ । ଶରୀରର ଓଜନ କ୍ରମେ ବଢ଼ୁଥିବ !

ଇଲେକ୍ଟ୍ରୋ ସାଲସା :—ସହିତ କୌଣସି ପ୍ରକାର ବିଶାକ୍ତ ଦ୍ରବ୍ୟର ସଂଶ୍ରବ ନାହିଁ । ସୁସ୍ଥ-ଅସୁସ୍ଥ ଆବାଲ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

ବିଶେଷଦ୍ରଷ୍ଟବ୍ୟ :—ସୁଧା ଭ୍ରମରେ ଧନ କ୍ଷୟ କର ନାହିଁ ! ଅସାର ଆଡ଼ମ୍ବର ପୂର୍ଣ୍ଣ ବିଜ୍ଞାପିତ ଔଷଧାଦି-ସେବନରେ କୌଣସି ଫଳ ନାହିଁ !!

"ଇଲେକ୍ଟ୍ରୋ ସାଲସା" କୁମ୍ଭ ରୋଗର ପ୍ରକୃତ ଔଷଧ ! ଯେହେତୁ ଗୋଟିଏ ରୋଗୀ ମଧ୍ୟ ଅଦ୍ୟାବଧି ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ—ବହୁ ପ୍ରଶଂସାପତ୍ର—ବହୁ ପ୍ରମାଣ ପୁସ୍ତକାକାରରେ ଛପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବା ପ୍ରତ୍ୟେକ ଗ୍ରାହକ ତାହା ପାଇବେ

ବହୁ ଓଡ଼ିଶାବାସୀ ଟେଲିଗ୍ରାଫ୍ ପଠାଇ ଔଷଧ ମଗାଉଅଛନ୍ତି - ସେମାନଙ୍କର ଓ ଅପରାପର ଦୂର ଦେଶବାସୀ ରୋଗିଙ୍କର ସୁବିଧାର୍ଥେ- ପୁଣି ଟେଲିଗ୍ରାଫ୍ ପଠାଇବାର ବ୍ୟୟ ଲାଘବାର୍ଥେ-ବହୁ ବ୍ୟୟ କରି ଗଭର୍ଣ୍ଣମେଣ୍ଟଙ୍କର ନିୟମାନୁଯାୟୀ ଆମ୍ଭମାନଙ୍କର ସଂକ୍ଷିପ୍ତ ନାମ ଓ ଠିକଣା ଚିରସ୍ଥାୟୀ ରୂପେ ରେଜେଷ୍ଟ୍ରୀ କରାଯାଇଅଛି ଅତଃପର ଟେଲିଗ୍ରାଫର ଠିକଣା କେବଳ "ମେଜର୍—କଲିକତା" ଲେଖିଲେ ଖୁବ ଶୀଘ୍ର ତାହା ଆମ୍ଭ ଅଫିସରେ ପହଞ୍ଚିବ ।

ଇଲେକ୍ଟ୍ରୋ ସାଲସାର :—ଆବିଷ୍କର୍ତ୍ତା— ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଆନ, ନାଡ଼ସ୍ପର୍ଶ ମନେଭଦା । ଭାରତବର୍ଷର ଏକମାତ୍ର ଏଜେଣ୍ଟ ଓ ପ୍ରୋପ୍ରାଇଟର "ଡବ୍ଲିଉ, ମେଜର ଏଣ୍ଡ କୋମ୍ପାନି," କଲିକତା

ଏତଦ୍ ସମ୍ବନ୍ଧେ ଅପରାପର ବିବରଣ ଅପର ପୃଷ୍ଠାରେ ଦେଖ ।


Digitized by srujanika@gmail.com

## ବିଜ୍ଞାପନ ।

ଆଉ ତାହାଙ୍କୁ ଅସ୍ଥାୟୀ ଗୁଣବିଶିଷ୍ଟ ସାଲସା ପ୍ରଭୃତି ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାକୁ ହେବ ନାହିଁ ।

ଚିକିତ୍ସା ଜଗତର ନୂତନ ଆବିଷ୍କାର ! **ଡ୍ୟାନଜୀନ ।** ହତାଶ ପ୍ରାଣର ଏକମାତ୍ର ଆଶା !!

ଡାକ୍ତର ଜେ, ଟୀ, ମାର୍ଟିନ ସାହେବଙ୍କ ଅଦ୍ଭୁତ ଜଗତ୍ ପ୍ରସିଦ୍ଧ, ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ଓ ପ୍ରତ୍ୟକ୍ଷ ଫଳପ୍ରଦ ସେହି—

# DANZIN

ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଆଇନ ଅନୁଯାୟୀ ରେଜେଷ୍ଟ୍ରିକୃତ ।

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥି ନିମନ୍ତେ ଅତ୍ୟଳ୍ପ ବୟସଠାରୁ ଏତଦ୍ଦେଶବାସିମାନଙ୍କ ଇନ୍ଦ୍ରିୟ ଚାଞ୍ଚଲ୍ୟ ଉପସ୍ଥିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରତାରଲ୍ୟ, ରକ୍ତଦୁଷ୍ଟି, ପାରଦ ବିକୃତି, ଏପରିକି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ଦୁର୍ଲଭ ମାନବଜୀବନକୁ ଅସାର ଓ ଅକର୍ମଣ୍ୟ କରି ପକାଏ, ଏହି ସକଳ ରୋଗ କବଳରୁ ଭାରତବାସିମାନଙ୍କ ଉଦ୍ଧାର ନିମନ୍ତେ "ଡ୍ୟାନଜୀନ" ଆବିଷ୍କୃତ ହେବାର ପୂର୍ବରୁ ପ୍ରକୃତ ଫଳ ଦାୟକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ଶାସ୍ତ୍ରରେ ଆବିଷ୍କୃତ ହୋଇ ନ ଥିଲା । ସେଥି ନିମନ୍ତେ ଡାକ୍ତର ମାର୍ଟିନ ସାହେବ ସୁଦୀର୍ଘକାଳବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ଦକ୍ଷିଣ ଆମେରିକାର ପାଶ୍ଚାତ୍ୟ ପ୍ରଦେଶଜାତ କେତେଗୁଡ଼ିଏ ଲତା ଓ ଗୁଳ୍ମ ନିର୍ଯ୍ୟାସସହିତ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିଆର ଅନୁମୋଦିତ ଅମୃତ ଓ ଭାରତୀୟ ପ୍ରଭୃତି କେତୋଟି ପ୍ରସିଦ୍ଧ ରକ୍ତ ପରିଷ୍କାରକ ଓ ଶୁକ୍ର ବୃଦ୍ଧିକର ଔଷଧର ସମ୍ମିଶ୍ରଣରେ ନୂତନ ରସାୟନିକ ପ୍ରକ୍ରିୟାର ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜୀନ" ଆବିଷ୍କାର ହୋଇ ଭାରତବାସିମାନଙ୍କର ମହାନ୍ ଅଭାବ ଦୂରୀଭୂତ ହୋଇଅଛି । ଯେବେ ତୁମ୍ଭେ ମନେ କରୁଥାଅ ତୁମ୍ଭର ରୋଗ ଅସାଧ୍ୟ ଯଦି ତୁମ୍ଭର ଚିକିତ୍ସକ ତୁମ୍ଭଙ୍କୁ ଆରୋଗ୍ୟ କରିବାକୁ ନୈରାଶ୍ୟ କରୁଥାନ୍ତି ଯେବେ ତୁମ୍ଭେ ସାଲସା ପ୍ରଭୃତି ବହୁପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭଙ୍କୁ କହୁଅଛୁଁ ଜୀବନରେ ନୈରାଶ୍ୟ ହୁଅ ନାହିଁ ଥରେ ଏହି ମହାଶକ୍ତି "ଡ୍ୟାନଜୀନ" ସେବନ କରି ଦେଖ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ ! ଜୀର୍ଣ୍ଣ ଦେହରେ ପୁନର୍ବାର ନୂତନ ଜୀବନ ପାଇବ ! ଅକର୍ମଣ୍ୟ ଶରୀର ପୁନର୍ବାର କାର୍ଯ୍ୟକ୍ଷମ ହେବ !!! ଅନେକଙ୍କର ଧାରଣା ଅଛି ପାରା ଓ ଗରମୀର ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ କାହିଁରେ ଦୂରୀଭୂତ ହୁଏ ନାହିଁ । କିନ୍ତୁ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ହେଲା ସାଧାରଣଙ୍କର ସେ ବିଶ୍ୱାସ "ଡ୍ୟାନଜୀନ" ଏହାବେଳେ ଦୂରୀଭୂତ କରିଦେଇଅଛି । ଡ୍ୟାନଜୀନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ପାରା ନିର୍ଗତ କରି ଦେବାର ସ୍ପଷ୍ଟ ଦେଖାଯାଏ । ସାଲସା—ରୋଗ ଗୁପ୍ତ ରଖେ । ଡ୍ୟାନଜୀନ ରୋଗ ଗୁପ୍ତ ରଖେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଥରେ ଆରୋଗ୍ୟ ହେଲେ ଆଉ ପୁନରାକ୍ରମଣ କରେ ନାହିଁ । ସାଲସାର ଗୁଣ ଅସ୍ଥାୟୀ । ଡ୍ୟାନଜୀନ ଗୁଣ ସ୍ଥାୟୀ ।

ଡ୍ୟାନଜୀନ—ମଦ, ଅଫିମ, କ୍ଲୋରୋଫର୍ମ, ମର୍ଫିଆ ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା ବିଷାକ୍ତ ପଦାର୍ଥର ସଂଶ୍ରବ ନାହିଁ । ତଥାପି ଏହାର ଏକ ଆଶ୍ଚର୍ଯ୍ୟ ଗୁଣ ଏହି ଯେ ଔଷଧ ସେବନର କିଛିକ୍ଷଣ ପରେ ମନ ପ୍ରଫୁଲ୍ଲ ହୁଏ, ଶରୀର ସ୍ଫୂର୍ତ୍ତି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜୀନ—ଖାଇବାକୁ ସୁସ୍ୱାଦୁ, ସୁଗନ୍ଧଯୁକ୍ତ, ଡ୍ୟାନଜୀନ ସେବନରେ କୌଣସି ପ୍ରକାର ବନ୍ଧା ନିୟମ ନ ଥିବାରୁ ସକଳ ଋତୁରେ ଓ ସକଳ ଅବସ୍ଥାରେ ଆବାଲ ବୃଦ୍ଧ ବନିତା ନିର୍ଭୟରେ ସେବନ କରି ପାରନ୍ତି । ସେଥି ନିମନ୍ତେ ଏହା ଦରିଦ୍ରର ବନ୍ଧୁ ଓ ନର ଦେହର ଜୀବନ ।

ଡ୍ୟାନଜୀନରେ କି କି ରୋଗ ଆରୋଗ୍ୟ ହୁଏ ?

୧ । ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨ । ଗରମୀ ଓ ପାରଦ ଦୂଷିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩ । ବାତ ସମ୍ବନ୍ଧୀୟ ପୀଡ଼ା । ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ସପୂଜ ଧାତୁ ନିର୍ଗମନ ବା ରକ୍ତ ନିର୍ଗତ ହେବା, ମୁହୁର୍ମୁହୁ ପ୍ରସ୍ରାବର ବେଗ, ପ୍ରସ୍ରାବର ଜ୍ୱାଳା, ପ୍ରସ୍ରାବ ପୂର୍ବେ ବା ପରେ ଶୁକ୍ଳାପରି ପଦାର୍ଥ ବାହାରି ଦେବା, ସ୍ତ୍ରୀଲୋକ ଦର୍ଶନ ବା ସ୍ପର୍ଶନରେ ରେତଃପାତ, ଅର୍ଥାତ୍ ଶୁକ୍ରର ତରଳତା, ସ୍ୱପ୍ନ ଦୋଷ ଓ ତଜ୍ଜନିତ ମୁଣ୍ଡଘୂରା, ମୁଣ୍ଡବୁଲା, ଘୁସଘୁସ ଜ୍ୱର, ଚକ୍ଷୁ ଜ୍ୱାଳା, ଚକ୍ଷୁରୁ ଜଳପଡ଼ିବା, ହାତଗୋଡ଼ଜ୍ୱଳିବା, ସ୍ମରଣ ଶକ୍ତିର ହ୍ରାସ, ଧାତୁ ଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, କ୍ଷୁଧାମାନ୍ଦ୍ୟ, ଅରୁଚି ଇତ୍ୟାଦି । ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତ ପ୍ରଦର, ଅନିୟମିତ ରକ୍ତ ସ୍ରାବ, କଷ୍ଟରଜ, ଋତୁକାଳର ପେଟରେ ବେଦନା ଓ ଜନନେନ୍ଦ୍ରିୟ ଇତ୍ୟାଦି ।— ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା ।— ଗରମୀ ଓ ତଜ୍ଜନିତ ପାରା ବ୍ୟବହାର ପ୍ରଯୁକ୍ତ ସର୍ବାଙ୍ଗେ ଘା ଓ ଚକା ଚକା ଦାଗ, ହାତ ଓ ଗୋଡ଼ର ତଳରୁ ଚମଡ଼ା ଉଠା, ମୁଣ୍ଡରୁ କେଶ ଉପୁଡ଼ିବା, ମୁଖରେ ଓ ନାକଭିତରେ ଘା, ବାଗି ଘା, ପଞ୍ଚୁଘା, ନାଳିଘା ନାସୁର, ଭଗନ୍ଦର, କାଙ୍କୁଡ଼ି ଲୁଣ୍ଡିଆ ଓ ଏପରିକି କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି । ବାତ ସମ୍ବନ୍ଧୀୟ ପୀଡ଼ା ।—ଗଣ୍ଠିରେ ବେଦନା ସମସ୍ତ ଶରୀର କନକନ୍ କରିବା, ହାତ ଓ ଗୋଡ଼ ଫୁଲିବା; ଅଣ୍ଟା ଓ ପିଠିର ବେଦନା ଇତ୍ୟାଦି—ଡ୍ୟାନଜୀନ—ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ମନ ଚଞ୍ଚଳ ହୁଏ, ଶରୀରର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ କଣିକା ସୃଷ୍ଟି କରେ ଓ ଶରୀର ସବଳ ଓ କାନ୍ତିବିଶିଷ୍ଟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧୲ । ୩ ବୋତଲ ଟ ୪୲ ୦, ୬ ବୋତଲ ଟ ୭୲ ୦ ଓ ୧୨ ବୋତଲ ଟ ୧୪୲ ୦ ପ୍ୟାକିଂ ୧ ଠାରୁ ୩ ବୋତଲ ଟ ୦ । ଅଣା, ୪ ଠାରୁ ୧୨ ବୋତଲ ଟ ୦ ।୵ ଅଣା ।

ସୋଲ ଏଜେଣ୍ଟ—ଇଣ୍ଡିଆ, ବର୍ମା, ସିଲୋନ, ଆର, ବି, ଜି, ଏଣ୍ଡ କୋଂ

ହେଡ୍‌ଅଫିସ—ନଂ ୧୦ ମ୍ବର ଅପର ଚିତ୍ପୁର ରୋଡ୍ କଲିକତା ବଡ଼ବଜାର ପୋଷ୍ଟାଫିସର ଠିକ ସମ୍ମୁଖରେ ।

---

## ୨୪ ଘଣ୍ଟାରେ ଯାଦୁର ଆରୋଗ୍ୟ ।

ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଅଦ୍ଭୁତ—ପ୍ରତ୍ୟକ୍ଷ ଫଳପ୍ରଦ ଯାଦୁର ଔଷଧ ।

ଯେ କୌଣସି ପ୍ରକାର ଯାଦୁ ହେଲେହେଁ ୨୪ ଘଣ୍ଟାରେ ନିଶ୍ଚୟ ଆରୋଗ୍ୟ ହେବ, ଜ୍ୱାଳା ଯନ୍ତ୍ରଣା ନାହିଁ ପାରଦ ପ୍ରଭୃତି କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟ ନାହିଁ । ମୂଲ୍ୟ ପ୍ରତି କୌଟା ଟ ୦ ୲ ଡଜନ ଟ ୫୲ ପ୍ୟାକିଂ ଏକଠାରୁ ୧୨ କୌଟା ଟ ୦ ୵ ।

ଡାକ୍ତର ମାର୍ଟିନଙ୍କର "ଅଗ୍ନେୟ ମଲମ" ।—ଯାହାର ଯେ କୌଣସି ପ୍ରକାର ଘା ହେଉ ନିଶ୍ଚୟ ଆରୋଗ୍ୟ ହେବ ।

ମୂଲ୍ୟ ପ୍ରତି କୌଟା ଟ ୧୲ ୦ ଡଜନ ଟ ୧୦ ୯ ପ୍ୟାକିଂ ୧ ଠାରୁ ୧୨ କୌଟାକୁ ଟ ୦ ୵

ଏଜେଣ୍ଟସ—ଆର, ବି, ଜି ଏଣ୍ଡ କୋଂ ନଂ ୧୦ ମ୍ବର ଅପର ଚିତ୍ପୁର ରୋଡ କଲିକତା ।

---

Split by PDF Splitter
Digitized by srujanika@gmail.com

୩ ମୂଳପତ୍ର ଦେଖ ।

Split by PDF Splitter

REGISTERED No. C. 81.



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

ସଂ ୩୭ ଭାଗ | ସଂ ୧୨ ସଂଖ୍ୟା

CUTTACK, SATURDAY THE 22nd MARCH 1902.
୦ ୯ ଚୈତ୍ର । ସନ ୧୩୦୯ ସାଲ ଶନିବାର

ଅଗ୍ରୀମ ୪ ୩। | ପଶ୍ଚାଦେୟ ୪ ୬।

## ବିଜ୍ଞାପନ ।

### ନୂତନପଞ୍ଜିକା !

ସବାବ୍ଦା ୧୮୨୪ ସନ ୧୩୦୯ ଓ ୧୩୧୦ ଇଂରଜୀ ସନ ୧୯୦୨ ଓ ୧୯୦୩ ପୂର୍ବପର କଟକ ପ୍ରିଣ୍ଟିଂକମ୍ପାନୀଦ୍ୱାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି ।

ବଡ଼ ଟ ୦।
ଛୋଟ ଟ ୦୧୬

ମୋଫସଲ ନିମନ୍ତେ ଡାକମାସୁଲ ଟ ୦/ ଷ୍ଟେସନ୍‌ମାନଙ୍କର ରେଲ ଜମା ଷ୍ଟିମରଦ୍ୱାରା ନେବାର ସୁବିଧା ଅଛି ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

## NOTICE.

Wanted a Civil Hospital Assistant temporarily for three months for the Charitable Dispensary at Anandapur on Rs. 25 per mensem. There is a prospect of the post being a permanent one.

Preference will be given to those experienced in Charitable Dispensary works.

Applications will be received by the undersigned up to 30th March 1902.

Keonjhar Garh, The 7th March 1902. } *Maharajah of Keonjhar*

## NOTICE.

Wanted a female teacher for the Dhenkanal Girl's School on a Salary of Rs. 12 per mensem. None need apply who has not passed the Vernacular Scholarship Examination. Preference will first be given to a Hindoo Female, next to an Urya Brahmica and lastly to a native Christian Female.

Applications with testimonials will be received up to the 30th March 1902.

Manager's office Dhenkanal The 13th March 1902. } Jagannath Dutt *For Manager*

## ବିଜ୍ଞାପନ ।

ଅନୁଗୁଳ ଜିଲ୍ଲାର ସରାପ ଗଞ୍ଜେଇ ଓ ଅଫିମ ଦୋକାନମାନ ଚଳନ୍ତି ମାର୍ଚ୍ଚ ମାସ ତା ୧୯ ରିଖ ଓ ତହିଁ ଉତ୍ତାରେ ଯେତେକ ଦିନ ପର୍ଯ୍ୟନ୍ତ ନିଲାମ ହେବ । ସରାପ ଦୋକାନ ନିମନ୍ତେ ଏ ଜିଲ୍ଲାର ଦୋକାନଦାରମାନଙ୍କର ମେଳ ହେଉଥିବାର ଦେଖା ଯିବାରୁ ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଅଛି ଯେ ଯଦି ଅନ୍ୟ ଜିଲ୍ଲାର ଲୋକମାନେ ନିଲାମ ଡାକରେ ଉକ୍ତ ଦୋକାନ ଧରିବାକୁ ଚାହିବେ ତେବେ ଏଠାର ଲୋକମାନଙ୍କ ଡାକ ଅପେକ୍ଷା ସେମାନଙ୍କ ଡାକ ଅଗ୍ରେ ଗ୍ରାହ୍ୟ ହେବ ।

Angul The 17th March 1902. } Narayan Chandra Naik *Deputy Collector in charge.*

## ADVERTISEMENT.

Wanted a Mid-wife to act also as Governess to the son of H. H. The Raja of Surangi, Ganjam District. The candidate should furnish the following particulars with testimonials. Present occupation. Present salary. Age. Religion and sect, the pay for which the applicant is willing to serve, the languages she knows.

Applications will be received by His Highness up to the 15th April 1902. The selected candidate shall have to enter into an agreement to stick to the post for at least 2 years.

Surangi Ganjam Dt. 14-3-02 } N. Rama dass *Private Secretary* to H. H. The Raja of Surangi

## NOTICE

S. DAVID DENTIST

AT Dr. ZEHIRUDEEN'S
*MEDICAL HALL*
NEAR MARKET
BAXIBAZAR CUTTACK,

ଏସ୍, ଡେଭିଡ ଦନ୍ତରୋଗର ଚିକିତ୍ସକ ଓ
କୃତ୍ରିମଦନ୍ତ ନିର୍ମାଣ କାରକ ।
ଠିକଣା ।—ଡାକ୍ତର ଜହିର ଉଦ୍ଦିନଙ୍କ
ବକ୍ସିବଜାର ମାର୍କେଟ !
ଡାକ୍ତରଖାନା
କଟକ

Digitized by srujanika@gmail.com

# ଉତ୍କଳଦୀପିକା ।

ବଙ୍ଗଳାଟ ସାହେବଙ୍କର ସଂଗୃହୀତ ଭିକ୍ଟୋରିୟା ଛାତ୍ରବୃତ୍ତି ପାଣ୍ଠିର ବର୍ତ୍ତମାନ ଯେଉଁ ହିସାବ ବାହାରିଅଛି ତହିଁରୁ ପ୍ରକାଶ ଯେ ଏପର୍ଯ୍ୟନ୍ତ ଟ ୬,୪୭,୯୬୨ ଙ୍କା ଉକ୍ତ ପାଣ୍ଠିରେ ଜମା ହୋଇଅଛି । ଅର୍ଥାତ୍ ସାଢ଼େ ଛଅଲକ୍ଷ ପୂର୍ଣ୍ଣ ହେବାକୁ ଦୁଇହଜାରରୁ କିଛି ଉଣା ରହିଅଛି । ଏହି ବର୍ଷର ଆୟରୁ ଧାତ୍ରୀ ବିଦ୍ୟା ଶିକ୍ଷା ନିମନ୍ତେ ଭାରତୀୟ ଛାତ୍ରମାନଙ୍କୁ ବୃତ୍ତି ଦିଆଯିବ ।

———

ଗତ ପ୍ରବେଶିକାପରୀକ୍ଷାରେ ବାମଣ୍ଡାରାଜ୍ୟର ବିଦ୍ୟାଳୟରୁ ନ ଜଣ ଛାତ୍ର ଉପସ୍ଥିତ ହୋଇ ଥିବାର ଅବଗତ ହୋଇ ଅତ୍ୟନ୍ତ ଆନନ୍ଦିତ ହେଲୁଁ । ସେମାନଙ୍କ ମଧ୍ୟରେ ଦୁଇଜଣ ରାଜକୁମାର ଯଥା ଶ୍ରୀମାନ୍ ଭୂତୁନ୍ଦ୍ରଦେବ ଲଲଖଦେବ ଏବଂ ଶ୍ରୀମାନ୍ ଜୟନାରାୟଣ ଦେବ ଲଲସାଦେବ ଅଟନ୍ତି । ସେମାନେ ସମସ୍ତେ ମେଦନୀପୁର କେନ୍ଦ୍ରରେ ପରୀକ୍ଷା ଦେଇଥିଲେ ।

———

ମେଦିନୀବାନ୍ଧବରେ ପ୍ରକାଶ ହୋଇଅଛି ଯେ ହ୍ୱେଟଅଭଲ ଦେଲୀସ ସବ୍ ଇନସ୍ପେକ୍ଟର ପୀଡ଼ିତ ଥିବାପ୍ରଯୁକ୍ତ ପାଲିକରେ ଚଢ଼ି ଗୋଟିଏ ତଦାରଖର ଅନୁସନ୍ଧାନରେ ଯାଉଥିବେ । ମାଜିଷ୍ଟ୍ରେଟ ସାହେବ ଉପଦେଶ ସମ୍ବାଦ ପାଇ ସବ୍ ଇନସ୍ପେକ୍ଟରଙ୍କ ବେହେଅଦ ସଙ୍ଗେ କରିଅଛନ୍ତି । ଦାରୋଗା ବାବୁ ପୀଡ଼ିତ ହୋଇ ଥିବାରୁ ପାଲିକି ଚଢ଼ିବାକୁ ବାଧ୍ୟ ହୋଇଥିଲେ ।

———

ଦୁର୍ଭିକ୍ଷ ସାହାଯ୍ୟ ପାଉଥିବା ବ୍ୟକ୍ତିଙ୍କର ସଂଖ୍ୟା କ୍ରମେ ବଢ଼ୁଥିବାର ସରକାରୀ ତାଲିକାରୁ ପ୍ରକାଶ, ଗତ ତା ୮ ରିଖରେ ଶେଷହେବା ସପ୍ତାହର ସଂଖ୍ୟା ଥିଲା ୩,୬୪,୨୦୧ ମାତ୍ର ତା ୧୫ ରିଖରେ ଶେଷହେବା ସପ୍ତାହରେ ଅଧିକ ୬୮୧୮ ବୃଦ୍ଧି ହୋଇ ମୋଟ ୪ ଲକ୍ଷ ଉପରେ ୬୧୩୯ ହୋଇଅଛି । ମଧ୍ୟଭାରତ ଏବଂ ବମ୍ବେଇଅନ୍ତର୍ଗତ ଯେ ସମସ୍ତ ରାଜ୍ୟରେ ଗତବର୍ଷଠାରୁ ଅଲ୍ପବୃଷ୍ଟି ହୋଇଅଛି ସେହି ଅଞ୍ଚଳ ମଧ୍ୟରେ ଦୁର୍ଭିକ୍ଷ ସାହାଯ୍ୟ ଚାଲୁଅଛି । ମାତ୍ର ବୃଷ୍ଟି ଆଦୌ ନ ହେବାରୁ ତହିଁର ପ୍ରକୋପ ବଢ଼ୁଅଛି ।

———

ଉତ୍ତରପଶ୍ଚିମପ୍ରଦେଶସ୍ଥ ମିରଟର ଡେପୁଟି କଲେକ୍ଟର ବାବୁ କାଶୀପ୍ରସାଦ ବିରୁଦ୍ଧରେ ଉତ୍କୋଚ ଗ୍ରହଣର ଅଭିଯୋଗ ଉପସ୍ଥିତ ହୋଇଥିଲା । ଏକ ଫୌଜଦାରୀ ମୋକଦ୍ଦମାରେ ଡେପୁଟି କଲେକ୍ଟର ମହୋଦୟ ଆସାମୀଠାରୁ ଦୁଇସହସ୍ର ଟଙ୍କା ଗ୍ରହଣ କରି ଆସାମୀକୁ ନିଷ୍କୃତି ଦେଇଥିଲେ । ଏହି ବିଷୟର ସତ୍ୟାସତ୍ୟ ବିଚାର ନିମନ୍ତେ ଏକ କମିଶନ ନିଯୁକ୍ତ ହୋଇଥିଲେ । କମିଶନ ତଦନ୍ତ ଦ୍ୱାରା ହୃଦବୋଧ କରିଅଛନ୍ତି ଯେ ଉତ୍କୋଚ ଗ୍ରହଣ କରିଥିବା ବିଷୟ ସତ୍ୟ ଅଟେ । କମିଶନଙ୍କ ରିପୋର୍ଟ ଅନୁସାରେ ଉତ୍ତରପଶ୍ଚିମ ପ୍ରଦେଶର ଗେଟଲେଟ ବାହାଦୁର କାଶୀପ୍ରସାଦଙ୍କୁ କର୍ମଚ୍ୟୁତ କରିଅଛନ୍ତି ।

———

ଭାରତର ବିଶ୍ୱବିଦ୍ୟାଳୟ ସମ୍ବନ୍ଧର କମିଶନ ମାନ୍ୟବର ମିଃ ରେଲେ ପ୍ରେସିଡେଣ୍ଟ, ମିଃ ଜେ, ପି, ହିବେର୍ଟ, ରେଭରେଣ୍ଡ ଡାକ୍ତର ମାକଫେଲ, ମାନ୍ୟବର ମିଃ ବିଚାରପତି ଗୁରୁଦାସ ବନ୍ଦ୍ୟୋପାଧ୍ୟାୟ, ମାନ୍ୟବର ମିଃ ସୟଦହୁସେନ ବିଲଗ୍ରାମି, ମାନ୍ଦ୍ରାଜ ପ୍ରେସିଡେନ୍ସି କଲେଜର ଏକଟିଂ ପ୍ରିନ୍ସିପାଲ ଡାକ୍ତର ବୁରକ୍ ଶିକ୍ଷା ବିଭାଗର ଡାଇରେକ୍ଟର ମିଃ ପେଡଲର ଓ ମିଃ ଥଇ ନେଥାନ ସେକ୍ରେଟରୀ ବୋମ୍ବାଇରୁ ଆସି ଗତ ପୂର୍ବ ବୁଧବାର କଲିକତା ମହାନଗରୀରେ ଉପସ୍ଥିତ ହୋଇଅଛନ୍ତି । ଏଠାରେ ବୈଠକ ଆରମ୍ଭ କରିଅଛନ୍ତି, ଇତି ମଧ୍ୟରେ କେତେକ ସ୍ୱତନ୍ତ୍ର ବ୍ୟକ୍ତିମାନଙ୍କର ସାକ୍ଷ୍ୟ ଗ୍ରହଣ ଚାଲେଣି ।

———

ବୁଅରମାନଙ୍କ ପ୍ରତି ଜର୍ମାନିର ବଡ଼ ସହାନୁଭୂତି ଅଛି । ଜର୍ମାନିରେ ଏତଦୁପଲକ୍ଷେ ଗୋଟିଏ କମିଟୀ ଗଠିତ ହୋଇଅଛି । ଏହି କମିଟୀ ଇତି ମଧ୍ୟରେ ଟ୍ରି ୨,୭୫,୦୦୦ଙ୍କା ସଂଗୃହୀତ କରିଅଛନ୍ତି । ଏଥିର ଅର୍ଦ୍ଧେ ଅର୍ଦ୍ଧ ବନ୍ଦୀ ବୁଅରମାନଙ୍କ ନିକଟକୁ କୌଣସି ବିଶ୍ୱାସୀ ଲୋକ ମାରଫତରେ ପ୍ରେରିତ ହେବ ଓ ବାକି ଅର୍ଦ୍ଧେ ପ୍ରୟୋଜନୀୟ ଦ୍ରବ୍ୟ କ୍ରୀତ ହୋଇ ପଠାଯିବ । ଏହି କମିଟିରୁ ଏକଖଣ୍ଡ ଗ୍ରନ୍ଥ ପ୍ରକାଶିତ ହେବ । ଉକ୍ତ ଗ୍ରନ୍ଥରେ ବୁଅର ଯୁଦ୍ଧରେ ବ୍ରିଟିଷ ନିଷ୍ଠୁରତା ବିରୁଦ୍ଧରେ ପ୍ରତିବାଦ ଉଲ୍ଲେଖିତ ହେବ । ଏହା ବିକ୍ରୟ ହୋଇ ଯାହା ଲାଭ ହେବ, ତାହା ବୁଅରମାନଙ୍କ ଘାଇବାଉଦ ସାହାଯ୍ୟାର୍ଥେ ପ୍ରେରିତ ହେବ ।

———

ମଯୂରଭଞ୍ଜ ଏବଂ କ୍ଷିପ୍ରକ୍ଷେତ୍ରମାନଙ୍କରେ ବୈଦ୍ୟ ସହିତ କାୟସ୍ଥର ବୈବାହିକ ଆଦାନ ପ୍ରଦାନ ହୋଇଥାଏ । ମଯୂରଭଞ୍ଜର ତୃତୀୟ ସବଜଜଙ୍କ ଅଦାଲତରେ ଏକ ମୋକଦ୍ଦମା ଉପସ୍ଥିତ ହୋଇଅଛି । ବାଦୀ ପକ୍ଷ କାୟସ୍ଥବଂଶ ସମ୍ଭୂତ, ଏମାନଙ୍କର ପିତା ବୈଦ୍ୟକନ୍ୟା ବିବାହ କରିଥିଲା । ମାତାମହର ସମ୍ପତ୍ତି ପ୍ରାପ୍ତି ନିମନ୍ତେ ବାଦୀମାନେ ଅଦାଲତର ଆଶ୍ରୟ ଗ୍ରହଣ କରିଅଛନ୍ତି । ଏଥିରୁ ପ୍ରତିବାଦୀମାନେ ଜବାବ ଦେଇଅଛନ୍ତି ଯେ ବାଦୀମାନଙ୍କର ପିତା ମାତାଙ୍କ ବିବାହ ବୈଧ ହୋଇ ନାହିଁ ସୁତରାଂ, ଅଇନାନୁଯାୟୀ ସେମାନଙ୍କ ମାତାମହ ସମ୍ପତ୍ତିରେ ଦାବି କରି ନ ପାରନ୍ତି । ମୋକଦ୍ଦମା ବର୍ତ୍ତମାନ ଚାଲୁଅଛି ଓ ଏହି ଅଭିନବ ମୋକଦ୍ଦମା ଦର୍ଶନ ନିମନ୍ତେ ଅଦାଲତ ଗୃହଟି ଦର୍ଶକମଣ୍ଡଳରେ ପୂର୍ଣ୍ଣ ହେଉଅଛି ।

———

ଭାଇପୁରର ଜାମନ ଏକ ବୁଅରବନ୍ଦୀ କିଟଂଜାପଥିର ବୁଅର ବନ୍ଦୀମାନଙ୍କ ମଧ୍ୟରୁ ପଳାୟନ କରି ତାହାର ମୁଖରେ କାଳି ଲେପି କୁଲୀବେଶ ଧରି ଚନ୍ଦ୍ରବେଶରେ ଜିଭନାପଲ୍ଲି ରେଲଗାଡ଼ିରେ ଚଢ଼ି ଇଲଖୁରାମ ପର୍ଯ୍ୟନ୍ତ ଯାଇଥିଲା । ସେଠାରୁ ରେଲରୁ ଓହ୍ଲାଇ ପଣ୍ଡିଚେରିକୁ ଗୋପନରେ ଚାଲି ଯାଇଅଛି । ସେଠାରେ ପଣ୍ଡିଚେରୀର ଫରାସି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛି ଯେ ତାକୁ ହଲଣ୍ଡପଠାଇ ଦିଆଯାଉ । ମଝି ବାଟରେ କଲମ୍ବୋ ବନ୍ଦରରେ ଧରା ପଡ଼ିବାର ସମ୍ଭାବନା କଥା ବୁଅରଟି ଜାଣିଅଛି, ତେଣୁ କୌଣସି ବିଦେଶୀ ଜାହାଜ ଯାହା କଲମ୍ବୋ ବନ୍ଦରକୁ ସ୍ପର୍ଶ କରିବ ନାହିଁ ସେଥିରେ ଯିବାର ଉଦ୍‌ଯୋଗରେ ଅଛି । ବୁଅରଙ୍କୁ କୌଣସି କଥା ଜିଜ୍ଞାସା କରୁଅଛି । ଧୃଷ୍ଟପଣରେ ବୋଧ ହୁଏ ତାଙ୍କର ସମକକ୍ଷ ଏ ସଂସାରରେ ଆଉ କାହାନ୍ତି ।

———

ଭାରତ ସମ୍ରାଟ ଇଂଲଣ୍ଡେଶ୍ୱରଙ୍କ ରାଜ୍ୟାଭିଷେକ ସମୟରେ ଭାରତ ବର୍ଷରୁ ଏକଶତଜଣ ଭାରତବାସୀ ଭଲଣ୍ଟିୟର ଇଂଲଣ୍ଡକୁ ପ୍ରେରିତ ହେବେ । ଏମାନଙ୍କ ସଙ୍ଗରେ ଏକଜଣ ଲେପ୍ଟେନାଣ୍ଟ କର୍ଣ୍ଣେଲ ସେନାପତି ସ୍ୱରୂପ ଓ ଏକଜଣ ଭଲଣ୍ଟିୟର ଆଡ୍‌ଜୁଟାଣ୍ଟ ଓ ଗୃହ ପାଞ୍ଚଜଣ କର୍ମଚାରୀ ସହକାରୀ ସେନାପତି ସ୍ୱରୂପ ଥିବେ । ଏମାନେ ଇଂଲଣ୍ଡରେ ଅବସ୍ଥାନ କରୁଥିବା ସମୟରେ ନିମ୍ନଲିଖିତ ହାରରେ ଖର୍ଚ୍ଚ ପାଇବେ ଯଥା କର୍ମଚାରୀମାନେ ପ୍ରତ୍ୟେକେ ଦୈନିକ ଏକପାଉଣ୍ଡ ଅର୍ଥାତ୍ ଟ ୧୫ ଙ୍କା ଓ ଭଲଣ୍ଟିୟରମାନେ ପ୍ରତ୍ୟେକେ ଅଧପାଉଣ୍ଡ ଅର୍ଥାତ୍ ଟ ୭॥ ଓ ଇଂଲଣ୍ଡକୁ ଯାତ୍ରା କରିବା ଅଭିପ୍ରାୟରେ ବାହାରିବା କାଳରେ ଜାହାଜରେ ଆରୋହଣ କରିବା ପର୍ଯ୍ୟନ୍ତ ସମସ୍ତେ ପ୍ରତ୍ୟେକେ ଟ ୪୧ ଙ୍କା ହାରରେ ପାଇବେ । ରେଲ ଓ ଜାହାଜ ଖର୍ଚ୍ଚ ଅଲଗା ମିଳିବ ।

———

ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ପଣ୍ଡିତ ଶ୍ରୀ କୃତ୍ତିବାସ ଶତପଥୀ ଗତମାସ ତା ୨୫ ରିଖ ବୁଧବାର ପ୍ରାତଃକାଳରେ ବାତରୋଗରେ ଇହ ସଂସାର ପରିତ୍ୟାଗ କରିଅଛନ୍ତି । ତାଙ୍କ ପ୍ରାୟ ୭୫ ବର୍ଷ ହୋଇଥିଲା । ସେ ପ୍ରଥମରେ ପୁରୀ ସଂସ୍କୃତସ୍କୁଲର ପଣ୍ଡିତ, ତାହାପରେ ଜଗଦ୍ଗୁରୁ ...

ସଂସ୍କୃତସ୍କୁଲର ପଣ୍ଡିତ, ଜାଅଁଳା ବର୍ଣ୍ଣାକ୍ୟୁଲର ସ୍କୁଲର

Digitized by srujanika@gmail.com

Split by PDF Splitter



ହେଡ୍ ପଣ୍ଡିତ, ଖୋର୍ଦ୍ଧା ମାଇନର ସ୍କୁଲର ହେଡ୍ ପଣ୍ଡିତ କର୍ମ କରି ଶେଷକୁ କଲେକ୍ଟିଏଟ ସ୍କୁଲର ୨ ୟ ଓ ୧ ମ ପଣ୍ଡିତ କର୍ମରେ ପ୍ରାୟ ୨୬ ବର୍ଷ କର୍ମ କରି ୫ । ୬ ବର୍ଷ ହେଲା ପେନସନ୍ ଭୋଗ କରୁଥିଲେ । ସଂସ୍କୃତରେ ତାଙ୍କର ବିଶେଷ ବ୍ୟୁତ୍ପତ୍ତି ଥିଲା ଏବଂ ସେ ସଦାଲାପୀ ଥିଲେ । ତାଙ୍କର ପ୍ରଥମଶ୍ରାଦ୍ଧ କ୍ରିୟା କାଲ ପାଟ୍ଟୋତଡ ଉତ୍ତମରୂପେ ନିର୍ବାହିତ ହୋଇ ଯାଇଅଛି ।

ଈଶ୍ୱରଙ୍କଠାରେ ପ୍ରାର୍ଥନା ଯେ ତାଙ୍କର ପରିବାରବର୍ଗଙ୍କୁ ସାନ୍ତ୍ୱନା ଏବଂ ତାଙ୍କ ଆତ୍ମାକୁ ସଦ୍ଗତି ବିଧାନ କରନ୍ତୁ ।

---

ଓଡ଼ିଆ ଓ ଜବସମ୍ୟାଦରେ ପାଠ କରନ୍ତି କ ଗତ ଫେବ୍ରୁଆରି ମାସ ତା ୨୩ ରିଖ ସକାଳବେଳେ ବାଲେଶ୍ୱର ଜିଲ୍ଲା ସ୍କୁଲଗୃହରେ ସେହି ସ୍କୁଲର ଛାତ୍ରମାନଙ୍କ ବାର୍ଷିକ ପୁରସ୍କାର ବିତରଣ ଉପଲକ୍ଷରେ ସଭା ହୋଇଥିଲା ଏବଂ ଜିଲ୍ଲାର ମାଜିଷ୍ଟ୍ରେଟ ସାହେବ ସଭାପତିର କାର୍ଯ୍ୟ ନିର୍ବାହ କରିଥିଲେ । ନିୟମିତ ପୁରସ୍କାର ଛଡ଼ା ରାଜା ବୈକୁଣ୍ଠନାଥ ବାହାଦୁର ଟ ୨୦୯ ଙ୍କା, ବାବୁ ରାଧାଚରଣ ଦାସ ଟ ୮୯ ଙ୍କା, ବାବୁ ରାଜନାରାୟଣ ଦାସ ଟ ୧୦୯ ଙ୍କା ଏବଂ ଭୂର୍ଣ୍ଣା ଅବଦୁସ ସୋଭାନଖାନ ଟ ୧୦୯ ଙ୍କାର ପୃଥକ ପୁରସ୍କାର ଦେଇଥିଲେ । ପରିଶେଷରେ ଛାତ୍ରମାନଙ୍କର ବ୍ୟାୟାମ ଏବଂ ଡ୍ରିଲ ଦେଖି ସମସ୍ତେ ସନ୍ତୁଷ୍ଟ ହୋଇଥିବାରୁ ରାଜା ବୈକୁଣ୍ଠନାଥଦେ ବାହାଦୁର ଛାତ୍ରଙ୍କ ଭୋଜନ ନିମନ୍ତେ ଟ ୨୦୯ ଙ୍କା ପ୍ରଦାନ କରି ସମସ୍ତଙ୍କର କୃତଜ୍ଞତା ଭାଜନ ହୋଇଥିଲେ । ଛାତ୍ରମାନଙ୍କୁ ଉତ୍ସାହ ଦାନରେ ବାଲେଶ୍ୱର ସର୍ବଦା ପ୍ରସିଦ୍ଧ ।

---

ହାଇକୋର୍ଟ ମୁସଲମାନଙ୍କ ଇଦ ନିମନ୍ତେ ତା ୨୧ ରିଖଠାରୁ ତା ୨୪ ରିଖ ପର୍ଯ୍ୟନ୍ତ ବନ୍ଦ ହୋଇଅଛି ଓ ହିନ୍ଦୁ ପର୍ବ ଦୋଳଯାତ୍ରା ନିମନ୍ତେ ତା ୨୬ ରିଖଠାରୁ ଅପ୍ରେଲମାସ ତା ୧ ରିଖ ପର୍ଯ୍ୟନ୍ତ ବନ୍ଦ ହେବ । ଶେଷ ଛୁଟୀମଧ୍ୟରେ ଖ୍ରୀଷ୍ଟୀୟାନ ପର୍ବ ଗୁଡଫ୍ରାଇଡେ ପଡ଼ିଅଛି । କେବଳ ମଝିରେ ଦୁଇଦିନ ଅର୍ଥାତ ତା ୨୫ ଓ ୨୬ ରିଖ ବନ୍ଦ ହୋଇଥିଲେ ସଂଲଗ୍ନ ଛୁଟୀ ଦ ୧୨ ଦିନ ପଡ଼ିଆନ୍ତା ଓ ଏହା ହାଇକୋର୍ଟଙ୍କ ଛୁଟୀ ସହିତ ସମାନ ହୋଇଥାନ୍ତା । ଏଠା ଅଦାଲତ ମଧ୍ୟ ଉପରୋକ୍ତ ପ୍ରକାରରେ ବନ୍ଦ ହେବ ମାତ୍ର କଲେକ୍ଟରୀ ଓ କମିଶନରୀ ପ୍ରଭୃତି କଚେରୀମାନ ମୁସଲମାନ ଇଦ୍ ପର୍ବ ନିମନ୍ତେ କେବଳ ତା ୨୧ ଯ ଶୁକ୍ରବାର ଦିନଟି ବନ୍ଦ ହୋଇଥିଲା ହିନ୍ଦୁଙ୍କ ଦୋଳଯାତ୍ରା ନିମନ୍ତେ ୨୪, ୨୫ ଓ ୨୬ ତାରିଖମାନଙ୍କରେ ବନ୍ଦ ହେବ ଓ ଖ୍ରୀଷ୍ଟୀୟାନ ପର୍ବ ଗୁଡଫ୍ରାଇଡେ ଓ ଇଷ୍ଟର ନିମନ୍ତେ ତା ୨୮ ରିଖଠାରୁ ତା ୩୧ ରିଖ ଶେଷ ପର୍ଯ୍ୟନ୍ତ ବନ୍ଦ ରହିବ । ଏଠା କଲେକ୍ଟରସାହେବ ଉପରୋକ୍ତ ତାରିଖମାନଙ୍କରେ ଖଜଣାଖାନା ବନ୍ଦ ହେବାର ବିଜ୍ଞାପନ ଦେଇଅଛନ୍ତି ।

---

ସ୍ୱର୍ଗୀୟ ରାୟ ଭଗବାନ ଦାସ ବଗଲା ବାହାଦୁରଙ୍କର ଉଇଲ ଅନୁସାରେ ତାହାଙ୍କର ପତ୍ନୀ ବ୍ରଜକୁମାରୀ କଲିକତା ବଡ଼ବଜାର ହାରିସନ ରାସ୍ତା ଉପରେ ଗୋଟିଏ ଚିକିତ୍ସାଲୟ ଏକଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରିଦେଇଅଛନ୍ତି ଏବଂ ତହିଁର କାର୍ଯ୍ୟ ନିର୍ବାହାର୍ଥ ୪ ଲକ୍ଷ ଟଙ୍କାର କମ୍ପାନୀ କାଗଜ ଦାନ କରିଅଛନ୍ତି । ଚିକିତ୍ସାଲୟ ବା ହାସପାତାଲଗୃହ ନିର୍ମାଣ ନିମନ୍ତେ ଅଧିକା ବ୍ୟୟ ଆବଶ୍ୟକ ହେବାରୁ ବ୍ରଜକୁମାରୀ ମହୋଦୟା ସ୍ୱହସ୍ତରୁ ଅଧିକା ୬୦ ହଜାର ଟଙ୍କା ଦେଇଅଛନ୍ତି । ଏହି ହାସପାତାଲର ଦାତବ୍ୟ ବିଭାଗରେ ପ୍ରତ୍ୟହ ବାହାର ରୋଗୀଙ୍କୁ ଔଷଧ ଦିଆଯିବାର ଏବଂ ଭିତରପାଖରେ ନ ୨୦ ଜଣ ପୁରୁଷ ଓ ନ ୫ ଜଣ ସ୍ତ୍ରୀରୋଗୀ ବାସକରି ଚିକିତ୍ସା ହେବାର ବନ୍ଦୋବସ୍ତ ହୋଇଅଛି । ଜଣେ ଡାକ୍ତର ସର୍ବଦା ସେଠାରେ ରହି ସକଳ ବିଷୟର ତତ୍ତ୍ୱାବଧାନ କରିବେ । କବିରାଜୀ ଚିକିତ୍ସାର ବନ୍ଦୋବସ୍ତ ହୋଇଅଛି । ସେଦିନ ମହାମାନ୍ୟା ବଙ୍ଗଲାଟପତ୍ନୀ ମହୋଦୟା ଏହି ହାସପାତାଲଗୃହ ସ୍ୱୟଂ ପ୍ରତିଷ୍ଠା କରିଥିଲେ ଏବଂ ତଦୁପଲକ୍ଷରେ ମହା ସମାରୋହ ହୋଇଥିଲା । ଧନ୍ୟ ଭଗବାନ ଦାସ ବଗଲା ବାହାଦୁର ଏବଂ ତାହାଙ୍କର ପତ୍ନୀ ସତୀ ବ୍ରଜକୁମାରୀ ?

---

ଇଂଲଣ୍ଡେଶ୍ୱର ଏଡ଼ୱାର୍ଡଙ୍କ ରାଜ୍ୟାଭିଷେକ ଉପଲକ୍ଷରେ ୧୫ ଜଣ ସମ୍ଭ୍ରାନ୍ତବଂଶଜ ଭାରତବାସୀ ଭାରତର ପ୍ରତିନିଧି ସ୍ୱରୂପ ଲଣ୍ଡନକୁ ପ୍ରେରିତ ହେବେ ।

ମହାରାଜା ବାହାଦୁର ସାର ଯୋତୀନ୍ଦ୍ରମୋହନ ଠାକୁରଙ୍କ ପୁତ୍ର ମହାରାଜ କୁମାର ପ୍ରଦ୍ୟୋତକୁମାର ଠାକୁର ଭାରତ ପ୍ରତିନିଧି ଲର୍ଡ କର୍ଜନଙ୍କ ଦ୍ୱାରା ଭାରତ ଗଭର୍ଣ୍ଣମେଣ୍ଟଙ୍କ ଅତିଥି ସ୍ୱରୂପ ବିଲାତରେ ଉପସ୍ଥିତ ହେବା ନିମନ୍ତେ ଆମନ୍ତ୍ରିତ ହୋଇଅଛନ୍ତି । ମହାରାଜା କୁମାର ନିମନ୍ତ୍ରଣ ଗ୍ରହଣ କରିଅଛନ୍ତି । କିନ୍ତୁ କେବେ ବିଲାତ ଯାତ୍ରା କରିବେ ତାହା ଧାର୍ଯ୍ୟ କରି ନାହାନ୍ତି । ମୁରସିଦାବାଦର ନବାବଙ୍କ ପୁତ୍ର ଶ୍ରୀଯୁକ୍ତ ଓୟାଜଦ ସାହେବ ମଧ୍ୟ ନିମନ୍ତ୍ରିତ ହୋଇଅଛନ୍ତି । ଜୟପୁରର ମହାରାଜା ମଧ୍ୟ ନିମନ୍ତ୍ରଣ ପାଇଅଛନ୍ତି । ତାଙ୍କ ସଙ୍ଗରେ ଜୟପୁରର ରେସିଡେଣ୍ଟ ଯିବାକୁ ଅସମର୍ଥ ହେବାରୁ ଅନ୍ୟ ଏକଜଣ ବିଶେଷ କର୍ମଚାରୀ ତାଙ୍କ ସହିତରେ ଗମନ କରିବେ । ରାଜ୍ୟାଭିଷେକ କାର୍ଯ୍ୟ ସମାପ୍ତ ହେଲା ଉତ୍ତାରେ ଉକ୍ସୋର ଅନ୍ୟ ଦେଶ ପର୍ଯ୍ୟଟନ କାଳରେ ଏହି ବିଶେଷ କର୍ମଚାରୀ ମଧ୍ୟ ମହାରାଜାଙ୍କ ସହିତରେ ପରିଭ୍ରମଣ କରିବେ । ଅନ୍ୟ କାହା ଗ୍ରନ୍ଥରେ ନିମନ୍ତ୍ରଣ ପଡ଼ିଅଛି ପ୍ରକାଶ ପାଇ ନାହିଁ । ରାଜ୍ୟାଭିଷେକ କାର୍ଯ୍ୟ ଆଗାମୀ ଜୁନମାସ ତା ୨୬ ରିଖରେ ସମ୍ପନ୍ନ ହେବ । ସୁତରାଂ ସମସ୍ତ ନିମନ୍ତ୍ରଣ ଅଚିରେ ପ୍ରକାଶ ପାଇବ ।

---

ଭାରତସ୍ଥ ରେଲ ସମୂହର ୩ୟ ଶ୍ରେଣୀ ଓ ଇଣ୍ଟରମିଡିଏଟ ଗାଡ଼ିରେ ପାଏଖାନାର ବନ୍ଦୋବସ୍ତ ନାହିଁ । ଅନେକ ଦୂର ଗମନେଚ୍ଛୁ ଯାତ୍ରୀମାନଙ୍କ ପକ୍ଷରେ ଏହା ଅତୀବ ଅସୁବିଧାଜନକ, ବିଶେଷତଃ ମେଲ ଗାଡ଼ିରେ । ମେଲ ଗାଡ଼ିସବୁ ପ୍ରତି ଷ୍ଟେସନରେ ଅପେକ୍ଷା କରେ ନାହିଁ ଓ ଯେଉଁ ଷ୍ଟେସନରେ ଅପେକ୍ଷା କରେ ତାହା ମଧ୍ୟ ଅଳ୍ପକ୍ଷଣସ୍ଥାୟୀ ସୁତରାଂ ନିମ୍ନ ଶ୍ରେଣୀର ଯାତ୍ରୀମାନଙ୍କ ପକ୍ଷରେ ପାଏଖାନାକୁ ବିଶେଷ ବାଧେ ଓ ଅନେକ ଲୋକ ଗହଳାରେ ରେଲଗାଡ଼ିରେ ପାଏଖାନା କରିଥାଆନ୍ତି । ଯାତ୍ରୀମାନଙ୍କର ଏହି ଦୁଃଖ ନିବାରଣ ନିମନ୍ତେ ଭାରତ ଗଭର୍ଣ୍ଣମେଣ୍ଟ ଭାରତର ସମସ୍ତ ରେଲୱେ କର୍ତ୍ତାଙ୍କ ନିକଟକୁ ନିମ୍ନଲିଖିତ ମର୍ମରେ ଏକ ସର୍କୁଲର ପଠାଇଅଛନ୍ତି । ୧ମ ମେଲ ଓ ଅନ୍ୟାନ୍ୟ ଦ୍ରୁତଗାମୀ ଗାଡ଼ି ଅର୍ଥାତ୍ ଯେଉଁ ଗାଡ଼ି ପ୍ରତି ଷ୍ଟେସନରେ ଅପେକ୍ଷା କରେ ନାହିଁ ସେହି ଗାଡ଼ି ସମୂହରେ ଉପରୋକ୍ତ ଶ୍ରେଣୀରେ ଅତି ଶୀଘ୍ର ପାଏଖାନାର ବନ୍ଦୋବସ୍ତ କରାଯାଉ । ୨ୟ କେବଳ ୫୦ ମାଇଲରୁ କମ ମୋଫସଲରେ ଗତାୟାତ କରୁଥିବା ଗାଡ଼ି ଛଡ଼ା ଅନ୍ୟ ଗାଡ଼ିସବୁରୁ ସୁବିଧା ଅନୁସାରେ ଉକ୍ତ ଶ୍ରେଣୀ ସମୂହରେ ପାଏଖାନାର ସଜ୍ଜିତ କରାହେଉ । ୩ୟ ଯେଉଁ ସବୁ ରେଲଗାଡ଼ି ଭବିଷ୍ୟତରେ ନିର୍ମାଣ ହେବ ଉକ୍ତ ଗାଡ଼ିମାନଙ୍କରେ ସେହିପରି ବନ୍ଦୋବସ୍ତ କରାଯିବ । ଭାରତ ଗଭର୍ଣ୍ଣମେଣ୍ଟଙ୍କ ଏହି ଆଦେଶ ଅତୀବ ମଙ୍ଗଳଦାୟକ ଓ ବାସ୍ତବିକ ରାଜା ଯେ ପ୍ରଜାଙ୍କ ଦୁଃଖହାରୀ ଏହା ଏକ ସୂଚକ । ଲର୍ଡ଼ କର୍ଜନ ଯେ ପ୍ରଜାଙ୍କ ହିତ କରିବାରେ ସଚେଷ୍ଟ ଏହା ଏକ ଚିରସ୍ମରଣୀୟ ପ୍ରମାଣ ଅଟେ ।

---

ଉଦାର ନୈତିକ ଦଳ ମଧ୍ୟରେ କଲହ ବ୍ୟକ୍ତିଗତରେ ପରିଣତ ହୋଇଅଛି । ପୂର୍ବରୁ ବିପକ୍ଷ ଓ ସପକ୍ଷରେ ଦୁଇ ଦଳ ଉଦାର ନୀତି ଥିଲେ । ଏକ ପକ୍ଷର ନେତା ଲର୍ଡ ରୋଜବରି ଓ ଅନ୍ୟ ପକ୍ଷର ନେତା ସାର ହେନରି କାମ୍ବେଲ ବେନରମାନ, ଲର୍ଡ ରୋଜବରି ପାଞ୍ଚ ବର୍ଷ ହେଲା ରାଜନୀତି ଚର୍ଚ୍ଚାରୁ ଅବସର ଗ୍ରହଣ କରିବାରୁ ଉଦାର ନୈତିକ ଦଳ ମଧ୍ୟରେ ତାଙ୍କ ସମକକ୍ଷ

Digitized by srujanika@gmail.com

ନେତା ନ ମିଳିବାରୁ ମଧ୍ୟବର୍ତ୍ତୀ ବୁଦ୍ଧିମାନ୍ ମାନଙ୍କ ମଧ୍ୟରେ ବେନରମାନଙ୍କୁ ସମସ୍ତେ ପସନ୍ଦ କଲେ। ବୃକ୍ଷ ବିହୀନ ଦେଶରେ ଏରଣ୍ଡ ଗଛକୁ ମଧ୍ୟ ଗଛ ମଧ୍ୟରେ ଗଣ୍ୟ କରାଯାଏ । ବେନରମାନ ନେତା ପଦରେ ଅଭିଷିକ୍ତ ହେଲେ । ସେ ମନେ ଭାବିଲେ ଯେବେ ସ୍ୱର୍ଗୀୟ ପଦ ତାଙ୍କୁ ପ୍ରାପ୍ତ ହେଲା । ତେଣୁ ଆନନ୍ଦ ସହିତ ନେତାପଦ ଗ୍ରହଣ କଲେ । ବର୍ତ୍ତମାନ ଲର୍ଡ ରୋଜବାରୀ ରାଜନୀତି କ୍ଷେତ୍ରରେ ଉପସ୍ଥିତ ହୋଇ ପରିତ୍ୟକ୍ତ ପଦକୁ ପୁନଃ ଗ୍ରହଣ କରିବାକୁ ପରୋକ୍ଷଭାବରେ ପ୍ରାର୍ଥୀ ହୋଇଅଛନ୍ତି । ସୁତରାଂ ଉକ୍ତ ଦଳ ବିଭକ୍ତ ହୋଇ ପରସ୍ପର ମଧ୍ୟରେ ମତ ଭେଦ ହେତୁ ବିବାଦ ବିସମ୍ବାଦ ଚାଲିଅଛି । କିନ୍ତୁ ଏଥିରେ ବେନରମାନ ବଡ ବ୍ୟସ୍ତ ହୋଇଅଛନ୍ତି । ତାଙ୍କର ଭୟ ହୋଇଗଲାଣି ପଛକେ ସେ ନେତା ପଦରୁ ଖାରଜ ହୋଇ ଯାଆନ୍ତି । ବାନରମାନଙ୍କ ମନରେ ଏପରି ଭୟ ହେବା ଅନୁଚିତ । ଏହି ଦଳର ଭୂତପୂର୍ବ ନେତା ମିଃ ଗ୍ଲାଡଷ୍ଟୋନ ସନ ୧୮୭୪ ମସିହାରେ ନେତୃତ୍ୱ ପଦରୁ ଇସ୍ତଫା ପ୍ରଦାନ କରିଥିଲେ । ସେହି ସମୟରେ ସମସ୍ତେ ଭାବିଲେ ମିଃ ଗ୍ଲାଡଷ୍ଟୋନ ରାଜନୀତି ବିଭାଗରୁ ଚିର ବିଦାୟ ଗ୍ରହଣ କଲେ । ତତ୍ କାଳୀନ ଉଦାର ଦଳ ମଧ୍ୟରେ ମିଃ ଗ୍ଲାଡଷ୍ଟୋନଙ୍କ ସମାନ ପ୍ରତିଦ୍ୱନ୍ଦୀ କେହି ନ ଥିଲା । ସୁତରାଂ ମଧ୍ୟବର୍ତ୍ତୀ ବୁଦ୍ଧିମାନଙ୍କ ମଧ୍ୟରୁ ଲର୍ଡ ହାର୍ଟିଂଟନ ପ୍ରଧାନ ନେତା ପଦରେ ବରିତ ହେଲେ । ମାତ୍ର ବଲଗେରିଆଙ୍କର ଅତ୍ୟାଚାର ଓ ଋଷିଆ ତୁରସ୍କର ଯୁଦ୍ଧ ଘଟନା ହେତୁ ପୁନର୍ବାର ରାଜନୀତି କାର୍ଯ୍ୟରେ ଉପସ୍ଥିତ ହେଲେ । ଲର୍ଡ ହାର୍ଟିଂଟନ ଏ ପ୍ରକାର ଅବସ୍ଥାରେ ସ୍ୱେଚ୍ଛାନୁକ୍ରମେ ନେତୃତ୍ୱ ପଦରୁ ଅପସୃତ ହେଲେ । ବର୍ତ୍ତମାନ୍ ଲର୍ଡ ରୋଜବରିଙ୍କ ପୁନରୁତ୍ଥାପନ ଦେଖି ବାନରମାନ ଅଦ୍ୟ ନେତା । ପଦ ପରିତ୍ୟାଗ କରୁ ନାହାନ୍ତି । ସୁତରାଂ ଏକ ଦଳ ଦ୍ୱିଭାଗ ହୋଇଅଛନ୍ତି ଓ ବାସ୍ତବରେ ବ୍ୟକ୍ତିଗତ କଳହ ଚାଲିଅଛି । ପ୍ରକୃତିର ନିୟମ ଉପଯୁକ୍ତ ଲୋକର ଜୟ ହୁଏ ଏଣୁକରି ଅଧିକତର ଉପଯୁକ୍ତଙ୍କୁ ପ୍ରଧାନ ଆସନ ଛାଡିଦେବା ଉଚିତ ।

---

## ବୁଅର ଯୁଦ୍ଧ-ବିଷୟକ ସମ୍ବାଦ ।

ଗତ ତା ୮ ରିଖରେ ଲର୍ଡକିଚନର ତାର ଯୋଗେ ସମ୍ବାଦ ପଠାଇଲେ ଯେ ଲର୍ଡ ମେଥୁନ ୯୦୦ ଅଶ୍ୱାରୂଢ଼ ସୈନ୍ୟ ୩୦୦ ପଦାତିକ ସହ ଭ୍ରାଇବର୍ଗଠାରୁ ଲିକ୍ଟେନ ବର୍ଗକୁ ଯାଉଥିଲେ । ସେଠାରେ କର୍ଣ୍ଣେଲ ଗ୍ରେନ୍ଫେଲ ୧୩୦୦ ଅଶ୍ୱାରୂଢ଼ ସୈନ୍ୟ ସହ ଅବସ୍ଥାନ କରୁଥିଲେ । ଲର୍ଡ ମେଥୁନ ବୁଅର ସେନାପତି ଡେଲେରିକୁ ଧରିବା ନିମନ୍ତେ ଅଗ୍ରସର ହେଉଥିଲେ ଏମନ୍ତ ସମୟରେ ହଠାତ୍ ବାମର ଦୁଇ ପାର୍ଶ୍ୱରେ ବୁଅର ସୈନ୍ୟ ଉପସ୍ଥିତ ହେଲେ । ବୁଅର ସୈନ୍ୟ ଇଂରେଜ ସୈନ୍ୟର ପଶ୍ଚାଦ୍ଧାବନ କରୁଅଛନ୍ତି, ତେତେବେଳେ ସୂର୍ଯ୍ୟୋଦୟର ପୂର୍ବ ସମୟ ଅର୍ଥାତ୍ ଉଷାକାଳ ହଠାତ୍ ବୁଅରମାନେ ପଶ୍ଚାତ ଦେଶରେ ଅଗ୍ରସର ଓ ସମ୍ମୁଖ ଭାଗରେ ଗୋଯାନକୁ ଆକ୍ରମଣ କଲେ । ଇଂରେଜ ସୈନ୍ୟ ମଧ୍ୟରେ ଅଶ୍ୱମାନେ ପ୍ରବେଶ କରନ୍ତେ ସୈନ୍ୟମାନେ ବ୍ୟସ୍ତ ବ୍ୟସ୍ତ ହେଲେ ଓ ବୁଅରମାନଙ୍କ ଆକ୍ରମଣକୁ ବାଧାଦେବା ନିମନ୍ତେ ଇଂରେଜ ସୈନ୍ୟ ସଚେଷ୍ଟ ହୋଇଥିଲେ । କିନ୍ତୁ ଘୋଡାମାନେ ସୈନ୍ୟବ୍ୟୂହରେ ପ୍ରବେଶ କରିବାରୁ ଓ ଉଭୟ ପାର୍ଶ୍ୱରୁ ବୁଅର ଗୋଳା ବର୍ଷଣରେ ଇଂରେଜ ସୈନ୍ୟ କିଂକର୍ତ୍ତବ୍ୟ ମୂଢ଼ ହୋଇଗଲେ ଓ ବୁଅର ସୈନ୍ୟ ଅତି ସାହସରେ ଇଂରେଜ ସୈନ୍ୟ ମଧ୍ୟରେ ପ୍ରବେଶ କରି ଲର୍ଡ ମେଥୁନଙ୍କ ଉରୁ ଦେଶରେ ଆଘାତ ପ୍ରଦାନ କରିବାରୁ ଲର୍ଡ ମେଥୁନ ନିପତିତ ହେଲେ ଓ ତତ୍କ୍ଷଣାତ୍ ବନ୍ଦୀ ହେଲେ । ଏହି ଭୀଷଣ ଯୁଦ୍ଧରେ ତିନିଜଣ କର୍ମଚାରୀ ଓ ୩୮ ଜଣ ସୈନ୍ୟ ହତ ହେଲେ ଓ ପାଞ୍ଚ ଜଣ କର୍ମଚାରୀ ଓ ୭୨ ଜଣ ସୈନ୍ୟ ଆହତ ହେଲେ ଓ ଦୁଇ ଶତ ବନ୍ଦୀ ହେଲେ । ମେଜର ପାରସ ୫୦ ଜଣ ସୈନ୍ୟଙ୍କୁ ଏକ ମାଇଲ ଅନ୍ତରରେ ଏକତ୍ର କରିଥିଲେ । ବୁଅରମାନେ ଅତି ତାଙ୍କୁ ସେଉ ସେମାନଙ୍କୁ ଅଳ୍ପ ବିଳମ୍ବ କରି ଛାଡି ଦେଇଥିଲେ । ବୁଅରମାନେ ସମସ୍ତ ବନ୍ଦୀଙ୍କୁ ଛାଡି ଦେଇଅଛନ୍ତି । କେବଳ ଲର୍ଡ ମେଥୁନ ବନ୍ଦୀ ମାତ୍ର ତାଙ୍କର ଯତ୍ନ ହେଉଅଛି ଓ ସେ ନିଜ ତାମ୍ବୁରେ ଅବସ୍ଥାନ କରୁଅଛନ୍ତି । ପାର୍ଲିଆମେଣ୍ଟରେ ଏହି ଭୀଷଣ ସମ୍ବାଦ ଉପସ୍ଥିତ ହୁଅନ୍ତେ, ଲର୍ଡ ମେଥୁନଙ୍କ ବନ୍ଦୀ ବାର୍ତ୍ତା ସମସ୍ତଙ୍କ ମନରେ ଦୁଃଖ ପ୍ରଦାନ କରିଥିଲା । ଲର୍ଡ ରବର୍ଟସ ଓ ମନ୍ତ୍ରୀ ସାଲିସବରି ଲର୍ଡ ମେଥୁନଙ୍କ ଅତୀତ କାର୍ଯ୍ୟ ବର୍ଣ୍ଣନ କରି ତାଙ୍କର ବହୁତ ପ୍ରଶଂସା ବାହୁକ ଥିଲେ ।

---

## ମୁସଲମାନ ସଭା ।

ଗତମାସ ତା ୧୫ ରିଖ ଶନିବାରଦିନ ପ୍ରାତଃ କାଳରେ ଏଠାକଲେଜଗୃହରେ ମୁସଲମାନମାନଙ୍କ ସେନ ଅମ୍ଭମାନଙ୍କର ମାଜିଷ୍ଟ୍ରେଟ ସାହେବ ଏକ ସଭା କରିଥିଲେ । ମାଜିଷ୍ଟ୍ରେଟ ସାହେବ ଏଠାକୁ ଆସିଲାପରେ ଏଠାର୍ କେତେକ ମୁସଲମାନ ତାଙ୍କ ନିକଟକୁ ଯାଇ ଏ ସ୍ଥାନର ମୁସଲମାନମାନଙ୍କ ମଧ୍ୟରେ ଚଳାଚଳଥିବା ଏକ ବିଷୟ ଜଣାଇ ଥିଲେ । ସାହେବ ମହୋଦୟ ଏହା ଶୁଣି ସ୍ୱତଃ ଦୁଃଖିତ ହୋଇଥିଲେ ଏବଂ ଉଭୟଦଳ ଯହିଁରେ ମିଳିଯାନ୍ତି ତହିଁର ଚେଷ୍ଟା କରିବା କର୍ତ୍ତବ୍ୟ ବୋଲି ପ୍ରକାଶ କରିଥିଲେ । ସେଥିର ଫଳସ୍ୱରୂପ ଗତ ଶନିବାର ଦିନ ଉଭୟ ଦଳର ମୁସଲମାନମାନଙ୍କର ଯେଉଁ ସଭା ହୋଇଥିଲା ତହିଁରେ ମେଜେଷ୍ଟ୍ରେଟ ସାହେବ ସ୍ୱୟଂ ସଭାପତିର ଆସନ ଗ୍ରହଣ କରିଥିଲେ । ପାଦ୍ରୀ ଯୁଙ୍ଗ ସାହେବ ଓ ରାୟ ହରିବଲ୍ଲଭ ବସୁ ବାହାଦୁର ଓ ରାୟ ଯଜ୍ଞେଶ୍ୱର ଚନ୍ଦ୍ର ବାହାଦୁରମାନେ ଉକ୍ତ ସଭାସ୍ଥଳରେ ଉପସ୍ଥିତ ଥିଲେ । କୌଣସି ଏକ ଧର୍ମ ସମ୍ପ୍ରଦାୟର ଲୋକେ ଦୁଇଭାଗରେ ବିଭକ୍ତ ହୋଇ ପରସ୍ପର ବିରୋଧ କରିବା କଦାପି ବାଞ୍ଛନୀୟ ନୁହେ । ତହିଁରେ ବଳ ହ୍ରାସ ହେବା ଭିନ୍ନ ବଢ଼େ ନାହିଁ । ସୁତରାଂ ମୁସଲମାନମାନେ ଯହିଁରେ ପରସ୍ପର ବିଭକ୍ତ ନ ହୋଇ ଏକ ହୋଇଯାନ୍ତି ଏହା ଦେଖିବା କାରଣ ସହୃଦୟ ବ୍ୟକ୍ତି ମାତ୍ରେ ଚେଷ୍ଟିତ ହେବେ ଏବଂ ଅମ୍ଭମାନଙ୍କର ମାଜିଷ୍ଟ୍ରେଟ ସାହେବ ମହୋଦୟ ଏ ବିଷୟରେ ଚେଷ୍ଟିତ ହୋଇଥିବା ଅବଶ୍ୟ ସୁଖର ବିଷୟ । ତାଙ୍କଭଳି କ୍ଷମତାଶାଳୀ ଉଚ୍ଚପଦସ୍ଥ ହାକିମ ଯତ୍ନ କଲେ ଏହା ସଫଳ ହେବାପ୍ରତି କାହାର ମନରେ ସନ୍ଦେହ ରହି ନ ପାରେ ମାତ୍ର ଏ ଉଭୟ ଦଳ ମିଳିବା ପ୍ରତି ଅମ୍ଭମାନଙ୍କର ବିଶେଷ ସନ୍ଦେହ ଅଛି । ସଭାରେ ଏଠା ସବରେଜେଷ୍ଟରଙ୍କ ବିରୋଧୀ ମୁସଲମାନମାନେ ସବରେଜେଷ୍ଟରଙ୍କ କେତେକ ଅନ୍ୟାୟ କାର୍ଯ୍ୟର ଉଲ୍ଲେଖ କରି ସେ ଆପଣା କାମ ଜାରି କରିବ କାରଣ କାର୍ଯ୍ୟ କରୁଥିବାରେ ବିଭକ୍ତ ଥିବାର ପ୍ରକାଶ କଲେ । ଉଭୟ ଦଳ ମଧ୍ୟରେ କେଉଁ ପାଖରେ କେତେଜଣ ଅଛନ୍ତି ହାତ ଉଠାଇବା କାରଣ ମାଜିଷ୍ଟ୍ରେଟ ସାହେବ ଆଦେଶ କଲାରୁ ସବରେଜେଷ୍ଟରଙ୍କ ପକ୍ଷରୁ କେବଳ ୮।୧୦ ଜଣ ହାତ ଉଠାଇଲେ ମାତ୍ର ଅପର ପକ୍ଷରେ ଅନ୍ୟ ସମସ୍ତେ ପ୍ରାୟ ଏକଶତ ମୁସଲମାନ ହାତ ଉଠାଇଥିଲେ । ଏଥିରୁ ଅପରପକ୍ଷ ବଳବାନ୍ ଥିବାର ଦେଖାଗଲା । ସେମାନେ ଏଠା ମସଜିଦରେ ଇଂରାଜୀ ପଢ଼ିବାକୁ ଦେବେ ନାହିଁ ବୋଲି କୃତସଙ୍କଳ୍ପ ହୋଇଅଛନ୍ତି ଏବଂ ସବରେଜେଷ୍ଟରଙ୍କ ପକ୍ଷରୁ କେତେକ ବ୍ୟବସ୍ଥା ଅଣାଯାଇ ଥିଲେହେଁ ସେମାନେ ତାହା ଅଯଥାର୍ଥ ଥିବାର କହି ମାନୁନାହାନ୍ତି । ସୁତରାଂ ସଭାରେ ଢାକା କଲେଜର ପ୍ରଧାନ ମୌଲବି ଫାଜିଲୁଲ ହକ ଓ କଲିକତା ମାଦ୍ରାସାର ପ୍ରଧାନ ମୌଲବି ଅବଦୁଲ ଓ ନବାବ ଅମୀର ହୋସେନ ପ୍ରଭୃତିଙ୍କ ସୁସମ୍ମାନଙ୍କ ଅଣାଯାଇ ସେମାନେ ଯାହା କହିବେ ତହିଁରେ ସମସ୍ତେ ସମ୍ମତ ହେବାର ସ୍ଥିର ହୋଇ ସଭା ଭଙ୍ଗ ହେଲା । ଅମ୍ଭେମାନେ ଶୁଣୁଅଛୁଁ ଯେଉଁମାନଙ୍କୁ ଏଠାକୁ ଅଣାଯିବ ସେମାନେ କି ମତ ଦେବେ ଜଣା ନ ଥିଲେହେଁ ସେମାନେ

Split by PDF Splitter
Digitized by srujanika@gmail.com

Split by PDF Splitter



## ଦର୍ପଣ-ସମ୍ବାଦ ।

ଏ ବଖାରୁ ସରିକ ମହାଜନିଙ୍କ ଦେବଙ୍କ ଶ୍ରୀ ବେଣି ଯାତ୍ରା ଉପଲକ୍ଷରେ ଗତ ଏଥବାର ପ୍ରାୟ ୩।୪ ସହସ୍ର ଯାତ୍ରୀ ହୋଇଥିଲେ, ଦ୍ଭିକ୍ଷ ଅଶଙ୍କା ନ ଥିବା ଓ ରେଲଓ୍ୱେର ସୁବିଧା ଥିବାରୁ ବର୍ଷ ଅପେକ୍ଷା ଏ ବର୍ଷର ଯାତ୍ରୀ ସଂଖ୍ୟା ବୃଦ୍ଧିର ପ୍ରଧାନ ହେତୁ । ସ୍ୱର୍ଗୀୟ ମହାରାଜା ଶ୍ରୀ ବୈଦ୍ୟନାଥ ଦେଓ ବାହାଦୁରଙ୍କର ମହାଜନାଦିଙ୍କ ଦେବଙ୍କଠାରେ ପ୍ରଗାଢ଼ ଭକ୍ତି ଥିବାରୁ ସେ ମହା-ଆଡ଼ମ୍ବରରେ ଯାତ୍ରା ପର୍ବର ସ୍ୱୟଂ ଉପସ୍ଥିତ ଥାଇ ସମସ୍ତ ପ୍ରକାର ବନ୍ଦୋବସ୍ତ କରୁଥିଲେ । ସମ୍ପ୍ରତି ବଖାର ରାଜ ରାଣୀ ଶ୍ରୀମତୀ ଲକ୍ଷ୍ମୀ ରାଣୀ ମହୋଦୟାଙ୍କ ରାଜ୍ୟ "କୋର୍ଟ ଅଫ୍ ୱାର୍ଡସ" ହସ୍ତରେ ଅଛି । ସ୍ୱର୍ଗତ ରାଜାଙ୍କ ଅଭେଜାନୁସାରେ ବଖାର ମ୍ୟାନେଜର ଶ୍ରୀଯୁକ୍ତ ବାବୁ [illegible] ମହୋଦୟ ଯତ୍ନପୂର୍ବକରେ ସମାଗତ ଯାତ୍ରୀମାନଙ୍କର ରହିବା ସକାଶ ୮।୧୦ ଖଣ୍ଡ ଘର ଓ ଜଳର ସୁବନ୍ଦୋବସ୍ତ ଅର୍ଥାତ୍ ଜଳକୁଣ୍ଡ (ଭାବ ଗାମ ଇତ୍ୟାଦି) ପରୋଷାର କରାଇଥିଲେ ଏବଂ ମଧ୍ୟରେ ସାହିମାନେ ସେଠାରୁ ଉଦ୍ଧୃତରେ ଦର୍ଶନ କରି ପାରିବେ ମହାର ସୁବନ୍ଦୋବସ୍ତ କରିଦେଇଥିବାରୁ ସାଧାରଣ ସନ୍ତୁଷ୍ଟ ହୋଇଅଛନ୍ତି ।

ଶୀତ କ୍ରମେ ଦୂରୀଭୂତ ହୋଇ ଗ୍ରୀଷ୍ମ ପ୍ରଖରତା ବଢ଼ୁଅଛି । ଗତ ସପ୍ତାହରେ ୫ଥର ବୃଷ୍ଟି ହୋଇଅଛି । [illegible]

ଗତ ସପ୍ତାହରେ ବୃଷ୍ଟି ହୋଇଥିଲା । ଏ ବର୍ଷର ଅନ୍ୟ [illegible] ରେ ଗୋରୁମାନେ [illegible]

## ସୁକ୍ତା-ସମ୍ବାଦ ।

ଗତ ସପ୍ତାହରେ କଟକ ମହାକୁଣ୍ଡାଳର [illegible] ଠାରେ ପ୍ରାୟ ୫।୬ ହଜାର ଲୋକ ଏକତ୍ର ହୋଇ [illegible] ରେ [illegible] ଦ୍ରବ୍ୟ ବିକ୍ରି ହୋଇଅଛି । [illegible] ଏକ ଲୋକର ସାହାଯ୍ୟରେ [illegible]

ଜଗନ୍ନାଥଙ୍କର ରଥଯାତ୍ରା ମୁଦ୍ରଣ [illegible] ବିଶେଷ ଦେଖି ପଡ଼ୁଅଛି ।

ଆଗାମୀ ଚୈତ୍ରଯାତ୍ରା ଉପଲକ୍ଷେ ପୁରୀରେ ବହୁତ ଲୋକ ଯାତ୍ରୀ ଆସୁଅଛନ୍ତି । [illegible] ବୃଦ୍ଧି ହେଉଅଛି ।

ଗତ ବର୍ଷ ୧୦। [illegible] ହୋଇଥିଲା । [illegible] ଏ ବର୍ଷ ହେଲେ ଅର୍ଥାତ୍ ଆଗାମୀ [illegible] ସମାନ ହୋଇ [illegible] କରିବା ବଡ଼ କଠିନ ।

[illegible] ପଢ଼ିବା ସକାଶେ [illegible] ଅପେକ୍ଷା କରୁଅଛନ୍ତି ।

[illegible]

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ରାଜା ବଖାରେ | | ଟ ୫ ( |
| ବାବୁ ଗୋବିନ୍ଦ ତ୍ରିପାଠୀ | ପୁରୀ | ଟ ୩ ( |
| „ ରାଘବେନ୍ଦ୍ର ରଥ | ଚମ୍ପିଗଡ଼ା | ଟ ୩ ( |
| „ ଗୋପାଳଚନ୍ଦ୍ର ଦାଶ | ଅଳ | ଟ ୨ ( |
| „ ଦାମୋଦର ଦାଶ | ମୟୂରଭଞ୍ଜ | ଟ ୩ ( |
| „ ଅଛିନ୍ଦ୍ରଚନ୍ଦ୍ର | ବାଲେଶ୍ୱର | ଟ ୩ ) |
| „ ଭୈରବନାଥ ନନ୍ଦ | ଉଦାଳପାଟଣା | ଟ ୩ ( |
| „ ଭଗବାନ ମିଶ୍ର | କଟକ | ଟ ୩ ( |
| „ ଗୋବିନ୍ଦ ଦାସ | ଜଗତ୍‍ସିଂହପୁର | ଟ ୩ ( |
| ରାଜ ଗୋପିନାଥ ଜମିଦାର କୋଠାବସ୍ତର | | ଟ ୩ ( |
| ବାବୁ ନନ୍ଦକିଶୋର ଦାସ ଜମିଦାର ଲୁବନପୁର | | |
| | ଜଗତପୁର ପୋଃ ଅଫିସ | ଟ ୧ ( |

## ବିଜ୍ଞାପନ ।

କବିରାଜ ଶ୍ରୀ କେଦାରନାଥ ବିଶାରଦଙ୍କର ଆୟୁର୍ବେଦୋକ୍ତ ଚିକିତ୍ସାଳୟ ।

୯୩ । ୨ ନଂ ଦରଘୋଷଷ୍ଟ୍ରୀଟ, ସିମୁଲିଆ, କଲିକତା ।

ଏହି ସ୍ଥାନରେ ସମୁଦାୟ ରୋଗର ଔଷଧ, ତୈଳ, ଘୃତ, ମୃଗନାଭି ବା କସ୍ତୁରୀ, ଏବଂ ସ୍ୱର୍ଣ୍ଣ, ମୁକ୍ତା ଓ ପ୍ରବାଳାଦି ଜାରିତ ଧାତୁ ଦ୍ରବ୍ୟାଦି (ଭସ୍ମ) ମିଳେ ବିଦେଶସ୍ଥ ରୋଗିମାନଙ୍କ ପୀଡ଼ାର ଅବସ୍ଥା ଜଣାଇ ଲେଖିଲେ ବ୍ୟବସ୍ଥା ଲେଖି ପଠାଯାଏ ।

## ଯୋଗସିଦ୍ଧ ବଟିକା ।

(ଅର୍ଶାଦି ବାତିଜନିତ ଯୋଗଲବ୍ଧ ସିଦ୍ଧ ମହୌଷଧ)

ଏହି ଯୋଗପ୍ରସୂତ ସୁସିଦ୍ଧ ଔଷଧଦ୍ୱାରା ମାନବ ଦେହର ବହୁ ପରୀକ୍ଷାର ଦ୍ୱାରା ପ୍ରାୟ ସମୁଦାୟ ପୀଡ଼ା ଆରୋଗ୍ୟ ହୁଏ । କବିରାଜ ଏବଂ ଡାକ୍ତର ମାନଙ୍କ ଦୁଃଚିକିତ୍ସ୍ୟ ରୋଗସମୂହ ଆରୋଗ୍ୟ କରିବା ବିଷୟରେ ଏପରି ମହୌଷଧ ଆଉ ନାହିଁ । ଯକୃତ ଦୋଷରେ ଯେଉଁମାନଙ୍କର କୋଷ୍ଠ ପରିଷ୍କାର ହୁଏ ନାହିଁ, ଆହାରର ପରେ ଅମ୍ଳ ଉଦ୍ଗାର (ଖଟାଢେକୁଟି) ଉଠେ, ବାୟୁବୃଦ୍ଧି ହୋଇ ପେଟ ଫୁଲେ ଏବଂ କ୍ଷୁଧା ଭଲରୂପେ ହୁଏ ନାହିଁ ସେମାନଙ୍କ ପକ୍ଷରେ ଏହି ଔଷଧ ଅବ୍ୟର୍ଥ ଏତଦ୍ଭିନ୍ନ ଅର୍ଶରୋଗ, ଭଗନ୍ଦର, ଉଦରାମୟ, ଅମ୍ଳଶୂଳ, ଶୋଥ, ସକଳପ୍ରକାର ଜ୍ୱର, ଶିରୋରୋଗ, ପାପଦୋଷ, ଶରୀରରେ ଚକାକାର ଚକ୍ର, କଣ୍ଡୁ, ସ୍ୱପ୍ନଦୋଷ, ଧାତୁର ତରଳତା, ପୁରୁଷତ୍ୱହୀନ, ବହୁମୂତ୍ର, ମେହରୋଗ, ମସ୍ତକଘୂର୍ଣ୍ଣନ, ବନ୍ଦ ବନ୍ଦ ମୂତ୍ରସ୍ରାବ ଓ କାଳୀସା କାଶରୋଗ ଆରୋଗ୍ୟ ହୁଏ । ବାତବେଦନା, ରକ୍ତପିତ୍ତ, ହସ୍ତପଦାଦିର ଜ୍ୱାଳା, ସକଳପ୍ରକାର ବାତରୋଗର ମହୌଷଧ । ସ୍ତ୍ରୀଲୋକମାନଙ୍କର ରକ୍ତଦୋଷ, ବାଧକବେଦନା, ଗୁଳ୍ମ, ଶ୍ୱେତ ଓ ରକ୍ତପ୍ରଦର ଏବଂ ମୂର୍ଚ୍ଛାଦି ବିବିଧ ପୀଡ଼ାର ଶୀଘ୍ର ଶାନ୍ତି ହୁଏ ଏବଂ ଶରୀରର ଲାବଣ୍ୟ ବୃଦ୍ଧି ହୋଇଥାଏ । ଦେହକୁ ରୋଗଶୂନ୍ୟ କରି ସୁସ୍ଥ ଅବସ୍ଥାରେ ରଖିବା ଏହି ଔଷଧର ପ୍ରଧାନ କାର୍ଯ୍ୟ ।

୪୮ ବଟିକାପୂର୍ଣ୍ଣ ଏକ ଡିବାର ମୂଲ୍ୟ ଆଠଅଣା । ୧୦୦ ବଟିକାପୂର୍ଣ୍ଣ ଏକ ଡିବାର ମୂଲ୍ୟ ଏକଟଙ୍କା । ପ୍ୟାକିଂ ଖରଚ ଏକଅଣା ଏବଂ ଡାକମାସୁଲ ଦୁଇ ଅଣା । ଓଡ଼ିଆ ବ୍ୟବସ୍ଥାପତ୍ର ସହ ଔଷଧ ପଠାଯାଏ ।

## ଫଳେନ ପରିଚୀୟତେ ?

କବିରାଜ ଶ୍ରୀ ଛକଡ଼ି ଦାସ କବିରତ୍ନଙ୍କର

ଅନ୍ନପୂର୍ଣ୍ଣା

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ନ୍ୟାଯ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ପ୍ରାତଃକାଳରେ ସମାଗତ ରୋଗିମାନଙ୍କୁ ବିଶେଷ ଯତ୍ନ ସହକାରେ ଦେଖାଯାଏ । ଦରିଦ୍ର ଓ ଅସମର୍ଥ ରୋଗିଙ୍କୁ ବିନା ମୂଲ୍ୟରେ ଔଷଧ ପ୍ରଦତ୍ତ ହୁଏ । ମଫସଲର ରୋଗିମାନେ ରୋଗର ଅବସ୍ଥା ସ୍ପଷ୍ଟରୂପରେ ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ପ୍ରତ୍ୟୁତ୍ତର ଏବଂ ସୁବ୍ୟବସ୍ଥା ସତ୍ୱର ପ୍ରେରିତ ହୁଏ ।

### ଶୁକ୍ରବର୍ଦ୍ଧକ ବଟିକା ।

ଏହି ଔଷଧ ବୀର୍ଯ୍ୟ ସ୍ତମ୍ଭନ କାରୀରେ ଏକମାତ୍ର ମହୌଷଧ । ଯେଉଁମାନଙ୍କର ସ୍ୱଳ୍ପ କାରଣବଶତଃ ବୀର୍ଯ୍ୟ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟ ମଧ୍ୟରେ ବିଶେଷ ଫଳ ଲାଭ କରିବେ ଏବଂ ଧାତୁ ଦୌର୍ବଲ୍ୟ ଉପଶମ ହେବ । ଏଥି ସମ୍ବନ୍ଧେ ବାହୁଲ୍ୟ ଅଭି-ମତ ନିଷ୍ପ୍ରୟୋଜନ । ଥରେ ମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡିବା ଔଷଧର ମୂଲ୍ୟ ଟ ୧୲ ମାତ୍ର ଡାକମାସୁଲ ସ୍ୱତନ୍ତ୍ର ।

### କଳ୍ପତରୁ ରସାୟନ ।

(ଦେଶୀୟ ସାଲସା ।)

ଏଥିରେ ଉପଦଂଶ (ଗରମୀ,) ଘାଆ, ପାରଦାଦି ଦୋଷଜନିତ ଶରୀରରେ ଦରଜ ଓ ଚକଡ଼ା ଦାଗ ଓ ଛୋଟକ ପ୍ରଭୃତି ଶୀଘ୍ର ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ଦୂଷିତ ରକ୍ତ ପରିଷ୍କାରର ଅମୋଘ ଔଷଧ ।

ବଡ଼ ଶିଶି—ଦେଢ଼ଟଙ୍କା ।

ଛୋଟ ଶିଶି ଏକଟଙ୍କା—ଟ ୪ ୯

ଚୌଧୁରୀ ବଜାର, କଟକ } ଶ୍ରୀ ଛକଡ଼ି ଦାସ କବିରତ୍ନ
ଅନ୍ନପୂର୍ଣ୍ଣା
ଆୟୁର୍ବେଦୀୟ ଔଷଧାଳୟ

Digitized by srujanika@gmail.com

Split by PDF Splitter



## ନୂତନ ପୁସ୍ତକ ।

ଜ୍ଞାନଗର୍ଭ ଗୀତା ୨ୟ ଭାଗ ଟ ୦ ।
ମହାଭାରତ ଯୁଦ୍ଧ ଟ ୦ ।୬
ପ୍ରବନ୍ଧ ଅକ୍ଷୟଚନ୍ଦ୍ର ବା କାଦମ୍ବରୀ
ଉପନ୍ୟାସ ଟ ୦ ।୵
ଭକ୍ତି-ସଙ୍ଗୀତ ୧ ୦ ।

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଙ୍ଗ୍‌କମ୍ପାନୀଙ୍କ ପୁସ୍ତକାଳୟରେ ମିଳବ ।

TRADE MARK
W. MAJOR & CO.'S MEDICAL LABORATORY CALCUTTA
TRADE MARK
REGISTERED

ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ! ପ୍ରତ୍ୟକ୍ଷ ଫଳପ୍ରଦ ! !
ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ-ସେହି

"ଇଲେକ୍‌ଟ୍ରୋ ସାଲସା"

ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ ରେଜେଷ୍ଟ୍ରୀ କୃତ ।

ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ ! ! !
ଅଦ୍ଭୁତ ଓ ଅକୃତ୍ରିମ ।

ଆଉ ବଜାରର ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ । ଅଳ୍ପ ଦାମରେ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକ୍‌ଟ୍ରୋ ସାଲସା :—ନିଜ ଗୁଣରେ ଅନେକ ଉପଯୁକ୍ତ ଔଷଧ ଉପରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍‌ଟ୍ରୋ ସାଲସା :—ପ୍ରତ୍ୟହ ଯେରୂପ ହଜାର ହଜାର ବିକ୍ରୟ ହେଉଅଛି ଦେଶ ବିଦେଶରୁ ସେହିପରି ରାଶି ରାଶି ଅଯାଚିତ ପ୍ରଶଂସାପତ୍ର ଲାଭ କରୁଅଛି ।

ଇଲେକ୍‌ଟ୍ରୋ ସାଲସା :—ଉଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ-ଶକ୍ତି ସଂଯୋଗେ ପ୍ରସ୍ତୁତ ହୋଇଥିବାରୁ ଏହାର ବିନ୍ଦୁ ଔଷଧ ଅଦ୍ଭୁତ ବେଗରେ ସର୍ବ ଶରୀର ସଞ୍ଚାରିତ ହୋଇପଡେ ଏବଂ ତାହାର ଆରୋଗ୍ୟ-କାରିତା ଶକ୍ତି ଗୁଣରୁ ସଙ୍ଗେ ସଙ୍ଗେ ରୋଗର ପ୍ରବଳତା ଶକ୍ତି ଦମନ କରିଦିଏ ଏବଂ ୨।୧ ମାତ୍ରା ସେବନ ମାତ୍ରେ ରୋଗୋପଶମ ସ୍ବଚ୍ଛନ୍ଦତା ଅନୁଭବ କରିଯାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ କଳେବର ପ୍ରାପ୍ତ କରାଇଦିଏ, ଯୌବନ କାଳୋଚିତ ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍‌ଟ୍ରୋ ସାଲସା :—ବ୍ୟତୀତ ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ ଗଜେଟ୍‌ରେ ପ୍ରଚଳିତ ଓ ବିଜ୍ଞାପିତ ହେଉଥିବା ଜ ସ୍ୱଦେଶୀ ବା ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧହିଁ କୃତ୍ରିମ ଓ ଅସ୍ଥାୟୀ ଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ଚାପି ରଖେ କେବଳ—

ଇଲେକ୍‌ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦିଏ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଭୂୟୋ ଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧପ୍ଲାବିତ ରାଜ୍ୟରେ ଏପରି ଉଚ୍ଚ ସ୍ଥାନ ଅଧିକାର କରିଅଛି ଯେଉଁଠାରୁ ଥରେ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସିମାନେ "ଇଲେକ୍‌ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ତାଗିଦ୍ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ ବଡ ହାସପାତାଳରେ ଉପଯୁକ୍ତ ରୋଗିକୁ ଏହି ସାଲସା ବ୍ୟବସ୍ଥା କରାଯାଉଅଛି । ଏସିଆ, ଇଉରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ ଲକ୍ଷ ଲୋକେ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରରେ ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍‌ଟ୍ରୋ ସାଲସା ସତ୍ୟ ସତ୍ୟ ଯେପରି ବ୍ରହ୍ମାଣ୍ଡ ବିଜୟ କରିବାକୁ ଶୁଭକ୍ଷଣରେ- ଶୁଭମୁହୂର୍ତ୍ତରେ ଅବତୀର୍ଣ୍ଣ ହୋଇଥିଲା ! ! ! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏଠାରେ ଏତେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟ ହୋଇ ନାହିଁ ।

ଇଲେକ୍‌ଟ୍ରୋ ସାଲସା ।—ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ, ବାତ, ପକ୍ଷାଘାତ, କଟିବାତ, ଅଙ୍ଗପ୍ରତ୍ୟଙ୍ଗ ଫୁଲିବା, ଲୁଣ୍ଠିତ ହୋଇ ଫୁଲି ଉଠିବା, କୁଣ୍ଡିଆଣ, କୁଷ୍ଠ, ଗରମି ଓ ପାରଦର ଘା, ନାକ ଓ ତାଳୁର ଘା, ଦେହରେ ବା ହସ୍ତ ଓ ପଦ ତଳରେ ଫାଟି ଯିବା ଧଳା ବା କଳା ଦାଗ, ଧବଳ କୁଷ୍ଠରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ତହିଁର କଷ୍ଟଦାୟକ ଯନ୍ତ୍ରଣାଦି ପୁଣି ପାରା ଓ ଗରମି-ବିଷର ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍‌ଟ୍ରୋ ସାଲସା ।—ତରଳ ଶୁକ୍ର ଗାଢ଼ କରିବାକୁ ଶୁକ୍ରକାର୍ଯ୍ୟ ସ୍ନେହଯୁକ୍ତ କରିବାକୁ—ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ—ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ- ତଥା ଯାବତୀୟ ଶୁକ୍ରବ୍ୟାଧି- ଅର୍ଥାତ୍-ମେହ, ପ୍ରମେହ, ଶୁକ୍ରମେହ, ଧାତୁ ଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳିବା, ଲୁଗାରେ ଦାଗ ପଡିବା, ମୂତ୍ର-ନାଳରୁ ଶୁକ୍ର ବା ପୂଜ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ, ପ୍ରସ୍ରାବ ସହିତ ବା ପରେ-ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପତନ, ଜମା ମଳ ବେଗରେ ବୀର୍ଯ୍ୟ ନିର୍ଗତ ହସ୍ତ ମୈଥୁନ ବା ଅତିରିକ୍ତ ସହବାସ ହେତୁ ସ୍ମରଣ ଶକ୍ତି ହ୍ରାସ, ମୁଣ୍ଡ ଘୂରାଇବା, ଚକ୍ଷୁର ଅସ୍ଥିରତା, ନିର୍ଜନ ପ୍ରିୟତା, ଚିନ୍ତା କରିବାକୁ ଅସମର୍ଥତା, ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍‌ଟ୍ରୋ ସାଲସା :—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଉଜ୍ଜ୍ୱଳ କାନ୍ତି ଦେହ ସବଳ-ହୃଷ୍ଟ ପୁଷ୍ଟ ଓ କାନ୍ତିଯୁକ୍ତ ହେବ । ଶରୀରର ଓଜନ କ୍ରମେ ବଢ଼ୁଥିବ ।

ଇଲେକ୍‌ଟ୍ରୋ ସାଲସା :—ସହିତ କୌଣସି ପ୍ରକାର ନିଶାଯୁକ୍ତ ଦ୍ରବ୍ୟର ସଂଶ୍ରବ ନାହିଁ । ସୁସ୍ଥ-ଅସୁସ୍ଥ ଆବାଲ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

ବିଶେଷଦ୍ରଷ୍ଟବ୍ୟ :—ବୃଥା ଭ୍ରମରେ ବିଷ କ୍ରୟ କର ନାହିଁ ! ଅସାର ଆଡ଼ମ୍ବର ପୂର୍ଣ୍ଣ ବିଜ୍ଞାପିତ ଔଷଧାଦି-ସେବନରେ କୌଣସି ଫଳ ନାହିଁ ! !

"ଇଲେକ୍‌ଟ୍ରୋ ସାଲସା" କୁମ୍ଭ ରୋଗର ପ୍ରକୃତ ଔଷଧ ! ଯେହେତୁ କୋଟିଏ ରୋଗୀ ମଧ୍ୟରୁ ଆଜଯାଏ କେହି ନିରାଶ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ-ବହୁ ପ୍ରଶଂସାପତ୍ର-ବହୁ ପ୍ରମାଣ ପୁସ୍ତକାକାରରେ ଛପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବା ପ୍ରତ୍ୟେକ ଗ୍ରାହକ ତାହା ପାଇବେ

ବହୁ ଔତ୍ସୁକ୍ୟବାସୀ ଟେଲିଗ୍ରାଫ୍ ପଠାଇ ଔଷଧ ମଗାଉଅଛନ୍ତି - ସେମାନଙ୍କର ଓ ଅସଂଖ୍ୟ ଦୂର ଦେଶବାସୀ ରୋଗିଙ୍କର ସୁବିଧାର୍ଥେ-ପୁଣି ଟେଲି-ଗ୍ରାଫ୍ ପଠାଇବାର ବ୍ୟୟ ଲାଘବାର୍ଥେ-ବହୁ ବ୍ୟୟ କରି ଗବର୍ଣ୍ଣମେଣ୍ଟଙ୍କର ନିୟମାନୁଯାୟୀ ଅମ୍ଭମାନଙ୍କର ସଂକ୍ଷିପ୍ତ ନାମ ଓ ଠିକଣା ଚିରସ୍ଥାୟୀ ରୂପେ ରେଜେଷ୍ଟରୀ କରାଯାଇଅଛି ଅତଃପର ଟେଲିଗ୍ରାଫର ଠିକଣା କେବଳ "ମେଜର—କଲିକତା", ଲେଖିଲେ ଖୁବ ଶୀଘ୍ର ତାହା ଆମ୍ଭ ଅଫିସରେ ପହୁଞ୍ଚିବ ।

ଇଲେକ୍‌ଟ୍ରୋ ସାଲସାର :—ଆବିଷ୍କର୍ତ୍ତା—ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଆନ, ନିଉୟର୍କ ଆମେରିକା । ଭାରତ-ବର୍ଷର ଏକମାତ୍ର ଏଜେଣ୍ଟ ଓ ପ୍ରୋପ୍ରିଇଟର,—"ଡବଲିଉ, ମେଜର ଏଣ୍ଡ କୋମ୍ପାନୀ," କଲିକତା

☞ ଏତଦ୍ ସମ୍ବନ୍ଧେ ଅପରାପର ବିବରଣ ଅନ୍ୟ ପୃଷ୍ଠାରେ ଦେଖ ।

Digitized by srujanika@gmail.com

Split by PDF Splitter



ଏତଦ୍ୱାରା ଆଦର୍ଶ "ଟ୍ରେଡ୍‌ମାର୍କ" ଯେଉଁ ଶିଶିରେ ସଂଲଗ୍ନ ନାହିଁ ତାହା କୃତ୍ରିମ ଔଷଧ ଜାଣିବେ; ଏବଂ ସେହି କୃତ୍ରିମକାରୀଙ୍କୁ ଧରାଇ-ଦେଇ ପ୍ରମାଣ କରିପାରିଲେ ପାଞ୍ଚହଜାର ଟଙ୍କା ପୁରସ୍କାର ପାଇବେ ।

W. MAJOR & CO'S MEDICAL LABORATORY CALCUTTA — TRADE MARK

ଆମେରିକା ପ୍ରଦେଶସ୍ଥ ନ୍ୟୁୟର୍କ ନିବାସୀ ମହାପଣ୍ଡିତ ଡାକ୍ତର ହେନେରୀ, ମେଜର ଏମ୍, ଏ, ଏମ୍, ଡି ଙ୍କ ଦ୍ୱାରା ଆବିଷ୍କୃତ :—

"ଇଲେକଟ୍ରୋ ସାଲସା"



ଏପରି ସର୍ବଗୁଣସମ୍ପନ୍ନ ଔଷଧ ଇତିପୂର୍ବେ କେବେହେଁ ଆବିଷ୍କୃତ ହୋଇ ନାହିଁ । ଏହାର ଗୁଣ ଅସୀମ, କିମ୍ବା ଅଲୌକିକ, ଶକ୍ତି ଅଦ୍ଭୁତ । କେଉଁ ଦେଶର କୌଣସି ଔଷଧରେ ଏପରି ଗୁଣ ନାହିଁ, ବଡ଼ ଡାକ୍ତରମାନେ ସେଥି-ନିମିତ୍ତ ଏହାକୁ ଅମୂଲ୍ୟ ବୋଲି ସ୍ୱୀକାର କରିଅଛନ୍ତି ଏବଂ ମହୌଷଧ ଶ୍ରେଣୀରେ ଗଣନ୍ତି !

ଇଲେକ୍‌ଟ୍ରୋ ସାଲସା;—ଏହା ସେବନ କଲେ ଶରୀରରେ ରକ୍ତ ପରିଷ୍କାର ହୋଇ ନୂତନ ଶକ୍ତି ଜନ୍ମେ, ଅର୍ଶ କିମ୍ବା ପ୍ରମେହ ଆଦି ରୋଗ ଶୀଘ୍ର ଆରୋଗ୍ୟ ହୁଏ । ଏହା ଯେପରି ଉତ୍ତମ ଔଷଧ ସେହିପରି ଅଳ୍ପ ମୂଲ୍ୟରେ ମିଳେ । ସେବନ କଲେ ଅଳ୍ପ ଦିନରେ ଫଳ ଦେଖାଯାଏ । ଏହିଠାରେ ଏହାର ଅଦ୍ଭୁତ ଗୁଣର ପ୍ରଥମ ପରିଚୟ ! !

ଜିଜ୍ଞାସା—ଅସମାନ ଦିଶି ଦେଖାଯାଏ ଯେ ଉପରର ଲକ୍ଷଣରେ ପୂର୍ଣ୍ଣ ଶକ୍ତି ଥିଲେ ଜାଣନ୍ତି । ଉପରର ପ୍ରକାର ରୋଗ ପ୍ରକୃତ ଦେଖା ଯାଉଥିଲା । ଏପରି ଔଷଧ ଏମନ୍ତ ଶକ୍ତି ଯେ ଔଷଧରେ ପ୍ରୟୋଗ କରନ୍ତି, ତାହା କେଉଁ ଅଲୌକିକ ଶକ୍ତି ଧାରଣ କରନ୍ତି ତହିଁରେ ଅଛି କଣ ?

ଗାଁସ୍ଥ ଶାସ୍ତ୍ରର ଚତୁର ପଣ୍ଡିତମାନେ କୋଲେଷ୍ଟ୍ର, ବାଳ୍ୟ ରୂପଲାବଣ୍ୟ ଉତ୍ତମ ଭାବରେ ଓ ସ୍ୱାସ୍ଥ୍ୟ ରକ୍ଷାର ଅଭାବରେ ଶରୀର ବିଦ୍ୟୁତ୍ ସ୍ନାୟୁ ଦୁର୍ବଳ ହୋଇ ଅନୁଭବ କରନ୍ତି ଏବଂ ଦେଶୀମାନେ ରକ୍ତ ଓ ଶୁକ୍ର ସମ୍ବନ୍ଧୀୟ ପୀଡ଼ାର ଉପକ୍ରମ ଦେଖି ସେହି ସ୍ନାୟବୀୟ ବୈଦ୍ୟୁତିକ ଶକ୍ତିର ଅଭାବ ନିମିତ୍ତ ଏହି ସାଲସା ଆବିଷ୍କାର କରିଥିଲେ ତାହା ସର୍ବସାଧାରଣଙ୍କ ନିକଟରେ ପରୀକ୍ଷିତ ଓ ସର୍ବତ୍ର ପ୍ରଶଂସିତ ହୋଇଅଛି । ମାତ୍ର ଔଷଧ ସେବିବାର ପୂର୍ବେ ଶରୀରର ଅବସ୍ଥା ଜଣା ହେବାର ଅପେକ୍ଷା ନ ଥାଏ । ତଥାପି ଅନେକ ଶକ୍ତି ହୀନ ସ୍ନାୟବୀୟ ଔଷଧରେ ଯେ ଅନ୍ତର ଶକ୍ତି ମୋଚନ ହୋଇ ନ ପାରେ ସେଥିପାଇଁ ପାଶ୍ଚାତ୍ୟ ବୈଜ୍ଞାନିକମାନେ ବହୁ ଗବେଷଣାରେ ପ୍ରଥମେ ବୈଦ୍ୟୁତିକ ବ୍ୟାଟେରୀ ବା ତାଡ଼ିତର ଅବସ୍ଥାର କରନ୍ତି ଏବଂ ସେଥି ଦେହରେ ତାହାର ବାହ୍ୟ ପ୍ରୟୋଗ କରନ୍ତି ବାତ, ପକ୍ଷାଘାତ, ସ୍ନାୟୁ ଦୌର୍ବଲ୍ୟ ପ୍ରଭୃତି କେତୋଟି ରୋଗରେ ଅଳ୍ପ ଦମନ କରିବାକୁ ସମର୍ଥ ହୁଅନ୍ତି । ଫଳରେ ତହିଁର କିମ୍ବା ମଧ୍ୟ ସେ ଅସ୍ଥାୟୀ ଏ କଥା ଟିକିଏ ସମାଲୋଚନା କଲେ ଅଧିକ ବୁଝାଇ ଦେବାକୁ ହେବ ନାହିଁ । ଅଳ୍ପ ଏହି ବୈଜ୍ଞାନିକଙ୍କ ପ୍ରାରମ୍ଭରେ ଯେଉଁ ମହତ୍ତ୍ୱ ଥିଲା ତାହା ଭାଙ୍ଗିଲା ମେଜର ଡାକ୍ତରଙ୍କର ଅନୁସନ୍ଧାନ ପ୍ରୟୋଗାର୍ଥ ତାହାକୁ ଦେଖି ଲୋକେ ଗର୍ବରେ ପ୍ରୟୋଗ କରି ଏହି ଅମୋଘ ଔଷଧକୁ ଜଗତ କର ଉଠାଇଅଛନ୍ତି ଏବଂ ଶୁକ୍ର ଓ ରକ୍ତ ସମ୍ବନ୍ଧୀୟ ପୀଡ଼ାର ଅବ୍ୟର୍ଥ ଅପ୍ରେସନ ଏମାନଙ୍କ ଉଭୟ ଜଗତରେ କରନ୍ତି ପ୍ରସିଦ୍ଧ ହୋଇଅଛନ୍ତି !!!

ଅନ୍ଧ ବାହାରକୁ ଅପଥ୍ୟ ଓ ଅସ୍ଥାୟୀ ଗୁଣବିଶିଷ୍ଟ କୃତ୍ରିମ ସାଲସା ବା କୌଣସିପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଅଥବା କାହାରିକି ରୋଗ ଯନ୍ତ୍ରଣା ଭୋଗିବାକୁ ହେବ ନାହିଁ ଅତେବ ଏହି ମହୌଷଧ ଏହି ମହାବୈଜ୍ଞାନିକ ଏହି ବୈଦ୍ୟୁତିକ ସମ୍ବନ୍ଧ "ଇଲେକ୍ଟ୍ରୋ ସାଲସା" କୁ ପରୀକ୍ଷା କରି ଦେଖନ୍ତୁ ସ୍ୱଙ୍ଗ ଶୁଭଫଳ ପାଇବ ଅର୍ଥାତ୍ ଦେହ ପୁଣି କର୍ମକ୍ଷମ ହେବ, ଯୌବନକାଳୋଚିତ ବଳବୀର୍ଯ୍ୟ ଓ ସ୍ୱାସ୍ଥ୍ୟ ପୁଣି ଫେରିପାଇବ ।

ଉକ୍ତ ପିତ୍ତରେ ବୃଦ୍ଧି, ବାତରକ୍ତ, ଅମ୍ଳପିତ୍ତ, ଉପଦଂଶ, ଗର୍ମି ସା, ନାଳୀଘା, ଗାତ୍ରକଣ୍ଡୁ, ଦାଦ୍ରୁ, ଶୂଳ, ଶ୍ଳୀପଦ ପ୍ରମେହ, ଆବୁ ଦୌର୍ବଲ୍ୟ, ଗର୍ଭ ଗଳନ, ସ୍ୱପ୍ନଦୋଷ ପ୍ରସ୍ରାବ ଜଳିବା, ସ୍ତ୍ରୀ ସହବାସରେ ଅକ୍ଷମ, ଗଣ୍ଡ ଫୁଟିବା, ମୂତ୍ରକୃଚ୍ଛ୍ର, କୋଷ୍ଠବଦ୍ଧ ପ୍ରଭୃତି ଶୁକ୍ର ଓ ରକ୍ତଦୁଷ୍ଟି ଜନିତ ପୀଡ଼ା—ଯେତେ ଜଟିଳ, ଯେତେ କଠିନ ଓ ପୁରାତନ ହେଉ ଏହି ସାଲସା ସେବନରେ ତାହା ଅବଶ୍ୟ ଦୂରହିଁ ହେବ ।

ଉଦେଶ୍ୟ ଉପରେ ପୂର୍ବ ଦୃଷ୍ଟି ରଖିଲେ ନେଇ । ମୂଲ୍ୟ ୧ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ୧ ॥୧ ୦ ଟିକିଏ ୧ ୩୪, ୬ ଟିକିଏ ୧ ୧୦୪, ଡଜନକୁ ୧ ୬୦ ୧ ଡାକମାଶୁଲ ପଠାଇବାର ଡାକମାଶୁଲ ଓ ପ୍ୟାକିଂ ଖର୍ଚ୍ଚ ଶିଶିକେ ୧ ୦ ।୵, ୩ ଶିଶିରେ ୧ ୦ ୮୵, ୬ ଶିଶିରେ ୩୵, ଡଜନରେ ୧ ୧୵ ।

ଅନୁସନ୍ଧାନର ପତ୍ରାଦି ପଠାଇବାର ଠିକଣା

W. MAJOR & Co } ଭବାନୀ, ନେଡ଼ଣ ଏସ୍ କେ, Calcutta } କଲିକତା

TELEGRAPHIC ADDRESS.
"MAJOR" Calcutta

## ବିଜ୍ଞାପନ ।

## ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ମିଳୁଅଛି ନାନାସ୍ଥାନର ରାଜା ଜମିଦାରମାନଙ୍କୁ ବହୁପ୍ରକାରେ ବସ୍ତ୍ରାଦି ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଅଠମଲ୍ଲିକ, ମୟୂରଭଞ୍ଜ, ଦଶପଲ୍ଲା, ସୋନପୁର, ପାଟଣା, ବଉଦ, ଖଣ୍ଡପଡ଼ା, ନୀଳଗିରି, ଢେଙ୍କାନାଳ, ଅଠଗଡ଼, ଗାଙ୍ଗପୁର, ଲହରାକୋଟା, ଖଡ଼ିକମୁଣ୍ଡା ରାଜାମାନଙ୍କ ନିକଟରେ ପତ୍ର ଦେଲେ ଆମ୍ଭର ବାଣିଜ୍ୟର କଥା ଜଣାଯିବ ।

ଆମ୍ଭର ବାଣିଜ୍ୟ କୋଠିରେ ଉତ୍କୃଷ୍ଟ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଯୋଡ଼ ଜୋଡ଼ି, ଶ୍ୱେତା, କିଂଖାପ, ବାପ୍ତା, ଓଢ଼ଣୀ, ଦୋପଟ୍ଟା ମଖମଲ, ଶିରରେ ବାନ୍ଧିବାର ଫେଟା, ରୁମାଲ ଶାଲ ଏବଂ ନାନା ପ୍ରକାର ଜରୀଦାର କାଠର ଅଳଙ୍କାର ପ୍ରଭୃତି ଛଡ଼ା ସୁନା ରୁପାର ବାସନ, ହାତୀର ହାଉଦା ପ୍ରଭୃତି ବରାତ ଅନୁସାରେ ତିଆରି କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ ଯେଉଁ ବେଶୀ ମାଲ କ୍ରୟ କରିବାର ଇଚ୍ଛା କର ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ ଜାଣିବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ରେଲ୍‌ୱେପେବଲ ପାରସଲରେ ମଧ୍ୟ ମାଲ ପଠାଯାଏ ନେଲେ ମାଲ ପଠାଇବା ଏବଂ ଫେରତ ହେବା ମାଶୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ ।

ଶ୍ରୀ ପାଲୁମାଲ କେଶୋଦାସ
ଲକ୍ଷ୍ମୀକୁଣ୍ଡ ପାଟକ ବନାରସ ସିଟି

NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELL
*Agent Outtack*.

ଉତ୍କଳ ସମ୍ବାଦ ପତ୍ରପତ୍ର ଛପାଇବାର ସର୍ତ୍ତ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ୫ ୦ ୬ |
| ଅର୍ଦ୍ଧସ୍ତମ୍ଭକୁ | ୧ ୬ ୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ୪ ୩ ୧ |

ମାତ୍ର କୌଣସି ବିଜ୍ଞାପନ ଯେବେ ଛୋଟ ହେଲେ, ତହିଁର ସର୍ତ୍ତ ୧୦ ୦ ଠାରୁ ଊଣା ହେବ ନାହିଁ

ଦ୍ୱିତୀୟ ଓ ତୃତୀୟଥର ସକାଶେ ସର୍ତ୍ତ ପ୍ରଥମ ଥରର ଅର୍ଦ୍ଧେକ ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଉତ୍କଳଯନ୍ତ୍ରରେ ଶ୍ରୀ ବର୍ତ୍ତମାନ ଇନ୍‌ଚାର୍ଜ ହୋଇଥିବା ... ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଉ

Digitized by srujanika@gmail.com